୬୦ତମ ବର୍ଷ | ୧୫ ଅଗଷ୍ଟ ୨୦୧୭ | ତୃତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨


Overgrow your small egoistic personality and become a worthy child of our Mother India, fulfil your duties with honesty and rectitude, and always keep cheerful and confident with a steady trust in the Divine's Grace

Overgrow your small egoistic personality and become a worthy child of our Mother India, fulfil your duties with honesty and rectitude, and always keep cheerful and confident, with a steady trust in the Divine's Grace.

(CWM-13, p. 358) - The Mother

ଆପଣାର ଅହଂକେନ୍ଦ୍ରିତ ବ୍ୟକ୍ତିତ୍ୱର ସୀମାକୁ ଅତିକ୍ରମ କରି ତୁମେ ଅଧିକ ଅଭିବୃଦ୍ଧି ଲାଭ କର ଏବଂ ଆମ ଭାରତ-ଜନନୀଙ୍କର ଜଣେ ଯୋଗ୍ୟ ସନ୍ତାନ ହୁଅ । ସାଧୁତା ଏବଂ ସମ୍ମାନର ସହିତ ଆପଣାର କର୍ତ୍ତବ୍ୟଗୁଡ଼ିକର ସମ୍ପାଦନ କର, ଏବଂ ସବୁବେଳେ ପ୍ରସନ୍ନ ରହ, ବିଶ୍ୱାସ-ବଳିଷ୍ଠ ରଖ; ଏବଂ ଦିବ୍ୟ-ପରମ ସତ୍ତାଙ୍କର କରୁଣା ଉପରେ ସ୍ଥାୟୀ ଆସ୍ଥା ରଖିଥାଅ ।

— ଶ୍ରୀମା

୬୦ତମ ବର୍ଷ ୧୫ ଅଗଷ୍ଟ ୨୦୧୭ ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୧୭]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଭାରତର ଆନ୍ତର ଓ ବାହ୍ୟ ମୁକ୍ତି | ... | ଶ୍ରୀଅରବିନ୍ଦ | ... | ୯ |
| ନିଜ ସମ୍ବନ୍ଧେ ଶ୍ରୀଅରବିନ୍ଦ | ... | ... | ... | ୧୦ |
| ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଶ୍ରୀମା | ... | ... | ... | ୧୧ |
| ଅର୍ଥଶକ୍ତି ସମ୍ପର୍କରେ | ... | ... | ... | ୧୨ |
| ଦିବ୍ୟକର୍ମରେ ଅର୍ଥର ବିନିଯୋଗ | ... | ଶ୍ରୀମା | ... | ୧୪ |
| ଅର୍ଥଶକ୍ତି ଉପରେ ବିଜୟ | ... | ... | ... | ୧୬ |
| ଦିବ୍ୟଲୀଳା | ... | ଶ୍ରୀଅରବିନ୍ଦ | ... | ୧୮ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୦ |
| ଭାରତର ଉତ୍ତମ ରହସ୍ୟ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୪ |
| ଦିବ୍ୟ ଉଷା (ଋଗ୍‌ବେଦ : ମଣ୍ଡଳ - ୩, ସୂକ୍ତ : ୬୧, ଋଷି : ବିଶ୍ୱାମିତ୍ର) | ... | ଶ୍ରୀଅରବିନ୍ଦ | ... | ୨୮ |
| ନୂତନ ଭାରତ ଓ ନୂତନ ମାନବଜାତି | ... | ଶ୍ରୀ ପ୍ରପତ୍ତି | ... | ୩୨ |
| ଯୋଗୀ ଶ୍ରୀଅରବିନ୍ଦ | ... | ଶ୍ରୀ ମାଧବ ପଣ୍ଡିତ | ... | ୩୫ |
| ''କଳା ପାହାଡ଼ର ତୃଷ୍ଣା'' | ... | ଶ୍ରୀ ମନୋଜ ଦାସ | ... | ୩୭ |
| ଅଣସାଧନା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୪୧ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୩) | ... | ... | ... | ୪୬ |
| ଅନିର୍ବଚନୀୟ | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୮ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଯୋଗବାଶିଷ୍ଠ ରାମାୟଣ ଭୁଶଣ୍ଡକାକ ଉପାଖ୍ୟାନ (୨) | ... | ... | ... | ୫୧ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଚାରିଗୋଟି ବଡ଼ ଅସୁର | ... | ଶ୍ରୀମା | ... | ୫୫ |

**ସମ୍ପାଦକୀୟ** ... ... ... ୫୯


❖

The future of India is very clear. India is the Guru of the world. The future structure of the world depends on India. India is the living soul. India is incarnating the spiritual knowledge in the world. The Government of India ought to recognise the significance of India in this sphere and plan their action accordingly.

(MCW., Vol. 13. page. 353) – The Mother

ଭାରତର ଭବିଷ୍ୟତ୍ ଖୁବ୍ ସ୍ୱଷ୍ଟ । ଭାରତହିଁ ଜଗତର ଗୁରୁ । ପୃଥିବୀର ଭବିଷ୍ୟତ୍ ରୂପରେଖ ଭାରତ ଉପରେ ନିର୍ଭର କରେ । ଭାରତହିଁ ଜୀବନ୍ତ ଆତ୍ମା । ଭାରତବର୍ଷ ପୃଥିବୀରେ ଦିବ୍ୟ-ଅଧ୍ୟାତ୍ମ ଜ୍ଞାନକୁ ମୂର୍ତ୍ତ କରୁଛି । ଭାରତ ସରକାର ଭାରତବର୍ଷର ଏହି ସମ୍ବନ୍ଧୀୟ ତାତ୍ପର୍ଯ୍ୟକୁ ସ୍ୱୀକାର କରିବା ଉଚିତ ଏବଂ ତାଙ୍କର କ୍ରିୟାବଳୀରେ ତଦନୁଯାୟୀ ପରିଚାଳିତ ହେବା ଉଚିତ ।

(ଫେବ୍ରୁଆରୀ, ୧୯୬୮) – ଶ୍ରୀମା



The greatest spirits are therefore those who have no fear of the future, who accept its challenge and its wager; they have that sublime trust in the God or Power that guides the world, that high audacity of the human soul to wrestle with the infinite and realise the impossible, that wise and warrior confidence in its ultimate destiny which mark the Avatars and prophets and great innovators and renovators.

(*Essays in Philosophy and Yoga, p. 130*) - Sri Aurobindo

ତା'ହେଲେ ସେହିମାନେହିଁ ହେଉଛନ୍ତି ଶ୍ରେଷ୍ଠତମ ମାନବାତ୍ମା ଯେଉଁମାନେ ଭବିଷ୍ୟତକୁ ଆଦୌ ଭୟ କରନ୍ତି ନାହିଁ, ଯେଉଁମାନେ ଭବିଷ୍ୟତର ସମସ୍ତ ଆହ୍ୱାନକୁ ଗ୍ରହଣ କରି ତାହାର ପଣ ଉପରେ ବାଜି ଖେଳନ୍ତି; ସମଗ୍ର ବିଶ୍ୱକୁ ନିର୍ଦ୍ଦେଶ ଦେଇ ପରିଚାଳିତ କରୁଥିବା ଭଗବାନ୍ ଓ ତାଙ୍କ ମହାଶକ୍ତି ଉପରେ ସେମାନଙ୍କର ନିର୍ଭର ଭରସା ଓ ଅତୁଟ ଆସ୍ଥା ରହିଥାଏ; ସେମାନଙ୍କର ରହିଥାଏ ମାନବ ଆତ୍ମାର ସେହି ପ୍ରଚଣ୍ଡ ଦୁଃସାହସ ଯାହା ଅନନ୍ତ ସଙ୍ଗରେ ଦ୍ୱନ୍ଦ୍ୱଯୁଦ୍ଧରେ ଲଢ଼ିବା ପାଇଁ ଆଗଭର ହୁଏ ଏବଂ ଅସାଧ୍ୟ ସାଧନ କରି ଅସମ୍ଭବକୁ ସମ୍ଭବ କରେ; ନିଜର ଚରମ ନିୟତି ଉପରେ ସେମାନଙ୍କର ରହିଥାଏ ଜ୍ଞାନୀ ଓ ବୀରଯୋଦ୍ଧାର ସେହି ଅଟଳ ବିଶ୍ୱାସ ଯାହା ଚିହ୍ନିତ କରିଦିଏ ଅବତାର, ମହାପୁରୁଷ, ମହାନ୍ ଯୁଗପ୍ରବର୍ତ୍ତକ ଏବଂ ନବସ୍ରଷ୍ଟାମାନଙ୍କର ଲକ୍ଷଣସବୁକୁ ।

— ଶ୍ରୀଅରବିନ୍ଦ



# ଭାରତର ଆନ୍ତର ଓ ବାହ୍ୟ ମୁକ୍ତି

## ଶ୍ରୀଅରବିନ୍ଦ

... ନୂତନ ଧରଣର କୌଶଳ ଆବିଷ୍କାର କରିବାକୁ ହେବ; ଯେଉଁଥିରେ ଅତୀତର ଓ ବର୍ତ୍ତମାନର ବିପତ୍‌ସଙ୍କୁଳ ଭେଦଦ୍ୱନ୍ଦ୍ୱଠାରୁ ଏକ ସାମଞ୍ଜସ୍ୟପୂର୍ଣ୍ଣ ଜଗତ୍-ବ୍ୟବସ୍ଥାକୁ ଉତ୍ତୀର୍ଣ୍ଣ ହେବାର ଯେଉଁ କଠିନ ପଥ, ତାହା ସହଜ ହୋଇଆସିବ । ତା' ନହେଲେ ନିତ୍ୟ ଦୁର୍ଯୋଗ ଓ ଶେଷ ବିନାଶ ହାତରୁ ନିସ୍ତାର ନାହିଁ । ଭାରତର ନିଜ ପାଇଁ ବି ରହିଛି ଗଭୀରତର ସମସ୍ୟାସବୁ, କାରଣ ପ୍ରଲୋଭନବଶରେ ସେ ଏପରିସବୁ ଦିଗରେ ଚାଲିପାରେ ଯେଉଁଥିରେ କି ଭାରତ ଅନ୍ୟାନ୍ୟ 'ନେଶନ୍' ପରି ଏକ 'ନେଶନ୍' ହୋଇ ଉଠିପାରେ ସତ; ସମୃଦ୍ଧ ଶିଳ୍ପ, ବାଣିଜ୍ୟ, ଶକ୍ତିଶାଳୀ ସୁସଂହତ ସାମାଜିକ ଓ ରାଷ୍ଟ୍ରୀୟ ବ୍ୟବସ୍ଥା, ବିପୁଳ ସାମରିକ ବଳ ଗଢ଼ିପାରେ ସତ; ଛନ୍ଦକପଟପୂର୍ଣ୍ଣ ରାଜନୀତି-ଖେଳରେ ବିଶେଷ ସାଫଲ୍ୟ ଲାଭ କରିପାରେ, ନିଜର ଲାଭ ଓ ସ୍ୱାର୍ଥସମୂହକୁ ଉତ୍ସାହର ସହ ରକ୍ଷା କରିପାରେ ଓ ପ୍ରସାରିତ କରି ଚାଲିପାରେ, ଏପରିକି ପୃଥିବୀର ଏକ ବୃହତ୍ ଖଣ୍ଡକୁ ନିଜ ଆଧିପତ୍ୟର ଅନ୍ତର୍ଭୁକ୍ତ କରିନେଇପାରେ ସତ; କିନ୍ତୁ ଏହି ଆପାତପ୍ରତୀୟମାନ ମହା-ଉନ୍ନତି ମଧ୍ୟରେ ବି ସେ ତା'ର ସ୍ୱଧର୍ମରୁ ବିଚ୍ୟୁତ ହୋଇପାରେ, ହରାଇପାରେ ତା'ର ଆତ୍ମାକୁ । ତା'ହେଲେ ଏହି ପ୍ରାଚୀନ ଭାରତ ଓ ତା'ର ଅଧ୍ୟାତ୍ମ ଗୁଣ ଏକାବେଳେ ବିଲୁପ୍ତ ହୋଇପାରେ; ସେତେବେଳେ ଅନ୍ୟାନ୍ୟ 'ନେଶନ୍' ପରି ଆଉ ଗୋଟିଏ 'ନେଶନ୍'ହିଁ କେବଳ ଦେଖାଦେବ ଓ ସେଥିରେ ଆମର କିଛି ଲାଭ ହେବ ନାହିଁ ବା ଜଗତର କିଛି ଲାଭ ହେବ ନାହିଁ । ଅବଶ୍ୟ ପ୍ରଶ୍ନ ହୋଇପାରେ ଅପେକ୍ଷାକୃତ ନିର୍ଦ୍ଦୋଷ ପଥରେ ଚାଲି ବି ହୁଏତ ତା' ପକ୍ଷରେ ସମୃଦ୍ଧ ହୋଇଉଠିବା ସମ୍ଭବ — ତେବେ ଏ ପଥରେ ବି ତା'ର ସ୍ତୂପୀକୃତ, ସୁରକ୍ଷିତ ଅଧ୍ୟାତ୍ମ ଉପଲବ୍ଧି ଓ ଜ୍ଞାନରାଶିକୁ ଯେ ସମ୍ପୂର୍ଣ୍ଣ ଭାବରେ ସେ ନ ହରାଇପାରେ ତା' ନୁହେଁ; କି କରୁଣ ପରିହାସର କଥା ହେବ ଯଦି ଭାରତ ତା'ର ଅଧ୍ୟାତ୍ମ ଉପଲବ୍ଧିକୁ ବିସର୍ଜନ ଦେଇ ବସେ ଠିକ୍ ସେଇ ମୁହୂର୍ତ୍ତରେ ଯେତେବେଳେ ପୃଥିବୀର ଅନ୍ୟାନ୍ୟ ଅଂଶ କ୍ରମଶଃ ତା' ପ୍ରତି ଉନ୍ମୁଖ ହେଉଛନ୍ତି ଓ ତାକୁ ଅପେକ୍ଷା କରୁଛନ୍ତି ଆଧ୍ୟାତ୍ମିକ ସାହାଯ୍ୟ ପାଇଁ ଓ ମୁକ୍ତିପ୍ରଦାନକାରୀ ଆଲୋକ ପାଇଁ । ଏହା ହେବାକୁ ଆମେ ଦେବା ନାହିଁ, ଏହା ହେବ ନାହିଁ, କିନ୍ତୁ ବିପଦ ଯେ ନାହିଁ, ତା' କୁହାଯାଇ ପାରିବ ନାହିଁ । ଦେଶ ସମ୍ମୁଖରେ ଆହୁରି କଠୋର ସମସ୍ୟାସବୁ ରହିଛି ବା ଅନତିବିଳମ୍ବରେ ଆସି ଉପସ୍ଥିତ ହେବ । ଶେଷରେ ଆମର ବିଜୟ ହେବ, ଏଥିରେ ସନ୍ଦେହ ନାହିଁ; କିନ୍ତୁ ତା' ବୋଲି ଏହି ସତ୍ୟଟିକୁ ଆଢୁଆଳ କରି ରଖିଲେ ଚଳିବ ନାହିଁ ଯେ ଦୀର୍ଘକାଳର ପରାଧୀନତା ଫଳରେ ଆମ ଭିତରେ ଆସିଛି ଗୋଟାଏ ସଂକୀର୍ଣ୍ଣତା ଓ ବୈକଲ୍ୟ; ସୁତରାଂ ଆମର ପ୍ରୟୋଜନ ବିଶେଷ ଏକ ଆନ୍ତର ଓ ବାହ୍ୟ ମୁକ୍ତି ଏବଂ ପରିବର୍ତ୍ତନ, ବୃହତ୍ ଏକ ଆନ୍ତର ଏବଂ ବାହ୍ୟ ଉନ୍ନତି — ଯଦି ଆମେ ସାର୍ଥକ କରି ଗଢ଼ିବାକୁ ଚାହୁଁ ଭାରତର ଯଥାର୍ଥ ନିୟତି ।

(ଡିସେମ୍ବର, ୧୯୪୮) ✤

# ନିଜ ସମ୍ବନ୍ଧେ ଶ୍ରୀଅରବିନ୍ଦ

ମୋ ନିଜ ସମ୍ପର୍କରେ ଏହା କହିପାରେ ଯେ ପୃଥିବୀର ଏହି ଅନ୍ଧକାର ଅବସ୍ଥା ମୋତେ ହତୋତ୍ସାହିତ କରେ ନାହିଁ କିଂବା ମୋ ପାଇଁ ଏହା ପ୍ରତିପାଦିତ କରେ ନାହିଁ ଯେ ପୃଥିବୀକୁ ସାହାଯ୍ୟ କରିବାର ମୋର ସଂକଳ୍ପ ଥିଲା ଏକ ତୁଚ୍ଛ ବଡ଼ିମା ମାତ୍ର, କାରଣ ମୁଁ ଜାଣିଥିଲି ଯେ ସେହି ଅବସ୍ଥାଗୁଡ଼ିକ ନିଶ୍ଚିତ ଭାବରେ ଆସିବ; ସେସବୁ ପାର୍ଥିବ ପ୍ରକୃତିରେ ରହିଛି ଏବଂ ସେଗୁଡ଼ିକୁ ଉପରକୁ ଉଠି ଆସିବାକୁ ହେବ ଯାହାଫଳରେ ସେଗୁଡ଼ିକ ନିଃଶେଷ ହୋଇଯିବେ କିଂବା ବହିଷ୍କୃତ ହେବେ ଏବଂ ସେସବୁର କବଳରୁ ମୁକ୍ତ ଏକ ଉନ୍ନତତର ପୃଥିବୀ ରୂପାୟିତ ହୋଇପାରିବ । ବାହ୍ୟ କ୍ଷେତ୍ରରେ ଅନ୍ତତଃ କିଛି ନା କିଛି ହୋଇସାରିଛି; ଏବଂ ତାହାହିଁ ଆନ୍ତର କ୍ଷେତ୍ରରେ କିଛି କରିବା ପାଇଁ ସହାୟତା କରିବ ବା ପ୍ରସ୍ତୁତ କରିବ । ଉଦାହରଣ ସ୍ୱରୂପ, ଭାରତର ସ୍ୱାଧୀନତା – ଦିବ୍ୟକର୍ମ ପାଇଁ ତାହାର ସ୍ୱାଧୀନତା – ନିହାତି ଆବଶ୍ୟକ । ଏବେ ଭାରତ ପାଇଁ ଯେଉଁ ବାଧାବିଘ୍ନସବୁ ଉପୁଜିଛି ଏବଂ ଯାହା ଆହୁରି ଅଧିକ ବୃଦ୍ଧି ପାଇପାରେ ବିଶେଷତଃ ପାକିସ୍ତାନକୁ ନେଇ ଯେଉଁ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି, ସେହିସବୁ ସମସ୍ୟା ଆସିବା ଅବଧାରିତ ଏବଂ ସେମାନଙ୍କୁ ଦୂର କରିଦେବାକୁ ହେବ । ... ଏହି କ୍ଷେତ୍ରରେ ଏକ ସଂପୂର୍ଣ୍ଣ ବିଶୋଧନ ଆବଶ୍ୟକ । କିନ୍ତୁ ଦୁର୍ଭାଗ୍ୟବଶତଃ ଏଥିପାଇଁ ବ୍ୟାପକ ଭାବରେ ମଣିଷମାନଙ୍କ ପାଇଁ ଦୁଃଖକଷ୍ଟ ଆସିବା ଅପରିହାର୍ଯ୍ୟ । ପରବର୍ତ୍ତୀ ସମୟରେ, ଭଗବାନଙ୍କ କାର୍ଯ୍ୟ ଅଧିକ ସମ୍ଭବ ହୋଇପାରିବ; ଏବଂ ସମଗ୍ର ପୃଥିବୀକୁ ଏକ ଆଧ୍ୟାତ୍ମିକ ଆଲୋକ ଦିଗରେ ଆଗେଇ ନେଇଯିବାର ସ୍ୱପ୍ନ ସାଫଲ୍ୟମଣ୍ଡିତ ହେବ । ତେଣୁ ବର୍ତ୍ତମାନ ଅନ୍ଧକାର ଶକ୍ତିରାଜିର କ୍ରିୟା ସତ୍ତ୍ୱେ, ସମଗ୍ର ପୃଥିବୀକୁ ସହାୟତା କରିବା ପାଇଁ ମୋର ସଂକଳ୍ପକୁ ଏକ ଅସଫଳ ପ୍ରୟାସ ବୋଲି ମୁଁ ବିଚାର କରୁ ନାହିଁ ।

*

ମୁଁ ବିଶ୍ୱାସ କରେ ଦିବ୍ୟସତ୍ୟ ଅବତରଣ ଦ୍ୱାରା ଏହି ପୃଥିବୀ ଉପରେ ଦିବ୍ୟଚେତନାର ଅଭିବୃଦ୍ଧି ପାଇଁ କ୍ଷେତ୍ର ପ୍ରସ୍ତୁତ ବା ପଥ ଉନ୍ମୁକ୍ତ ହେବ; ଏବଂ ତାହାହିଁ ହେବ ପୃଥିବୀର କ୍ରମବିକାଶର ଚରମ ପରିଣତି । ଯଦି ମୋଠାରୁ ଅଧିକ ମହତ୍ତର ଲୋକମାନେ ସେମାନଙ୍କ ଆଗରେ ଏହି ଦୃଷ୍ଟି ଓ ଆଦର୍ଶ ରଖି ନ ଥିଲେ ତେବେ ତାହା ଏକ କାରଣ ହୋଇ ନ ପାରେ ଯେ କାହିଁକି ମୁଁ ମୋର ସତ୍ୟବୋଧ ଓ ସତ୍ୟଦୃଷ୍ଟିକୁ ଅନୁସରଣ ନ କରିବି । ସେସବୁ କ୍ଷେତ୍ରରେ 'କ', 'ଖ' ବା ଅନ୍ୟ କାହାର କୌଣସି ପ୍ରଶ୍ନ ଉଠୁ ନାହିଁ; ପ୍ରଶ୍ନଟି ହେଉଛି ଭଗବାନ୍ ଓ ମୋ ମଧ୍ୟରେ – ଏହା ଭଗବାନଙ୍କ ସଂକଳ୍ପ ନା ନୁହେଁ । ମୁଁ ଏଠାକୁ ଆସିଛି ସେହି ଦିବ୍ୟଶକ୍ତିକୁ ଅବତରଣ କରାଇବା ପାଇଁ କିଂବା ଏହାର ଅବତରଣ ସକାଶେ ମାର୍ଗ ପ୍ରସ୍ତୁତ କରିବା ପାଇଁ, କିଂବା ଅନ୍ତତଃ ପକ୍ଷେ ଏହାକୁ ଅଧିକ ସମ୍ଭବ କରିବା ପାଇଁ କି ନୁହେଁ ।

କେବଳ ମୋ ନିଜ ପାଇଁ ଅତିମାନସ ପ୍ରାପ୍ତି ମୋର ଉଦ୍ଦେଶ୍ୟ ନଥିଲା । ମୁଁ ନିଜ ପାଇଁ କିଛିହେଲେ କରୁ ନାହିଁ । କାରଣ ବ୍ୟକ୍ତିଗତ ଦୃଷ୍ଟିରୁ ଦେଖିଲେ ମୋର କୌଣସିକିଛିର ଆବଶ୍ୟକତା ନାହିଁ, ମୋକ୍ଷ ହେଉ ବା ଅତିମାନସ ସିଦ୍ଧି ହେଉ । ଯଦିବି ମୁଁ ଅତିମାନସ ବିଷୟରେ ଏତେ କାର୍ଯ୍ୟ କରୁଛି, ତା'ର କାରଣ ହେଉଛି ଯେପରି ହେଉ ପୃଥିବୀ-ଚେତନା ସକାଶେ ଏହି କାର୍ଯ୍ୟ କରିବାକୁ ହେବ । ଏବଂ ଏହା ଯଦି ମୋ ଦ୍ୱାରା ସମ୍ଭବ ହେବ ନାହିଁ, ତେବେ ଏହା ଅନ୍ୟ କାହା ଦ୍ୱାରା ସମ୍ପୂର୍ଣ୍ଣ ଅସମ୍ଭବ । ମୋର ଅତିମାନସ ସିଦ୍ଧିର ଅର୍ଥ ପୃଥିବୀ-ଚେତନା ସକାଶେ ତାହାର ଅବତରଣ ପାଇଁ ରାସ୍ତା ଖୋଲିଦେବା । ସିଦ୍ଧି ପାଇଁ ସିଦ୍ଧି କରାଗଲେ ତାହା ନିରର୍ଥକ ହେବ ।

ଅବଶ୍ୟ ଜଣେ ଯଦି ପାର୍ଥିବ ପ୍ରକୃତିର ପରିବର୍ତ୍ତନ ଚାହେଁ, ତେବେ ସେ ଏହାକୁ ପ୍ରଥମେ ଗ୍ରହଣ କରିବ । ମୋର "God's labour" ନାମକ କବିତାରୁ କିଛିଟା ଉଦ୍ଧାର କରୁଛି :

He who would bring the heavens here,
Must descend into clay
And the burden of earthly nature bear
And tread the dolorous way. ...

ଅର୍ଥାତ୍ :

ସ୍ୱର୍ଗର ଐଶ୍ୱର୍ଯ୍ୟ ଯଦି ଉତରିବ ଏଇ ଧରା ପରେ,
ଅବତରି ଯିବ ସିଏ କର୍ଦ୍ଦମ ମଧ୍ୟକୁ,
ପାର୍ଥିବ ପ୍ରକୃତିର ସମସ୍ତ ବୋଝକୁ ବହି,
ଚାଲିବ ସେ ଦୁର୍ଗମ ପଥରେ । ...

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ; ପୃଷ୍ଠା : ୫୧-୫୩)

# ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଶ୍ରୀମା

ମନୁଷ୍ୟ ହେଉଛି ଗତକାଲିର ସର୍ଜନା ।

ଆଗାମୀକାଲିର ସର୍ଜନା – ଅତିମାନସ ସତ୍ତାର ଆଗମନର ଘୋଷଣା କରିବାକୁ ଶ୍ରୀଅରବିନ୍ଦ ପୃଥିବୀକୁ ଆସିଥିଲେ ।

*୧୫ ଅଗଷ୍ଟ ୧୯୭୨*

*

ଶ୍ରୀଅରବିନ୍ଦ ଭବିଷ୍ୟତର ସମ୍ପଦ; ଭବିଷ୍ୟତର ବାର୍ତ୍ତାବହ । ଦିବ୍ୟପରମଇଚ୍ଛାଙ୍କ ଦ୍ୱାରା ଅଭିପ୍ରେତ ହୋଇ ରହିଥିବା ଏକ ଗୌରବମୟ ଭବିଷ୍ୟତର ଉପଲବ୍ଧିକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆମକୁ ଯେଉଁ ମାର୍ଗରେ ଯିବାକୁ ହେବ, ସିଏ ସେହି ମାର୍ଗଟିକୁ ଏବେ ମଧ୍ୟ ଦେଖାଇ ଦେଉଛନ୍ତି ।

ସମଗ୍ର ମାନବଜାତିର ଅଗ୍ରଗତି ଏବଂ ଭାରତର ସେହି ଆଲୋକମୟ ନିୟତିକୁ ସମ୍ଭବ କରିବାର କାର୍ଯ୍ୟରେ ଯେଉଁମାନେ ସହଯୋଗ କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ଏକ ଅତୀନ୍ଦ୍ରିୟଦର୍ଶୀ ଅଭୀପ୍ସା ଏବଂ ଏକ ସନ୍ଦୀପିତ କର୍ମ-ଯୋଜନାରେ ପରସ୍ପର ସହିତ ସମ୍ମିଳିତ ହୋଇ ଆସିବାକୁ ପଡ଼ିବ ।

*୧୫ ଅଗଷ୍ଟ ୧୯୭୧*

*

ଯେଉଁ ଭବିଷ୍ୟତଟିକୁ ଅବଶ୍ୟ ଉପଲବ୍ଧ କରିବାକୁ ହେବ, ତାହାରି ସୌନ୍ଦର୍ଯ୍ୟ ବିଷୟରେ ପୃଥିବୀକୁ କହିବା ସକାଶେ ଶ୍ରୀଅରବିନ୍ଦଙ୍କର ଆବିର୍ଭାବ ହୋଇଥିଲା ।

ପୃଥିବୀ ଯେଉଁ ଐଶ୍ୱର୍ଯ୍ୟ ଏବଂ ମହିମା ଆଡ଼କୁ ଗତିକରି ଚାଲିଛି, ତାହାରି ବିଷୟରେ କେବଳ ଏକ ଆଶା ନୁହେଁ, ଏକ ସୁନିଶ୍ଚୟ ନିର୍ଭର ପ୍ରଦାନ କରିବାକୁହିଁ ଶ୍ରୀଅରବିନ୍ଦ ଏଠାକୁ ଆସିଥିଲେ । ଏହି ପୃଥିବୀ ଆଦୌ କୌଣସି ଏକ ଦୁର୍ଭାଗ୍ୟଜନକ ଆକସ୍ମିକତାର ପରିଣାମ ନୁହେଁ; ଏହା ହେଉଛି ଏକ ବିସ୍ମୟ, ଏବଂ ତାହା ଆପଣାର ଅଭିବ୍ୟକ୍ତି ଆଡ଼କୁ ଗତିଶୀଳ ହୋଇ ଚାଲିଛି ।

ଏହି ପୃଥିବୀର ସେହି ଭବିଷ୍ୟତରେ ସମ୍ଭବ ହେବାକୁ ଯାଉଥିବା ସୌନ୍ଦର୍ଯ୍ୟ ବିଷୟରେ ଏକ ସୁନିଶ୍ଚୟ ନିର୍ଭରତା ଲାଗି ଆବଶ୍ୟକତା ରହିଛି । ଏବଂ ଶ୍ରୀଅରବିନ୍ଦ ଆମକୁ ସେହି ନିର୍ଭରତାଟିକୁ ପ୍ରଦାନ କରିଛନ୍ତି ।

*୨୭ ନଭେମ୍ବର ୧୯୭୧*

*

ଅତିମାନସ ଜଗତଟି ଯେ ପ୍ରକୃତରେ ସମ୍ଭବ ହେବାକୁ ଯାଉଛି, ତାହାରି ଘୋଷଣା କରିବା ଲାଗି ଶ୍ରୀଅରବିନ୍ଦ ପୃଥିବୀକୁ ଆସିଥିଲେ । ସିଏ ଯେ କେବଳ ସେହି ଅଭିବ୍ୟକ୍ତିଟିର ଘୋଷଣା କରିଥିଲେ ତା' ନୁହେଁ, ମାତ୍ର ଅତିମାନସ ଶକ୍ତିକୁ ଆଂଶିକ ଭାବରେ ନିଜ ଜୀବନରେ ମଧ୍ୟ ମୂର୍ତ୍ତ କରି ପାରିଥିଲେ ଏବଂ, ସେହି ଜଗତଟିକୁ ଅଭିବ୍ୟକ୍ତ କରି ପାରିବା ସକାଶେ ପ୍ରସ୍ତୁତ ହେବା ଲାଗି ଆମକୁ କ'ଣ ସବୁ କରିବାକୁ ପଡ଼ିବ, ଦୃଷ୍ଟାନ୍ତ ଦ୍ୱାରା ତାହା ଦେଖାଇ ଦେଇଥିଲେ । ସିଏ ଆମକୁ ଯାହାସବୁ କହିଛନ୍ତି, ତାହାର ଅଧ୍ୟୟନ କରିବା ଏବଂ ତାଙ୍କର ଦୃଷ୍ଟାନ୍ତଟିର ଅନୁସରଣ କରିବା ପାଇଁ ପ୍ରୟାସ କରିବା ତଥା ନୂତନ ଅଭିବ୍ୟକ୍ତିଟି ନିମନ୍ତେ ଆପଣାକୁ ପ୍ରସ୍ତୁତ କରିବା – ଆମ ଲାଗି ଏହାହିଁ ସର୍ବୋତ୍ତମ କାର୍ଯ୍ୟ ।

ଏହାରି ଦ୍ୱାରାହିଁ ଆମେ ଜୀବନର ଯଥାର୍ଥ ବୋଧଟିକୁ ଲାଭ କରି ପାରିବା ଏବଂ ତାହା ଯାବତୀୟ ପ୍ରତିବନ୍ଧକକୁ ଅତିକ୍ରମ କରିଯିବା ସକାଶେ ଆମକୁ ଅବଶ୍ୟ ସାହାଯ୍ୟ କରିବ ।

ତେଣୁ, ଆମେ ସେହି ନୂତନ ସୃଜନ ଲାଗି ଜୀବନ ବଞ୍ଚିବା ଏବଂ ତରୁଣ ତଥା ଅଗ୍ରଗତିକାମୀ ହୋଇ ରହିବା ସଙ୍ଗେ ସଙ୍ଗେ ଆପଣାକୁ ଅଧିକରୁ ଅଧିକ ଶକ୍ତିଶାଳୀ କରି ଗଢ଼ିବା ।

*୩୦ ଜାନୁଆରୀ ୧୯୭୨*

*

ଶ୍ରୀଅରବିନ୍ଦ ଆମକୁ ଯେଉଁ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରିଛନ୍ତି, ତାହା ଆମକୁ ଦିବ୍ୟପରମସତ୍ତାଙ୍କ ସହିତ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ରହିବାକୁ ଶିକ୍ଷା ଦେଇଥାଏ ।

*ଜୁଲାଇ ୧୯୭୨*

*

ତୁମେ ଯଦି ଯତ୍ନ ସହକାରେ ଶ୍ରୀଅରବିନ୍ଦଙ୍କର ରଚନାକୁ ପାଠ କରିବ, ତେବେ ତୁମେ ଜାଣିବାକୁ ଇଚ୍ଛା କରୁଥିବା ସବୁକିଛିର ଉତ୍ତର ପାଇ ପାରିବ ।

*୨୫ ଅକ୍ଟୋବର ୧୯୭୨*

*

ଶ୍ରୀଅରବିନ୍ଦଙ୍କର ରଚନାବଳୀ ଅଧ୍ୟୟନ କର ଓ ତାଙ୍କରି ମାର୍ଗର ଅନୁସରଣ କର ।

(ମାତୃରଚନାବଳି, ୧୩ଶ ଖଣ୍ଡ, ପୃଷ୍ଠା : ୧୫-୨୭)

# ଅର୍ଥଶକ୍ତି ସମ୍ପର୍କରେ

ଶ୍ରୀମା'ଙ୍କ ସହ ଏହି କଥୋପକଥନଟି ଶ୍ରୀଅରବିନ୍ଦଙ୍କ ରଚିତ ମା' ବହିର ୪ର୍ଥ ଅଧ୍ୟାୟ ଉପରେ ଆଧାରିତ ।

*''ଅର୍ଥ ବିଶ୍ୱଗତ ଶକ୍ତିର ଗୋଟିଏ ସ୍ଥୂଳ ଚିହ୍ନ । ଏହି ଶକ୍ତି ଯେତେବେଳେ ପୃଥିବୀ ଉପରେ ପ୍ରକାଶିତ ହୁଏ, ସେତେବେଳେ ତାହାର କ୍ରିୟା ହୁଏ ପ୍ରାଣ ଓ ଜଡ଼ର ସ୍ତରରେ; ବାହ୍ୟ ଜୀବନର ପରିପୂର୍ଣ୍ଣତା ନିମିତ୍ତ ଏହି ଶକ୍ତି ଅପରିହାର୍ଯ୍ୟ । ଉତ୍ପତ୍ତି ଏବଂ କର୍ମରେ ଏହା ହେଲା ଭଗବାନଙ୍କର ଶକ୍ତି । ତେବେ ଭଗବାନଙ୍କର ଅନ୍ୟାନ୍ୟ ଶକ୍ତି ପରି ଏହା ବି ପୃଥିବୀରେ ହସ୍ତାନ୍ତରିତ ହୋଇଛି ଏବଂ ନିମ୍ନପ୍ରକୃତିଗତ ଅଜ୍ଞାନ କ୍ଷେତ୍ରରେ ଅହଂକାର ନିଜ ବ୍ୟବହାର ନିମନ୍ତେ ଏହାକୁ ଅପହରଣ କରିଛି, ଅଥବା ଆସୁରିକ ପ୍ରଭାବ ଏହାକୁ ଅଧିକାର କରି ନିଜର ଉଦ୍ଦେଶ୍ୟ ସାଧନ ସକାଶେ ବିକୃତ କରିଛି । ବସ୍ତୁତଃ ଏହି ତିନୋଟି ଶକ୍ତି– କ୍ଷମତା, ଧନ ଓ କାମ – ମନୁଷ୍ୟର ଅହଂକାର ଓ ଅସୁର ସକାଶେ ପରମ ଆକର୍ଷଣର ବସ୍ତୁ; ଏହି ତିନୋଟି ପ୍ରାୟ ସର୍ବତ୍ର ଅନଧିକାରୀଙ୍କ ଦ୍ୱାରା ଅଧିକୃତ ହୋଇ ଅପବ୍ୟବହୃତ ହେଉଛି । ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ, ସେମାନେ ପ୍ରାୟ ଯେତେଟା ଧନର ଅଧିକାରୀ ନୁହନ୍ତି, ସେତେଟା ଧନ ସେମାନଙ୍କୁ ଅଧିକାର କରିଛି, ଅସୁରମାନେ ଧନକୁ ଦୀର୍ଘକାଳ ଧରି ସେମାନଙ୍କ କବଳରେ ରଖିଛନ୍ତି, ତା' ଫଳରେ ଧନ ଉପରେ ଯେ ଗୋଟାଏ ଦୂଷିତ ପ୍ରଭାବର ଛାପ ରହିଛି, ସେଥିରୁ ଖୁବ୍ ଅଳ୍ପ ଲୋକେହିଁ ନିଜକୁ ପୂର୍ଣ୍ଣ ଭାବରେ ରକ୍ଷାକରି ପାରିଛନ୍ତି । ଏହି କାରଣରୁ ସକଳ ଅଧ୍ୟାତ୍ମ ମାର୍ଗ ଆତ୍ମସଂଯମ, ଅନାସକ୍ତି, ଏବଂ ତ୍ୟାଗ ଉପରେ ଏତେ ଜୋର୍ ଦେଇଛନ୍ତି ଏବଂ କହିଛନ୍ତି ଯେ ଅର୍ଥର ଯାବତୀୟ ବନ୍ଧନରୁ ମୁକ୍ତ ହୁଅ, ନିଜ ପାଇଁ ଓ ଅହଂକାରର ସେବା ପାଇଁ ଏହାକୁ ଲାଭ କରିବାର ବାସନା ତ୍ୟାଗ କର । ଏପରିକି ଅନେକ ବ୍ୟକ୍ତି ଧନ ସଂପତ୍ତିକୁ ପାପ ବୋଲି ବିବେଚନା କରନ୍ତି ଏବଂ ଘୋଷଣା କରନ୍ତି ଯେ ଜୀବନରେ ଦାରିଦ୍ର୍ୟ ଓ ରିକ୍ତତାହିଁ ଆଧାତ୍ମିକ ଅବସ୍ଥାର ଏକମାତ୍ର ଅନୁକୂଳ ବସ୍ତୁ । କିନ୍ତୁ ଏହା ଗୋଟାଏ ଭ୍ରମ; ଏଥିରେ ଧନବଳ ଦାନବ ଶକ୍ତିର ହାତରେ ରହିଯାଏ । ଯେଉଁ ଅର୍ଥର ପ୍ରକୃତ ମାଲିକ ଭଗବାନ୍, ତାଙ୍କ ନିମନ୍ତେ ଅର୍ଥର ପୁନରୁଦ୍ଧାର, ଭାଗବତ ଜୀବନ ନିମନ୍ତେ ଭଗବତ୍ ଭାବରେ ତାହାର ବ୍ୟବହାର – ଏହାହିଁ ହେଲା ସାଧକ ପକ୍ଷରେ ଅତିମାନସର ପଥ ।''*

('ମା' ପୁସ୍ତକ, ପୃଷ୍ଠା - ୧୫ ରୁ ୧୬) — ଶ୍ରୀଅରବିନ୍ଦ

*ପ୍ରଶ୍ନ : ଜଣେ ଯେତେବେଳେ ଅର୍ଥର ବ୍ୟୟ ବା ବିନିଯୋଗ କରୁଥାଏ, ସେ ଭଗବତ୍ ଇଚ୍ଛାନୁଯାୟୀ ସେହି ଅର୍ଥର ସଦୁପଯୋଗ କରୁଛି କି ନାହିଁ ତାହା ଜାଣିବ କିପରି ?*

**ଶ୍ରୀମା** : ଭଗବତ୍ ଇଚ୍ଛାଟା ପ୍ରକୃତରେ କ'ଣ, ପ୍ରଥମେ ଆମକୁ ତାହା ଜାଣିବାକୁ ହେବ । କିନ୍ତୁ ଏ ସଂପର୍କରେ ଏକ ସୁନିଶ୍ଚିତ ବାଟ ରହିଛି – ତା'ହେଉଛି ଯଦି ଜଣେ ଅର୍ଥର ବ୍ୟବହାର ସଂପର୍କରେ ନିଶ୍ଚିତ ହୋଇପାରେ ନାହିଁ ତେବେ ସେହି ଅର୍ଥକୁ ଭଗବତ୍ କର୍ମରେ ସମର୍ପଣ କରିଦେବା । 'ଭଗବତ୍ ଭାବରେ' କଥାଟିର ମାନେ ହେଉଛି ଭଗବାନଙ୍କ ସେବାରେ ତାହାର ବିନିଯୋଗ – ଏହାର ଅର୍ଥ ହେଲା ନିଜର ତୃପ୍ତି ପାଇଁ ନୁହେଁ, ଭଗବାନଙ୍କ ସେବା ପାଇଁ ସେହି ଅର୍ଥକୁ ଅର୍ପଣ କରିଦେବା ।

*ପ୍ରଶ୍ନ : ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି, ''ଅର୍ଥ ରହିଲେ ଯେଉଁସବୁ ଅଭ୍ୟାସର ସୃଷ୍ଟି ହୁଏ, ତହିଁରେ ସେ ଅବଶ ବା ଅସହାୟ ତୁଲ୍ୟ ଆବଦ୍ଧ ହୁଏ ନାହିଁ ।''*

('ମା' ପୁସ୍ତକ, ପୃଷ୍ଠା - ୨୦) — ଶ୍ରୀଅରବିନ୍ଦ

**ଶ୍ରୀମା** : ତୁମେ ଯେତେବେଳେ ଧନୀ ହୋଇଥାଅ ଓ ବ୍ୟୟ କରିବା ପାଇଁ ତୁମର ପ୍ରଚୁର ଧନସମ୍ପତ୍ତି ରହିଥାଏ ସେତେବେଳେ ଯେଉଁସବୁ ଜିନିଷରୁ ତୁମେ ତୃପ୍ତି ଓ ଆନନ୍ଦ ପାଅ ସାଧାରଣତଃ ସେହିସବୁ ଜିନିଷ ପଛରେହିଁ ତୁମେ ତୁମର ଅର୍ଥ ବ୍ୟୟ କର ଏବଂ ତୁମେ ସେଇସବୁରେ ଅଭ୍ୟସ୍ତ ହୋଇଯାଅ, ସେଗୁଡ଼ିକ ପ୍ରତି ଆସକ୍ତ ହୋଇପଡ଼ ଏବଂ ଯଦି କେବେ ତୁମର

ଅର୍ଥ ଓ ଧନସମ୍ପଦ ଚାଲିଯାଏ ତା'ହେଲେ ତୁମେ ସେହିସବୁ ସୁଖଭୋଗରୁ ବଞ୍ଚିତ ହୁଅ, ଦୁଃଖ ପାଅ, ତୁମର ଅବସ୍ଥା ଶୋଚନୀୟ ହୁଏ, ଏବଂ ତୁମକୁ ସବୁକିଛି ହରାଇଲା ପରି ଲାଗେ, କାରଣ ଯେଉଁ ଜିନିଷଗୁଡ଼ିକୁ ଭୋଗ ଓ ଅଧିକାର କରିବାରେ ତୁମେ ଅଭ୍ୟସ୍ତ ହୋଇପଡ଼ିଥିଲ, ସେଗୁଡ଼ିକ ଆଉ ତୁମର ହୋଇ ନ ଥାଏ । ଏହା ଏକପ୍ରକାର ଦାସତ୍ୱ, ଏକ ଦୁର୍ବଳତା ଓ ଆସକ୍ତି । ଯେ ପ୍ରକୃତରେ ଅନାସକ୍ତ ସେ ଯେତେବେଳେ ଏହିସବୁ ଜିନିଷଗୁଡ଼ିକ ଭିତରେ ଥାଏ, ସେ ଏଗୁଡ଼ିକୁ ନେଇ ବେଶ୍ ସ୍ୱଚ୍ଛନ୍ଦରେ ରହିଥାଏ, ଯେତେବେଳେ ଏଗୁଡ଼ିକ ଚାଲିଯାଏ, ସେତେବେଳେ ମଧ୍ୟ ସେ ବେଶ୍ ସ୍ୱଚ୍ଛନ୍ଦରେ ରହିପାରେ, ସେ ଉଭୟ ଅବସ୍ଥା ସଂପର୍କରେ ସଂପୂର୍ଣ୍ଣ ନିରାସକ୍ତ ଓ ଉଦାସୀନ ରହିଥାଏ । ଏହାହିଁ ପ୍ରକୃତରେ ଯଥାର୍ଥ ମନୋଭାବ । ଯେତେବେଳେ ସେହି ଜିନିଷଗୁଡ଼ିକ ରହିଛି, ସେ ତା'ର ସଦୁପଯୋଗ କରେ, ଯେତେବେଳେ ତାହା ଆଉ ରହେ ନାହିଁ, ସେତେବେଳେ ସେଗୁଡ଼ିକୁ ନେଇ ତା'ର ଆଉ କୌଣସି କ୍ଷୟକ୍ଷତିର ଭାବନା ଆସେ ନାହିଁ । ଉଭୟ କ୍ଷେତ୍ରରେ ତା'ର ଆନ୍ତର ଚେତନାରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ତୁମକୁ ଏହା ଆଶ୍ଚର୍ଯ୍ୟ ଲାଗୁଥିବ, କିନ୍ତୁ ଜିନିଷଟି ପ୍ରକୃତରେ ଏହିପରି ।

*ପ୍ରଶ୍ନ : ଯଦି ଜଣକର ପ୍ରଚୁର ଅର୍ଥ ଉପାର୍ଜନର କ୍ଷମତା ଥାଏ, ତା'ହେଲେ ଏହା କ'ଣ ସୂଚାଏ ଯେ ଜାଗତିକ ଶକ୍ତିଗୁଡ଼ିକର ଉପରେ ତା'ର କିଛି ଆୟତ୍ତ ଅଛି ?*

**ଶ୍ରୀମା** : ଏହା ନିର୍ଭର କରେ ସେ କେଉଁ ଭାବରେ ଏହି ଅର୍ଥ ଉପାର୍ଜନ କରେ । ତୁମେ ଯଦି ଅସତ୍ ଉପାୟରେ ଏହା ଉପାର୍ଜନ କର, ତା'ହେଲେ ତାହା ତୁମର କୌଣସି ଆୟତ୍ତ ବା ନିୟନ୍ତ୍ରଣର କ୍ଷମତାକୁ ସୂଚାଏ ନାହିଁ । କିନ୍ତୁ ଯଦି ଜଣେ ନିଜର ଯଥାର୍ଥ କର୍ତ୍ତବ୍ୟ ପ୍ରତି ସଚ୍ଚୋଟ ରହି ଦେଖେ ଯେ ତା' ପାଖକୁ ପ୍ରଚୁର ଅର୍ଥ ଆସୁଛି ତା'ହେଲେ ଏହା ସ୍ପଷ୍ଟ ଯେ ଏହିସବୁ ଜାଗତିକ ଶକ୍ତି ଉପରେ ତାହାର ନିଶ୍ଚୟ ଏକ ଆୟତ୍ତ ବା ନିୟନ୍ତ୍ରଣ ରହିଛି । ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ଭିତରେ ଅର୍ଥକୁ ଆକର୍ଷଣ କରିବାର ଶକ୍ତି ରହିଛି, ଏବଂ ଅର୍ଥ ଉପାର୍ଜନ ପାଇଁ ଅସତ୍ ଉପାୟ ଅବଲମ୍ବନ କରିବାର ସେମାନଙ୍କର କୌଣସି ଆବଶ୍ୟକତା ନାହିଁ । ଅନ୍ୟମାନଙ୍କ କ୍ଷେତ୍ରରେ ଦେଖାଯାଏ ଯେ ସାମାନ୍ୟ କେଇଟି ଟଙ୍କା ଯୋଗାଡ଼ କରିବା ପାଇଁ ସେମାନଙ୍କୁ ଅଧିକ ବା କମ୍ ତୁଚ୍ଛ ଉପାୟ ଅବଲମ୍ବନ କରି ନାନା ପ୍ରକାର ଫନ୍ଦି ଫିକର କରିବାକୁ ପଡ଼ିଥାଏ । ତେଣୁ ଆମେ ଠିକ୍ କହିପାରିବା ନାହିଁ – ଆମେ ଜଣେ ବଡ଼ ଧନୀ ଲୋକକୁ ଦେଖୁ ଏବଂ ଭାବୁ ଯେ ଅର୍ଥଶକ୍ତି ଉପରେ ତା'ର ଖୁବ୍ କର୍ତ୍ତୃତ୍ୱ ଓ ନିୟନ୍ତ୍ରଣ ଥିବ; ନା, ସବୁବେଳେ ଏହା ଠିକ୍ ନୁହେଁ । କିନ୍ତୁ ଯଦି ଜଣେ ବ୍ୟକ୍ତି ସଂପୂର୍ଣ୍ଣ ସଚ୍ଚୋଟ ଥିବ ଏବଂ ଯାହା ନିଜର କର୍ତ୍ତବ୍ୟ ବୋଲି ମନେ କରେ ତାହା କରିଯାଉଥିବ ଓ କେତେ ଅର୍ଥ ଉପାର୍ଜନ ହେଉଛି ସେଥିପ୍ରତି ତା'ର କୌଣସି ଭ୍ରୂକ୍ଷେପ ନ ଥିବ ଏବଂ ତା' ସତ୍ତ୍ୱେ ଯଦି ତା' ପାଖକୁ ପ୍ରଚୁର ଅର୍ଥ ଆସେ ତା'ହେଲେ ସ୍ପଷ୍ଟତଃ ସେହିସବୁ ଜାଗତିକ ଶକ୍ତି ଉପରେ ତା'ର ଏକ କର୍ତ୍ତୃତ୍ୱ ଅଛି ବୋଲି କୁହାଯାଇପାରେ ।

(THE MOTHER With the Mother's Comments ପୁସ୍ତକରୁ ସଂଗୃହୀତ) ✤

ମୁକ୍ତ ହେବାକୁ ହେଲେ ତୁମକୁ ବନ୍ଦିଗୃହ ଭିତରୁ ବାହାରି ଆସିବାକୁ ହେବ । ଏକ ପୃଥକ୍ ବ୍ୟକ୍ତିତ୍ୱର ଭାବ ଥିବା ଅହଂହିଁ ହେଉଛି ସେହି ବନ୍ଦିଗୃହ । ମୁକ୍ତ ହେବାକୁ ହେଲେ ସଚେତ ଭାବରେ, ସମଗ୍ର ଓ ସଂପୂର୍ଣ୍ଣ ଭାବରେ ତୁମକୁ ପରମଙ୍କ ସହ ଯୁକ୍ତ ଓ ମିଳିତ ହେବାକୁ ହେବ ଏବଂ ଏହି ଏକାତ୍ମତା ଅହଂର ସୀମାଗୁଡ଼ିକୁ ଭାଙ୍ଗିଦିଏ ଏବଂ ନିଜକୁ ବିଶ୍ୱାସ, ବିଶ୍ୱଜନୀନ କରିଦେବା ପରେ ଅହଂର ସମଗ୍ର ଅସ୍ତିତ୍ୱଟିହିଁ ନିଶ୍ଚିହ୍ନ ହୋଇଯାଏ । ଯଦିଓ ଚେତନାର ବ୍ୟକ୍ତିଗଠନ ସେହିପରି ସୁରକ୍ଷିତ ହୋଇ ରହିଥାଏ ।

– ଶ୍ରୀମା

# ଦିବ୍ୟକର୍ମରେ ଅର୍ଥର ବିନିଯୋଗ

## ଶ୍ରୀମା

*ପ୍ରଶ୍ନ : ଯଦି ଅସତ୍ ଉପାୟ ଅବଲମ୍ବନ କରି ଜଣେ ପ୍ରଚୁର ଅର୍ଥ ଉପାର୍ଜନ କରିଥିବ ତା'ହେଲେ ତହିଁରୁ କିଛି ଅଂଶ ଭଗବତ୍ ଉଦ୍ଦେଶ୍ୟରେ ଦେବା ପାଇଁ ତାକୁ କୁହାଯାଇ ପାରିବ କି ?*

**ଶ୍ରୀମା** : ଶ୍ରୀଅରବିନ୍ଦ ଏହି ପ୍ରଶ୍ନଟିର ଉତ୍ତର ଦେଇଛନ୍ତି । ସେ କହିଛନ୍ତି ନିଜ ସ୍ୱରୂପରେ ଅର୍ଥ ଏକ ନୈର୍ବ୍ୟକ୍ତିକ ଶକ୍ତି; କେଉଁ ଉପାୟରେ ଜଣେ ତାହା ଉପାର୍ଜନ କଲା ସେହି ପ୍ରଶ୍ନ ସହିତ କେବଳ ସେହି ଲୋକହିଁ ବ୍ୟକ୍ତିଗତଭାବେ ଜଡ଼ିତ । ଏହା ତାହାର ପ୍ରଭୂତ କ୍ଷତିସାଧନ କରିପାରେ, ଅନ୍ୟମାନଙ୍କର ମଧ କ୍ଷତି ଘଟାଇପାରେ, କିନ୍ତୁ ତାହା ଅର୍ଥର ସ୍ୱରୂପକୁ କୌଣସି ଭାବରେ ବଦଳାଇ ଦିଏ ନାହିଁ, ଏହି ଅର୍ଥଶକ୍ତିଟି ପୂରାପୂରି ଏକ ନୈର୍ବ୍ୟକ୍ତିକ ଶକ୍ତି । ଅର୍ଥର ନିଜସ୍ୱ କୌଣସି ରଙ୍ଗ ନାହିଁ, କୌଣସି ସ୍ୱାଦ ନାହିଁ, କୌଣସି ମନୋମୟ ଚେତନା ନାହିଁ । ଏହା ଏକ ଶକ୍ତିବିଶେଷ । ଆମେ କେବେ କହିବା ନାହିଁ ଯେ କୌଣସି ଅସତ୍ ପ୍ରକୃତିର ଲୋକ ଯେଉଁ ବାୟୁ ସେବନ କରେ ତାହା ଜଣେ ସତ୍‌ପ୍ରକୃତିର ଲୋକର ବାୟୁଠାରୁ ଅଧିକ ଦୂଷିତ, ମୋ ମତରେ ତାହା ଆଦୌ ସେପରି ନୁହେଁ । ଉଭୟ କ୍ଷେତ୍ରରେ ଫଳାଫଳ ସମାନ । କୌଣସି ବାସ୍ତବ ବା ବ୍ୟବହାରିକ କାରଣରୁ ଜଣେ ଚୋରାଧନକୁ ଗ୍ରହଣ କରିବା ପାଇଁ ଅସ୍ୱୀକାର କରିପାରେ କିନ୍ତୁ ତାହାର କାରଣ ପୂରାପୂରି ବ୍ୟବହାରିକ, ତହିଁରେ ଦିବ୍ୟ-କାରଣ କିଛି ନାହିଁ । ଏହା ପୂରାପୂରି ଏକ ମାନୁଷୀ ଧାରଣା । କୌଣସି ବ୍ୟବହାରିକ ଦୃଷ୍ଟିକୋଣରୁ ଜଣେ କହିପାରେ ଯେ, ''ଯେଉଁ ଭାବରେ ତୁମେ ଏହି ଅର୍ଥ ସଂଗ୍ରହ କରୁଛ ତାହା ଅତ୍ୟନ୍ତ ନିନ୍ଦନୀୟ, ତେଣୁ ମୁଁ ଏହା ଭଗବାନଙ୍କୁ ଅର୍ପଣ କରିବାକୁ ଚାହେଁ ନାହିଁ ।'' ଏପରି ମନୋଭାବ ଆସେ ଚେତନାଟି ମାନୁଷୀ ଚେତନା ହୋଇଥିବାରୁ । କିନ୍ତୁ ଯଦି ତୁମେ ଏପରି ଜଣେ ଲୋକର କଥା ନିଅ (ସବୁଠୁ ଖରାପ ଏକ ଦୃଷ୍ଟାନ୍ତ ନିଆଯାଉ) ଯେକି ହତ୍ୟା କରିଛି ଓ ସେହି ହତ୍ୟାରୁ କିଛି ଅର୍ଥ ସଂଗ୍ରହ କରିଛି; ଯଦି ହଠାତ୍ ତା' ଭିତରେ ଭୀଷଣ ସଂକୋଚ, ଆତ୍ମଗ୍ଲାନି ଓ ଅନୁତାପ ଦେଖାଦେଲା ଏବଂ ତହିଁରେ ମୁହ୍ୟମାନ ହୋଇ ସେ ନିଜକୁ କହିଲା, ''ଏହି ଅର୍ଥ ସଂପର୍କରେ ମୋ ଆଗରେ କେବଳ ଗୋଟିଏ ମାତ୍ର ବାଟ ରହିଛି, ତା' ହେଉଛି ଏପରି ଜାଗାରେ ଏହାକୁ ଦାନ କରିବି ଯେଉଁଠି ଏହାର ସର୍ବୋତ୍ତମ ସଦୁପଯୋଗ ହେବ, ସବୁଠୁ ନିଃସ୍ୱାର୍ଥପର ଭାବରେ''– ମୋ ମତରେ ନିଜର ତୃପ୍ତି ପାଇଁ ବ୍ୟୟ କରିବା ଅପେକ୍ଷା ଏପରି ମନୋଭାବ ଅନେକ ବେଶୀ ସ୍ପୃହଣୀୟ । ମୁଁ କହିଥିଲି ଅସତ୍ ଉପାୟରେ ଅର୍ଜନ କରାଯାଇଥିବା ଧନକୁ ଗ୍ରହଣ କରିବା ପାଇଁ ଅସ୍ୱୀକାର କରିବାର କାରଣ ପୂରା ବାସ୍ତବ ଓ ବ୍ୟବହାରିକ ହୋଇପାରିଥାଏ, କିନ୍ତୁ ତାହାର ଏକ ଗଭୀର କାରଣ, (ନୈତିକ ବୋଲି କହିବି ନାହିଁ) ଏକ ଆଧ୍ୟାତ୍ମିକ କାରଣ ମଧ ରହିପାରେ; ତପସ୍ୟାର ଦୃଷ୍ଟିକୋଣରୁ କୌଣସି ଲୋକକୁ ଜଣେ କହିପାରେ, ''ଏପରି ଭୟଙ୍କର ଅସତ୍ ଉପାୟରେ ଅର୍ଜନ କରିଥିବା ଏହି ଧନ ଦ୍ୱାରା ତୁମର ଯଥାର୍ଥ ମଙ୍ଗଳ ହୋଇ ନ ପାରେ, ଏହାକୁ ଫେରାଇ ଦେବାହିଁ ବାଞ୍ଛନୀୟ ।'' ଜଣେ ଅନୁଭବ କରିପାରେ ଯେ, ଉଦାହରଣସ୍ୱରୂପ, ପ୍ରକୃତରେ ଯାହାର ଧନ ତାକୁ ପ୍ରତ୍ୟର୍ପଣ କରିଦେବା ଫଳରେ, ଏଣୁତେଣୁ ଯେକୌଣସି କାମରେ ଦାନ ବା ବ୍ୟୟ କରିବା ଅପେକ୍ଷା ତାହା ତୁମ ଅଗ୍ରଗତିରେ ଅଧିକ ସହାୟକ ହେବ । ଜଣେ ଜିନିଷଟିକୁ ଏହି ଭାବରେ ଦେଖିପାରେ – ଏ ସଂପର୍କରେ କୌଣସି ଧରାବନ୍ଧା ନିୟମ ନାହିଁ । ଏହି କଥାହିଁ ମୁଁ ତୁମକୁ ବାରଂବାର କହି ଆସିଛି ଯେ କୌଣସି ବିଷୟରେ କୌଣସି ନିର୍ଦ୍ଦିଷ୍ଟ ନୀତିନିୟମ ବାନ୍ଧିଦେବା ଅସମ୍ଭବ । ବିଭିନ୍ନ କ୍ଷେତ୍ରରେ ଏହା ଭିନ୍ନଭିନ୍ନ ହେବା ସ୍ୱାଭାବିକ । କିନ୍ତୁ ଏପରି କେବେ ଭାବିବ ନାହିଁ ଯେ ଅର୍ଥକୁ ଏହା କୌଣସି ଭାବରେ ସ୍ପର୍ଶ ବା ପ୍ରଭାବିତ କରେ; ଏକ ଜାଗତିକ ଶକ୍ତି ହିସାବରେ କେଉଁ ଉପାୟରେ ତାହାକୁ ଅର୍ଜନ କରାଗଲା ତା' ଦ୍ୱାରା ଅର୍ଥ କେବେହେଲେ ପ୍ରଭାବିତ ହୁଏ ନାହିଁ, ତହିଁରେ ସେହି ବାଟ ବା ଉପାୟସବୁର କୌଣସି ସ୍ପର୍ଶ ଲାଗେ ନାହିଁ । ଅର୍ଥ ସେହିପରି ସମାନ ରହିବ, ତୁମର ନୋଟଗୁଡ଼ିକ ସେହି ସମାନ ନୋଟ ହୋଇହିଁ ରହିବ, ତୁମର ସୁନାଗୁଡ଼ିକ ସେହି ସମାନ ସୁନା ହୋଇହିଁ ରହିବ, ଏବଂ ଯେହେତୁ ତାହା ନିଜର ଶକ୍ତି ବହନ କରି ଚାଲିଥାଏ, ସେହି ଶକ୍ତି

ତା'ଠାରେ ସେହିପରି ସମାନ ହୋଇହିଁ ରହିବ । ଅବଶ୍ୟ ଏହା ସ୍ପଷ୍ଟ ଯେ ଯେଉଁ ଲୋକ ଭୁଲ୍‌ଟିଏ କରିଥାଏ ସେହିଁ କେବଳ କ୍ଷତିଟି ଭୋଗ କରିବ । ତା'ହେଲେ ପ୍ରଶ୍ନଟି ହେଲା, କେଉଁ ମାନସିକ ଅବସ୍ଥାରେ, କେଉଁ କାରଣରୁ ତୁମର ଅସାଧୁଲୋକଟି ସେ ବିଚାର କରୁଥିବା କୌଣସି ଦିବ୍ୟ ମହତ୍ କର୍ମରେ ତା'ର ଅର୍ଥ ଦାନ କରିବାକୁ ଚାହୁଁଛି ? ଏକ ନିରାପତ୍ତାମୂଳକ ବ୍ୟବସ୍ଥା ରୂପେ ବିଜ୍ଞତାର ଭାବ ନେଇ ନିଜେ ନିରାପଦ ରହିବାକୁ ବା ନିଜର ହୃଦୟକୁ ନିରୁଦ୍‌ବିଗ୍ନ ରଖିବାକୁ ସେ ଏହା କରୁଛି କି ? ସ୍ପଷ୍ଟତଃ ଏହା ଖୁବ୍ ଏକ ଉତ୍ତମ ପ୍ରେରଣା ନୁହେଁ, ଏବଂ ଏପରି ମନୋଭାବକୁ ଉତ୍ସାହିତ କରିବା ବାଞ୍ଛନୀୟ ନୁହେଁ, କିନ୍ତୁ ସେ ଯେଉଁ ଭୁଲ୍ କରିଛି ଯଦି ସେଥିପାଇଁ ଦୁଃଖ ଓ ଅନୁତାପ ଅନୁଭବ କରୁଥାଏ ଏବଂ ତା'ର ଯଦି ଏପରି ଭାବ ଆସିଥାଏ ଯେ ତା' ଆଗରେ ଏକମାତ୍ର ବାଟ ହେଉଛି ଅସତ୍ ଉପାୟରେ ଅର୍ଜନ କରିଥିବା ସେହି ଧନକୁ ବିଦା କରିଦେବା ଏବଂ ଯେତେଦୂର ସମ୍ଭବ କୌଣସି ମଙ୍ଗଳମୟ ସତ୍‌କର୍ମରେ ତାହାକୁ ବିନିଯୋଗ କରିବା, ତା'ହେଲେ ସେପରି ମନୋଭାବ ବିରୋଧରେ କିଛି କହିବାର ନାହିଁ । ସାଧାରଣ ଭାବରେ ଏ ସଂପର୍କରେ କିଛି ନିଷ୍ପତ୍ତି ନେଇ ହେବ ନାହିଁ, ନିର୍ଦ୍ଦିଷ୍ଟ ଘଟଣା ଉପରେ ଏହା ନିର୍ଭର କରେ । ତୁମର ପ୍ରଶ୍ନଟି ଠିକ୍ କ'ଣ ତାହା ମୋତେ ଭଲ ଭାବରେ ବୁଝିବାକୁ ହେବ । ଯଦି ଜଣେ ଜାଣେ ଯେ କୌଣସି ଏକ ଲୋକ ଅତ୍ୟନ୍ତ ଅସତ୍, ଅକଥନୀୟ ଉପାୟରେ ଅର୍ଥ ଉପାର୍ଜନ କରିଛି; ତା'ହେଲେ ଏହା ସ୍ପଷ୍ଟ ଯେ କୌଣସି ଦିବ୍ୟ, ମହତ୍ କାର୍ଯ୍ୟ ପାଇଁ ତା' ପାଖକୁ ଯାଇ ସେହି ଅର୍ଥ ଚାହିଁବା ଆଦୌ ଭଲ ହେବ ନାହିଁ । କାରଣ ତାହାର ମାନେ ହେବ ସେ ଯେଉଁ ଉପାୟରେ ସେହି ଅର୍ଥ ସଂଗ୍ରହ କରୁଛି ସେହି ଉପାୟଗୁଡ଼ିକୁ ପୁଣି ନିଜର ଆସନ ଜମାଇବା ପାଇଁ ସାହାଯ୍ୟ କରିବା । ଏପରି କ୍ଷେତ୍ରରେ ତୁମେ ସେଠାରୁ କୌଣସି ଅର୍ଥ ଚାହିଁ ପାରିବ ନାହିଁ, ତାହା ସମ୍ଭବ ନୁହେଁ । ଯଦି କୌଣସି କାରଣରୁ ନିଜ ତରଫରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ସିଏ ତାହା ଦିଏ ତେବେ ତାହା ଗ୍ରହଣ ନ କରିବାର କୌଣସି କାରଣ ନାହିଁ । କିନ୍ତୁ ତା' ନିକଟକୁ ଯାଇ ଏହି ଅର୍ଥ ଚାହିଁବା ସମ୍ଭବପର ନୁହେଁ । କାରଣ ତା'ହେଲେ ଅର୍ଥ ଉପାର୍ଜନ ପାଇଁ ତାହାର ଅସତ୍ ଉପାୟଗୁଡ଼ିକୁ ନ୍ୟାୟସମ୍ମତ କରିଦେବା ସଙ୍ଗେ ତାହା ସମାନ ହେବ । ଏ ଦୁଇଟି ଭିତରେ ବିରାଟ ପାର୍ଥକ୍ୟ ରହିଛି ।

ସାଧାରଣତଃ ଏହିସବୁ କ୍ଷେତ୍ରରେ ଏହିସବୁ ବଦମାସ ଲୋକଙ୍କୁ କେବଳ ଭୟଭୀତ କରାଯାଇ ସେମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଏ; ଯେଉଁମାନେ ଏମାନଙ୍କଠାରୁ ଅର୍ଥ ଚାହାନ୍ତି ସେମାନେ ଏମାନଙ୍କୁ ଶାରୀରିକ ଭାବରେ ନହେଲେ ବି ଭବିଷ୍ୟତ୍ ଜୀବନ ସଂପର୍କରେ ନାନା ଭୟ ଦେଖାଇ କେତେସବୁ ବିପଦ ଓ ଦୁର୍ଭୋଗ ଘଟିପାରେ ତା'ର ଏକ ଭୀତିପ୍ରଦ ଚିତ୍ର ଦେଇ ସେମାନଙ୍କୁ ଭୟଭୀତ କରାନ୍ତି । ଏପରି କରିବା ଉଚିତ ନୁହେଁ, ଏହିସବୁ ଉପାୟ ଆଦୌ ବାଞ୍ଛନୀୟ ନୁହେଁ ।

(CWM Vol. 4, pp. 378 -380) ✤

*ପ୍ରଶ୍ନ : ଅର୍ଥ ଛଡ଼ା ଆଉ କେଉଁ ଦିବ୍ୟଶକ୍ତି ସବୁ ଏଠାରେ, ଏହି ପୃଥିବୀ ଉପରେ "ହସ୍ତାନ୍ତରିତ" ହୋଇଛନ୍ତି ?*

**ଶ୍ରୀମା :** ସବୁଗୁଡ଼ିକ ଶକ୍ତି । ସମସ୍ତ ଦିବ୍ୟଶକ୍ତି ଏଠାରେ ଅଭିବ୍ୟକ୍ତ ହୋଇଛନ୍ତି ଏବଂ ବିକୃତ ହୋଇଛନ୍ତି,— ଆଲୋକ, ଜୀବନ, ପ୍ରେମ, ଶକ୍ତି — ସବୁକିଛି ସୌଷମ୍ୟ, ଆନନ୍ଦ, ସବୁକିଛି — ଏପରି କୌଣସି ଶକ୍ତି ନାହିଁ ଯେ ତା'ର ମୂଳ ଉତ୍ସରେ ଦିବ୍ୟ କିନ୍ତୁ ସଂପୂର୍ଣ୍ଣ ଭାବେ ବିକୃତ ଓ ଏକ ବ୍ୟଙ୍ଗ ଅନୁକରଣର ରୂପ ନେଇ ଏଠାରେ ଅବସ୍ଥାନ କରୁ ନାହିଁ । ସେଦିନ ଆମେ ବିଶଦ ଭାବରେ କହିଛେ ଯେ ଦିବ୍ୟପ୍ରେମ କିପରି ଭାବରେ ବିକୃତ ହୋଇ ଏଠାରେ ଅଭିବ୍ୟକ୍ତ ହୋଇଛି, ସବୁକ୍ଷେତ୍ରରେ ସେଇ ଏକା କଥା ।

# ଅର୍ଥଶକ୍ତି ଉପରେ ବିଜୟ

*ପ୍ରଶ୍ନ : ଅର୍ଥଶକ୍ତିକୁ କିପରି ଭାବରେ ପୁଣିଥରେ ମା'ଙ୍କ ପାଇଁ ଜୟ କରାଯାଇପାରିବ ?*

**ଶ୍ରୀମା :** ଆଃ ! ...ଏଠାରେ ସେ ସଂପର୍କରେ ଏକ ଇଙ୍ଗିତ ରହିଛି । ତିନିଟି ଜିନିଷ ପରସ୍ପର ଉପରେ ନିର୍ଭରଶୀଳ (ଶ୍ରୀଅରବିନ୍ଦ ଏଠାରେ ସେ ବିଷୟ କହିଛନ୍ତି) । ମୋର ବିଶ୍ୱାସ ଏହି ତିନୋଟି ପରସ୍ପର ଉପରେ ନିର୍ଭରଶୀଳ, ଏବଂ ଏଥିରୁ ଗୋଟିକ ଉପରେ ବିଜୟ ହାସଲ କରିବା ସଂପର୍କରେ ନିଶ୍ଚିତ ହେବାକୁ ହେଲେ ପୂରା ତିନୋଟିଯାକକୁହିଁ ଜୟ କରିବାକୁ ପଡ଼ିବ, ତୁମେ ଯଦି ଗୋଟିକ ଉପରେ ବିଜୟ ଚାହଁ ତେବେ ଅନ୍ୟ ଦୁଇଟି ଉପରେ ମଧ୍ୟ ବିଜୟ ହାସଲ କରିବାକୁ ହେବ । ଯେପର୍ଯ୍ୟନ୍ତ ଏହି ତିନିଟି ଜିନିଷ ଉପରେ – କ୍ଷମତାର ବାସନା, ଅର୍ଥର ବାସନା ଓ କାମର ବାସନା ଉପରେ ତୁମର ବିଜୟ ଓ ପ୍ରଭୁତ୍ୱ ପ୍ରତିଷ୍ଠିତ ହୋଇ ନାହିଁ, ସେପର୍ଯ୍ୟନ୍ତ ଏଥିଭିତରୁ କୌଣସି ଗୋଟିକ ଉପରେ ଦୃଢ଼ ଓ ନିଶ୍ଚିତ ଭାବରେ ତୁମର ଯଥାର୍ଥ କର୍ତ୍ତୃତ୍ୱ ଓ ଅଧିକାର ପ୍ରତିଷ୍ଠିତ ହୋଇଛି ବୋଲି କୁହାଯାଇ ନପାରେ । ଆଜିର ଜଗତରେ ଅର୍ଥ ଉପରେ ଯେଉଁ ବିରାଟ ଗୁରୁତ୍ୱ ଦିଆଯାଉଛି, ତାହା କେବଳ ସ୍ୱୟଂ ଅର୍ଥ ପାଇଁ ନୁହେଁ । କାରଣ ଅଳ୍ପ କେତେକ ନିର୍ବୋଧଙ୍କୁ ଛାଡ଼ିଦେଲେ, ଯେଉଁମାନେ ଖାଲି ଗଦାଗଦା ଅର୍ଥ ଜମାଇ ଚାଲିଥା'ନ୍ତି, ଏବଂ ସେହିପରି ଟଙ୍କା ଜମାଇ ତାକୁ ଖାଲି ଗଣିବାରେହିଁ ସନ୍ତୋଷ ପାଇ ଥାଆନ୍ତି, ସେଇ ମୂର୍ଖମାନଙ୍କୁ ଛାଡ଼ିଦେଲେ ସାଧାରଣତଃ ଲୋକମାନେ ଅର୍ଥ ଚାହାନ୍ତି ଓ ଉପାର୍ଜନ କରନ୍ତି ନିଜର ଭୋଗ କରିବାର ସନ୍ତୋଷ ପାଇଁ । ଆଉ, ଭୋଗ ଓ ବାସନା ଚରିତାର୍ଥ କରିବାର ଜଗତରେ ଏହି ତିନୋଟି ଭିତରୁ ପ୍ରତ୍ୟେକର ବେଶ୍ ଏକ ମୂଲ୍ୟ ଯେ ରହିଛି କେବଳ ସେତିକି ନୁହେଁ, ନିଜର ପୂର୍ଣ୍ଣ ଚରିତାର୍ଥତା ପାଇଁ ଏଥି ଭିତରୁ ଯେକୌଣସି ଗୋଟିଏ ଅନ୍ୟ ଦୁଇଟି ଉପରେ ନିର୍ଭର କରିଥାଏ । ମୁଁ ତୁମକୁ ମୋର ସେହି ସୂକ୍ଷ୍ମଦର୍ଶନ କଥା କହିଛି ଯେଉଁଥିରେ ଏକ ବିରାଟ କୃଷ୍ଣସର୍ପ ପୃଥିବୀର ଧନସଂପଦ, ଜାଗତିକ ସଂପଦ ଓ ଅର୍ଥକୁ ପ୍ରହରୀ ପରି ଜଗି ରହିଥିଲା । ବାଟ ଛାଡ଼ିଦେବା ପାଇଁ ସେ ଦାବି କରିଥିଲା କାମପ୍ରବୃତ୍ତି ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ । କାରଣ କେତେକ ତତ୍ତ୍ୱ ଅନୁସାରେ ସମସ୍ତ କ୍ଷମତା ଅଭିଳାଷର ଶେଷ ଲକ୍ଷ୍ୟ ହେଉଛି ଏହି କାମବାସନାକୁ ଚରିତାର୍ଥ କରିବା, ଏବଂ ଯଦି ଜଣେ ଏହି ବାସନାକୁ ସଂପୂର୍ଣ୍ଣ ଆୟତ୍ତ କରିପାରିବ, ଯଦି ମଣିଷର ଚେତନାରୁ ଏହାକୁ ସଂପୂର୍ଣ୍ଣ ଉଚ୍ଛେଦ କରିଦେଇପାରିବ ତେବେ କ୍ଷମତା ଓ ଅର୍ଥ ପାଇଁ ସମସ୍ତ ଅଭିଳାଷ ଓ ଲିପ୍ସା ଆପେ ଆପେ ଦୂରୀଭୂତ ହୋଇଯିବ । ସ୍ପଷ୍ଟତଃ ଜାଗତିକ ମନୁଷ୍ୟ ଜୀବନ କ୍ଷେତ୍ରରେ ଏହି ତିନୋଟି ବାସନାହିଁ ତିନୋଟି ପ୍ରଧାନ ପ୍ରତିବନ୍ଧକ ଏବଂ ଏଗୁଡ଼ିକ ଉପରେ ବିଜୟ ଲାଭ ନହେଲେ ମନୁଷ୍ୟ ପାଇଁ ପରିବର୍ତ୍ତନ ଓ ରୂପାନ୍ତରର କୌଣସି ଆଶା ନାହିଁ କହିଲେ ଚଳେ ।

*ପ୍ରଶ୍ନ : କାମନା-ବାସନା ଉପରେ ଏକ ବ୍ୟକ୍ତିଗତ ବିଜୟ ଓ ପ୍ରଭୁତ୍ୱ କ'ଣ ଯଥେଷ୍ଟ ନା ଏଥିପାଇଁ ଏକ ସାଧାରଣ ସମଷ୍ଟିଗତ ବିଜୟର ଆବଶ୍ୟକତା ରହିଛି ?*

**ଶ୍ରୀମା :** ଆଃ, ଏଇଟାହିଁ ପ୍ରକୃତ ପ୍ରଶ୍ନ... ସମଷ୍ଟି କ୍ଷେତ୍ରରେ ଅନ୍ତତଃ ଅନୁରୂପ ଆଦୌ କୌଣସି ରୂପାନ୍ତର ନହୋଇ ବ୍ୟକ୍ତିଗତ ଭାବରେ ଏକ ସଂପୂର୍ଣ୍ଣ ରୂପାନ୍ତର ସମ୍ଭବ କି ? ମୋର ମନେହୁଏ ଏହା ସମ୍ଭବ ନୁହେଁ । ବ୍ୟଷ୍ଟି ଓ ସମଷ୍ଟି ଭିତରେ ଏପରି ଏକ ପାରସ୍ପରିକ ନିର୍ଭରଶୀଳତା ରହିଛି ଯେ ସନ୍ନ୍ୟାସୀମାନେ ଯେପରି କହିଥାଆନ୍ତି ଯଦି ତୁମେ ସେହି ପନ୍ଥା ଅନୁସରଣ ନକର ଅର୍ଥାତ୍ ସଂସାରରୁ ପୂରା ପଳାୟନ ନକର, ତାହାକୁ ପୂରା ଛାଡ଼ିଦେଇ ତହିଁରୁ ବାହାରି ନଯାଅ, ତାହା ଯେପରି ରହିଛି ତାହାକୁ ସେହିପରି ରହିବାକୁ ଛାଡ଼ିଦେଇ ତାହାରି ପରିବର୍ତ୍ତନ କାମଟିକୁ ଅନ୍ୟମାନଙ୍କ ଉପରେ ପକାଇ ଦେଇ ସ୍ୱାର୍ଥପରଙ୍କ ଭଳି ଯଦି ତାହାକୁ ପୂରା ଛାଡ଼ି ଚାଲି ନଯାଅ ତେବେ ବ୍ୟକ୍ତିଗତ ଭାବରେ ତୁମର ରୂପାନ୍ତର ଅସମ୍ଭବ, ଏପରିକି ସେପରି କଲେ ଯେ ତୁମେ ନିଶ୍ଚୟ ସଫଳ ହେବ ସେ ସଂପର୍କରେ ମଧ୍ୟ ମୋର ସନ୍ଦେହ ରହିଛି । ଯେ ପର୍ଯ୍ୟନ୍ତ ସମଷ୍ଟି କ୍ଷେତ୍ରରେ ସାମାନ୍ୟ କିଛି ରୂପାନ୍ତର ମଧ୍ୟ ସଂପନ୍ନ ନ ହୋଇଛି ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ତା'ର ସତ୍ତାକୁ ସାମଗ୍ରିକ ଭାବେ ରୂପାନ୍ତରିତ କରିପାରିବା ସମ୍ଭବ କି ? ମୁଁ ଭାବୁ ନାହିଁ ଏହା ସମ୍ଭବ । ମଣିଷର ପ୍ରକୃତି ଯେଉଁ ଅବସ୍ଥାରେ

ରହିଛି ତାହା ସେହିଠାରେହିଁ ରହିଯିବ, – ତୁମ ଚେତନାରେ ଏକ ବିରାଟ ପରିବର୍ତ୍ତନ ଆଣିପାର, ହଁ, ତୁମେ ତୁମର ଚେତନାକୁ ଶୁଦ୍ଧ କରି ଦେଇପାର କିନ୍ତୁ ସଂପୂର୍ଣ୍ଣ ସାମଗ୍ରିକ ବିଜୟ, ଭୌତିକ ରୂପାନ୍ତର – ତାହା ନିଶ୍ଚୟ ଅନେକାଂଶରେ ନିର୍ଭର କରେ ସମଷ୍ଟି କ୍ଷେତ୍ରରେ କିଛି ପରିମାଣରେ ସାମୂହିକ ଅଗ୍ରଗତି ଉପରେ । ବୁଦ୍ଧ ଏପରି କହିବାର ଯଥେଷ୍ଟ କାରଣ ରହିଛି ଯେ ଯେପର୍ଯ୍ୟନ୍ତ ତୁମ ଭିତରେ କାମନାର ଏକ ସ୍ପନ୍ଦନ ରହିଛି, ସେହି ସ୍ପନ୍ଦନ ସାରା ଜଗତରେ ବିସ୍ତାରିତ ହୋଇ ଖେଳିଯିବ, ଏବଂ ଯେଉଁମାନେ ତାହାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିବେ, ସେମାନେ ତାହା ଗ୍ରହଣ କରିବେ । ସେହି ଭାବରେ ଯଦି କାମନାବାସନାର କୌଣସି ସ୍ପନ୍ଦନ ପ୍ରତି ତୁମ ଭିତରେ ସାମାନ୍ୟତମ ଗ୍ରହଣଶୀଳତା ଥାଏ ତା'ହେଲେ ଜଗତରେ କାମନାବାସନାର ଯେଉଁ ସମସ୍ତ ତରଙ୍ଗ ଓ ସ୍ପନ୍ଦନଗୁଡ଼ିକ ନିୟତ ନିରନ୍ତର ଖେଳି ବୁଲୁଛି ତୁମେ ସେଗୁଡ଼ିକ ପ୍ରତି ନିଶ୍ଚୟ ନିଜକୁ ଖୋଲିଦେବ । ସେଇଥିପାଇଁ ତାଙ୍କର ସିଦ୍ଧାନ୍ତ ହେଲା, ଏହି ଭ୍ରମ ଭିତରୁ ପୂରା ବାହାରି ଯାଅ, ଏଥିଭିତରୁ ନିଜକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିନିଅ, ତା'ହେଲେ ଯାଇ ତୁମେ ମୁକ୍ତ ହୋଇପାରିବ । ମୁଁ ଏହାକୁ ଅପେକ୍ଷାକୃତ ଅତ୍ୟନ୍ତ ସ୍ୱାର୍ଥପର ଦୃଷ୍ଟିକୋଣ ବୋଲି ମନେ କରେ, କିନ୍ତୁ ସେ ଏକମାତ୍ର ଏହି ମାର୍ଗଟିକୁହିଁ ଦେଖି ପାରୁଥିଲେ । ଆଉ ଗୋଟିଏ ମାର୍ଗ ରହିଛି, ତାହା ହେଲା ଭଗବତ୍ ଦିବ୍ୟଶକ୍ତି ସଙ୍ଗରେ ଏପରି ଉତ୍ତମରୂପେ ଏକାତ୍ମ ହୋଇଯିବା ଯାହା ଫଳରେ କି ଜଗତରେ ଖେଳି ବୁଲୁଥିବା ସମସ୍ତ ତରଙ୍ଗ ବା ସ୍ପନ୍ଦନଗୁଡ଼ିକ ଉପରେ ସଚେତ ଭାବରେ ନିରନ୍ତର କ୍ରିୟା କରିବା ପାଇଁ ତୁମେ ସମର୍ଥ ହେବ । ତା'ହେଲେ ଅବାଞ୍ଛନୀୟ ସ୍ପନ୍ଦନଗୁଡ଼ିକର ତୁମ ଉପରେ ଆଉ କୌଣସି ପ୍ରଭାବ ରହିବ ନାହିଁ, ବରଂ ସେଗୁଡ଼ିକୁ ତୁମେ ପ୍ରଭାବିତ କରିପାରିବ ଅର୍ଥାତ୍ କୌଣସି ଅବାଞ୍ଛନୀୟ ସ୍ପନ୍ଦନ ତୁମ ଅଲକ୍ଷ୍ୟରେ ଆସି ତୁମ ଭିତରେ ପ୍ରବେଶ କରି ସେଠାରେ କ୍ରିୟା କରିବା ପରିବର୍ତ୍ତେ ତୁମେ ସେହି ସ୍ପନ୍ଦନଟିକୁ ଚିହ୍ନି ନେଇପାରିବ ଓ ପହଞ୍ଚିବା ମାତ୍ରେ ତାହାକୁ ସଙ୍ଗେ ସଙ୍ଗେ ରୂପାନ୍ତରିତ କରିବା ପାଇଁ ତାହା ଉପରେ କ୍ରିୟା କରିପାରିବ । ସେତେବେଳେ ତାହା ରୂପାନ୍ତରିତ ହୋଇ ନିଜର ମଙ୍ଗଳପ୍ରଦ କାମ କରିବା ପାଇଁ ପୁଣି ସଂସାର ଭିତରକୁ ଫେରିଯିବ ଓ ସେହି ଧରଣର ରୂପାନ୍ତର ସାଧନ ପାଇଁ ଅନ୍ୟମାନଙ୍କୁ ପ୍ରସ୍ତୁତ କରିବ । ଶ୍ରୀଅରବିନ୍ଦ ତାଙ୍କର ଉପଦେଶରେ ଠିକ୍ ଏହାହିଁ କହିଛନ୍ତି, ଅଧିକ ସ୍ପଷ୍ଟ ଭାବରେ କହିଲେ ତୁମକୁ ସେ ଏହାହିଁ କରିବାକୁ କହିଛନ୍ତି, ଆମଠାରୁ ସେ ଏହାହିଁ ଚାହାନ୍ତି ।

ସବୁ ପରିତ୍ୟାଗ କରି ପଳାୟନ କରିବା ପରିବର୍ତ୍ତେ ବିଜୟର ଏକ ଶକ୍ତିକୁ ଆମ ଭିତରେ ଆଣିବାକୁ ହେବ ।

ଏହା ମଧ୍ୟ ମନେରଖ ଯେ ଜିନିଷଗୁଡ଼ିକୁ ଏପରି ଭାବରେ ବ୍ୟବସ୍ଥିତ ଓ ସୁସଜ୍ଜିତ କରି ରଖାଯାଇଛି ଯେ ଯଦି ତୁମ ଭିତରେ କେଉଁଠି ଅତିକ୍ଷୁଦ୍ର ଅଣୁଟିଏ ଆକାରର ଉଚ୍ଚାଭିଳାଷ ମଧ୍ୟ ରହିଥାଏ, ଏବଂ ନିଜର ବ୍ୟକ୍ତିଗତ ସନ୍ତୋଷ ବା ବାସନା ଚରିତାର୍ଥ କରିବା ଦିଗରେ ତୁମେ ଯଦି ଏହି ଦିବ୍ୟଶକ୍ତିକୁ ବ୍ୟବହାର କରିବା ପାଇଁ ମନ ବଳାଅ ତେବେ ତୁମେ କେବେହେଲେ ଏହି ଶକ୍ତିକୁ ହସ୍ତଗତ କରିପାରିବ ନାହିଁ, ଏହା କେବେହେଲେ ତୁମ ନିକଟକୁ ଆସିବ ନାହିଁ । ପ୍ରାଣ ଓ ଭୌତିକ ଜଗତରେ ଏହି ଶକ୍ତିର ସଚରାଚର ଯେଉଁ ବିକୃତ ଓ ସୀମିତ ରୂପ ଦେଖାଯାଏ ତୁମେ ସେଗୁଡ଼ିକୁ ଅକ୍ତିଆର କରିପାର; ଅନେକେ ସେପରି ଶକ୍ତିର ଅଧିକାରୀ ହୋଇଛନ୍ତି, କିନ୍ତୁ ଯଥାର୍ଥ ଦିବ୍ୟଶକ୍ତି, ଶ୍ରୀଅରବିନ୍ଦ ଯାହାକୁ ଅତିମାନସ ଶକ୍ତି ବୋଲି କହିଛନ୍ତି, ତୁମେ ଯଦି ସଂପୂର୍ଣ୍ଣ ଭାବରେ ସମସ୍ତ ପ୍ରକାର ଅହଂରୁ ମୁକ୍ତ ନହୁଅ ତେବେ ତୁମେ କେବେହେଲେ ଏହି ଶକ୍ତିକୁ ଅଭିବ୍ୟକ୍ତ କରିପାରିବ ନାହିଁ । ତେଣୁ ଏହି ଶକ୍ତି ପାଇଁ ଦୁରୁପଯୋଗର କୌଣସି ବିପଦ ନାହିଁ । ଯେଉଁ ବ୍ୟକ୍ତି ଆନ୍ତର ନିରାସକ୍ତି ଓ ନିଷ୍କାମତାରେ ସଂପୂର୍ଣ୍ଣ ସିଦ୍ଧି ଲାଭ କରି ନାହାନ୍ତି ସେପରି କୌଣସି ବ୍ୟକ୍ତିଙ୍କ ମାଧ୍ୟମରେ ଏହି ଶକ୍ତି ଅଭିବ୍ୟକ୍ତ ହୋଇପାରିବ ନାହିଁ, ମୁଁ ତୁମକୁ ଯାହା କହିଛି ଶ୍ରୀଅରବିନ୍ଦ ଆମଠାରୁ ଏହାହିଁ ଆଶା କରନ୍ତି – ତୁମେ କହିପାର ଏହା ଖୁବ୍ କଷ୍ଟସାଧ୍ୟ, କିନ୍ତୁ ମୁଁ ପୁଣିଥରେ ସେହି କଥାରହିଁ ପୁନରାବୃତ୍ତି କରିବି ଯେ ଆମେ ଏଠାରେ ସହଜ କାମ କରିବା ପାଇଁ ରହି ନାହୁଁ, କଷ୍ଟସାଧ୍ୟ କାମଗୁଡ଼ିକୁ ସଂପନ୍ନ କରିବା ପାଇଁହିଁ ଆମେ ଏଠାରେ ରହିଛୁ ।

(CWM Vol. 4, pp. 380 -382) ✥

# ଦିବ୍ୟଲୀଳା

## ଶ୍ରୀଅରବିନ୍ଦ

ବଦ୍ଧଜୀବ ଭାବରେ ଆମେ ଲୀଳାଖେଳା କରୁ; କିନ୍ତୁ ପ୍ରକୃତରେ ଆମେ ବଦ୍ଧଜୀବ ନୋହୁଁ । ଭଗବାନ୍ ଇଚ୍ଛା କଲେହିଁ ଆମେ ମୁକ୍ତ ହୋଇ ପାରିବୁ । କାରଣ ସେହିଁ ହେଉଛନ୍ତି ଆମର ପରମାତ୍ମା ଆମ ଖେଳର ଅଧିନାୟକ । ତାଙ୍କର ଦିବ୍ୟକୃପା ଓ ଅନୁମତି ବିନା କୌଣସି ଆତ୍ମା ଏ ଖେଳକୁ ଛାଡ଼ି ଯାଇ ପାରିବ ନାହିଁ ।

ତାଙ୍କ ଆଜ୍ଞା ମିଳିସାରିଛି । ଭଗବାନ୍ ତାଙ୍କ କାର୍ଯ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ଦେଶକୁ ବାଛନ୍ତି; ଯେଉଁ ଦେଶରେ, ପରମ ଜ୍ଞାନକୁ ସମସ୍ତ ସୁଯୋଗ ଓ ବିପଦ ମଧ ଦେଇ, ଅଳ୍ପସଂଖ୍ୟକ ବା ବହୁସଂଖ୍ୟକ ବ୍ୟକ୍ତିଙ୍କ ଦ୍ୱାରା ବରାବର ରକ୍ଷା କରାହୋଇଥାଏ; ଅନ୍ତତଃ ଚଳିତ ଚତୁର୍ଯୁଗ ପାଇଁ ସେହି ଦେଶଟି ହେଉଛି ଭାରତବର୍ଷ । ଯେତେବେଳେ ଭଗବାନ୍ ଅଜ୍ଞାନତା, ଦ୍ୱନ୍ଦ୍ୱ, ସଂଘର୍ଷ, ତୀବ୍ର କ୍ରୋଧ, ଅଶ୍ରୁ, ଦୁର୍ବଳତା ଓ ସ୍ୱାର୍ଥପରତା, ତାମସିକ ଓ ରାଜସିକ ଆମୋଦ-ପ୍ରମୋଦ, ସଂକ୍ଷେପରେ କହିଲେ କାଳୀଙ୍କର ଲୀଳା ଉପଭୋଗ କରିବାକୁ ଚାହାନ୍ତି, ସେତେବେଳେ ସେ ଭାରତ ମଧରେ ଜ୍ଞାନର ପ୍ରଦୀପକୁ ସ୍ତିମିତ କରନ୍ତି; ଏବଂ ଭାରତକୁ ଦୁର୍ବଳତା ଓ ଅଧଃପତନ ମଧକୁ ଯିବାକୁ ଛାଡ଼ି ଦିଅନ୍ତି । କାରଣ ତଦ୍ଦ୍ୱାରା ସେ ନିଜର ଅବସର ମଧକୁ ଚାଲିଯିବ ଏବଂ ଭଗବାନଙ୍କ ଲୀଳାରେ ଆଉ ହସ୍ତକ୍ଷେପ କରିବ ନାହିଁ । ପୁଣି ସେ ଯେତେବେଳେ କର୍ଦ୍ଦମ ମଧରୁ ଉଠି ଆସିବାକୁ ଚାହାନ୍ତି, ଯେତେବେଳେ ସର୍ବଘଟସ୍ଥିତ ନାରାୟଣ ହୋଇଉଠନ୍ତି ଶକ୍ତିମାନ୍, ପ୍ରବୁଦ୍ଧ ଓ ଆନନ୍ଦମୟ, ସେତେବେଳେ ସେ ଆହୁରି ଥରେ ଭାରତବର୍ଷ ଉପରେ ଜ୍ଞାନ ଢାଳି ଦିଅନ୍ତି ଏବଂ ତାକୁ ଜାଗ୍ରତ୍ କରାନ୍ତି, ଯଦ୍ଦ୍ୱାରା ଭାରତ ସେହି ଜ୍ଞାନକୁ ଏବଂ ଜ୍ଞାନସମ୍ଭୂତ ଶକ୍ତି, ପ୍ରଜ୍ଞା ଓ ଆନନ୍ଦକୁ ସାରା ଜଗତକୁ ପ୍ରଦାନ କରିବ । ଯେତେବେଳେ ଜ୍ଞାନର ଗତିବୃତ୍ତି ବା ପରିସ୍ଫୁରଣ ସଂକୁଚିତ ହୋଇଥାଏ, ଭାରତର ଯୋଗୀମାନେ ସଂସାର-ଜୀବନରୁ ଅପସରି ଯାଇ ଯୋଗସାଧନା ଆରମ୍ଭ କରନ୍ତି । ତାହା ସେମାନେ କରନ୍ତି ନିଜର ମୁକ୍ତି ଓ ଆନନ୍ଦ ପାଇଁ କିଂବା କେତେକ ଶିଷ୍ୟଙ୍କର ମୁକ୍ତି ପାଇଁ । କିନ୍ତୁ ଜ୍ଞାନର ପରିସର ଯେତେବେଳେ ବିସ୍ତାର ଲାଭକରେ, ଏବଂ ଏହା ସହିତ ମହାନ୍ ଭାରତବର୍ଷର ଆତ୍ମା ମଧ ବିସ୍ତାର ଲାଭକରେ, ସେତେବେଳେ ସେମାନେ ପୁନଶ୍ଚ ଆଗେଇ ଆସିଥା'ନ୍ତି ଏବଂ ପୃଥିବୀ ପାଇଁ ଓ ପୃଥିବୀରେହିଁ କାର୍ଯ୍ୟ କରନ୍ତି । ଜନକ, ଅଜାତଶତ୍ରୁ ଓ କାର୍ତ୍ତବୀର୍ଯ୍ୟଙ୍କ ପରି ଯୋଗୀମାନେ ପୁନଶ୍ଚ ସିଂହାସନାସୀନ ହୁଅନ୍ତି ଓ ଦେଶସବୁକୁ ଶାସନ କରନ୍ତି ।

ମଣିଷ ମଧରେ ଭଗବାନଙ୍କ ଲୀଳା ବୃତ୍ତାକାରରେ ଗତି କରିଥାଏ — ସତ୍ୟଯୁଗରୁ କଳିଯୁଗକୁ ଏବଂ ପୁଣି କଳିଯୁଗର ମଧଦେଇ ସତ୍ୟଯୁଗକୁ । ସୁବର୍ଣ୍ଣଯୁଗରୁ ଲୌହଯୁଗ ଏବଂ ପୁଣି ଲୌହଯୁଗ ମଧ ଦେଇ ସୁବର୍ଣ୍ଣଯୁଗକୁ । ... କିନ୍ତୁ କଳିଯୁଗ ଯେ କେବଳ ମନ୍ଦରେ ପୂର୍ଣ୍ଣ ତାହା ନୁହେଁ; ବରଂ ଏହା ମଧରେ ଏକ ନୂତନ ସତ୍ୟଯୁଗ ପାଇଁ ଆବଶ୍ୟକ ଅବସ୍ଥାସବୁ, ଆଉ ଏକ ସଂଗତି ଓ ଅଧିକ ଏକ ପୂର୍ଣ୍ଣତା ଅତି କ୍ଷିପ୍ରଗତିରେ ଗଢ଼ି ଉଠିଥାଏ ।

କେବଳ ଭାରତହିଁ ସେହି ସଂଗତିକୁ ଆବିଷ୍କାର କରିପାରେ । କାରଣ ମଣିଷର ବର୍ତ୍ତମାନ ପ୍ରକୃତିର ପରିବର୍ତ୍ତନ ଦ୍ୱାରା କେବଳ ସେହି ସଂଗତି ବିକାଶ ଲାଭ କରିବ, ପ୍ରକୃତିର ପୁନର୍ବ୍ୟବସ୍ଥା ଦ୍ୱାରା ନୁହେଁ; ମଣିଷର ସ୍ୱଭାବରେ ଓ ସମସ୍ତକିଛିରେ ଦେଖା ଦେଇଛି ଅମେଳ; ସଂଗତି ହୋଇ ଉଠିଛି ବେସୁରା । ମଣିଷର ସମଗ୍ର ହୃଦୟ, କ୍ରିୟା ଓ ମନର ପରିବର୍ତ୍ତନ ଆବଶ୍ୟକ, କିନ୍ତୁ ତାହା ହେବ ଭିତର ଆଡୁ, ବାହାର ଆଡୁ ନୁହେଁ । ରାଜନୈତିକ ଓ ସାମାଜିକ ଅନୁଷ୍ଠାନ ଦ୍ୱାରା ନୁହେଁ । ଏପରିକି ଧାର୍ମିକ ବା ଦାର୍ଶନିକ ପରିପ୍ରେକ୍ଷୀରୁ ମଧ ନୁହେଁ । ଏହା ହେବ ଆମ ମଧ୍ୟରେ ଓ ପୃଥିବୀରେ ଭଗବାନଙ୍କୁ ଉପଲବ୍ଧି କରିବା ଦ୍ୱାରା; ଏବଂ ସେହି ଉପଲବ୍ଧି ମାଧ୍ୟମରେ ଜୀବନକୁ ପୁନର୍ଗଠନ କରିବା ଦ୍ୱାରା । ତାହା କେବଳ ପୂର୍ଣ୍ଣଯୋଗ ଦ୍ୱାରାହିଁ ସମ୍ଭବ । ଏହି ପୂର୍ଣ୍ଣଯୋଗ ଆମ ମଧରେ ଓ ଅନ୍ୟମାନଙ୍କ ମଧରେ, ଏକ ଦିବ୍ୟ-ମଣିଷଜାତିର ଉଦ୍ଭବ ସକାଶେହିଁ ଉଦ୍ଦିଷ୍ଟ ।

ଏହି ପୂର୍ଣ୍ଣଯୋଗ ପାଇଁ ସମର୍ପଣ ପୂର୍ଣ୍ଣାଙ୍ଗ ହେବା ଉଚିତ । କୌଣସି କିଛିକୁ ଯେପରି ସମର୍ପଣ ନ କରି ସଂରକ୍ଷିତ ରଖିବ ନାହିଁ । କୌଣସି ଅଭିଳାଷ ନୁହେଁ; କୌଣସି ଦାବି ନୁହେଁ, କୌଣସି ମତ ନୁହେଁ, ବା ଏପରି କୌଣସି ଧାରଣା ରଖିବ ନାହିଁ ଯେ ଏହା ନିଶ୍ଚିତ ଭାବରେ ହେବ ବା ଏହା କେବେ ହେବ ନାହିଁ, କିଂବା ଏହା ହେବା ଉଚିତ, ବା ଏହା ହେବା ଅନୁଚିତ — ସମସ୍ତ-କିଛିକୁ ସମର୍ପଣ କରି ଦିଆଯିବ ।

ଯେଉଁମାନେ ଭଗବାନଙ୍କ ନିକଟରେ ଦାବି କରନ୍ତି ସେମାନଙ୍କୁ ଭଗବାନ୍ ସେମାନଙ୍କର ବାଞ୍ଛିତ ଫଳ ଦେଇଥା'ନ୍ତି । କିନ୍ତୁ ଯେଉଁମାନେ କିଛି ବି ଦାବି ନ କରି ନିଜକୁ ଭଗବାନଙ୍କ ନିକଟରେ ଉତ୍ସର୍ଗ କରି ଦିଅନ୍ତି, ସେମାନଙ୍କୁ ଭଗବାନ୍ ସେମାନଙ୍କର ଆବଶ୍ୟକ ସବୁକିଛି ଦିଅନ୍ତି ଏବଂ ଉପରନ୍ତୁ ସେମାନଙ୍କୁ ଭଗବାନ୍ ନିଜକୁ ଦେଇ ଦେଇଥା'ନ୍ତି; ଆହୁରି ମଧ୍ୟ ଦେଇଥା'ନ୍ତି ତାଙ୍କ ଗଭୀର ପ୍ରେମର ସ୍ୱତଃସ୍ଫୂର୍ତ୍ତ ଐଶ୍ୱର୍ଯ୍ୟ ।

ତୁମେ କ'ଣ ଚାହଁ ସେ କଥା ଛାଡ଼ି ଦିଅ; ଏବଂ ଜାଣିବାକୁ ଚେଷ୍ଟା କର ଭଗବାନ୍ କ'ଣ ଚାହାନ୍ତି । ତୁମର ହୃଦୟ, ତୁମର ରାଗ-ଅନୁରାଗ ବା ତୁମର ଗତାନୁଗତିକ ମତସବୁ ଯାହାକୁ ନିର୍ଭୁଲ ଓ ଆବଶ୍ୟକ ବୋଲି ଧରି ବସେ ସେସବୁକୁ ଆଦୌ ବିଶ୍ୱାସ କର ନାହିଁ ... । ଯେଉଁ ଶକ୍ତି ସମଗ୍ର ଜଗତକୁ ଶାସନ କରୁଛି, ଅନ୍ତତଃ ସେ ତୁମରି ପରି ବିଜ୍ଞ ହୋଇଥିବ, ଅତଏବ ତାଙ୍କ ପରିଚାଳନା ଓ ବିଧିବ୍ୟବସ୍ଥାରେ ସେ ସର୍ବଦା ତୁମ ସହିତ ପରାମର୍ଶ କରିବେ ବା ତୁମକୁ ସେଥିରେ ସଂପୃକ୍ତ କରିବା ଯେ ଏକାନ୍ତ ଆବଶ୍ୟକ, ତାହା ନୁହେଁ । ଭଗବାନ୍ ଏସବୁର ଦାୟିତ୍ୱ ସ୍ୱୟଂ ନେଇଛନ୍ତି ।

ତୁମର ଅଭ୍ୟୁତ୍ଥାନ ପାଇଁ ଏକ ସର୍ବଶକ୍ତିମାନ୍ ପ୍ରେମ ଓ ପ୍ରଜ୍ଞା ସର୍ବଦା କାର୍ଯ୍ୟରତ । ତେଣୁ ସମୟ ଯେତେ ଲାଗିଲେ ମଧ୍ୟ, ଏପରିକି ତାହା ଯେତେ ଦୀର୍ଘ ମନେହେଲେ ମଧ୍ୟ ସେ ବିଷୟରେ ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ । କିନ୍ତୁ ଯେତେବେଳେ ଅଶୁଦ୍ଧତା ଓ ନାନା ବାଧାବିଘ୍ନ ଦେଖାଦେବେ, ସେତେବେଳେ ତୁମେ ହେବ ଅପ୍ରମତ୍ତ, ଧୀର; ଉତ୍ସାହ ରଖ, ଆଉ ବାକି ସବୁକିଛିକୁ ଭଗବାନଙ୍କ ହାତରେ ଛାଡ଼ି ଦିଅ । ସେଥିପାଇଁ ସମୟ ଲୋଡ଼ା; ତୁମ ମଧ୍ୟରେ ଏକ ମହାନ୍ କାର୍ଯ୍ୟ ସଂପନ୍ନ ହେଉଛି । ତାହା ହେଲା ସମଗ୍ର ମଣିଷପ୍ରକୃତିକୁ ଦିବ୍ୟପ୍ରକୃତିରେ ପରିବର୍ତ୍ତନ କରିବା; ମାତ୍ର ଅଳ୍ପ କେତେକ ବର୍ଷ ମଧ୍ୟରେ ସମଗ୍ର ବିବର୍ତ୍ତନର ଶତ ଶତ ବର୍ଷର କାର୍ଯ୍ୟ କରାହେଉଛି; ତେଣୁ ସମୟ ବିଷୟରେ ତୁମେ କେବେ ହେଲେ ଚିନ୍ତା କର ନାହିଁ । ଆମ ପାଇଁ ଯେଉଁ ଲକ୍ଷ୍ୟ ସ୍ଥିର କରାଯାଇଛି ଏବଂ ଯେଉଁଥିପାଇଁ ଆମେ ଉଦ୍ଦିଷ୍ଟ, ତାହା ହେଉଛି ଭଗବାନଙ୍କ ସ୍ୱରୂପ ମଧ୍ୟକୁ ଉତ୍ତୀର୍ଣ୍ଣ ହେବା, ତାଙ୍କ ମଧ୍ୟରେ ଓ ତାଙ୍କ ସହିତ ବାସ କରିବା; ତାଙ୍କର ଆନନ୍ଦ ଓ ଶକ୍ତି ପାଇଁ ଆମେ ହୋଇଉଠିବା ଏକ ପ୍ରଣାଳୀ ଓ ତାଙ୍କ କାର୍ଯ୍ୟ ପାଇଁ ଏକ ମାଧ୍ୟମ । ଯାହାକିଛି ଅଶୁଦ୍ଧ ସେସବୁକୁ ବିଶୁଦ୍ଧ କରି, ତାଙ୍କରି ସ୍ପର୍ଶ ଦ୍ୱାରା ଆତ୍ମାର ରୂପାନ୍ତର ସାଧନ କରି, ଆମକୁହିଁ ସାରା ପୃଥିବୀରେ ଭଗବାନଙ୍କର ଦିବ୍ୟ-ବିଦ୍ୟୁତ୍‌ଶକ୍ତିର ଏକ କ୍ରିୟାଶୀଳ ଯନ୍ତ୍ର ରୂପେ କାର୍ଯ୍ୟ କରିବାକୁ ହେବ । ତା'ପରେ ଏହି ଶକ୍ତି ଆମରି ମଧ୍ୟରୁ ଉତ୍ସାରିତ ହେବ ସାରା ମାନବଜାତି ମଧ୍ୟକୁ । ତାହା ହେଲେ ଯେତେବେଳେ, ଆମ ମଧ୍ୟରୁ ଜଣେ ଯେଉଁଠି ଥିବ, ତାହାର ଚତୁଃପାର୍ଶ୍ୱରେ ଥିବା ଶତ ଶତ ବ୍ୟକ୍ତି ଭଗବାନଙ୍କ ଆଲୋକ ଓ ଶକ୍ତିରେ ପୂର୍ଣ୍ଣ ହେବେ, ଭଗବତ୍ ଭାବ ଓ ଆନନ୍ଦରେ ପୂର୍ଣ୍ଣ ହେବେ ।

ଗିର୍ଜା ଆଦି ଧର୍ମସଂସ୍ଥା, ଧର୍ମମତ, ଦର୍ଶନତତ୍ତ୍ୱ ପ୍ରଭୃତି ମଣିଷଜାତିକୁ ଯଥାର୍ଥରେ ରକ୍ଷା କରିବା ପାଇଁ ଅସମର୍ଥ ହୋଇଛନ୍ତି । କାରଣ ସେମାନେ ବେଶୀ ଭାଗରେ ବୁଦ୍ଧିଗତ ମତବାଦ, ଧର୍ମମତ, ଧର୍ମଗତ ନିୟମ, ଶୃଙ୍ଖଳା, ଅନୁଷ୍ଠାନ, ଆଚାର, ଶୁଦ୍ଧି ଓ ଦର୍ଶନ ପ୍ରଭୃତି ନେଇ ବ୍ୟସ୍ତ ଥିଲେ; ସତେ ଅବା ଏହିସବୁ ମଣିଷଜାତିକୁ ତ୍ରାଣ କରିବ । ପ୍ରକୃତରେ ଯାହା ଏକାନ୍ତ ଆବଶ୍ୟକ, ତାହା ହେଉଛି ଅନ୍ତରାତ୍ମାର ଶକ୍ତି ଓ ବିଶୁଦ୍ଧୀକରଣ; ତାହାକୁହିଁ ସେମାନେ ଉପେକ୍ଷା କରୁଥିଲେ ।

ଅବତାର ଯେଉଁ କାରଣରୁ ପୃଥିବୀ ଉପରେ ଜନ୍ମ ନେଇଥା'ନ୍ତି, ତାହା ହେଉଛି ମଣିଷ-ଜାତିର ବାରଂବାର ଅଭ୍ୟୁତ୍‌ଥାନ ସକାଶେ; ତାହା ମଧ୍ୟରେ ଏକ ଉଚ୍ଚରୁ ଉଚ୍ଚତର ମାନବ ଚେତନାର ବିକାଶ କରିବା ନିମନ୍ତେ, ଏବଂ ଅଧିକରୁ ଅଧିକ ମହାନ୍ ଦିବ୍ୟସତ୍ତାର ବିକାଶ ସକାଶେ । ଯେପର୍ଯ୍ୟନ୍ତ ଆମ ଶ୍ରମ ସାର୍ଥକ ହୋଇ ନାହିଁ, କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନାହିଁ, ଏବଂ ଯେପର୍ଯ୍ୟନ୍ତ ସଚ୍ଚିଦାନନ୍ଦ ସମସ୍ତଙ୍କ ମଧ୍ୟରେ ଏପରିକି ଜଡ଼ ଜଗତରେ ପୂର୍ଣ୍ଣ ପ୍ରକଟିତ ହୋଇ ନାହାନ୍ତି, ସେ ପର୍ଯ୍ୟନ୍ତ ବାରଂବାର ଏହି ପୃଥିବୀ ଉପରକୁ ଅଧିକରୁ ଅଧିକ ମାତ୍ରାରେ ସ୍ୱର୍ଗକୁ ଆନୟନ କରାଯାଉଥିବ ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା : ୧୫-୨୧) ❖

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ପ୍ରସଙ୍ଗ କ୍ରମେ

କବି କହିଛନ୍ତି ସଙ୍କଟ ସମୟରେ ପରସ୍ପରର ଅଜ୍ଞାତ ଦୁଇଟି ପ୍ରାଣୀ ଗୋଟିଏ ସ୍ଥାନରେ ଏକତ୍ର ରହିଯାଆନ୍ତି କିନ୍ତୁ ସୁରେନ୍ଦ୍ର ନାଥ ବାନାର୍ଜୀ ଏବଂ ମିଃ. ଏନ୍. ଏନ୍. ଘୋଷ ଏ ଦୁହେଁ ଯେତେବେଳେ ଗୋଟିଏ ରାଜନୈତିକ ଚାଦର ତଳେ ଢାଙ୍କି ହୋଇ ରହିଥିଲେ ତାହା ସେମିତି କୌଣସି ଖାମଖିଆଲି ଅଜ୍ଞତାବଶତଃ ଘଟି ନଥିଲା । ଏମିତି ଏକ ସମୟ ଥିଲା ଯେତେବେଳେ ଜଣେ ମେଟ୍ରୋପଲିଟାନ୍ କଲେଜରୁ ନାସିକାର ରହସ୍ୟାବୃତ କୁଞ୍ଚନରେ ଆପଣାର ପ୍ରଶସ୍ତି ଗାନ କରି କରି ଓ ଆରଜଣକ ବହୁ ଆଡ଼ମ୍ବରପୂର୍ଣ୍ଣ ଠାଣିରେ ଗୁରୁଗମ୍ଭୀର କଣ୍ଠ ତୋଳି ଜନନାୟକ (Tribune) ରୂପେ ନିଜ ନିଜର ରାଜନୀତି ଭିତରେ ଅଲଗା ଅଲଗା ଜନମତ ସଂଗ୍ରହ କରି ଚାଲିଥିଲେ । 'ଦି ସିନିକ୍' (Cynic)ରେ ଅଳସଭରା ବିରକ୍ତିକର କଥନଶୈଳୀ ପ୍ରତି ଏକ ନାହିଁ ନଥିବା ଅବଜ୍ଞା ଭାବ ପ୍ରଦର୍ଶନ କରିଥିଲା 'ଦି ଟ୍ରିବ୍ୟୁନ୍' । ଆଉ ବିଫଳ ପ୍ରୟାସୀ ସିନିକ୍ ସଫଳକାମୀ ଟ୍ରିବ୍ୟୁନ୍‌କୁ ତା ଈର୍ଷାର ଶାଣିତ ବିଷଦନ୍ତରେ ବରାବର ଚୋଟ ପରେ ଚୋଟ ମାରି ଚାଲିଥିଲା । ସବୁ ସତରେ କେମିତି ବଦଳି ଯାଇଛି ! ଉଭୟଙ୍କ ଉପରକୁ ଭାଗ୍ୟର ବିପର୍ଯ୍ୟୟ ଘନେଇ ଆସିଛି, ଚରମବାଦର ପ୍ଲାବନ ସମଗ୍ର ରାଜନୈତିକ ଜଗତକୁ ଗ୍ରାସ କରିଯାଇଛି; ଆଉ ଏକାନ୍ତବାସୀ ବିଦ୍ୱାନ୍ ଜଣକ ସହର୍ଷ ବଦନରେ ନିଜର ଠାଣି ଦେଖେଇବେ ଯେପରି ଜଣେ ରାଜନୀତିଜ୍ଞ ନିର୍ବାଚିତ ଛୋଟ ଅରାରତ୍ (Ararat)ଙ୍କ ପାଖରୁ ସୁରକ୍ଷା ପ୍ରଦାନକାରୀ ନିଜ ବାହୁକୁ ସଙ୍କୁଚିତ କରି ଆଣନ୍ତି କଷ୍ଟ ପାଉଥିବା ଜଣେ ମହାମାନବଙ୍କ ଉଦ୍ଦେଶ୍ୟରେ । ମୂଷିକଟିଏ କେଶରୀକୁ ସୁରକ୍ଷା ପ୍ରଦାନ କରୁଛି ଏବଂ ମିଃ. ଏନ୍. ଏନ୍. ଘୋଷ ଚରମପନ୍ଥୀମାନଙ୍କ ଆକ୍ରମଣ ବିରୋଧରେ ମହାନ୍ ସୁରେନ୍ଦ୍ରନାଥଙ୍କୁ ସମର୍ଥନ ଜ୍ଞାପନ କରିବାକୁ ଯାଇ ସ୍ୱାଭାବିକ ଇତିହାସର ଏକ ବିଚିତ୍ର ବ୍ୟତିକ୍ରମରେ ନିଜକୁ ସଖାର ଦୃଶ୍ୟରେ ଉପସ୍ଥାପିତ କରିଛନ୍ତି । ବାବୁ ସୁରେନ୍ଦ୍ରନାଥ ଯାହାକିଛି ହୋଇଥାଆନ୍ତୁ ନା କାହିଁକି ସେ ଜଣେ ମହାନ୍ ପୁରୁଷ, ଏକ ପ୍ରତିଭା, ଏକ ବିରଳ ବ୍ୟକ୍ତିତ୍ୱ ଯିଏ ଇତିହାସରେ ବଞ୍ଚି ରହିଥିବେ ଯୁଗ ଯୁଗ ଧରି ଏବଂ ମିଃ. ଏନ୍. ଏନ୍. ଘୋଷଙ୍କ ଦ୍ୱାରା ସେ ସୁରକ୍ଷିତ ରହିବେ, ସତରେ, ବାସ୍ତବିକ ! ଆମ ସ୍ୱନାମଧନ୍ୟ ଟ୍ରିବ୍ୟୁନ୍‌ଙ୍କୁ ଏଇ ନିକଟରେ ଯେତେ ଯେତେ ଅପମାନ ଗ୍ରାସ କରିଯାଇଛି ତନ୍ମଧ୍ୟରୁ ଏଇଟା ନିଶ୍ଚିତଭାବେ ସବୁଠୁ କଦର୍ଯ୍ୟ ।

*

ମୂଷିକ ଯେ କେଶରୀର ଜୀବନ ରକ୍ଷା କରିଥିଲା ଏକଥା ଯଦିବା ମିଃ. ଏନ୍. ଏନ୍. ଘୋଷ ଆମକୁ ଆଉ ଥରେ ସ୍ମରଣ କରେଇ ଦେଇଛନ୍ତି ତଥାପି ସଇତାନ ତା' ପାପକୁ ଧିକ୍କାର କରିଛି ବୋଲି ବଳ ପୂର୍ବକ ମନେ ପକେଇଛନ୍ତି । ଏଇ ଭଦ୍ର ଆଉ ମାର୍ଜିତ ସମାଲୋଚକଙ୍କର କେତେଗୁଡ଼ିଏ ବଛା ବଛା ଉପାଧିକୁ ଆମେ ସଂଗ୍ରହ କରିଛୁ ଯାହା ମାଧ୍ୟମରେ ସେ ନୂଆ ଦଳକୁ ତାଙ୍କର ଗତାନୁଗତିକ ମଧୁର ଆଉ ସୌଜନ୍ୟମୂଳକ ବିଚାରବୋଧ ସହିତ ବର୍ଣ୍ଣନା କରିଛନ୍ତି । ''ଯେଉଁ ମଣିଷମାନେ ନିଜ ଗୌରବର ଡିଣ୍ଡିମକୁ ନିଜେ ପିଟନ୍ତି ଏବଂ ବେଶ୍ ଅନନ୍ୟ ଶୈଳୀରେ ସେମାନେ ଅନ୍ୟମାନଙ୍କ ଦ୍ୱାରା ଗୌରବାନ୍ୱିତ ହୋଇଯାଆନ୍ତି ।'' ''ନୂତନ ବିଚାରଧାରାର ଗୋଷ୍ଠୀ ପାଖରେ ଅଶାଳୀନ ମନ୍ତବ୍ୟ ଓ ଦଳୀୟ ଭାବନା ବ୍ୟତିରେକେ ନିଜର ସ୍ୱତନ୍ତ୍ର ପରିଚୟ ବୋଲି ଆଉ ବିଶେଷ କିଛି ନାହିଁ ।'' ''ଏହାର ରାଜନୀତି ହେଲା ସେମିତି କିଛି କର ନାହିଁ ।'' ''ଏଇ ଗୋଷ୍ଠୀର ମତିଗତି ହେଉଛି ସେମାନେ ନାଁ ଏହାର ସଦୁପଯୋଗ କରିବେ ନା ଅନ୍ୟ କାହାରିକୁ ସଦୁପଯୋଗ କରିବାକୁ ଦେବେ ।'' ''ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ଅଯଥା ଗାଳି ଗୁଲଜ କରି ଏହା ନିଜକୁ ଅପଯଶଃ ଭିତରେ ବୁଡ଼େଇ ରଖିବାକୁ ଚାହୁଁଛି ।'' ''ନୂତନ ଗୋଷ୍ଠୀ ଭିତରେ ବ୍ୟକ୍ତିଗତ ବିଦ୍ୱେଷହିଁ ସ୍ୱଦେଶ ପ୍ରେମ ଆଳରେ କାର୍ଯ୍ୟ କରି ଚାଲିଥିଲା ।'' କେଉଁ ଔଚିତ୍ୟବୋଧରେ ଏଇ ବାକ୍ୟଗୁଡ଼ିକ ବର୍ଷ ପରେ ବର୍ଷ ଧରି ମିଃ. ଏନ୍. ଏନ୍. ଘୋଷଙ୍କ ରାଜନୈତିକ ହାବଭାବକୁ ତୋଳି ଧରିଛି ତାକୁ ଲକ୍ଷ୍ୟ କଲେ ଅତ୍ୟନ୍ତ ବିସ୍ମିତ ହେବାକୁ ପଡ଼େ, କାରଣ ସାରା ଦେଶ ତାଙ୍କୁ ଜଣେ ରାଜନୀତିଜ୍ଞ ହିସାବରେ ବେଶ୍ ଗମ୍ଭୀରତା ସହିତ ସ୍ୱୀକାର କରୁ ବୋଲି ବୃଥା ଚେଷ୍ଟା ସେ ଚଳେଇ ଆସିଛନ୍ତି । ପ୍ରତ୍ୟେକ ବ୍ୟକ୍ତିର ଦାୟିତ୍ୱହୀନ, ପରଛିଦ୍ରାନ୍ୱେଷୀ, କଟୁ ସମାଲୋଚନା, ଗାଳିଗୁଲଜଗୁଡ଼ିକ ବେଶ୍ କାମ ଦିଏ ଯଥା କିଛି କାମକୁ ନୁହନ୍ତି, ଖାଲି ବସି ରହି ଅନ୍ୟର ଦୋଷ ବାଛୁଛନ୍ତି, ଦଳୀୟ ମନୋଭାବସମ୍ପନ୍ନ, ନିଜେ କିଛି ଭୋଗ

କରି ଜାଣନ୍ତି ନାହିଁ କି ଅନ୍ୟ କାହାରିକୁ ଭୋଗ କରିବାକୁ ଦେବେ ନାହିଁ, ନିଜ ଗୌରବ ଗାଥାକୁ ନିଜେ ବସି ବଖାଣିବାହିଁ ଭାରତବର୍ଷରେ ବିଜ୍ଞ ବ୍ୟକ୍ତିର ପରିଚୟ – ଏଇସବୁ ଉକ୍ତିର ସମ୍ମିଶ୍ରଣରେ ମିଃ. ଏନ୍. ଏନ୍. ଘୋଷ ଜଣେ ମାର୍କାମରା ବ୍ୟକ୍ତି । ନିଃସନ୍ଦେହରେ, ଯେଉଁମାନଙ୍କ ପ୍ରତି କ୍ରୋଧ ଜର୍ଜରିତ ହୋଇ ସେ ବାରଂବାର ଏଭଳି ଉକ୍ତିମାନ ପ୍ରୟୋଗ କରୁଛନ୍ତି ସେଇମାନେହିଁ ତାଙ୍କୁ ପ୍ରତିବାଦ ଛଳରେ କହିବେ, ''ହେ ବୈଦ୍ୟରାଜ, ନିଜ ବ୍ୟଥାର ଉପଶମ ଆଗେ ନିଜେ କର'' । ଆମେ ଭଲ ରକମ ବୁଝିପାରିବା ଯେ ସେ କାହିଁକି ତାଙ୍କର ଦୃଷ୍ଟି ବାବୁ ସୁରେନ୍ଦ୍ରନାଥଙ୍କ ଉପରୁ କାଢ଼ି ଆଣି ନୂଆ ଗୋଷ୍ଠୀଟି ଉପରେ ନିବଦ୍ଧ କରିଛନ୍ତି । ''ଅନ୍ୟମାନଙ୍କ ସଫଳତା ପ୍ରତି ବିଦ୍ୱେଷ ପ୍ରକଟ କର'' ଏଇୟା ହେଲା ମିଃ. ଏନ୍. ଏନ୍. ଘୋଷଙ୍କର ରାଜନୀତିର ଆରମ୍ଭ ଆଉ ଶେଷ । ନୂଆଦଳ ଯେତେବେଳେ ତା' ପରିଚୟ ପାଇଁ ସଂଗ୍ରାମ କରି ଚାଲିଛି, ସେତେବେଳେ ତା' ପ୍ରତି ଏକ ପ୍ରକାର ବିଦ୍ୱେଷ ଭାବ ବହନ କରି ସେ ପୃଷ୍ଠପୋଷକତାର ହସ୍ତକୁ ପ୍ରସାରିତ କଲେ; ବର୍ତ୍ତମାନ ଯେ ଏଇ ଦଳ ଏକ ଶକ୍ତି ଭାବରେ ପରିଚିତ ହୋଇଛି, ସେ ତାଙ୍କ ମନଗହନର ବ୍ୟଥା ଆଉ ବିଷର ଜ୍ୱାଳାକୁ ଧରି ରଖିପାରିବେନି ।

*

ରାୟ ଶ୍ରୀନାଥ ପାଲ ବାହାଦୁରଙ୍କର ଜାକଜମକପୂର୍ଣ୍ଣ, ଶବ୍ଦାଡ଼ମ୍ବରପୂର୍ଣ୍ଣ ଭାଷଣରେ ମିଃ. ଘୋଷ ଭାରି ପ୍ରୀତ ହୋଇଛନ୍ତି – ଭାଷଣ ବଳରେ ସମର୍ଥନ ଓ ସମ୍ମାନକୁ ହାସଲ କରିବାରେ ରାୟବାହାଦୁର କୃତକାର୍ଯ୍ୟ ହୋଇ ନଥିଲେ, ତାଙ୍କର ନିଃସଙ୍ଗ ସ୍ତାବକ ରୂପେ ତେଣୁ ଏନ୍. ଏନ୍. ଘୋଷହିଁ ଆସି ଠିଆ ହୋଇଛନ୍ତି । ଶ୍ରୀଯୁକ୍ତ ଦୀପ୍‌ନାରାୟଣଙ୍କର ଚମତ୍କାର ଅଭିଭାଷଣ ଆମ ଗହଣରେ ଏକ ନୂତନ ବ୍ୟକ୍ତିଙ୍କୁ ଆଣି ପରିଚିତ କରାଇଦେଲା – ସେ ଏଭଳି ଏକ ମଣିଷ ଯା'ର ଏକ ଭେଜା ରହିଛି, ରହିଛି ହୃଦୟଟିଏ, ସେ ବିଦ୍ୱାନ୍ ପରି ବଛା ବଛା ବାକ୍ୟଗୁଡ଼ିକର ନିରସ ଓ ତୁଚ୍ଛ ସଂଯୋଜକ ନଥିଲେ । ଦଳଗୁଡ଼ିକର ଅଲଗା ଅଲଗା ବିଚାରଧାରାର ଊର୍ଦ୍ଧ୍ୱରେ ଥାଇ ଏହି ବ୍ୟକ୍ତି ସମଗ୍ର ବଙ୍ଗଳାର ପ୍ରଶଂସାଭାଜନ ହୋଇଥିଲା । ତା'ପରେ ତାଙ୍କ ଭାଷଣ ଭିତରେ ଶବ୍ଦଗୁଡ଼ିକ ବାଦ୍ ଦେଲେ ମିଃ. ଏନ୍. ଏନ୍. ଘୋଷଙ୍କୁ ଯେ ଆଉ କିଛି ମିଳିବ ନାହିଁ ଏହା ଅବଶ୍ୟମ୍ଭାବୀ । ପୁଣି ଆମେ ଦେଖିବାକୁ ପାଉଛୁ ଯେ ଭାବର ଆବେଗ କିପରି ଭାବେ ପ୍ରାଧାନ୍ୟ ବିସ୍ତାର ପୂର୍ବକ ତା' କାର୍ଯ୍ୟ କରିଚାଲିଛି ।

*

କିନ୍ତୁ ଶ୍ରୀଯୁକ୍ତ ଦୀପ୍‌ନାରାୟଣଙ୍କ ସାଥିରେ ମିଃ. ଘୋଷଙ୍କର କଳହ ମୂଳରେ ଆଉ ଏକ କାରଣ ରହିଛି । ବଙ୍ଗଳାରେ ସଦ୍ୟ ଜନ୍ମଲାଭ କରିଥିବା ଭାରତୀୟ ଜାତୀୟତାବାଦ ସମ୍ପର୍କରେ ଆଲୋଚନା କରିବା ପାଇଁ ସେ ସାହସ କରି ନାହାନ୍ତି କି ? ତାଙ୍କର ଅଭିପ୍ରାୟ କ'ଣ ହୋଇପାରେ ? ବିଗତ କିଛି ବର୍ଷ ଧରି ମିଃ. ଘୋଷ କ'ଣ 'ଦି ଇଣ୍ଡିଆନ୍ ନେଶନ୍' ପତ୍ରିକାର ସମ୍ପାଦନା କରି ନାହାନ୍ତି ? ତା'ହେଲେ ଏଇ ନୂତନ ଭାରତୀୟ ରାଷ୍ଟ୍ର କହିଲେ କ'ଣ ବୁଝାଏ ଯାହା ମିଃ. ଏନ୍. ଏନ୍. ଘୋଷ ଜାଣି ନାହାନ୍ତି କିଂବା ତାଙ୍କର ସାରାଜୀବନ ଚାଲିଗଲେ ବି ଏନ୍. ଏନ୍. ଘୋଷ ଏହାକୁ ବୁଝିପାରିବେନି ? ବିଲକୁଲ ଠିକ୍, ହେ ବିଜ୍ଞ ସମାଲୋଚକ ! ଏହାକୁ ବୁଝିବାକୁ ହେଲେ ପ୍ରଥମେ ତୁମକୁ ତୁମ ସ୍ୱଭାବକୁ ନିଶ୍ଚୟ ପରିବର୍ତ୍ତନ କରିବାକୁ ପଡ଼ିବ ଓ ଯାହା ତୁମ ପାଖରେ କେବେ ବି ନଥିଲା ତାକୁ ଯେମିତି ହେଲେ ତୁମକୁ ହାସଲ କରିବାକୁ ହେବ । ତାହା ହେଉଛି ଏକ ହୃଦୟ ଯାହା ତୁମ ସାଥୀ ଦେଶବାସୀଙ୍କର ଯନ୍ତ୍ରଣାକୁ ଅନୁଭବ କରିପାରୁଥିବ ଓ ସେମାନଙ୍କର ମୁକ୍ତି ନିମନ୍ତେ ବିରାଟ ତ୍ୟାଗର ପ୍ରତ୍ୟାଶା ନେଇ ଆଉ ଘୋର ସଂକଟର ମୁକାବିଲା କରିବାର ସମ୍ଭାବନାରେ ରୋମାଞ୍ଚିତ ହୋଇ ଉଠୁଥିବ ଏକ ଊର୍ଦ୍ଧ୍ୱାୟିତ ଆବେଗରେ ।

*

ମିଃ. ଘୋଷଙ୍କ ପାଖରେ ବୁଝି ନପାରିଲା ଭଳି ଅନ୍ତଃହୀନ ସାମର୍ଥ୍ୟ ରହିଥିବାର ଦେଖି ବାସ୍ତବିକ ଆମେ ସ୍ତମ୍ଭୀଭୂତ ହୋଇ ପଡ଼ିଛୁ । ନୂଆ ରାଜନୀତି ସମ୍ପର୍କରେ ଏଇଟାହିଁ ତାଙ୍କର ଚିନ୍ତାଧାରା । ''ସେମାନଙ୍କର କିଛି କରିବାର ନାହିଁ । ସରକାରଙ୍କୁ ଉପେକ୍ଷା କରିବା ଯେହେତୁ ସେମାନଙ୍କର ଉଦ୍ଦେଶ୍ୟ, ତେଣୁ ଏହାର ପଦକ୍ଷେପଗୁଡ଼ିକ ସମ୍ପର୍କରେ ସେମାନେ ଆଲୋଚନା କରିବେ ନାହିଁ କିଂବା ସଂସ୍କାରମୂଳକ କାର୍ଯ୍ୟ ପାଇଁ କୌଣସି ପ୍ରକାର ପରାମର୍ଶ ଦେବାକୁ ସେମାନଙ୍କର ଖାତିର ନାହିଁ । ସେଇ ରାଜନୈତିକ ସହସ୍ରାବ୍ଦ ରୂପକ 'ସ୍ୱରାଜ'କୁ ସେମାନେ ପ୍ରତୀକ୍ଷା କରି ରହିଛନ୍ତି । ଯେତେବେଳେ 'ସ୍ୱରାଜ' ଆସିବ ସେମାନେ କାର୍ଯ୍ୟ ଭାର ଗ୍ରହଣ କରିବାର ଛଳନା କରିବେ । ଇତିମଧ୍ୟରେ ସେମାନେ ନିଶ୍ଚୟ ଖାଲି ପ୍ରଚାର କରିବେ ଓ ଗୁଡ଼ିଏ ଗାଳିଗୁଲଜ ଦେଇ ଚାଲିବେ । ଦେଶଭକ୍ତିର ଇଏତ

ଏକ ଆରାମଦାୟକ କାର୍ଯ୍ୟକ୍ରମ !'' ଯେଉଁ ଆରାମ ଚୌକିରେ ବସି ବସି ନିର୍ଘାତ ଅଳସୁଆ ସମାଲୋଚକମାନେ କିଛି କରାଯାଉନି ବୋଲି ସମାଲୋଚନା କରନ୍ତି ତା'ଠାରୁ ଆଉ ଆରାମଦାୟକ ସ୍ଥିତି ପ୍ରାୟ କିଛି ନାହିଁ । ନୂତନ ଗୋଷ୍ଠୀ ହୁଏତ କିଛି କରୁଛି କି ନକରୁଛି ସେ ବିଷୟରେ ତାଙ୍କର କିଛି ସିଦ୍ଧାନ୍ତ ଦେବାର ଅଧିକାର ନାହିଁ କିନ୍ତୁ ସେ ଅଧିକାର ହେଉଛି ଆଗାମୀର । ସେ ଭାବୁଛନ୍ତି ଯେ ଜାତୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନ କିଛି ନୁହେଁ, କିଛି ନକରିବା ଅପେକ୍ଷା ବର୍ଜନ ଆନ୍ଦୋଳନ ଆହୁରି ଖରାପ, ଏକ ମହାନ୍ ଓ ଅଧଃପତିତ ଜାତି ଭିତରେ ଗୋଟିଏ ଗଭୀର ଆନ୍ତରିକତା ଓ ନୂତନ ଉଚ୍ଛ୍ୱାସ ଗଢ଼ି ତୋଳିବା, ଏସବୁ କିଛି ନୁହେଁ । ସ୍ୱାବଲମ୍ବନ ଆଉ ଆତ୍ମରକ୍ଷାର ଅଭ୍ୟାସଟିକୁ ପୁନରୁଜ୍ଜୀବିତ କରିବା ମଧ୍ୟ କିଛି ନୁହେଁ । ତା'ହେଲେ ଏଇ ସୁମହାନ୍ କର୍ମମୁଖର ମାନବଙ୍କ ଦୃଷ୍ଟିରେ ଆଉ କ'ଣ କିଛି ରହିଛି ? କାର୍ଯ୍ୟ କରିଯିବାମାନେ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ଆଉ ସଂସ୍କାର ନିମନ୍ତେ ବିହିତ ପରାମର୍ଶ ଦେବା । ଆମେ ତ ବିହ୍ୱଳିତ ହୋଇ ପଡ଼ିଲୁଣି । କେବଳ 'ଦି ନେଶନ୍'ର ସମ୍ପାଦକଙ୍କ ଉଦ୍ଦେଶ୍ୟରେ ଆମେ ସମ୍ବୋଧନ କରି କହିବୁ ଯେମିତି ଗ୍ରୀକ୍ ସେନାପତି ତାଙ୍କ ବିଜୟୀ ପ୍ରତିପକ୍ଷକୁ କହିଥିଲେ ''ହେ ପ୍ରଚଣ୍ଡ କର୍ମ ମୁଖରତାର ମାନବ ତୁମେ !''

[ବନ୍ଦେ ମାତରମ୍, ଏପ୍ରିଲ ୧୨, ୧୯୦୭]

## ପ୍ରସଙ୍ଗ କ୍ରମେ

ଆମର ପୁରୁଣା ଆଉ ବରେଣ୍ୟ ବନ୍ଧୁ ତଥା ''ଦି ଇଣ୍ଡିଆନ୍ ମିରର୍''ର ଜଣେ ପୁରୁଖା ଓ ବରେଣ୍ୟ ବନ୍ଧୁ ରାଜା ସୁବୋଧ ମଲ୍ଲିକଙ୍କ ପାଇଁ ଉଦ୍‌ଗତ କୋହରେ ଅଶ୍ରୁ ବର୍ଷଣ କରିଛନ୍ତି । ସୁବୋଧ ମଲ୍ଲିକ ଜଣେ ବିଶାଳ ଓ ଉଦାର ହୃଦୟର ମଣିଷ ବୋଲି ଆମ ବନ୍ଧୁଙ୍କର ବନ୍ଧୁ ଜଣକ ଶୋକରେ କାତର ହୋଇ ପଡ଼ିଛନ୍ତି; କିନ୍ତୁ ସେ ନିଜର ଏବଂ ଦେଶର ଅଜସ୍ର କ୍ଷତିସାଧନ କରୁଛନ୍ତି । ଘୋର ହାନିକାରକ କାଗଜ ସେଇ ''ବନ୍ଦେ ମାତରମ୍''ର ପ୍ରକାଶନୀ ପାଇଁ ସେ କ'ଣ ଆଂଶିକ ଭାବେ ଦାୟୀ ନୁହନ୍ତି ଯେଉଁ ''ବନ୍ଦେ ମାତରମ୍'' ପୁରୁଣା ଓ ବରେଣ୍ୟ ଭଦ୍ରବ୍ୟକ୍ତିମାନଙ୍କୁ ତଥା ପୁରୁଣା ଓ ବରେଣ୍ୟ ପତ୍ର-ପତ୍ରିକାଗୁଡ଼ିକୁ ଆକ୍ରମଣ କରିଛି ଏବଂ ତା' ସହିତ ସମାଜର ଚଳଣି ନିମନ୍ତେ ଏକ ବିଚାରଧାରା ରୂପେ ରାଜନୀତିକୁ ମାନ୍ୟତା ଦେବାକୁ ମନା କରିଦେଇଛି ? ଜାତୀୟ ପରିଷଦ (National council)କୁ ସେ କ'ଣ ଲକ୍ଷେ ଟଙ୍କା ଦେଇ ନାହାନ୍ତି – ଯେଉଁ ଅନୁଷ୍ଠାନ ପାଇଁ ଏକ ସକ୍ରିୟ ଅନୁକମ୍ପାର ସର୍ବଦା ଅଭାବ ରହୁ ବୋଲି 'ଇଣ୍ଡିଆନ୍ ମିରର୍' ପରମ ଆଗ୍ରହରେ ଚାହିଁ ରହିଛି ? ଆମେ ତରୁଣ ଭଦ୍ରବ୍ୟକ୍ତିଙ୍କୁ ନିବେଦନ କରୁଛୁ ତାଙ୍କ କୃତ ପାପ ପାଇଁ ଅନୁତାପ କରିବାକୁ, 'ଦି ଇଣ୍ଡିଆନ୍ ମିରର୍'ର ପ୍ରଶସ୍ତ ବକ୍ଷ ଦେଶରେ କାନ୍ଦି କାନ୍ଦି ଲୋଟି ପଡ଼ିବାକୁ ଏବଂ ଯେତେ ଅଚଳନ୍ତି କାଗଜ ପତ୍ର ଓ ପୁରୁଣାକାଳିଆ ରାଜନୀତିଜ୍ଞ ଅଛନ୍ତି ସେମାନଙ୍କ ପ୍ରତି ହେଉଥିବା ନିଷ୍ଠୁର ଆଚରଣର ନିରାକରଣ ପାଇଁ ଏକ ସଂଗଠନର ପ୍ରତିଷ୍ଠା ଉଦ୍ଦେଶ୍ୟରେ ତାଙ୍କ ସମ୍ପତ୍ତି ବାଡ଼ିର ଅବଶିଷ୍ଟାଂଶକୁ ଉତ୍ସର୍ଗ କରି ଦେବାକୁ ।

ଉଭୟ ପକ୍ଷରୁ ବରହମ୍ପୁରରେ ଯାହାକିଛି କୁହା ଯାଇଥିଲା ଓ କରାଯାଇଥିଲା ସେଥିରେ ଅଧିକ ଭାଗ ଯେ ବିରକ୍ତିକର ଓ ମାନମର୍ଯ୍ୟାଦାହୀନ ଥିଲା ଆମେ ଏକଥା ସ୍ୱୀକାର କରିବୁ । କିନ୍ତୁ ୟୁରୋପର ବ୍ୟବସ୍ଥାପକ ସଭା ଆଉ ରାଜନୈତିକ ସମ୍ମିଳନୀମାନଙ୍କରେ ଯାହାସବୁ ଘଟି ଚାଲିଛି, ଯେତେବେଳେ ଲୋକମାନେ ପରସ୍ପର ସହିତ ବିବାଦରେ ଉତ୍ତେଜିତ ହୋଇଉଠନ୍ତି ଆଉ ସେମାନଙ୍କ ଭାବ ପ୍ରବଣତା ଜୋର୍‌ରେ ବଢ଼ି ବଢ଼ି ଚାଲେ ତା' ଅପେକ୍ଷା ଏହା କ'ଣ ଅଧିକ ଅଶୋଭନୀୟ ଥିଲା ? ଆମେ ତାହା ବିଶ୍ୱାସ କରୁନୁ । ଆସନ୍ତୁ ତା'ହେଲେ ଲାଗିପଡ଼ିବା ଯେକୌଣସି ଉପାୟରେ ଅନ୍ୟ ଜାତିମାନଙ୍କଠାରୁ ସମ୍ପୂର୍ଣ୍ଣ ସଭ୍ୟ ଏବଂ ଶ୍ରେଷ୍ଠ ଜାତିରେ ପରିଣତ ହେବାକୁ; କିନ୍ତୁ ଯଦି ଆମେ ନପାରିବା ତା'ହେଲେ କଥାଟିକୁ ଛଳ କପଟରେ ଗୋପନ ରଖିବା କିଂବା ଏକ ତୁଚ୍ଛ ଭାଣ୍ଡାମି ବଶତଃ ଶ୍ରେଷ୍ଠତ୍ୱର ବାହାନା କରିବାର କିଛି କାରଣ ନାହିଁ । ଜାପାନୀମାନଙ୍କର ଗୋଟିଏ ଚମତ୍କାର ଅଭ୍ୟାସ ରହିଛି, ସେମାନେ କଥା କହିଲା ବେଳେ ତାଙ୍କ କ୍ରୋଧକୁ ପ୍ରକାଶ କରନ୍ତିନି ଏବଂ ସମସ୍ତ ଶକ୍ତି ଖଟେଇ କାମଟି କରିଯାଆନ୍ତି । ତୁମ ପ୍ରତି ସେମାନଙ୍କର ନାପସନ୍ଦକୁ ସେମାନେ ଖୁବ୍ ନିଷ୍କପଟତାର ସହିତ ପ୍ରକାଶ କରିବେ ସତ କିନ୍ତୁ ଅତି ଆଶ୍ଚର୍ଯ୍ୟଜନକ ଶାନ୍ତଭାବ ଓ ନମ୍ରତା ସହକାରେ; ସାମୁରାଇ ତାଙ୍କ ଶତ୍ରୁକୁ ଅତି ନିର୍ମମ ଭାବେ ବିଦୀର୍ଣ୍ଣ କରିଦେବାରେ ଅଭ୍ୟସ୍ତ ଥିଲେ କିନ୍ତୁ ତାହା ମଧ୍ୟ ଅତ୍ୟନ୍ତ ନମ୍ରତାର ସହିତ; ସେ ଏକ କର୍ତ୍ତବ୍ୟ ରୂପେ ଏହା କରୁଥିଲେ କିନ୍ତୁ କୌଣସି ଭାବର ଆବେଗରେ ନୁହେଁ । ଆମମାନଙ୍କର ଏଇ ଜାତି ଆବେଗରେ ଭରା, ଖାଲି ଭାବପ୍ରବଣ,

କଥାର ମାଧ୍ୟମରେ, କିନ୍ତୁ ତା'ଠାରୁ କିଛି ବୀରତ୍ୱପୂର୍ଣ୍ଣ କାର୍ଯ୍ୟକଳାପମାନ ଆଶା କରାଯାଇ ପାରିବ ନାହିଁ ।

*

ତଥାପି ଆମର ଧାରଣା ନୂଆ ଗୋଷ୍ଠୀର ତରୁଣମାନେ ଜାପାନୀମାନଙ୍କର ଦୃଷ୍ଟାନ୍ତକୁ ପାରୁପର୍ଯ୍ୟନ୍ତ ଅନୁସରଣ କରି ବେଶ୍ ଭଲ କରିବେ । ଜାତିର ବିକାଶ ପଥରେ ଯାହାକିଛି ପ୍ରତିବନ୍ଧକ ସୃଷ୍ଟି କରୁଛି ତା'ଉପରେ ଆମର ଆକ୍ରମଣ ସମ୍ପୂର୍ଣ୍ଣ ନିର୍ଦ୍ଦୟଭାବେ ହେବା ଉଚିତ ଏବଂ ଆମେ ଯାହାକୁ ଯାହା କହିବା କଥା ରୋକଠୋକ କହିବାକୁ ଆଦୌ ଡରିବାନି । ଅତିମାତ୍ରାରେ ଉତ୍ତମ ସ୍ୱଭାବ ବିଶିଷ୍ଟ ହେବା, ଚକ୍ଷୁଲଜ୍ଜା (ସବୁବେଳେ ହସ-ଖୁସିପୂର୍ଣ୍ଣ ଏବଂ ନମ୍ର ରହିବା ପାଇଁ ଅଭିଳାଷ) ଏସବୁ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ରାଜନୀତିରେ ଚଳିବ ନାହିଁ । ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ପ୍ରଦର୍ଶନ ସ୍ଥାନରେ ସତ୍ୟ ଆଉ ବିବେକକୁ ଆଣି ରଖିବାକୁ ହେବ । ବୟସର ଆଧିକ୍ୟ ଯୋଗୁଁ କିଂବା ଅତୀତରେ ସେବାକାର୍ଯ୍ୟ କରିଥିବା ଦୃଷ୍ଟିରୁ ଆମ ଶତ୍ରୁମାନଙ୍କ ପ୍ରତି ନୀରବତା ଅବଲମ୍ବନ କରିବା ସକାଶେ ଦାବି କରିବସିବା ରାଜନୀତି କ୍ଷେତ୍ରରେ ନିହାତି ଅନୈତିକ ଓ ଭ୍ରମାତ୍ମକ । ଖୋଲାଖୋଲି ଆକ୍ରମଣ, ନିର୍ମମ ସମାଲୋଚନା, ଅଧିକତମ ନିଦାରୁଣ ପରିହାସ, ଅତ୍ୟନ୍ତ ଯନ୍ତ୍ରଣାଦାୟକ ବ୍ୟଙ୍ଗୋକ୍ତି, ଏସବୁ ପନ୍ଥାଗୁଡ଼ିକ ହେଉଛି ରାଜନୀତି କ୍ଷେତ୍ରରେ ପୂରାପୂରି ଯଥାର୍ଥ ଓ ଅପରିହାର୍ଯ୍ୟ । ଆମକୁ ଅନେକ କଠୋର କଥା କହିବାକୁ ହେବ; ଆସନ୍ତୁ ସେସବୁ ଗମ୍ଭୀର ଭାବେ କହିବା କିନ୍ତୁ ଶକ୍ତିର ବିଚ୍ୟୁତି ଘଟି କଠୋରତା, ହିଂସ୍ର ଉଗ୍ରତାରେ ପରିଣତ ହେବାର ବିପଦ ସବୁବେଳ ପାଇଁ ରହିଛି ଓ ମାନବୋଚିତ ଭାବେ ଯଥା ସମ୍ଭବ ତାକୁ ଦୂରେଇ ଦେବାକୁ ପଡ଼ିବ ।

*

ବାବୁ ଭୂପେନ୍ଦ୍ରନାଥ ବୋଷ, ତାଙ୍କ ଅନାହୂତ ମନ୍ତବ୍ୟ ପ୍ରତି ଉତ୍କ୍ଷିପ୍ତ ହାକିମଙ୍କ ପ୍ରତ୍ୟୁତ୍ତରରେ ମୁହଁ ଫଣ ଫଣ କରି ବଙ୍ଗ ଶାସକବର୍ଗଙ୍କୁ ସେମାନଙ୍କ ନିଭୃତ ଆଲୋଚନା କକ୍ଷରେ ଅପଦସ୍ତ କରିବା ପାଇଁ ଯେଉଁ ପ୍ରଚେଷ୍ଟା କରିଥିଲେ ସେଥିରୁ ସେ କିଛି ପାଇଲେ ନାହିଁ । ଯେଉଁ ବିରୋଧ ତଥା ସହଯୋଗର ସିଦ୍ଧାନ୍ତକୁ ଅନୁଗତ ପ୍ରଜା ଜଣକ ଖାଲି ପ୍ରଚାର କରୁ ନାହାନ୍ତି କିନ୍ତୁ ଏମିତି ଏକ ବିଶ୍ୱାସରେ ଏବଂ ଜୋର୍‌ସୋର୍‌ରେ ତା'ର ଅନୁଶୀଳନ କରି ଚାଲିଛନ୍ତି ଯେ ତହିଁରେ ସରକାରଙ୍କର ତିଳେ ହେଲେ ରୁଚି ନାହିଁ କହିଲେ ଚଳେ । ସେମାନେ ସେମାନଙ୍କ ଉଦକକୁ ଭଲ ପାଆନ୍ତି କିନ୍ତୁ ଉପକାର ଯୋଗ୍ୟ କଷାୟ ଉଦକକୁ ନୁହେଁ । ଯାହାହେଉ ବାବୁ ଭୂପେନ୍ଦ୍ରନାଥ ଜଣେ ପିତା ତୁଲ୍ୟ ସାର୍ ଆଣ୍ଡ୍ର୍ୟୁ ଫ୍ରେସରଙ୍କ ସହିତ କାରବାର କରିବା ଉପରେ ଜୋର୍ ଦେଇଛନ୍ତି ଆଉ ଯେତେବେଳେ ସେ ଔଷଧ ଦେଖି ମୁହଁ ବିକୃତ କରି ତାଙ୍କର ଏକ କଷ୍ଟଦାୟକ ଚିକିତ୍ସା କରନ୍ତି ଏବଂ ସର୍ବସାଧାରଣ ସମ୍ମୁଖରେ ତାଙ୍କୁ ପଛରୁ ଥାପଡ଼ ମାରି ମାରି ନିଅନ୍ତି – ଯାହାର ପ୍ରତ୍ୟୁତ୍ତରରେ ଭୂପେନ୍ ବାବୁଙ୍କ ପିତୃପ୍ରତିମ ମୁହଁରେ ସାର୍ ଆଣ୍ଡ୍ର୍ୟୁ ଓଲଟା ଥାପଡ଼ ମାରିଥିଲେ । ସମୁଦାୟ ଘଟଣାଟି ଅତ୍ୟନ୍ତ ମନୋମୁଗ୍ଧକର ଭାବେ ହାସ୍ୟାସ୍ପଦ ଓ ବୃଥା ବୋଲି ସାବ୍ୟସ୍ତ ହୋଇଥିଲା କିନ୍ତୁ ସାର୍ ଆଣ୍ଡ୍ର୍ୟୁଙ୍କର ଓଲଟା ଥାପଡ଼ କି କଦର୍ଯ୍ୟ ଏବଂ ଯନ୍ତ୍ରଣାଦାୟକ ଥିଲା !

''ମାନନୀୟ ସଭ୍ୟ ଜଣକ ମୋ ନିମନ୍ତ୍ରଣ ପାଇ କିଂବା ତାଙ୍କ ନିଜ ଆଡ଼ୁ ସେ ଗ୍ରହଣ କରିଥିବା ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥାଗୁଡ଼ିକର ଯୁକ୍ତିଯୁକ୍ତତା କିଂବା ବିଜ୍ଞତା ସମ୍ପର୍କରେ ମୋ ସହିତ ଏକାନ୍ତରେ ଥରେ ଅଧେ ବି ଆଲୋଚନା କରିନାହାନ୍ତି । ମୁଁ ନିଷ୍କପଟ ଭାବେ ତାଙ୍କୁ ଉପଦେଶ ଦେଇଛି । ବେଳେବେଳେ ସେ ଉପଦେଶ ଗ୍ରହଣ କରିଛନ୍ତି ପୁଣି କେତେବେଳେ କେମିତି ଏହାକୁ ଅଗ୍ରାହ୍ୟ ମଧ୍ୟ କରିଛନ୍ତି । ଏହା ଭିତରୁ ଯେଉଁ ଗୋଟିକ ସମ୍ପର୍କରେ ଯଦି ସେ ବାହାରେ ପ୍ରକାଶ କରି ଦେଉଥିଲେ ଏବଂ ତାଙ୍କ କାର୍ଯ୍ୟପନ୍ଥା ପାଇଁ ମୋତେ ଶେଷକୁ ଦୋଷୀ ଭାବୁଥିଲେ ତା'ହେଲେ ମୋ ବିଶ୍ୱାସରେ ସେଠି ଗୁରୁତର ଫାଟ ସୃଷ୍ଟି ହୋଇଛି ବୋଲି ମୁଁ ବିଚାରିବା ଉଚିତ ।''

ଯେତେବେଳେ ଆମ ଲୋକପ୍ରିୟ ଓ ଗଣତାନ୍ତ୍ରିକ ନେତାମାନଙ୍କର, ସୁରେନ୍ଦ୍ରନାଥଙ୍କ ଭଳି ପ୍ରଭାବଶାଳୀ ଉପଦେଷ୍ଟାଙ୍କର, ନରମପନ୍ଥୀଙ୍କ ଭିତରେ ପ୍ରତିପତ୍ତିଶାଳୀ ଗୋଷ୍ଠୀର ଅଜ୍ଞାତ ଏକଚ୍ଛତ୍ରବାଦୀଙ୍କର ଚାତୁର୍ଯ୍ୟବୋଳା କଥା ଉପରେ ଆମେ ବରାବର ନିର୍ଭର କରିଆସିଛୁ, ଏଇଥିରୁ ପ୍ରତୀୟମାନ ହେଉଛି ଯେ ବଙ୍ଗଳାର ଉପରାଜ୍ୟପାଳଙ୍କ କଥାକୁହିଁ ଏପର୍ଯ୍ୟନ୍ତ ଆମେ ଶୁଣି ଆସିଥିଲୁ ଏବଂ ଯାହାର ପରାମର୍ଶରେ ଆମେ ଉଠ ବସ ହୋଇଥିଲୁ । ସ୍ୱରଟି ଥିଲା ଭୂପେନ୍‌ଙ୍କର, କିନ୍ତୁ ଚିନ୍ତାଧାରାଟି ଥିଲା ଆଣ୍ଡ୍ର୍ୟୁଙ୍କର । ହେ ଇସ୍ରାଏଲ୍, ଏଇମାନେହିଁ ତୁମର ଦେବତା ହୋଇ ରହନ୍ତୁ !

[ବନ୍ଦେ ମାତରମ୍, ଏପ୍ରିଲ ୧୩, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

# ଭାରତର ଉତ୍ତମ ରହସ୍ୟ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

''ଯାହା ନାହିଁ ଭାରତେ, ତା' ନାହିଁ ମରତେ।''* ସତରେ ତ – କାରଣ, ଭାରତ ବର୍ଷ ଯେପରି କ୍ଷୁଦ୍ରତର ଏକ ଭୂଲୋକ, ସେଇପରି ଭୂଲୋକ ହେଉଛି ଏକ ବୃହତ୍ତର ଭାରତ। ଭାରତର ନାମରେ ପୃଥିବୀର ନାମ – କାରଣ, ସମଗ୍ର ପୃଥିବୀର ପ୍ରତୀକ ହେଉଛି ଆମର ଏଇ ଭାରତବର୍ଷ। ଭୂମଣ୍ଡଳରେ ଯେଉଁଠି ଯାହା ଅଛି, ତାହାରି ଆଦି ପ୍ରତିରୂପ ରହିଛି ଭାରତ ବର୍ଷରେ; ଆଉ ଭାରତରେ ଯେଉଁ ଜିନିଷର ମୂଲ୍ୟ ନାହିଁ, ଯେଉଁ ଧରଣର ଜିନିଷକୁ ଭାରତ କଳ୍ପନାର ଦୃଷ୍ଟିରେ ଦେଖି ନାହିଁ କେବେ, ସେପ୍ରକାରର ଜିନିଷ ଭୂମଣ୍ଡଳରେ କେଉଁଠାରେ ଦେଖିବାକୁ ମିଳିବ ନାହିଁ।

ପ୍ରାକୃତିକ ଭାରତର ରୂପରୁହିଁ ଏହାର ପ୍ରମାଣ ମିଳୁଛି। ଗୋଟିଏ ଦିଗରେ ଅଭ୍ରଭେଦୀ ଚିରତୁଷାରମଣ୍ଡିତ ଗିରିରାଜ ଅଚଳପ୍ରତିଷ୍ଠ, ଆଉ ଗୋଟିଏ ଦିଗରେ ଅସୀମ-ବିସ୍ତୃତ ଚିରଚଞ୍ଚଳ ମହାସାଗର। ଭାରତ ବକ୍ଷରେ ରହିଛି ଗହନ-ଗଭୀର-ବିଶାଳ ଅରଣ୍ୟାନୀ, ପୁଣି କେଉଁଠି ଊଷର ଧୂସର ଧୂ-ଧୂ ମରୁଭୂମି। ତାହାରି ଗର୍ଭରେ ତାହାର ସ୍ୱର୍ଣ୍ଣ ଓ ଅଙ୍ଗାର ପରସ୍ପର ସହିତ ମଖାମଖି ହୋଇ ରହିଛନ୍ତି। ସେଇ ଭୂଖଣ୍ଡର ଏକ ପଟରେ ହିମ-ଶୀତଳ ବାୟୁମଣ୍ଡଳ – କୁୟାଶା-କୁଜ୍ଝଟିକା, ଅନ୍ୟପଟେ ସେଇପରି ଭୀଷଣ ଗ୍ରୀଷ୍ମ, ଉତ୍ତାପ ଓ ରୌଦ୍ର, ଦିଗନ୍ତର କେଉଁଠି ଖାଁ ଖାଁ କରୁଛି। ପ୍ରାବୃଟର ପୁଞ୍ଜୀଭୂତ ତମୋଘନ ମେଘସମ୍ଭାର – ଯେମିତି ଆକାଶ-ମଣ୍ଡଳ ଭାଙ୍ଗି ତୁମୁଳ ବନ୍ୟାର ଅବତରଣ, ତାହାପରେ ଆସେ ଶରତର ନିର୍ମଳ ସୁନୀଳ ଆକାଶ, ଫଳ-ଫୁଲ, କୀଟପତଙ୍ଗ, ଜୀବଜନ୍ତୁ ଆକାରେ-ପ୍ରକାରେ ଯେ କେତେ ବିଚିତ୍ର – ତାହାର ଇୟତ୍ତା ନାହିଁ – ବର୍ଣ୍ଣ-ଗନ୍ଧ-ରସ, ଛନ୍ଦ-ରୂପ-ଗୁଣ ଭାରତ ଯାହା ସୃଷ୍ଟି କରିଛି ତାହା ଅଫୁରନ୍ତ।

ଭାରତର ମନୁଷ୍ୟ ଯେ କେତେ ଭଳି କି ଭଳି ତା'ର ହିସାବ କରି ହେବ ନାହିଁ – ଚେହେରା ହିସାବରେ, ଜାତି ହିସାବରେ, ଧାତୁ ହିସାବରେ, ଶିକ୍ଷାଦୀକ୍ଷା ହିସାବରେ। ମସୀକୃଷ୍ଣ ନିମ୍ନବର୍ଗର ଲୋକଙ୍କ ପାଖରୁ ନେଇ କଷିତ-କାଞ୍ଚନ କାଶ୍ମୀରୀ, ଶାଳପ୍ରାଂଶୁ କପାଟବକ୍ଷ ପଞ୍ଜାବୀଙ୍କଠାରୁ ନେଇ ଜୀର୍ଣ୍ଣ-ଶୀର୍ଣ୍ଣ ଗୌଡ଼ବାସୀ... ସବୁକିଛି ଏଠାରେ ମିଳିବେ। ବଙ୍ଗବାସୀ ଯେମିତି କବି ଶିଳ୍ପୀ, ମହାରାଷ୍ଟ୍ରୀୟ ହେଉଛନ୍ତି ସେପରି କୂଟ-ରାଜନୀତିଜ୍ଞ, ମାନ୍ଦ୍ରାଜୀ ସୂକ୍ଷ୍ମତାର୍କିକ, ପଞ୍ଚନଦ-ବାସୀ ଯୋଦ୍ଧା। ପୃଥିବୀର ଯାବତୀୟ ଭାଷାର ବି କହିବାକୁ ଗଲେ ପ୍ରାୟ ପ୍ରତିରୂପ-ଭାଷା ରହିଛି ଏଇ ଭାରତରେ, କୁହାଯାଏ ବଙ୍ଗଳା ଭାରତର ଫରାସୀ, ତେଲେଗୁ ହେଉଛି ଇଟାଲୀୟ, ତାମିଲ ଭାରତର ଜର୍ମାନ୍ ଭାଷା। ଗ୍ରୀକ୍‌ର ସୌନ୍ଦର୍ଯ୍ୟ, ଲାଟିନର ସାମର୍ଥ୍ୟକୁ ମିଳାଇ ଧରିଲେ ଭାଷା କ୍ଷେତ୍ରରେ ତାହାକୁ ଭାରତର ସଂସ୍କୃତ ଭାଷା ବୋଲି କୁହାଯାଇପାରେ। ଆର୍ଯ୍ୟ, ଅନାର୍ଯ୍ୟ, ନିଗ୍ରୋ, ମଙ୍ଗୋଲୀୟ – ସବୁପ୍ରକାର ଜାତିର ଭାଷା, ସକଳ ଜାତିର ରକ୍ତ ଭାରତରେ ରହିଛି ବୀଜାକାରରେ। ସ୍ତର ସ୍ତର କରି ସଜ୍ଜିତ ହୋଇ ରହିଛି ଏଠାରେ ସଂସ୍କୃତି – ଆଦିମ, ଅର୍ଦ୍ଧସଭ୍ୟ ଜାତିଠୁ ନେଇ ଆର୍ଯ୍ୟ ଆଦି ସଭ୍ୟ ଜାତିର ଧର୍ମ-କର୍ମ-ସଭ୍ୟତା-ସଂସ୍କୃତିର ପରାକାଷ୍ଠା ଏଠାରେ ଦେଖିବାକୁ ମିଳେ।

ଭାରତର ସମାଜଗଠନର ଧାରା ବି କେତେ ବିଚିତ୍ର। କୁହାଯାଏ ଜାତିଭେଦହିଁ ଭାରତୀୟ ସମାଜର ବିଶେଷତ୍ୱ। ଖ୍ରୀଷ୍ଟିଆନ, ମୁସଲମାନଙ୍କ କଥା ଛାଡ଼ି ଦିଆଯାଉ, ଯଦିବା ସେମାନଙ୍କୁ ଭାରତ ଆପଣାର କରି ନେଇଛି ଭାରତର ଅନ୍ତର୍ଭୁକ୍ତ ହିସାବରେ; ହିନ୍ଦୁମାନଙ୍କ ମଧ୍ୟରେ ଏପରି ସମ୍ପ୍ରଦାୟର ଅଭାବ ନାହିଁ, ଯେଉଁଠାରେ ବର୍ଣ୍ଣଗତ ବୈଷମ୍ୟକୁ ଲୋପକରି ଦିଆଯାଇଛି। 'ଆର୍ଯ୍ୟ-ସମାଜ', 'ବ୍ରାହ୍ମ-ସମାଜ', 'ବୈଷ୍ଣବ-ସମାଜ' – ଆଦି ୟୁରୋପୀୟ ସମାଜ ଅପେକ୍ଷା କମ୍ ସାମ୍ୟ ଦେଖାଇ ନାହିଁ। ଟାଣୁଆ ରକ୍ଷଣଶୀଳ ହିନ୍ଦୁମାନେ ବି କେବେ କେବେ ବର୍ଣ୍ଣବୈଷମ୍ୟକୁ ଏକାନ୍ତ ବିସର୍ଜନ ଦେବାରେ ପଛେଇ ନାହାନ୍ତି – ଶ୍ରୀକ୍ଷେତ୍ରରେ ଯେମିତି ଦେଖିବାକୁ ମିଳେ। ସମାଜର କର୍ତ୍ତା ସାଧାରଣତଃ ପୁରୁଷ; କିନ୍ତୁ ସମାଜର କର୍ତ୍ତ୍ରୀ ଯେ ନାରୀ,

---

* ଏଇ ଯେ ପ୍ରବାଦ ରହିଛି ତାହାର ପ୍ରଚଳିତ ଅର୍ଥ ଅନ୍ୟ କିଛି। ଏଠାରେ ସେଇ ଅର୍ଥଟି ଅନୁସରଣ ନ କରି ଅନ୍ୟ ଅର୍ଥରେ କଥାଟି ଉଦ୍ଧୃତ କରାଯାଇଛି। ଏଥିପାଇଁ, କେବଳ ଅଳଙ୍କାରର ଖାତିରିରେ ଏ ବ୍ୟାଖ୍ୟା ମାର୍ଜନୀୟ ହେଉ। – ଲେଖକ

ଏବ୍ୟବସ୍ଥା ବି ଭାରତରେ ରହିଛି – ପିତୃତନ୍ତ୍ର (Patriarchy) ଓ ମାତୃତନ୍ତ୍ର (Matriarchy) – ଏଇ ଦୁଇପ୍ରକାର ସମାଜ ବ୍ୟବସ୍ଥା ଆମ ଦେଶରେ ରହିଛି, ଯେମିତି କେରଳ ପ୍ରଦେଶରେ । ଏପରିକି ଆଧୁନିକ ''କମ୍ୟୁନିଜ୍ମ'' (Communism) ବା ସଂଘବାଦ ଭିତ୍ତିକ ଶାସନବ୍ୟବସ୍ଥା ବି ଭାରତରେ ଦେଖିବାକୁ ପାଉ, ସେ ବ୍ୟବସ୍ଥା ବି ଆମ ପାଇଁ ଅପରିଚିତ ନୁହେଁ ।

ରାଷ୍ଟ୍ରନୀତିର ଦିଗରେ ଦୃଷ୍ଟିପାତ କଲେ ଦେଖୁ – ଐତିହାସିକମାନେ ଏକଥାର ପ୍ରମାଣ ଦେବେ ଯେ, ଯେମିତି ରାଜତନ୍ତ୍ରର ଶାସନ ବ୍ୟବସ୍ଥା ଏ ଦେଶରେ ପ୍ରତିଷ୍ଠା ଲାଭ କରିଥିଲା, ଅନ୍ୟ ଦିଗରେ ସେଇପରି ଗଣତନ୍ତ୍ର ବି ତାହାରି ଭିତରେ ସ୍ଥାନ ପାଇଛି । ସାମ୍ରାଜ୍ୟ ବା ରାଜଚକ୍ରବର୍ତ୍ତିତ୍ୱର ପ୍ରତିଷ୍ଠା ସେ ଯେମିତି କରିଛି, ଅନ୍ୟ ଦିଗରେ ପୁନରାୟ ଜନସାଧାରଣଙ୍କର କର୍ତ୍ତୃତ୍ୱ ବି ଅତୁଟ ରଖିଛି । ରାଜା ଗୋଟିଏ ଦିଗରେ 'ନରଦେବତା' – ପୁଣି ଅନ୍ୟ ଭାବରେ ରାଜା ହେଉଛନ୍ତି 'ଗଣଦାସ' – ଏ ଦୁଇଟି ଯାକ କଥା ଭାରତ ଏକ ସାଙ୍ଗରେ କହିଛି – ଦେଖିଛି : ମୌର୍ଯ୍ୟମାନଙ୍କର ଓ ଗୁପ୍ତମାନଙ୍କର ଏମ୍ପାୟାର୍ (Empire) ଆଉ ସେମିତି ଶାକ୍ୟ, ମଲ୍ଲ, ଲିଚ୍ଛାବୀ ପ୍ରଭୃତି ଜାତିର ରିପବ୍ଲିକ (Republic) ବି ଲକ୍ଷ୍ୟ କରିଛି – ରାଷ୍ଟ୍ରଶାସନର ସବୁ ପ୍ରକାର ବ୍ୟବସ୍ଥା ଭାରତ ପରୀକ୍ଷା କରି ଦେଖିଛି ।

ଧର୍ମର ଆଦର୍ଶ ପ୍ରତି ଲକ୍ଷ୍ୟକରି ଦେଖ । କେତେ ସାଧନ ପଥ, କେତେ ସିଦ୍ଧାନ୍ତ ଭାରତ ଗଢ଼ି ତୋଳିଛି । ବାହାରୁ ଯେଉଁମାନେ ଆସିଛନ୍ତି, ଆପାତତଃ ଯେତେ ଭିନ୍ନ ଓ ବିଜାତୀୟ ହୁଅନ୍ତୁ ନା କାହିଁକି, ସମସ୍ତଙ୍କୁ ଭାରତ ନିଜ ଭିତରେ ଆପଣାର କରି ନେଇ ପାରିଛି – କାରଣ, ଏଇ ଦେଶ ଭିତରେହିଁ ରହି ଆସିଛି ଏକ ଉଦାର ବୈଚିତ୍ର୍ୟ । ଗୋଟିଏ ପଟେ ସେ ଯେପରି କହିଛି : ସବୁ ମିଛ, କିଛି ନାହିଁ, କିଛି ରହିବ ନାହିଁ – ସବୁ ଶୂନ୍ୟ, ସୁତରାଂ 'କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ'; ଅନ୍ୟ ଦିଗରେ ସେଇପରି ଅକୁଣ୍ଠଚିତ୍ତରେ ଘୋଷଣା କରିଛି ଯାହା ଅଛି, ତାହାହିଁ ମାତ୍ର ଅଛି – ସ୍ଥୂଳ ଦୃଷ୍ଟିରେ ଯାହା ଦେଖୁଥାଉ, ତାହାହିଁ ସବୁ, ସେଥିପାଇଁ 'ଋଣଂ କୃତ୍ୱା ଘୃତଂ ପିବେତ୍' । ଏଇ ଭାରତହିଁ ଧିକ୍କାର ଦେଇ ଦିନେ କହିଥିଲା କ୍ଷତ୍ରିୟବଳକୁ – ''ବଲଂ ବଲଂ ବ୍ରହ୍ମବଲଂ'' – କରୁଣା-ମୈତ୍ରୀ-ଅହିଂସା ପ୍ରଚାର କରି କହିଛି : ଶତ୍ରୁକୁ ଶତ୍ରୁଭାବ ଦେଇ ଜୟ କରାଯାଏ ନାହିଁ – 'ନ ହି ବୈରେଣ ବୈରାଣି ସମନ୍ତୀଧ କଦାଚନ'; ପୁନଶ୍ଚ ଏଇ ଭାରତହିଁ ଶିକ୍ଷା ଦେଇଛି : ''ଶଠେ ଶାଠ୍ୟଂ ସମାଚରେତ୍'', ''ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ପରନ୍ତପ'' । ଭାରତର ସାଧକକୁ ଗୋଟିଏ ପଟେ ଦେଖୁ କହୁଥିବାର : ମୁଁ ଅଧମ-ଅକ୍ଷମ, ମୁଁ ଦୀନହୀନ ପାପୀ; ପୁଣି ଏଇଠାରେ ନିଜକୁ 'ଶୁଦ୍ଧ ଅପାପବିଦ୍ଧ ମୁଁ', 'ସଚ୍ଚିଦାନନ୍ଦରୂପୋ ଶିବୋଽହଂ ଶିବୋଽହଂ' କହିବାର ବି ଶୁଣୁ, ପୁନଶ୍ଚ କେଉଁଠି : 'ଅହଂ ରୁଦ୍ରେଭି ର୍ବସୁଭିଶ୍ଚରାମି' ମଧ୍ୟ କହିବାର ଶୁଣାଯାଇଛି ।*

ସାରା ପୃଥିବୀର ଧର୍ମକର୍ମ ଯେପରି ଭାରତ ଆପଣା ଭିତରକୁ ଟାଣି ନେଇଛି । କେବଳ ତାହାହିଁ ନୁହେଁ, ଭାରତ ଆପଣା ଭିତରୁ ଯାହା ସୃଷ୍ଟି କରିଛି ଖୋଲିମେଲି ଦେଇଛି ଚତୁର୍ଦ୍ଦିଗରେ, ସାରା ପୃଥିବୀ ତାହାହିଁ ଗ୍ରହଣ କରି ସମୃଦ୍ଧ ହେବା ସାଙ୍ଗରେ ବର୍ତ୍ତି ରହିଛି । କି ଭାବରେ ଭାରତ ଭୂମଣ୍ଡଳର ଶିକ୍ଷାଦୀକ୍ଷାକୁ ପ୍ରଭାବାନ୍ୱିତ କରିଛି, ତାହାର ପ୍ରମାଣ ଇତିହାସ ଦେଉଛି – ସେ ପ୍ରମାଣର ନିତ୍ୟ ନୂତନ ରୂପ ଆଜି ବି ଆବିଷ୍କୃତ ହୋଇ ଚାଲିଛି । ଶିକ୍ଷା ଓ ସଭ୍ୟତାରେ ଇଉରୋପ ଜଗତର ରାଜା ବୋଲି ପରିକୀର୍ତ୍ତିତ । ଏଇ ଇଉରୋପର ପଛରେ ରହିଛି ରୋମ ଓ ଗ୍ରୀକ୍‌ର ପ୍ରତିଭା, ଗ୍ରୀକ୍ ସଭ୍ୟତାର ପଶ୍ଚାତରେ ରହିଥିଲା କ୍ରୀଟ୍ (Crete) ଓ ମିଶର ଦେଶର ପ୍ରତିଭା ଏବଂ ମିଶର ସଭ୍ୟତାର ପଶ୍ଚାତରେ ସାକ୍ଷାତ୍‌ଭାବରେ ଏବଂ ସୁମେର୍ (Sumer), ଆକାଦ (AKKAD), ବାବିଲନ୍, ଆସିରୀୟା (ASSYRIA) ଏବଂ ପ୍ରାଚୀନ ପାରସ୍ୟ ସଭ୍ୟତାର ଅନ୍ତରାଳରେ ଅସାକ୍ଷାତ୍ ଭାବରେ ଠିଆ ହୋଇଥିଲା ଭାରତ-ବର୍ଷ । ସୁଦୂର ଅତୀତରେ ଭାରତ ଯେ ଖାଲି ପଶ୍ଚିମ ଦିଗରେ ଆପଣାର ଦାକ୍ଷିଣ୍ୟର ହସ୍ତ ପ୍ରସାରିତ କରିଥିଲା, ସେତିକି ନୁହେଁ, ପୂର୍ବ ଦିଗରେ ବି ଅପାର ଜଳଧି ପାରି ହୋଇ ଆମେରିକାରେ ବି ନିଜର ଚିହ୍ନ ରଖିଯାଇଛି । ଆମେରିକାରେ, ମେକ୍ସିକୋ ଦେଶରେ ମଧ୍ୟ ହିନ୍ଦୁମାନଙ୍କର ଦେବାଦେବୀ ମୂର୍ତ୍ତି, ବୁଦ୍ଧମୂର୍ତ୍ତି

* ଅନ୍ୟାନ୍ୟ ଦେଶରେ ବି ଏଇପ୍ରକାର ନାନା ବିପରୀତ ଧରଣର ମତବାଦ ପୋଷଣ କରିବାର ଯେ ଦେଖାଯାଇ ନାହିଁ, ଏକଥା କହି ହେବ ନାହିଁ । କିନ୍ତୁ ଏତେପ୍ରକାର ବିରୋଧୀ ମତବାଦର ପ୍ରତ୍ୟେକଟିକୁ ଜୀବନରେ ଚରମ କରି ଧରି ଫଳବତୀ କରାଇବାର ଜାଗ୍ରତ୍-ପ୍ରୟାସ ନାହିଁ ଅନ୍ୟ କେଉଁଠାରେ – ଭାରତବର୍ଷ ବ୍ୟତୀତ ଅନ୍ୟତ୍ର ଦେଖାଯାଇ ନାହିଁ ।

ମିଳିଛି । ଏଇ ବୌଦ୍ଧଯୁଗରେ ଏବଂ ତାହାର ବହୁ ପୂର୍ବରେ ସେ ଯାହା ନ ହୋଇପାରେ – ସେକଥା କହିହେବ ନାହିଁ, ଯଦିବା ଆମ ପାଖରେ ପ୍ରମାଣ ଅଛି ବୌଦ୍ଧଯୁଗର ଖାଲି, ତଥାପି ଏହା ବି ସତ୍ୟ ଯେ ଭାରତର ଆଉ ଏକ ଢେଉ ଭାରତବକ୍ଷରୁ ଉଠି ପୃଥିବୀର ପୂର୍ବାଞ୍ଚଳରେ ଯାଇ ପଡ଼ିଥିଲା – ମଧ୍ୟ-ଏସିଆ, ଚୀନ, ଜାପାନ, ଶ୍ୟାମ, କମ୍ବୋଜ (Cambodia), ଚମ୍ପା (ANNAM), ଯବଦ୍ୱୀପ ଆଦିରେ – ଯେଉଁସବୁକୁ ଭାରତର ଉପନିବେଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏସମସ୍ତ ପରେ ଯେଉଁ ଖ୍ରୀଷ୍ଟଧର୍ମ ଇଉରୋପକୁ ଏତେ ଭାବରେ ଗଢ଼ିତୋଳିଛି, ତାହାର ମୂଳରେ ହିନ୍ଦୁର, ଭାରତର ପ୍ରତିଭା କେତେମାତ୍ରାରେ ରହିଛି, ସେ ରହସ୍ୟ ଏବେ ବି ସମ୍ୟକ୍ ତଳେଇ ଦେଖା ହୋଇ ନାହିଁ । ଏବେ ବି, ଇଉରୋପରେ ମଧ୍ୟଯୁଗର ଶେଷରେ ଜ୍ଞାନ-ବିଜ୍ଞାନର ଯେଉଁ ବିଶାଳ ଚର୍ଚ୍ଚା ଦେଖାଦେଇଥିଲା – ତାହାର ପ୍ରାରମ୍ଭିକ ପ୍ରେରଣା ମୁସଲମାନମାନେ ନେଇଯାଇଥିଲେ ଭାରତର ଶିକ୍ଷାଦୀକ୍ଷା ମଧ୍ୟରୁ । ତତ୍ପରେ ଏଇ ଭାରତକୁହିଁ ଆବିଷ୍କାର କରିବା ନିମନ୍ତେ କଲମ୍ବସ, ଭାସ୍କୋଡାଗାମା ଆଦି ବାହାରି ପଡ଼ିଥିଲେ, କାହିଁକି ? ଭାରତର ସମ୍ପଦର ଲୋଭରେ ? ଅସଲ ଗୁପ୍ତ କାରଣ ଏକ ରହିଛି – ସୂକ୍ଷ୍ମ ଜଗତର କାରଣ, ସେଇଟି ହେଉଛି ଇଉରୋପର ଚେତନାରେ ଏକ ଆକାଙ୍କ୍ଷା ଜାଗିଥିଲା ଭାରତର ସ୍ପନ୍ଦନ ପାଇବା ପାଇଁ, ଯେଉଁ ସ୍ପର୍ଶରେ କଲ୍ୟାଣ-କାମନା ରହିଛି, ଇଉରୋପର ଆପଣା ପ୍ରାଣର ପ୍ରାଣକୁ ପାଇବା ପାଇଁ ସନ୍ଧାନ ନେଉଛି – ଯାହା ସହିତ ସାକ୍ଷାତ୍ ଶାରୀର-ସମ୍ବନ୍ଧ ସ୍ଥାପନ କରିବାକୁ । ସଜ୍ଞାନରେ ନ ବୁଝିଲେ ମଧ୍ୟ, ଅନ୍ତରାତ୍ମା ମଧ୍ୟରେ ଏକ ଆଧ୍ୟାତ୍ମିକ ଅଭାବବୋଧ ଓ ବ୍ୟାକୁଳତାର ବଶରେହିଁ ଅର୍ଥ-ସମ୍ପଦ ଲୋଭ ସାଥିରେ ପରମାର୍ଥର ଲୋଭରେହିଁ ଇଉରୋପ ସେସମୟରେ ଭାରତ ଅଭିମୁଖରେ ଛୁଟି ଆସିଥିଲା ।

ତେବେ, ଏତେ ପୁରାତନ-କାଳକୁ ଯିବା ଦରକାର କ'ଣ ? ଗ୍ରୀକ୍ ଶିକ୍ଷା-ଦୀକ୍ଷାର ପୁନରାବିଷ୍କାର ଫଳରେ କୁହାଯାଇପାରେ ଯେ ତା' ଫଳରେ ଇଉରୋପରେ ଘଟିଥିଲା ପୁନର୍ଜନ୍ମ – ରେନାସେନ୍ସ । କିନ୍ତୁ ଇଉରୋପୀୟ ସଭ୍ୟତାର ଗଭୀରତର ପୁନର୍ଜନ୍ମ ଘଟିଲା ସେତିକିବେଳେ ଯେବେ ସେ ଆବିଷ୍କାର କଲା ସଂସ୍କୃତ ଭାଷାକୁ, ତାହାର ସାହିତ୍ୟକୁ – ବେଦ ଓ ଉପନିଷଦାଦିକୁ । ଆଉ, ଏହା ତ ସେ ଦିନର କଥା, ଯେଉଁ ଦିନ ଭାରତର ସନ୍ନ୍ୟାସୀବୀର ବେଦାନ୍ତର ବାର୍ତ୍ତା ନେଇ ସିଂହଗର୍ଜନରେ ପାଶ୍ଚାତ୍ୟର ବକ୍ଷ ଉପରେ ଝାମ୍ପି ପଡ଼ିଲେ, ଭାରତର ଦୀପ୍ତ ପ୍ରତିଭା ଇଉରୋପୀୟ ଜୀବନ ସମ୍ମୁଖରେ ତୋଳି ଧରିଥିଲେ ଜ୍ୱଳମାନ କରି – ସେ କାର୍ଯ୍ୟ ତାଙ୍କର ଏବେ ବି ସମାପ୍ତ ହୋଇ ନାହିଁ ।

ଭାରତକୁ ତେବେ କ'ଣ ବୋଲି କହିବା ? ଭାରତ କେବଳ ମାତ୍ର ଭୂଖଣ୍ଡ ବିଶେଷ ନୁହେଁ, ଅନ୍ୟାନ୍ୟ ଦେଶସବୁ ଭିତରୁ ଏହା ଗୋଟିଏ ଦେଶ ମାତ୍ର ନୁହେଁ, ଅନ୍ତରର ସୂକ୍ଷ୍ମତତ୍ତ୍ୱର ଦିଗରୁ ଦେଖିଲେ, ଆମେ କହିବାକୁ ଚାହୁଁ ଭାରତ ବର୍ଷ ହେଉଛି ଭୂଭାରତର ମାନବଜାତିର ''କାରଣ-ପୁରୁଷ'' । ତନ୍ତ୍ରରେ କାରଣ-ଜଗତର କଥା କୁହାଯାଇଛି, ଉପନିଷଦରେ ଏହାର ନାମ ବିଜ୍ଞାନ-ଲୋକ, ପୁରାଣ ଅନୁସାରେ ଏଇଟିକୁ ମହର୍ଲୋକ କହନ୍ତି । କାରଣ ଏ ଜଗତ୍ ହେଉଛି ସେଇ ଭୂମି, ଯେଉଁଠି ସୃଷ୍ଟିର ଆଦିରୂପ; ବସ୍ତୁର ପ୍ରଥମ ବୀଜ ରୋପିତ ହୋଇଛି – ସ୍ଥୂଳରେ ଯାହା କିଛି ପ୍ରକାଶ ପାଇବ, ପ୍ରକାଶ ପାଇପାରେ, ସେଗୁଡ଼ିକର ସାଧାରଣ ମୂଳତତ୍ତ୍ୱଗୁଡ଼ିକ ଯେଉଁ ସ୍ଥାନରେ ଚିନ୍ମୟ ମୂର୍ତ୍ତିରେ ଆବିର୍ଭୂତ – ତାହାହିଁ ସେଇ ବିଜ୍ଞାନଲୋକ । ଏହାର ନାମ ଯେ ମହର୍ଲୋକ, ତା'ର କାରଣ ଏଇ ସ୍ଥାନର ତତ୍ତ୍ୱବସ୍ତୁମାନ ଅନ୍ତରର ପ୍ରକାଶ, ଏହି ଭୂମିର ରୂପାୟଣ ବିଶିଷ୍ଟ ହେଲେ ମଧ୍ୟ ଖଣ୍ଡ ଓ ସୀମାବଦ୍ଧ ନୁହେଁ, ସେଥିରେ ଲୀଳାୟିତ ହୋଇ ଉଠିଅଛି ବୃହତ୍‌ର ସ୍ୱଭାବ ଓ ସ୍ୱରୂପ । ଅନନ୍ତ ଓ ଅସୀମର ଅନିର୍ଦ୍ଦେଶ୍ୟର ଭିତରେ ଯେବେ ସୃଜନ ଇଚ୍ଛାର ପ୍ରକାଶ ଆବେଗ ପ୍ରଥମ କରି ଚଞ୍ଚଳ ହୋଇଉଠେ, ସେତେବେଳେ ସେଠାରେ ଦେଖାଦିଏ ଯେପରି କେତେଗୁଡ଼ିଏ ଘୂର୍ଣ୍ଣିପାକର କେନ୍ଦ୍ର, ତପଃ-ତେଜଃର ଉତ୍ସ – ଯାହା ଅବାଙ୍ମାନସ-ଗୋଚର, ତାହା କେତେଗୁଡ଼ିଏ ମୂଳ ଭାବରସକୁ ଆଶ୍ରୟ କରିହିଁ ଗୋଚର ହେବାକୁ ଲାଗେ, ଫୁଟି ଉଠିବାକୁ ଲାଗେ ପ୍ରକାଶ ଦିଗରେ । ଏଇ ସମସ୍ତ ମୂଳଭାବ ପୁନରାୟ ବହୁ ବିଚିତ୍ର ନାନାବିଧ ସମ୍ଭାବନାର ଧାରା ବିକୀର୍ଣ୍ଣ କରି ସୂକ୍ଷ୍ମ ଜଗତର ସୃଜନ କରେ ଏବଂ ପରେ ଏହି ସମ୍ଭାବନାର ଧାରାରୁ କେତେଗୁଡ଼ିଏ ଆହୁରି ସ୍ପଷ୍ଟ, ଆହୁରି ମୂର୍ତ୍ତ, ଆହୁରି ବାସ୍ତବ ଜମାଟ ହେବାକୁ ଲାଗେ, ଶେଷକୁ ଯାହା ପରିଣତ ହୁଏ ଏଇ ସ୍ଥୂଳ ଦୃଶ୍ୟମାନ ଜଗତରେ । ଭଗବାନଙ୍କ ଅନ୍ତରର ସୃଷ୍ଟିର ଯେଉଁ ମୂଳ ସୂତ୍ରମାନ, ଯେଉଁ ନକ୍ସା ବା ଛାଞ୍ଚ, ସେଇଗୁଡ଼ିକହିଁ ହେଉଛି ଏଇ କାରଣ ଜଗତ୍ – ସେଇଠାରେହିଁ ବସ୍ତୁର ସ୍ୱରୂପ ଓ ସ୍ୱଭାବ; ଦାର୍ଶନିକ ପ୍ଲେଟୋ କାରଣ-ଜଗତରେ ଥିବା ବସ୍ତୁସବୁର ସ୍ୱରୂପ ଓ ସ୍ୱଭାବକୁ ନାମ ଦେଇଛନ୍ତି 'ଆଇଡ଼ିଆ' (Idea) ବୋଲି ।

ଏଇ 'ଆଇଡ଼ିଆ'ଗୁଡ଼ିକୁ ନେଇ ଯେଉଁ ଦିବ୍ୟଲୋକ, ତାହାର ପ୍ରତୀକ ହେଉଛି ଭାରତ ବର୍ଷ । ଭାରତ ଯେପରି ଭଗବାନଙ୍କର କର୍ମଶାଳା — ଏଇଠାରେ ସେ ନାନାବିଧ ପରୀକ୍ଷା କରନ୍ତି, ଗଢ଼ନ୍ତି ମୂଳଭାବ ଓ ବୀଜଶକ୍ତି ଯାହା ପରେ ଜଗତରେ ବ୍ୟାପିଯିବ — ଖେଳେଇ ବିଛାଡ଼ି ହୋଇପଡ଼ିବ, ମାନବଜାତିର ଯାବତୀୟ ସୃଷ୍ଟିର କାରଣ ହୋଇ । ଭାରତହିଁ ଯେପରି ଦେବଧାମ — ଏ ଜଗତରେ ସୃଷ୍ଟିର ନିୟନ୍ତା, ବାସ୍ତବର ଅଧିଷ୍ଠାତା ଯେଉଁସବୁ ଅମରବୃନ୍ଦ, ସେମାନେ ଜନ୍ମଗ୍ରହଣ କରୁଛନ୍ତି, ବ୍ରହ୍ମସତ୍ତାରୁ ପ୍ରଥମ ପ୍ରକାଶ ଭିତରେ ଓହ୍ଲାଇ ଆସୁଛନ୍ତି ଏଇ ଭୂଖଣ୍ଡକୁ — ଏଇଠାରୁହିଁ ଜଣ ଜଣ କରି ସେମାନେ ଜାଗ୍ରତ୍ ରୂପଧରି ପୃଥିବୀର ଏକ ଏକ ଦିଗର ଅଧିପତି ହୋଇ ଚାଲିଛନ୍ତି । ସୁତରାଂ ସୃଷ୍ଟିଚକ୍ରର ନାଭିଦେଶ ହେଉଛି ଏଇ ଭାରତ ।

ଭାରତ ମହର୍ଲୋକର ଚିନ୍ମୟ ଭାବାବଳୀର ବିଗ୍ରହ । ତେଣୁ ଭାରତର ସକଳ ପ୍ରକାଶ ମଧ୍ୟରେ ଦେଖିବାକୁ ମିଳେ ଅନନ୍ତ-ଅସୀମର ଚେତନା; ଭାରତ ଯାହା ସୃଷ୍ଟି କରିଛି, ତାହାରି ମଧ୍ୟରେ ରହିଛି ଏକ ବିଶାଳ ପରାକାଷ୍ଠା । ମଝି ବାଟରେ କୌଣସି ଜିନିଷକୁ ଛାଡ଼ିଦେଇ ନାହିଁ, କୌଣସି ଜିନିଷକୁ ଛୋଟ କରି, କ୍ଷୁଦ୍ର ଆକାର ଦେଇ ଗଢ଼ି ନାହିଁ — ପ୍ରତ୍ୟେକ ଚୂଡ଼ାନ୍ତରେ ବୃହତ୍ ମଧ୍ୟରେ ସେ ଉପନୀତ ହେବାକୁ ଚାହିଁ ଆସିଛି । ଗ୍ରୀକ୍ ଖୋଜିଛି ପରିଣାମ ଏକ — golden mean; କିନ୍ତୁ ଭାରତକୁ ଚଳାଇଛି ଅସୀମର ବୋଧ — ଯାବତୀୟ ସୀମାର ବାହାରେ — ଅନନ୍ତ ଦିଗରେ, ମାତ୍ରାଧିକ ଦିଗରେ — ଶେଷରେ ସେଠାରେ ପହଞ୍ଚିବା ପରେ ଯାଇ ଭାରତ ପଚାରିଛି : — ''ତତଃ କିମ୍'' ? ଏବଂ ଏଇ ବିରାଟ ବିପୁଳତାର ବୋଧ ଏତେ ଜାଗ୍ରତ୍ ଥିଲା ବୋଲିହିଁ ଭାରତ କୌଣସି ଏକ ସତ୍ୟକୁ, ତାହାର ଧାରାକୁ ଏକାନ୍ତ କରି ଜାବୁଡ଼ି ଧରିପାରି ନାହିଁ । ସତ୍ୟ ବସ୍ତୁ ଭାବରେ ଏକ ହେଲେ ବି ପ୍ରକାଶ ଦିଗରୁ ଦେଖିଲେ ତାହା ବହୁ — ସେଇ କାରଣରୁ ତ କୁହାଯାଇଛି : ବହୁଧା ବଦନ୍ତି । ତେଣୁ ଭାରତର ଜୀବନ-ତନ୍ତ୍ରୀରେ ଗୋଟିଏ ସୁର ଯେ ବାଜୁଥିବ, ସେପରି କିଛି କଥା ନାହିଁ, ବହୁତ୍ୱର ବୈଚିତ୍ର୍ୟ ତାହା ଭିତରେ ଝଙ୍କୃତ ହେବା ଫଳରେ ଏକ ବୃହତ୍ ସଙ୍ଗତି ତୋଳି ଉଠିଛି ଏଠି । କାରଣ-ପୁରୁଷ ଏଇ ରକମରେ ଅନନ୍ତର ବୋଧକୁ ଅତୁଟ ରଖି ମଧ୍ୟ, ତାହାରି ଭିତରେ ଫୁଟାଇ ଧରିଛି ଲୀଳାଖେଳା ସାନ୍ତର । ମହର୍ଲୋକରେ ସୃଷ୍ଟିର ଯେଉଁ ବୀଜ-ଲୀଳା, ସେଇଥିରେ ରହିଛି ସାନ୍ତ ଓ ଅନନ୍ତ ଏବଂ ରୂପ ଓ ଅରୂପର ପୂର୍ଣ୍ଣ ମିଳନ ଓ ସାମଞ୍ଜସ୍ୟ । ସ୍ଥୂଳରେ ଜଡ଼ ପ୍ରତିଷ୍ଠାନରେ ଯେଉଁଠି ଯେତେବେଳେ ସୃଷ୍ଟିର ବେଗ ବନ୍ଧା ପଡ଼ିଛି, ଯେତେବେଳେ ଯେଉଁଠି ଅନନ୍ତର ବୋଧ ଲୋପ ପାଇଯିବାକୁ ବସିଛି, ସେତେବେଳେ ସେଇଠାରେ ଭାରତ ଆପଣାର ନିବା ସ୍ପଷ୍ଟ ବ୍ୟକ୍ତିଗତ ରୂପ ନେଇ ନିଃଶେଷରେ ବସ୍ତୁ ସମେତ ତାହାର ପୂର୍ତ୍ତି ଉଦ୍ଦେଶ୍ୟରେ ପହଞ୍ଚି ଯାଇଛି । ଭାରତ ବର୍ଷ ଛଡ଼ା ଅନ୍ୟାନ୍ୟ ଦେଶର ସୃଷ୍ଟିରେ ଏଭଳି ଏକ ସୀମାର ବନ୍ଧନକୁ ରୂପର ଆୟତନରେ ପରିଣତ କରି ସମାପ୍ତି ପର୍ବ ଯାଏଁ ଆଣିବାର ଦେଖାଯାଏ କି ? ଅଥଚ ଭାରତର ଶରୀର-ଚେଷ୍ଟାର ଭିତରେ ବିଦେହର ବ୍ୟଞ୍ଜନା ରହିଯାଇଛି — ଆମର ସ୍ଥୂଳ ସତ୍ୟ, ବାସ୍ତବ ପ୍ରତିଷ୍ଠାନର ପଛରେ ଏବଂ ତାହାର ଦୃଷ୍ଟିରେ ରହିଛି ଯଥେଷ୍ଟ ଅଧିକମାତ୍ରାରେ ଜାଗ୍ରତ୍ ତାତ୍ତ୍ୱିକ ବସ୍ତୁ, ଆତ୍ମିକ ସତ୍ତା ।

('ଭାରତ-ରହସ୍ୟ' ଗ୍ରନ୍ଥ, ରଚନାବଳୀ- ୬ଷ୍ଠ ଖଣ୍ଡରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ

ଭାରତ ଓ ପୃଥିବୀର ସୁରକ୍ଷା ନିମନ୍ତେ ଆଧ୍ୟାତ୍ମିକ ଜ୍ଞାନ ସହ ସୁସଂହତ ସଂକଳ୍ପର ଏକ ସମର୍ଥ ଓ ଶକ୍ତିଶାଳୀ ସଙ୍ଗଠନ ଗଢ଼ି ଉଠିବା ଦରକାର । ଭାରତହିଁ ସେହି ଦେଶ ଯେ ପୃଥିବୀ ପାଇଁ ଦିବ୍ୟସତ୍ୟ ଆଣିଦେଇପାରେ । ପୃଥିବୀ ଆଗରେ ଭାରତ ନିଜର ବାର୍ତ୍ତା ପହଞ୍ଚାଇ ଦେଇପାରେ କେବଳ ଭାଗବତ ସଂକଳ୍ପ ଓ ଶକ୍ତିକୁ ପ୍ରକଟ କରିବା ଦ୍ୱାରା, ପାଶ୍ଚାତ୍ୟର ବସ୍ତୁବାଦକୁ ଅନୁକରଣ କରିବା ଦ୍ୱାରା ନୁହେଁ । ଭଗବାନଙ୍କ ସଂକଳ୍ପକୁ ଅନୁସରଣ କରି ଭାରତ ଆଧ୍ୟାତ୍ମିକ ଶୈଳରାଜିର ଶିଖରରେ ଶୋଭା ପାଇବ ଜାଜ୍ୱଲ୍ୟମାନ ମୁକୁଟ ପରି ଏବଂ ପୃଥିବୀକୁ ଦିବ୍ୟସତ୍ୟର ବାଟ ଦେଖାଇବ ଓ ବିଶ୍ୱ ଏକତାକୁ ସଙ୍ଗଠିତ କରିବ ।

— ଶ୍ରୀମା

ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୬

# ଦିବ୍ୟ ଉଷା

## (ଋଗ୍‌ବେଦ : ମଣ୍ଡଳ - ୩, ସୂକ୍ତ : ୬୧, ଋଷି : ବିଶ୍ୱାମିତ୍ର)

## ଶ୍ରୀଅରବିନ୍ଦ

**ଉଷୋ ବାଜେନ ବାଜିନି ପ୍ରଚେତାଃ**
**ସ୍ତୋମଂ ଜୁଷସ୍ୱ ଗୃଣତୋ ମଘୋନି ।**
**ପୁରାଣୀ ଦେବି ଯୁବତିଃ ପୁରନ୍ଧି-**
**ରନୁ ବ୍ରତଂ ଚରସି ବିଶ୍ୱବାରେ ॥୧॥**

୧. ହେ ଉଷା [ଉଷଃ], ସାରତତ୍ତ୍ୱରେ ସମୃଦ୍ଧା [ବାଜେନ ବାଜିନି], ତୁମକୁ ବ୍ୟକ୍ତ କରୁଥିବା ବ୍ୟକ୍ତିର ସ୍ତୁତି ସହ [ସ୍ତୋମମ୍], ତୁମେ ସଚେତନଭାବେ [ପ୍ରଚେତାଃ] ସନ୍ନିହିତ ହୋଇ ରୁହ [ଜୁଷସ୍ୱ], ହେ ସମୃଦ୍ଧିମତି [ମଘୋନି] । ହେ ଦେବି [ଦେବି], ତୁମେ ପୁରାତନୀ ହୋଇ ମଧ ଚିର ଯୁବତୀ [ପୁରାଣୀ ଯୁବତିଃ], ବହୁମୁଖୀ ଧୀ ଧାରିଣୀ [ପୁରନ୍ଧିଃ], ତୁମ ବ୍ରତ (କର୍ମର ବିଧାନ)କୁ ଅନୁସରଣ ପୂର୍ବକ ତୁମେ ଗତି କରୁଛ [ବ୍ରତମ୍ ଅନୁ ଚରସି], ହେ ସକଳ ବରବାହିନି [ବିଶ୍ୱବାରେ] !

**ଉଷୋ ଦେବ୍ୟମର୍ତ୍ୟା ବି ଭାହି**
**ଚନ୍ଦ୍ରରଥା ସୂନୃତା ଈରୟନ୍ତୀ ।**
**ଆ ତ୍ୱା ବହନ୍ତୁ ସୁୟମାସୋ ଅଶ୍ୱା**
**ହିରଣ୍ୟବର୍ଣାଂ ପୃଥୁପାଜସୋ ୟେ ॥୨॥**

୨. ହେ ଦିବ୍ୟ ଉଷା [ଦେବି ଉଷଃ] ! ଆନନ୍ଦର ରଥରେ ରହି [ଚନ୍ଦ୍ରରଥା], 'ସତ୍ୟ'ର ସୁଖକର ବାକ୍ୟକୁ ପ୍ରେରଣ କରି କରି [ସୂନୃତା ଈରୟନ୍ତୀ] ତୁମେ ବିଭାସିତ ହୁଅ [ବି ଭାହି] । ସୁଶାସିତ ଅଶ୍ୱଗଣ [ସୁୟମାସଃ ଅଶ୍ୱାଃ] ତୁମକୁ ଏଠାକୁ ବହନ କରିଆଣନ୍ତୁ [ତ୍ୱା ଆ ବହନ୍ତୁ] ଯେଉଁମାନେ କି [ୟେ] ସ୍ୱର୍ଣ୍ଣବର୍ଣ୍ଣ [ହିରଣ୍ୟବର୍ଣ୍ଣାଃ] ଏବଂ ବ୍ୟାପକ ବଳଯୁକ୍ତ [ପୃଥୁ ପାଜସଃ] ।

**ଉଷଃ ପ୍ରତୀଚୀ ଭୁବନାନି ବିଶ୍ୱୋ-**
**ର୍ଧ୍ୱା ତିଷ୍ଠସ୍ୟମୃତସ୍ୟ କେତୁଃ ।**
**ସମାନମର୍ଥଂ ଚରଣୀୟମାନା**
**ଚକ୍ରମିବ ନବ୍ୟସ୍ୟା ବବୃତ୍ସ୍ୱ ॥୩॥**

୩. ହେ ଉଷା [ଉଷଃ], ସକଳ ଭୁବନର ସମ୍ମୁଖୀନ ହେବା ସହ [ବିଶ୍ୱା ଭୁବନାନି ପ୍ରତୀଚୀ] ତୁମେ ଉର୍ଦ୍ଧ୍ୱସ୍ଥା ହୋଇ ବିଦ୍ୟମାନା [ଉର୍ଦ୍ଧ୍ୱା ତିଷ୍ଠସି] ଏବଂ ତୁମେ ସେମାନଙ୍କର 'ଅମୃତତ୍ୱ'ର ବୋଧ ସ୍ୱରୂପା [ଅମୃତସ୍ୟ କେତୁଃ]; ସମାନ କ୍ଷେତ୍ରରେ ବିଚରଣଶୀଳା [ସମାନମ୍ ଅର୍ଥଂ ଚରଣୀୟମାନା], ହେ ନବୀନ ଦିବା [ନବ୍ୟସି] ! ତୁମେ ଚକ୍ର ଭଳି [ଚକ୍ରମ୍ ଇବ] ସେମାନଙ୍କ ଉପରେ ଗତି କରି ଚାଲ [ଆ ବବୃତ୍ସ୍ୱ] ।

**ଅବ ସ୍ୟୂମେବ ଚିନ୍ୱତୀ ମଘୋନ୍ୟୁ-**
**ଷା ୟାତି ସ୍ୱସରସ୍ୟ ପତ୍ନୀ ।**
**ସ୍ୱର୍ଜନନ୍ତୀ ସୁଭଗା ସୁଦଂସା**
**ଆନ୍ତାଦ୍ଦିବଃ ପପ୍ରଥ ଆ ପୃଥିବ୍ୟାଃ ॥୪॥**

୪. ପ୍ରାଚୁର୍ଯ୍ୟମୟୀ ଉଷା [ମଘୋନୀ ଉଷା] ସିଲାଇ ହୋଇଥିବା ନିଜ ବସ୍ତ୍ରରୁ ବିଚ୍ୟୁତ ହୋଇ ଯାଇଥିବା ଜଣେ ବ୍ୟକ୍ତି ପରି [ସ୍ୟୂମ ଅବ ଚିନ୍ୱତୀ ଇବ] ଯାତ୍ରା କରୁଛନ୍ତି [ୟାତି], ସେ ହେଉଛନ୍ତି ଆନନ୍ଦର ବଧୂ [ସ୍ୱସରସ୍ୟ ପତ୍ନୀ]; 'ସ୍ୱର୍'କୁ ଜନ୍ମ ଦେଉଥିବା [ସ୍ୱର୍ଜନନ୍ତୀ], ନିଜ କର୍ମରେ ଯେ ପୂର୍ଣ୍ଣ କର୍ମ-କୁଶଳା [ସୁଦଂସା], ନିଜର ଭୋଗରେ ଯେ ସମ୍ପୂର୍ଣ୍ଣ ତ୍ରୁଟିହୀନା [ସୁଭଗା] ସେଇ ଉଷା ଦ୍ୟୁଲୋକର ଅନନ୍ତତାଠାରୁ [ଆ ଦିବଃ ଅନ୍ତାତ୍] ପୃଥିବୀ ପର୍ଯ୍ୟନ୍ତ [ଆ ପୃଥିବ୍ୟାଃ] ପରିବ୍ୟାପ୍ତା ହୋଇଛନ୍ତି [ପପ୍ରଥେ] ।

**ଅଚ୍ଛା ବୋ ଦେବୀମୁଷସଂ ବିଭାତୀଂ**
**ପ୍ର ବୋ ଭରଧ୍ୱଂ ନମସା ସୁବୃକ୍ତିମ୍ ।**
**ଉର୍ଧ୍ୱଂ ମଧୁଦା ଦିବି ପାଜୋ ଅଶ୍ରେତ୍**
**ପ୍ର ରୋଚନା ରୁରୁଚେ ରଣ୍ୱସଂଦୃକ୍ ॥୫॥**

୫. ଦିବ୍ୟ ଉଷା, ଯେ କି ତୁମ ଦିଗରେ ଉଜ୍ଜ୍ୱଳତରା ହୋଇ ଉଠୁଛନ୍ତି [ବଃ ବିଭାତୀଂ ଦେବୀମ୍ ଉଷସମ୍] ତାଙ୍କୁ ସାକ୍ଷାତ୍ କର [ଅଚ୍ଛ] ଏବଂ ସମର୍ପଣ ପୂର୍ବକ [ନମସା] ତୁମର ସମଗ୍ର ଶକ୍ତିକୁ [ବଃ ସୁବୃକ୍ତିମ୍] ପ୍ରକାଶୋନ୍ମୁଖୀ କରାଅ [ପ୍ର ଭରଧ୍ୱମ୍] । ଦ୍ୟୁଲୋକରେ ସମୁଲ୍ଲସିତ ଯେଉଁ ଶକ୍ତି [ଦିବି ଉର୍ଦ୍ଧ୍ୱଂ ପାଜଃ] ତାହା ପ୍ରତି ସେ ମାଧୁର୍ଯ୍ୟ ଅଧିଷ୍ଠାନର ସହ [ମଧୁଧା]

ଉଦିତା ହେଉଛନ୍ତି [ଅଶ୍ରେତ୍]; ଜ୍ୟୋତିର୍ମୟ ଭୁବନଗୁଡ଼ିକୁ [ରୋଚନା] ସେ ଅଭିବ୍ୟକ୍ତି ଦିଗରେ ପ୍ରରୋଚିତ କରୁଛନ୍ତି [ପ୍ର ରୁରୁଚେ] ତଥା ତାଙ୍କର ଦୃଶ୍ୟ ପରମାନନ୍ଦ ପ୍ରଦାନ କରେ [ରଣ୍ୱସଂଦୃକ୍]।

**ଋତାବରୀ ଦିବୋ ଅର୍କୈରବୋଧା**
**ରେବତୀ ରୋଦସୀ ଚିତ୍ରମସ୍ଥାତ୍ ।**
**ଆୟତୀମଗ୍ନ ଉଷସଂ ବିଭାତୀଂ**
**ବାମମେଷି ଦ୍ରବିଣଂ ଭିକ୍ଷମାଣଃ ।।୬।।**

୬. ଦ୍ୟୁଲୋକର ଜ୍ଞାନଜ୍ୟୋତିଃ ମାଧ୍ୟମରେ [ଦିବଃ ଅର୍କୈଃ] ଜଣେ ବୁଝିଥାଏ ଯେ ସେ (ଉଷା) ହେଉଛନ୍ତି ସତ୍ୟର ବାହିକା [ଋତାବରୀ ଆ ଅବୋଧି] ଏବଂ ପ୍ରହର୍ଷିଣୀ ସେ [ରେବତୀ] ବିଚିତ୍ର ରଙ୍ଗରେ ରଞ୍ଜିତା ହୋଇ ସ୍ୱର୍ଗ ଓ ମର୍ତ୍ତ୍ୟକୁ ଆଗମନ କରୁଛନ୍ତି [ଚିତ୍ରଂ ରୋଦସୀ ଅସ୍ଥାତ୍]। ହେ ଅଗ୍ନି [ଅଗ୍ନେ] ! ବିଭା ପ୍ରକାଶ ପୂର୍ବକ [ବିଭାତୀମ୍] ତୁମ ନିକଟକୁ ଆଗମନ କରୁଥିବା ଉଷାଙ୍କୁ [ଆୟତୀମ୍] ତୁମେ ଭିକ୍ଷା କରିଥାଅ [ଭିକ୍ଷମାଣଃ], ଆନନ୍ଦର ଦ୍ରବକୁ [ବାମଂ ଦ୍ରବିଣମ୍] ଉପଲବ୍ଧି କରିଥାଅ [ଏଷି]।

**ଋତସ୍ୟ ବୁଧ୍ନ ଉଷସାମିଷଣ୍ୟନ୍**
**ବୃଷା ମହୀ ରୋଦସୀ ଆ ବିବେଶ ।**
**ମହୀ ମିତ୍ରସ୍ୟ ବରୁଣସ୍ୟ ମାୟା**
**ଚନ୍ଦ୍ରେବ ଭାନୁଂ ବି ଦଧେ ପୁରୁତ୍ରା ।।୭।।**

୭. ଋତର ଭୂମିରେ [ଋତସ୍ୟ ବୁଧ୍ନେ], 'ଉଷା'ମାନଙ୍କର ଆଧାରରେ [ଉଷସାଂ ବୁଧ୍ନେ] ସେ ନିଜର ପ୍ରେରଣାକୁ ଆଗରେ ସନ୍ନିହିତ କରି [ଇଷଣ୍ୟନ୍] ସେମାନଙ୍କର ପ୍ରଭୁ [ବୃଷା] ଦ୍ୟାବାପୃଥିବୀର ବିଶାଳତା ମଧ୍ୟକୁ [ମହୀ ରେଦସୀ] ପ୍ରବେଶ କରୁଛନ୍ତି [ଆ ବିବେଶ]। ମିତ୍ର ଓ ବରୁଣଙ୍କ ବିରାଟ ଜ୍ଞାନ [ବରୁଣସ୍ୟ ମିତ୍ରସ୍ୟ ମହୀ ମାୟା] ସେହି ସ୍ୱର୍ଜ୍ୟୋତିକୁ [ଭାନୁମ୍] ବିବିଧ ବିଭାବରେ [ପୁରୁତ୍ରା] ବ୍ୟବସ୍ଥାପିତ କରୁଛି [ବି ଦଧେ]।

### ଶ୍ରୀଅରବିନ୍ଦଙ୍କ ଭାଷ୍ୟ

ସୂର୍ଯ୍ୟ ସବିତା ନିଜର ବିଭାତୀକରଣ କାର୍ଯ୍ୟ 'ଉଷା'ଙ୍କର ବିକାଶ ପରେ କରିଥା'ନ୍ତି । ଅନ୍ୟ ଏକ ସୂକ୍ତରେ ମନର ଗତିବୃତ୍ତିକୁ ବର୍ଣ୍ଣନା କରାଯାଇଛି ଯେ ଏହା ଯେପରି ନିରନ୍ତର ବୃଦ୍ଧିଲାଭ କରୁଥିବା ଓ ଉଜ୍ଜ୍ୱଳ ହୋଇ ଉଠୁଥିବା ସଚେତନ ଉଷାଗଣଙ୍କର ଶକ୍ତି ଦ୍ୱାରା ସଚେତନ ଓ ଜ୍ଞାନଦୀପ୍ତ ହୋଇଉଠିଛି । ସମଗ୍ର ବେଦରେ ସର୍ବତ୍ର ସ୍ୱର୍-ଦୁହିତା ଉଷାଙ୍କର ସେହି ଏକହିଁ ଉଦ୍ଦିଷ୍ଟ କର୍ମ । ସେ ହେଉଛନ୍ତି ଜାଗୃତିର ମାଧ୍ୟମ, ଅନ୍ୟ ଦେବଗଣଙ୍କର କର୍ମଧାରା ତଥା ବୃଦ୍ଧି ପାଇଁ ସେ ହେଉଛନ୍ତି ମାଧ୍ୟମ; ବୈଦିକ ଉପଲବ୍ଧିରେ ତାଙ୍କର ପ୍ରକାଶ ହେଉଛି ପ୍ରଥମ ସର୍ତ୍ତ । ସେ ଉତ୍ତରୋତ୍ତର ଜ୍ୟୋତିର୍ମୟୀ ହେବା ଫଳରେ ମାନବର ସମଗ୍ର ପ୍ରକୃତି ବିଶୋଧିତ ହୋଇଥାଏ; ତାଙ୍କରି ସହାୟତାରେ ମାନବ ସତ୍ୟରେ ଉପନୀତ ହୁଏ, 'ଆନନ୍ଦ'ର ଉପଭୋଗ ମଧ୍ୟ ତାଙ୍କରି ଜରିଆରେ ହୋଇଥାଏ । ଋଷିପ୍ରଦର୍ଶିତ ଏହି ଦିବ୍ୟ-ଉଷା ହେଉଛନ୍ତି ଦିବ୍ୟାଲୋକର ଆଗମନୀ ଯାହା ଗୋଟିକ ପରେ ଗୋଟିଏ ଅବଗୁଣ୍ଠନକୁ ଅପସାରିତ କରିଦେଉଥା'ନ୍ତି ଏବଂ ମନୁଷ୍ୟର କର୍ମାବଳି ମଧ୍ୟରେ ତେଜୋମୟ ଦେବତ୍ୱର ପ୍ରକଟନ କରାଉଥା'ନ୍ତି । ଏହି ଆଲୋକ ମଧ୍ୟରେ ସେହି ଉଦ୍ଦିଷ୍ଟ 'କର୍ମ'ଟି କରାଯାଏ, ଯଜ୍ଞ ହବନ କରାଯାଏ ଏବଂ ଯଜ୍ଞର ଅଭୀଷ୍ଟ ଫଳ ମାନବଜାତି ଦ୍ୱାରା ପ୍ରାପ୍ତ ହୋଇଥାଏ ।

ପ୍ରକୃତରେ, ବେଦରେ ଏପରି ଅନେକ ସୂକ୍ତ ଅଛି ଯେଉଁଥିରେ ପ୍ରାକୃତିକ ଉଷାର ବର୍ଣ୍ଣାଢ୍ୟ ତଥା ସୌନ୍ଦର୍ଯ୍ୟମୟ ଅଳଙ୍କାର ବା ରୂପକ ସମ୍ଭାର ଏହି ଉଷାଦେବୀଙ୍କର ଆନ୍ତର ସତ୍ୟକୁ ଆବୃତ କରି ଦେଇଛି, କିନ୍ତୁ ମହାନ୍ ଋଷି ବିଶ୍ୱାମିତ୍ରଙ୍କର ଏହି ସୂକ୍ତରେ ବୈଦିକ ଉଷାଙ୍କର ଆଧ୍ୟାତ୍ମିକ ପ୍ରତୀକାତ୍ମକତାର ମୁକ୍ତ ଅଭିବ୍ୟକ୍ତି ଘଟିଛି ଏବଂ ଏହା ଚିନ୍ତାର ସମ୍ମୁଖ ଭାଗରେ ରହିଛି । ସେ ତାଙ୍କୁ ସଂବୋଧନ କରି କହୁଛନ୍ତି – ''ହେ ଉଷେ ! ସାରତତ୍ତ୍ୱରେ ସମୃଦ୍ଧା, ତୁମକୁ ସ୍ତୁତି କରୁଥିବା ବ୍ୟକ୍ତିଠାରେ ତୁମେ ସଚେତନଭାବେ ନିବିଡ଼ ହୋଇଥାଅ, ହେ ସମୃଦ୍ଧିମତି !'' 'ପ୍ରଚେତସ୍' ଓ ଏହାର ସମ୍ପର୍କିତ ଶବ୍ଦ 'ବିଚେତସ୍' – ଉକ୍ତ ଶବ୍ଦଦ୍ୱୟ ବୈଦିକ ବାକ୍-ବିନ୍ୟାସ ଧାରାରେ ନିତ୍ୟପ୍ରଚଳିତ ପରିଭାଷା ରୂପେ ବ୍ୟବହୃତ; ମନେହୁଏ ପରବର୍ତ୍ତୀ ଭାଷାରେ ଏ ଦୁଇଟିର ଭାବ ବେଦାନ୍ତର 'ପ୍ରଜ୍ଞାନ' ଓ 'ବିଜ୍ଞାନ' ଶବ୍ଦ ଦ୍ୱାରା ବ୍ୟକ୍ତ ହୋଇଛି । 'ପ୍ରଜ୍ଞାନ' ହେଉଛି ଏଭଳି ଏକ ଚେତନା ଯାହା ସକଳ ବସ୍ତୁକୁ ତା'ର ସମକ୍ଷରେ ନିରୀକ୍ଷଣର ବିଷୟ ରୂପେ ବୋଧ କରିଥାଏ; ଦିବ୍ୟମନ ମଧ୍ୟରେ ଏହା ବସ୍ତୁ-ସମ୍ପର୍କିତ ଏପରି ଜ୍ଞାନ ଯାହା ହେଉଛି ସେଗୁଡ଼ିକର ଆଦି ଉତ୍ସ, ସ୍ୱାମୀ ତଥା ସାକ୍ଷୀ । 'ବିଜ୍ଞାନ' ହେଉଛି ଏପରି ବ୍ୟାପକ ଜ୍ଞାନ ଯାହା ବସ୍ତୁଗୁଡ଼ିକୁ ଧାରଣ କରିଥାଏ, ସେଗୁଡ଼ିକର ଅନ୍ତର ମଧ୍ୟକୁ

ପ୍ରବେଶ କରିଯାଏ, ସେଗୁଡ଼ିକର ସତ୍ୟ ସହିତ ଏକପ୍ରକାର ଐକାନ୍ତିକତା ଦ୍ୱାରା ଚେତନା ସ୍ତରରେ ସେଗୁଡ଼ିକୁ ପରିବ୍ୟାପ୍ତ କରି ଦେଉଥାଏ । ଋଷିଙ୍କର ସତ୍ୟପ୍ରକଟନଶୀଳ ଧୀ ତଥା ବାକ୍‌କୁ ଉଷା ଜ୍ଞାନର ଶକ୍ତିଭାବେ ବ୍ୟାପ୍ତରୂପ ଦେଇଛନ୍ତି, ଯାହା ସେହି ସକଳ ସତ୍ୟ ବିଷୟରେ ସଚେତନ, ଯେଉଁଗୁଡ଼ିକୁ କି ସେମାନେ ମନୁଷ୍ୟ ମଧ୍ୟରେ ପରିପ୍ରକାଶ ନିମନ୍ତେ ମନର ସମ୍ମୁଖରେ ସ୍ଥାନ ଦେଇଛନ୍ତି । ଏଠାରେ ଏହି ଅର୍ଥ ସୂଚିତ ହେଉଛି ଯେ ଏହି ସ୍ତୁତି ପରିପୂର୍ଣ୍ଣ ଓ ସମ୍ପ୍ରସାରିତ ହେବ; କାରଣ ଉଷା ହେଉଛନ୍ତି **''ବାଜେନ ବାଜିନୀ, ମଘୋନୀ'';** ତାଙ୍କର ଭଣ୍ଡାର ସାରସ୍ୱତରେ ପରିପୂର୍ଣ୍ଣ; ତାଙ୍କର ରହିଛି ସକଳ ପ୍ରାଚୁର୍ଯ୍ୟ ।

ଏହି ଉଷା ନିଜର ବିକାଶ ମାର୍ଗରେ ସର୍ବଦା ଦିବ୍ୟକର୍ମର ବିଧାନ ଅନୁସାରେ ଗତି କରିଥାଏ; ତାହାର ସେହି ଗତି କ୍ରିୟାରେ ତାହା ଅନେକ ବିଚାର ଆଣିଥାଏ, କିନ୍ତୁ ତାହାର ପଦକ୍ଷେପଗୁଡ଼ିକ ନିଶ୍ଚିତ ଏବଂ ତାହାର ହାତରେ ରହିଛି ସମସ୍ତ କାମ୍ୟବସ୍ତୁ, ସେଗୁଡ଼ିକ ହେଉଛନ୍ତି ସକଳ ପରମ ବର, 'ଆନନ୍ଦ'ର ବର, ଦିବ୍ୟସତ୍‌ର ଆଶିଷରାଜି । ତାହା ପ୍ରାଚୀନା ଏବଂ ଶାଶ୍ୱତୀ, ତାହା ଏପରି 'ଜ୍ୟୋତିଃ'ର ଉଷା ଯାହା ଆଦି କାଳରେ ଥିଲା, **ପୁରାଣୀ**, କିନ୍ତୁ ତାହାର ଆଗମନ ବେଳେ ତାହାକୁ ସ୍ୱାଗତ କରୁଥିବା ବ୍ୟକ୍ତି-ଆତ୍ମା ପାଇଁ ସେ ନିତ୍ୟଯୁବତୀ ଏବଂ ଅମ୍ଳାନା ।

(୧ମ ମନ୍ତ୍ର)

ସେ ହେଉଛନ୍ତି ଦିବ୍ୟ ଉଷା, 'ସତ୍ୟ' ଓ 'ଆନନ୍ଦ'ର ଶକ୍ତି ବା 'ସ୍ୱର୍'କୁ ମନୁଷ୍ୟ ମଧ୍ୟରେ ଜାଗ୍ରତ୍ କରୁଥିବା ସେହି ଅମୃତ ସତ୍‌ର ଆଲୋକ ରୂପେ (ସୂନୃତା) ତାଙ୍କର ବିଭାସିତ ହୋଇ ଉଠିବାର ଅଛି, (ସୂନୃତାଃ, — ଏହି ଶବ୍ଦଟି ଏକ ସଙ୍ଗେ ସତ୍ୟ ଓ ମଧୁର ଅର୍ଥ ବ୍ୟକ୍ତ କରେ); କାରଣ, ତାଙ୍କ ବିଚରଣର ରଥଟି କ'ଣ ଏକସଙ୍ଗେ ଜ୍ୟୋତିଃ ଓ ଆନନ୍ଦର ରଥ ନୁହେଁ ? ପୁଣି 'ଚନ୍ଦ୍ରରଥା'ରେ ଥିବା 'ଚନ୍ଦ୍ର' ଶବ୍ଦଟିକୁ ଦେଖିବା — ଚନ୍ଦ୍ରଦେବ 'ସୋମ'ଙ୍କ ପ୍ରତୀକକୁ ବୁଝାଏ, ଯିଏ ଅମୃତତ୍ୱର ଆନନ୍ଦମୟ ଦେବ, ତାହାକୁ ସେ ମାନବ ମଧ୍ୟରେ ଅଜାଡ଼ି ଦେଉଛନ୍ତି, **ଆନନ୍ଦ** ଓ **ଅମୃତ**, — ଅର୍ଥାତ୍ ଏହା ଉଭୟ ପ୍ରଦ୍ୟୋତ ତଥା ଆନନ୍ଦମୟ । ଉଷାଙ୍କୁ ବହନ କରି ଆଣୁଥିବା ଅଶ୍ୱଗଣ ସ୍ନାୟବିକ ଶକ୍ତିର ପ୍ରତୀକ ଯାହା ଆମର ସମସ୍ତ କ୍ରିୟା ଓ ଗତିବୃତ୍ତିକୁ ବଳପ୍ରଦାନ କରେ ଓ ଆଗକୁ ବାହି ନେଇଯାଏ — ଏହାକୁ ପୂରାପୂରି ନିୟନ୍ତ୍ରଣରେ ରଖିବାକୁ ହେବ; ସେମାନେ ଉଜ୍ଜ୍ୱଳ ସ୍ୱର୍ଣ୍ଣ ରଙ୍ଗର, ଏହା ସେମାନଙ୍କ ପ୍ରକୃତି (କାରଣ, ଏହି ପ୍ରାଚୀନ ପ୍ରତୀକବାଦରେ ରଙ୍ଗ ହେଉଛି ଗୁଣ, ଚରିତ୍ର, ସ୍ୱଭାବର ସୂଚକ), ଯାହା ହେବା ଉଚିତ ସଂକେନ୍ଦ୍ରିତ ଭାସ୍ୱରତାଯୁକ୍ତ ସୁ-ଜ୍ଞାନର ଗତିଶୀଳତା; ଏହାର ପ୍ରସାରତାରେ ଏହା ହେବା ଉଚିତ ସେହି ବିଶାଳ ସଂକେନ୍ଦ୍ରିତ ଶକ୍ତିର ଏକ ପୁଞ୍ଜ, — **ପୃଥୁପାଜସୋ ୟେ** । (ମନ୍ତ୍ର - ୨)

ଦିବ୍ୟ ଉଷା ଏହି ଭାବେ ତାଙ୍କର ଜ୍ଞାନାଲୋକ ବା **ପ୍ରଜ୍ଞାନ** ସହ ଆତ୍ମା ଅଭିମୁଖେ ଆଗମନ କରନ୍ତି, ସେହି ଜ୍ଞାନର କ୍ଷେତ୍ର ସ୍ୱରୂପ ସକଳ ଲୋକର ସେ ସମ୍ମୁଖୀନ ହୋଇଥା'ନ୍ତି — ଅର୍ଥାତ୍ ତାଙ୍କୁ ଆମର ବିଶ୍ୱଗତ ସତ୍ତା ଯଥା ମନ, ପ୍ରାଣ, ଦୈହିକ ଚେତନା ପ୍ରଭୃତି ସକଳ ଉପାନ୍ତ୍ୟ କ୍ଷେତ୍ରର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସେ ଉତ୍ତୋଳିତା ହୋଇ ସେଗୁଡ଼ିକର ଊର୍ଦ୍ଧ୍ୱସ୍ଥ ଆମ ମାନସୋତ୍ତର ଶିଖରଗୁଡ଼ିକରେ, ଉଚ୍ଚତମ ସ୍ୱର୍ଗରେ, ଅମୃତତ୍ୱର ଅଥବା ଅମୃତର ସଂଜ୍ଞାନ ରୂପରେ, **ଅମୃତସ୍ୟ କେତୁଃ**, ଉଭା ହୋଇଥା'ନ୍ତି, ସେଗୁଡ଼ିକ ମଧ୍ୟରେ ଶାଶ୍ୱତ ତଥା ଆନନ୍ଦମୟ ସତ୍ତାକୁ ଅଥବା ସେହି ଶାଶ୍ୱତ ସର୍ବାନନ୍ଦମୟ ଦେବତାଙ୍କୁ ପ୍ରକଟ କରୁଥା'ନ୍ତି । ଏହି ଭାବେ ସମୁଲ୍ଲସିତା ସେ ଦିବ୍ୟଜ୍ଞାନକୁ ଗତି ଦେବା ନିମନ୍ତେ ପ୍ରସ୍ତୁତା ହୋଇ ଦଣ୍ଡାୟମାନା, ଚିରନ୍ତନ ସତ୍ୟର ଏକ ନବ୍ୟ ପ୍ରକଟନ ରୂପେ ସେ, **ନବ୍ୟସି**, ସେଗୁଡ଼ିକର (ମନ, ପ୍ରାଣ ଓ ଶରୀରର) ସଙ୍ଗତୀକୃତ, ସମୀକୃତ କାର୍ଯ୍ୟାବଳୀ ଉପରେ, ସମତଳ କ୍ଷେତ୍ର ଉପରେ, ଚକଟିଏ ସମଭାବେ ଗଡ଼ି ଯାଉଥିବା ଭଳି ଆଗେଇ ଚାଲିଥା'ନ୍ତି; କାରଣ ଏବେ ସେଗୁଡ଼ିକର ପାର୍ଥକ୍ୟ ଓ ବୈଷମ୍ୟ ଦୂର ହୋଇଯାଇଛି ଏବଂ ସେହି ସମଗତିରେ ସେଗୁଡ଼ିକ କୌଣସି ବାଧା ଦେଉ ନାହାନ୍ତି ।

(ମନ୍ତ୍ର - ୩)

ମନ୍ତ୍ରରେ କଥିତମତେ, ପ୍ରାଚୁର୍ଯ୍ୟମୟୀ ସେ ନିଜକୁ ପୃଥକ୍ କରି ନେଉଛନ୍ତି ଏବଂ ବସ୍ତୁଗୁଡ଼ିକର ସତ୍ୟକୁ ଘୋଡ଼େଇ ରଖିଥିବା, ଅତି ବ୍ୟାପକଭାବରେ ସୀବନ କରାଯାଇଥିବା ବସ୍ତ୍ରକୁ ଖସାଇ ଦେଇ ସେହି 'ପ୍ରେମିକ'ଙ୍କ ପତ୍ନୀ ପରି ସେ, **ସ୍ୱସରସ୍ୟ ପତ୍ନୀ**, ତାଙ୍କ ସର୍ବସୁଖମୟ 'ପ୍ରଭୁ'ଙ୍କ ଅଭିମୁଖେ ଗତି କରୁଛନ୍ତି । ଆନନ୍ଦ ଉପଭୋଗରେ ପରିପୂର୍ଣ୍ଣା, ସମସ୍ତ କାର୍ଯ୍ୟର ପରିପୂର୍ଣ୍ଣ ପରିଣାମଯୁକ୍ତା, **ସୁଭଗା**, **ସୁଦଂସାଃ**, ସେ ନିଜର ସତ୍ୟ ପ୍ରକଟନ ଦ୍ୱାରା ଆମ ମଧ୍ୟରେ 'ସ୍ୱର୍'କୁ ଜନ୍ମ ଦିଅନ୍ତି — ଆମ ଭିତରେ ଅନାଲୋକିତ ଜ୍ଞାନଭାସ୍ୱର ମନକୁ, ଆମର ଉଚ୍ଚତମ ମାନସସ୍ୱର୍ଗକୁ ପ୍ରକଟିତ କରନ୍ତି ।

(ମନ୍ତ୍ର - ୪)

ଏହି ଦିବ୍ୟ-ଉଷା ବ୍ୟାପକଭାବେ ନିଜର ଆଲୋକକୁ ମାନବ ଉପରେ ଅଜାଡ଼ି ଦେଉଥିବାରୁ ମନୁଷ୍ୟର କର୍ତ୍ତବ୍ୟ ହେଲା ତାଙ୍କର ଦିବ୍ୟକର୍ମର ବିଧାନ ଓ ସଞ୍ଚାର ନିକଟରେ ନିଜର ସମର୍ପଣ ଦ୍ୱାରା ତାଙ୍କରି ନିମନ୍ତେ ନିଜ ସତ୍ତାର ସଶକ୍ତ ପୂର୍ଣ୍ଣତାକୁ ତଥା ନିଜର ସାମର୍ଥ୍ୟକୁ ବ୍ୟକ୍ତ କରିବା ଯାହା ହେଉଛି ତାଙ୍କ ଆଲୋକର ବାହନ ବା ଯଜ୍ଞକ୍ରିୟାର ବେଦୀ ସଦୃଶ ।

(ମନ୍ତ୍ର - ୫ ର ପ୍ରଥମାର୍ଦ୍ଧ)

ଏହାପରେ ଋଷି ଏହି ଦିବ୍ୟଉଷାଙ୍କ ଦ୍ୱାରା ମନୁଷ୍ୟ ମଧ୍ୟରେ ହେଉଥିବା ଦୁଇ ମୁଖ୍ୟ କ୍ରିୟାକୁ ନେଇ ବର୍ଣ୍ଣନା କରୁଛନ୍ତି – ପ୍ରଥମଟି ହେଉଛି 'ଆଲୋକ'ର ପୂର୍ଣ୍ଣ ଶକ୍ତି ପ୍ରତି ମନୁଷ୍ୟକୁ ଉତ୍ତୋଳିତ କରାଇ 'ସତ୍ୟ'ର ପ୍ରକଟନ କରିବା, ଅନ୍ୟଟି ହେଉଛି ମାନସିକ ଓ ଦୈହିକ ଜୀବନକୁ 'ଆନନ୍ଦ'ର ପ୍ରବାହରେ ଭରିଦେବା,– ଯାହାକୁ 'ଅମୃତ', 'ସୋମ ଆସବ', ଅମର ସତ୍ତାର ସୁଖାନୁଭୂତି ବୋଲି ଅଭିହିତ କରାଯାଏ । ବିଶୁଦ୍ଧ ମନୋମୟ ଜଗତରେ, **ଦିବି**, ସେ 'ଆଲୋକ'ର ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ମାତ୍ରାରେ ବିକଶିତ ହେବାକୁ ସେ ଉଦିତା ହୁଅନ୍ତି, **ଊର୍ଦ୍ଧ୍ୱଂ ପାଜଃ ଅଶ୍ରେତ୍**, ଏବଂ ସେହି ବିଶୁଦ୍ଧ ଓ ସମୁଚ୍ଚ ସ୍ତରରୁ ସେ **'ମଧୁ'** ବା ସୋମମଧୁକୁ ଏଠାରେ ପ୍ରତିଷ୍ଠା କରନ୍ତି । ସେ ପ୍ରକାଶମୟ ତ୍ରିଲୋକକୁ ବ୍ୟକ୍ତ କରାନ୍ତି, **ରୋଚନା**; ତା'ପରେ ସେ ସ୍ୱୟଂ ସୌନ୍ଦର୍ଯ୍ୟମୟୀ ହୋଇ ଉଠନ୍ତି ଅଥବା ସୌନ୍ଦର୍ଯ୍ୟମୟ ଦୃଶ୍ୟ ସୃଷ୍ଟି କରିଥା'ନ୍ତି (୫ମ ମନ୍ତ୍ରର ଉତ୍ତରାର୍ଦ୍ଧ) । ବିଶୁଦ୍ଧ ମାନସର ଫଳପ୍ରଦ ପ୍ରଭା ଦ୍ୱାରା, ଅନୁଭୂତି-ପ୍ରଦାୟିନୀ ବାକ୍ ବଳରେ, **'ଦିବୋ ଅର୍କୈଃ'**, 'ସତ୍ୟ'ର ବାହିକା ବୋଲି ସେ ବୋଧା ହୁଅନ୍ତି ଏବଂ 'ସତ୍ୟ'ରେ ଯୁକ୍ତ ହୋଇ ଆନନ୍ଦରେ ଭରା ମାନସୋତ୍ତର ଜଗତରୁ ସେ ନିଜର ବିବିଧ ଚିନ୍ତା ଓ କାର୍ଯ୍ୟାବଳି ସହ ମାନସିକ ତଥା ଦୈହିକ ଚେତନା ମଧ୍ୟକୁ ପ୍ରବେଶ କରନ୍ତି, ଏହି ଉଭୟ ପ୍ରତିଷ୍ଠିତ ସୀମିତ ଚେତନାର ବ୍ୟବଧାନରେ ମଣିଷର କର୍ମଧାରା ସାଧାରଣତଃ ଗତି କରୁଥାଏ । ଏହିଭଳି ବୈଭବରେ ଭରା ହୋଇ ସେ ଯେତେବେଳେ ଆଗମନ କରନ୍ତି, **'ବାଜେନ ବାଜିନୀ'**, ସେତେବେଳେ ଅଗ୍ନି, ଯେ କି ଇହଲୋକରେ ମରଜୀବକୁ ଉତ୍ତୋଳିତ କରିବା ନିମନ୍ତେ ଦେହ ଓ ମନ ମଧ୍ୟରେ ଦିବ୍ୟ 'ଶକ୍ତି' ରୂପେ କାର୍ଯ୍ୟରତ ତାଙ୍କୁ, 'ସୋମ' ନିମନ୍ତେ, ଆନନ୍ଦ-ସୁରା, ଉତ୍ଫୁଲ୍ଲତାର ସାରସତ୍ତାକୁ ଲାଭ କରିବା ନିମନ୍ତେ ଭିକ୍ଷା କରନ୍ତି ।

(ମନ୍ତ୍ର - ୬)

ଆମ ଅନ୍ତରରେ ବିଦ୍ୟମାନ ଅତିମାନସ ଜଗତ୍ ହେଉଛି 'ସତ୍ୟ'ର ଆଧାର ଭୂମି, ତାହାହିଁ 'ଉଷା'ଗଣଙ୍କର ମଧ ମୂଳଧାମ । ଅମୃତ 'ସତ୍ୟ'ର ଯେଉଁ ଆଲୋକ **'ଋତଂ ଜ୍ୟୋତିଃ'** ତାହାର ମର୍ତ୍ତ୍ୟ ପ୍ରକୃତି ରୂପେ ଏହି ଉଷାଗଣଙ୍କର ଏଠାରେ ଆବିର୍ଭାବ । ଉଷାଗଣଙ୍କର ଯେ ପ୍ରଭୁ ସେ 'ସତ୍ୟ'ର ଈଶ୍ୱର, ଭାସ୍କର, ସବିତା (ସ୍ରଷ୍ଟା), ସଂସ୍ଥାପକ, ସେ ସେହି ସତ୍ୟର ଭିତ୍ତି ଭୂମିରେ, ମାନସର ଊର୍ଦ୍ଧ୍ୱରେ ଥାଇ କର୍ମାବଳିର ପ୍ରେରଣାକୁ ଅଗ୍ରତଃ କରି, ଏହି ଦେବୀଙ୍କ ସହ ଦୈହିକ ତଥା ମାନସିକ ଜୀବନ ମଧ୍ୟକୁ ପ୍ରବେଶ କରନ୍ତି, ଫଳରେ ଏହି ଉଭୟ ଆଉ ଅସ୍ପଷ୍ଟ ବା ତମସାଚ୍ଛନ୍ନ ରହନ୍ତି ନାହିଁ ପରନ୍ତୁ ସୀମିତତାରୁ ମୁକ୍ତ ହୋଇ ବିଶାଳତା ନିମନ୍ତେ ସମର୍ଥ ହୁଅନ୍ତି, **'ମହୀ ରୋଦସୀ'** । 'ସତ୍ୟ'ର ସେହି ପ୍ରଭୁ ହେଉଛନ୍ତି ସକଳ ବସ୍ତୁର ଏକମାତ୍ର ପ୍ରଭୁ । ସେ 'ବରୁଣ', ବିଶାଳତା ଓ ଶୁଦ୍ଧତାର ଆତ୍ମା; ସେ 'ମିତ୍ର' ଦେବ, ପ୍ରେମ ତଥା ଆଲୋକ ଓ ସଙ୍ଗତିର ଉତ୍ସ । ତାଙ୍କର ସୃଜନଶୀଳ 'ପ୍ରଜ୍ଞା', **'ମହୀ ମିତ୍ରସ୍ୟ ବରୁଣସ୍ୟ ମାୟା'**, ସୀମାହୀନ ଆୟତନର ଅଧିକାରିଣୀ – କାରଣ, ସେ ବରୁଣ, ସେ ଆନନ୍ଦ ଓ ହର୍ଷର ଆଲୋକ ରୂପେ ବ୍ୟକ୍ତ ହୁଅନ୍ତି, ଚନ୍ଦ୍ରେବ – କାରଣ ସେ 'ମିତ୍ର', – ସେ ବ୍ୟବସ୍ଥାପିତ କରନ୍ତି, ପୂର୍ଣ୍ଣଭାବେ ସଙ୍ଗଠିତ କରନ୍ତି । ଅସଂଖ୍ୟ ରୂପ ମଧ୍ୟରେ, ପରିମୁକ୍ତା ପ୍ରକୃତିର ବିସ୍ତୃତି ମଧ୍ୟରେ ସେ ନିଃସୀମା, ଏସବୁ 'ସତ୍ୟ'ର ସେ ଭାସ୍ୱର ଅଭିବ୍ୟକ୍ତି, ନିର୍ମଳ ପ୍ରକାଶ । ସେ ଏହି ଅଗଣନ ଦ୍ୟୁତିକୁ ସଂଗ୍ରଥିତ କରିଥା'ନ୍ତି ଯାହା ସହ ତାଙ୍କର 'ଉଷା' ଆମ ଲୋକଗୁଡ଼ିକରେ ପ୍ରବେଶ କରିପାରିଥା'ନ୍ତି; ତାଙ୍କର ଯଥାର୍ଥ ଓ ପ୍ରୀତିକର ସ୍ୱରଗୁଡ଼ିକୁ ସେ ଏକ ସମସ୍ୱରତାରେ ସଂଯୋଜିତ କରିଥା'ନ୍ତି । (ମନ୍ତ୍ର - ୭)

ଦିବ୍ୟଉଷାଙ୍କର ଆଗମନ ହେଉଛି ପରମ-ଦେବଙ୍କର ଆଗମନ । 'ସତ୍ୟ'ର ଆଲୋକ ତଥା 'ପରମାନନ୍ଦ'ର ଆଲୋକ ରୂପେ ସେ – **ଅମୃତସ୍ୟ କେତୁଃ, ସ୍ୱସରସ୍ୟ ପତ୍ନୀ** – 'ପ୍ରଜ୍ଞାନ' ଓ 'ଆନନ୍ଦ' ସ୍ୱରୂପ ଈଶ୍ୱରଙ୍କ ମଧ୍ୟରୁ ସେ ଆମ ଉପରେ ବର୍ଷି ହୋଇଯାଉଛନ୍ତି ।

[ଶ୍ରୀଅରବିନ୍ଦଙ୍କ CWSA, Vol. 15,
'*The Secret of the Veda*', Part - II
Chapter - VI, **The Divine Dawn**,
P. 293 - 98]

ଅନୁବାଦ : ମଧୁସୂଦନ ମହାପାତ୍ର

# ନୂତନ ଭାରତ ଓ ନୂତନ ମାନବଜାତି

## ଶ୍ରୀ ପ୍ରପତ୍ତି

ସେହି ଉଷାକାଳ ସମାଗତ ଯାହାକୁ ମାନବଜାତି ଯୁଗଯୁଗଧରି ଅପେକ୍ଷା କରି ରହିଛି । ଋଗ୍‌ବେଦର ମନ୍ତ୍ରଦ୍ରଷ୍ଟା ଋଷି ଅଙ୍ଗିରସ ମାନବଜାତିର ଏହି ଚିରାଭିଳଷିତ ସ୍ୱର୍ଣ୍ଣାୟମାନ ଉଷାକାଳକୁ ଅଭିନନ୍ଦିତ କରି ଉଦାତ୍ତ କଣ୍ଠରେ ଉଚ୍ଚାରଣ କରିଥିଲେ :

''ପରାୟତୀନାମନ୍ୱେତି ପାଥ ଆୟତୀନାଂ
ପ୍ରଥମା ଶଶ୍ୱତୀନାମ୍ ।
ବ୍ୟୁଚ୍ଛନ୍ତି ଜୀବମୁଦୀରୟନ୍ତ୍ୟୁଷା ମୃତଂ
କଂ ଚନ ବୋଧୟନ୍ତୀ ॥
କିୟାତ୍ୟା ୟତ୍ ସମୟା ଭବାତି ୟା ବ୍ୟୁଷୁର୍ୟାଶ୍ଚ
ନୂନଂ ବ୍ୟୁଚ୍ଛାନ୍ ।
ଅନୁ ପୂର୍ବାଃ କୃପତେ ବାବଶାନା ପ୍ରଦୀଧ୍ୟାନା
ଜୋଷମନ୍ୟାଭିରେତି ॥''

(ଋଗ୍‌ବେଦ, ୧.୧୧୩. ୮,୧୦)

ଅର୍ଥାତ୍ ''ଯେଉଁ ସମସ୍ତ ଉଷା ଅନନ୍ତ କାଳ ଧରି ପରେ ପରେ ଆସିଛନ୍ତି ସେମାନଙ୍କ ମଧ୍ୟରୁ ପ୍ରଥମା ଏହି ଉଷା ସେହି ଲକ୍ଷ୍ୟ ଅନୁସରଣ କରି ଚାଲିଛନ୍ତି, ଯେଉଁ ଲକ୍ଷ୍ୟ ଧରି ପୂର୍ବବର୍ତ୍ତିନୀ ଉଷାସକଳ ବିଶ୍ୱାତୀତ ସତ୍ତାରେ ମିଳିଯାଇଛନ୍ତି, ଏହି ଉଷା ଆତ୍ମ-ବିସ୍ତାର କରୁଅଛନ୍ତି, ଯେଉଁମାନେ ବଞ୍ଚିଛନ୍ତି ସେମାନଙ୍କୁ ବିକଶିତ କରାଉଛନ୍ତି, ଯେଉଁମାନେ ମରିଯାଇଥିଲେ, ଏପରି କେତେକଙ୍କୁ ପୁନର୍ଜୀବିତ କରାଇ ଦେଉଛନ୍ତି ।... କ'ଣ ତାଙ୍କର ଲକ୍ଷ୍ୟ ? ସେ ସମନ୍ୱୟ ସାଧନ କରନ୍ତି, ସେହି ସକଳ ଉଷାର ସହିତ ଯାହା ପୂର୍ବେ ଦୀପ୍ତିମନ୍ତ ଥିଲା ଏବଂ ବର୍ତ୍ତମାନ ଯାହା ଦୀପ୍ତିମନ୍ତ ହେବ । ପୁରାତନ ଉଷାସକଳକୁ ସେ ଚାହିଁଛନ୍ତି, ଏବଂ ସେ ସକଳର ଆଲୋକକୁ ପରିପୂର୍ଣ୍ଣ କରି ତୋଳିଛନ୍ତି, ତାଙ୍କର ଦିବ୍ୟପ୍ରଭା ସମ୍ମୁଖ ଦିଗରେ ବିସ୍ତାର କରି ସଂଯୋଗ ସ୍ଥାପନ କରନ୍ତି ସେହି ସକଳ ଉଷାର ସଙ୍ଗେ ଯାହା ପରେ ପରେ ଆସିବ ।...''

ଅତୀତ ଭାରତରେ ସହସ୍ରବାର ସେହି ସତ୍ୟର ଆବିର୍ଭାବ ଘଟିଛି, ମାନବଜାତି ଓ ମାନବସମାଜକୁ ଗୋଟାଏ ପୂର୍ଣ୍ଣତର, ମହତ୍ତର, ବିଶାଳତର ଦିବ୍ୟଭୂମିକାରେ ପହଞ୍ଚାଇ ଦେବା ନିମିତ୍ତ ଚେଷ୍ଟା ହୋଇଛି, ମାତ୍ର ତାହା ଯେପରି ପୂର୍ଣ୍ଣାଙ୍ଗତା ପ୍ରାପ୍ତ ହୋଇ ନାହିଁ । ପୂର୍ଣ୍ଣ ଜ୍ୟୋତିର ଅବତରଣ ଘଟି ନାହିଁ ବା ଦିବ୍ୟ-ମାନବ-ସମାଜର ମୂଳପତନ ହୋଇ ନାହିଁ । ସତ୍ୟଦ୍ରଷ୍ଟା ଋଷି ସେହି ପୂର୍ଣ୍ଣ ଅତିମାନସ ଦିବ୍ୟଜ୍ୟୋତିର ଦର୍ଶନ କରିଛନ୍ତି :

''ଉଦ୍ ବୟଂ ତମସସ୍ପରି ଜ୍ୟୋତିଷ୍ପଶ୍ୟନ୍ତ ଉତ୍ତରମ୍ ।
ବେଦଂ ଦେବତ୍ରା ସୂର୍ଯ୍ୟମଗନ୍ମ ଜ୍ୟୋତିରୁତ୍ତମମ୍ ।''

(ଋଗ୍‌ବେଦ, ୧.୫୦.୧୦)

ଅର୍ଥାତ୍ ''ଅନ୍ଧକାରର ଊର୍ଦ୍ଧ୍ୱରେ ସେହି ମହତ୍ତର ଜ୍ୟୋତିକୁ ଦର୍ଶନ କରି ଆମେମାନେ ଭାଗବତ ତତ୍ତ୍ୱର ସେହି ଦିବ୍ୟ ସୂର୍ଯ୍ୟ, ସର୍ବୋତ୍ତମ ଜ୍ୟୋତିଃ ନିକଟକୁ ଆସିଛୁ ।''

ଆଉ ମଧ୍ୟ ମନୁଷ୍ୟ ସେହି ଜ୍ୟୋତିଃ ଓ ଆଲୋକ ପ୍ରାପ୍ତ କରୁ, ପୂର୍ଣ୍ଣ ଅମୃତତ୍ୱର ଅଧିକାରୀ ହେଉ, ଏହା ମଧ୍ୟ ଋଷିଗଣ କାମନା କରିଛନ୍ତି :

''ଆଦିତ୍ ତେ ବିଶ୍ୱେ, କ୍ରତୁଂ ଜୁଷନ୍ତ
ଶୁଷ୍କାଦ୍ ୟଦ୍ ଦେବ, ଜୀବୋ ଜନିଷ୍ଠାଃ
ଭଜନ୍ତ ବିଶ୍ୱେ, ଦେବତ୍ୱଂ ନାମ
ଋତଂ ସପନ୍ତୋ, ଅମୃତମେବୈଃ ।''

(ଋଗ୍‌ବେଦ, ୧.୬୮.୨)

ଅର୍ଥାତ୍ ''ତୁ ଶୁଷ୍କ ବୃକ୍ଷ ମଧ୍ୟରୁ ଜୀବନ୍ତ ଭଗବାନ୍ ରୂପେ ଆବିର୍ଭୂତ ହୋଇଅଛୁ, ସମସ୍ତେ ତୋର ସଂକଳ୍ପ ସ୍ୱୀକାର କରନ୍ତୁ, ସେମାନେ ସମସ୍ତେ ସେହି ଦିବ୍ୟତ୍ୱକୁ ପ୍ରାପ୍ତ କରନ୍ତୁ, ତୋ ସଙ୍ଗେ ଗତି କରି ସତ୍ୟ-ଚେତନା ଓ ଅମୃତତ୍ୱର ଅଧିକାରୀ ହୁଅନ୍ତୁ ।''

ଋଷିକଣ୍ଠ ନିଃସୃତ, ଶ୍ରୁତି-ବିଶ୍ରୁତ ଏହି ଦିବ୍ୟ-ଭୂମିକାରେ ମାନବସମାଜ, ମନୁଷ୍ୟଜାତି ଉତ୍ତୀର୍ଣ୍ଣ ହେବହିଁ ହେବ, ମନୁଷ୍ୟୋତ୍ତର ଅତିମାନସ ଜୀବନହିଁ ଏହି ଦିବ୍ୟ-ଜୀବନର ଆଦର୍ଶକୁ ପୂର୍ଣ୍ଣାଙ୍ଗତା ପ୍ରଦାନ କରିବ । ମନୁଷ୍ୟତ୍ୱରୁ ଦେବତ୍ୱରେ ଉତ୍‌ଥାନ, ଅର୍ଦ୍ଧପଶୁ, ଅଜ୍ଞାନାଚ୍ଛନ୍ନ ଦୁଃଖ-କ୍ଲେଶତାପିତ ଜୀବନରୁ ପୂର୍ଣ୍ଣ ଜ୍ଞାନମୟ ଆନନ୍ଦମୟ ଜୀବନରେ ଉତ୍‌ଥାନ,— ଏହି ହେବ ଆଗାମୀ ମାନବସମାଜର ଆଦର୍ଶ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଗୋଟିଏ ପାହାଚରୁ ଅନ୍ୟ ଗୋଟିଏ ପାହାଚରେ ପୂର୍ଣ୍ଣରୂପେ ଉଠିଯିବାକୁ ହେବ । ପଶୁତ୍ୱ ଓ ଦେବତ୍ୱର ସମ୍ମିଶ୍ରଣରେ ଯେଉଁ ବସ୍ତୁ ଗଠିତ, ଯାହାକୁ ଆମେମାନେ କହୁ ମନୁଷ୍ୟ, ତାକୁ ପୂର୍ଣ୍ଣରୂପେ ପଶୁତ୍ୱକୁ ଛାଡ଼ି ଦେବତ୍ୱର ପାଦଚ୍ଛରେ ଉପନୀତ ହେବାକୁ ହେବ । ଏହା

ଏକ ଅଖଣ୍ଡ ଦିବ୍ୟତ୍ୱ, ସର୍ବାଙ୍ଗୀଣ ରୂପାନ୍ତର, ପୂର୍ଣ୍ଣାଙ୍ଗ ଦିବ୍ୟ-ଜୀବନ, ପରିପୂର୍ଣ୍ଣ ଆଧ୍ୟାତ୍ମିକ ଓ ବିଜ୍ଞାନମୟ ଜୀବନ । ମଧ୍ୟବର୍ତ୍ତୀ କୌଣସି ସ୍ଥାନରେ କୌଣସି ପ୍ରକାର ''ଆପୋସ ନିଷ୍ପତ୍ତି'' ବା ଗୋଟାଏ ଆଂଶିକ ବା ଅର୍ଦ୍ଧାଧିକ ପରିବର୍ତ୍ତନ କରି, ପୁନର୍ବାର ଅନ୍ଧକାରକୁ ନିମ୍ନଭୂମିରେ କିଛି ବାକୀ ରଖି ଉର୍ଦ୍ଧ୍ୱକୁ ଉଠିଯିବାକୁ ହେବ ନାହିଁ । ଯେଉଁ ''ଉଷା'' ସମାଗତ ତାହା ସମ୍ପୂର୍ଣ୍ଣରୂପେ ପ୍ରୋଜ୍ଜ୍ୱଳ, ତାହା ଅତୀତର ସକଳ ଦୀପ୍ତିମନ୍ତ ପ୍ରଚେଷ୍ଟାକୁ ଭାସ୍ୱର କରିବ, ପୂର୍ଣ୍ଣତା ପ୍ରଦାନ କରିବ ଏବଂ ଆଗାମୀ କାଳରେ ଯାହା ରୂପ ଗ୍ରହଣ କରିବ ତାହାକୁ ଗଢ଼ିତୋଳିବ । ଅଜ୍ଞାନ ଓ ଅନ୍ଧକାର ପୁନର୍ବାର ସେହି ଜ୍ଞାନ ଓ ଆଲୋକକୁ ଗ୍ରାସ କରିପାରିବ ନାହିଁ । ସୃଷ୍ଟିର କ୍ରମ-ବିକାଶ ଜ୍ଞାନରୁ ଅଧିକ ଜ୍ଞାନ, ମହତ୍ତର ଜ୍ଞାନ ମଧ୍ୟରେ ସଂଘଟିତ ହେବ ।

ଏହି ସିଦ୍ଧାନ୍ତ ଓ ସିଦ୍ଧି କେବଳ ଗୋଟାଏ କଳ୍ପନାର ବିଳାସ ନୁହେଁ ବା ମନର ଖିଆଲ ନୁହେଁ; ଏହା ଧ୍ରୁବ ସତ୍ୟ, ଏକ ଅବଶ୍ୟମ୍ଭାବୀ ପରିଣାମ, ମାନବ-ଗୋଷ୍ଠୀ ନିମିତ୍ତ ଭଗବତ୍ ପ୍ରତିଶ୍ରୁତି :

''A new light breaks upon the earth,
A new world is born.
The things that were promised are fulfilled.''
(CWM. Vol. 15, p. 95) – The Mother

''ଗୋଟିଏ ନୂତନ ଜ୍ୟୋତିଃ ପୃଥିବୀପୃଷ୍ଠରେ ପ୍ରକାଶିତ ହେଉଛି, ଗୋଟିଏ ନୂତନ ଜଗତ୍ ଜନ୍ମଲାଭ କରିଛି, ଯେଉଁସବୁ ବସ୍ତୁର ପ୍ରତିଶ୍ରୁତି ଦିଆ ହୋଇଥିଲା, ଆଜି ତାହା ପୂର୍ଣ୍ଣ ହୋଇଛି ।''

ଅତିମାନସ ପୂର୍ଣ୍ଣ ଚେତନାର ପୃଷ୍ଠଭୂମିରେ ନୂତନ ଜଗତ୍ ଜନ୍ମଲାଭ କରିଛି । ଏହି ଜଗତର ଭିତ୍ତି ହେବ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଆନନ୍ଦ – ଆଉ ଏହି ବିଜ୍ଞାନମୟ ଚେତନାରେ ପ୍ରତିଷ୍ଠିତ ଜୀବନହିଁ ହେବ ଦିବ୍ୟ-ଜୀବନ । ମନୋଭୂମିରେ ଯେପରି ମନୁଷ୍ୟ ଜୀବନ ସମ୍ଭବ, ଅତିମାନସ ଭୂମିରେ ସେହିପରି ଅତିମାନସ ଜୀବନ ସମ୍ଭବ ହେବ ।

ଯଦି ସର୍ବୋତ୍ତମ ଜ୍ୟୋତିଃ, ଶକ୍ତି ଓ ଜ୍ଞାନ ଦ୍ୱାରା ରୂପାନ୍ତରିତ ମାନବଜୀବନହିଁ ନୂତନ ମାନବଜାତିର ଆଦ୍ୟ ରୂପରେଖ ହୁଏ, ନୂତନ ସମାଜର, ନୂତନ ମାନବଗୋଷ୍ଠୀର ଆଧାର ହୁଏ, ତେବେ ଏହି ପରିପ୍ରେକ୍ଷୀରେ ଭାରତବର୍ଷର ଭୂମିକା କ'ଣ ?

ଯାହା ଧ୍ରୁବ, ଅନିବାର୍ଯ୍ୟ, ଅମୋଘ, ଅବଶ୍ୟମ୍ଭାବୀ ତାହା ନିଶ୍ଚୟହିଁ ହେବ,– ତାହା କୌଣସି ଦେଶ, କାଳ, ପାତ୍ର ପ୍ରତି ଅପେକ୍ଷା ରଖି ନପାରେ । ତେବେ ଏ ସମ୍ବନ୍ଧରେ ମନୁଷ୍ୟର ସଜ୍ଞାନତା ବା ଅଜ୍ଞାନତା, ତାହାର ଦୁଃଖ-ଦୁର୍ଦ୍ଦଶା, ପେଷଣ-ଘର୍ଷଣ, ଯୁଦ୍ଧ-ବିଗ୍ରହ ଓ ଝଡ଼ଝଞ୍ଜାକୁ କମ୍‌ବେଶୀ କରିପାରେ । କିନ୍ତୁ ଏକଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଏକ ବୃହତ୍ତର, ବିଶାଳତର ସତ୍ୟର ଅବତରଣ ନିମିତ୍ତ, ପ୍ରତିଷ୍ଠା ଓ ପ୍ରକାଶ ନିମିତ୍ତ କେବଳ କେତେକ ମୁଷ୍ଟିମେୟ ବ୍ୟକ୍ତି ନୁହନ୍ତି, ଗୋଟାଏ ସମଗ୍ର ଦେଶ ବା ଜାତିକୁ ପ୍ରସ୍ତୁତ ହେବାକୁ ହେବ । ସକଳ ଦିଗରୁ ପରୀକ୍ଷା କରି ଦେଖିଲେ ବୁଝାଯିବ ମାନବଗୋଷ୍ଠୀ ମଧ୍ୟରେ ଭାରତର ପରମ୍ପରା, ଐତିହ୍ୟ, ସଂସ୍କୃତି, ବିଚାରଧାରା ତାକୁ ଏହି ମହାସତ୍ୟର ଆଧାର ରୂପେ ପ୍ରସ୍ତୁତ କରି ଆଣିଛି । ଭାରତର ଯୁଗଯୁଗସଞ୍ଚିତ ଅଧ୍ୟାତ୍ମ-ଐଶ୍ୱର୍ଯ୍ୟ, ତପୋବଳ, ସତ୍ୟ ପ୍ରତି ନିଷ୍ଠା, ମନୁଷ୍ୟୋତ୍ତର ଦିବ୍ୟଜୀବନ ନିମିତ୍ତ ଏଷଣା ଓ ଅଭୀପ୍ସା ଏହିସବୁ ନୂତନ ସତ୍ୟର ପ୍ରତିଷ୍ଠା ନିମିତ୍ତ ଧୀରେ ଧୀରେ ତାକୁ ପ୍ରସ୍ତୁତ କରି ଆଣିଛି । ଆନ୍ତରଜୀବନର ରହସ୍ୟୋଦ୍‌ଘାଟନ କରି ଭାରତବର୍ଷ ଯେଉଁ ସତ୍ୟ, ତତ୍ତ୍ୱ ଓ ସିଦ୍ଧି ଲାଭ କରିଛି, ତାହା ଅନ୍ୟତ୍ର କୁତ୍ରାପି ଦୃଷ୍ଟିଗୋଚର ହୁଏ ନାହିଁ – ଏହା ଯେପରି ସାର୍ବଜନୀନ, ସାର୍ବଭୌମ, ମନୁଷ୍ୟାତ୍ମାର ଶାଶ୍ୱତ ସିଦ୍ଧି,– ସତ୍ତାନ୍ତର, ରୂପାନ୍ତର, ଉର୍ଦ୍ଧ୍ୱଭୂମିରେ ଆଧ୍ୟାତ୍ମିକ ଉନ୍ନୟନ ।

ସମଗ୍ର ମାନବଜାତିକୁ ସତ୍ୟାଶ୍ରୟୀ କରିବାରେ, ସମଗ୍ର ଜଗତରେ ସତ୍ୟର ପ୍ରତିଷ୍ଠା କରିବାରେ ଭାରତକୁ ଏକ ଅନନ୍ୟସାଧାରଣ ଭୂମିକା ଗ୍ରହଣ କରିବାକୁ ହେବ । ଏଥି ନିମନ୍ତେହିଁ ଭାରତବର୍ଷ ବଞ୍ଚିରହିଛି ଏବଂ ଏଥି ସକାଶେହିଁ ଭାରତର ଉତ୍‌ଥାନ । ଦୀର୍ଘ ଅର୍ଦ୍ଧ-ଶତାବ୍ଦୀ ପୂର୍ବେ ଶ୍ରୀଅରବିନ୍ଦ ନିଃସନ୍ଦେହରେ ଘୋଷଣା କରିଥିଲେ –

''ଭାରତ ଧ୍ୱଂସ ହୋଇ ନପାରେ, ଆମମାନଙ୍କ ଜାତି ଲୁପ୍ତ ହୋଇ ନପାରେ, କାରଣ ମାନବଗୋଷ୍ଠୀ ମଧ୍ୟରେ ଭାରତ ସକାଶେ ନିର୍ଦ୍ଦିଷ୍ଟ ହୋଇ ରହିଛି ସମଗ୍ର ମାନବଜାତିର ହିତାର୍ଥେ ଏକ ଅପରିହାର୍ଯ୍ୟ ଉଜ୍ଜ୍ୱଳତମ, ମହତ୍ତମ ସିଦ୍ଧି । **ନିଜ ମଧ୍ୟରୁ** ତାକୁ ସମସ୍ତ ଜଗତର ଭାବୀ ଧର୍ମ ତୋଳିଧରିବାକୁ ହେବ, ସେହି ସନାତନ ଧର୍ମ ଯେଉଁଥିରେ ସକଳ ଧର୍ମ, ବିଜ୍ଞାନ ଏବଂ ଦର୍ଶନର ସାମଞ୍ଜସ୍ୟ ଓ ସମନ୍ୱୟ, ଯାହା ସମଗ୍ର ମାନବଜାତିକୁ ଏକାତ୍ମ କରେ । ସେହିପରି ନୈତିକ କ୍ଷେତ୍ରରେ ତାହାର ଲକ୍ଷ୍ୟ

ହେଉଛି ମନୁଷ୍ୟ ମଧ୍ୟରୁ ତାହାର ବର୍ବରତା ଦୂର କରିବା, ବିଶ୍ୱକୁ ଆର୍ଯ୍ୟ ଧର୍ମରେ ଦୀକ୍ଷିତ କରିବା । ସେଥି୍ ସକାଶେ ପ୍ରଥମେ ତାହାକୁ ଆର୍ଯ୍ୟ ହେବାକୁ ହେବ ।''

ଭାରତର ପୁନର୍ଜାଗରଣ ପଥରେ ଏହି ସତ୍ୟର ଏକାନ୍ତ ସ୍ମରଣ, ସ୍ୱୀକାର ଓ ଉପଲବ୍ଧି ଆବଶ୍ୟକ । ସମଗ୍ର ଜଗତରେ ଭାରତର ମୂଳତଃ ଏହି ବିଜୟ ହେବ – ଜଗତରେ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ହେବ । ଯେପର୍ଯ୍ୟନ୍ତ ଏହା ସମ୍ଭବ ନହୋଇଛି, ଭାରତକୁ ହୁଏତ ବାରଂବାର ସଂଗ୍ରାମରତ ହେବାକୁ ହେବ ଅସତ୍ୟ, ମିଥ୍ୟା ଓ ଅଜ୍ଞାନତାର ଧ୍ୱଂସ, ବିଲୟ ଓ ବିଲୁପ୍ତି ନିମିତ୍ତ ।

''It is for the sake and triumph of Truth that India is fighting and must fight until India and Pakistan have once more become One because that is the truth of their being.''

(CWM-14, p. 364) – The Mother

ଅର୍ଥାତ୍ ''ସତ୍ୟ ନିମନ୍ତେ ଓ ସତ୍ୟର ବିଜୟ ନିମନ୍ତେ ଭାରତ ଯୁଦ୍ଧ କରୁଛି ଏବଂ ସେତେଦିନ ପର୍ଯ୍ୟନ୍ତ ଯୁଦ୍ଧ କରିବ, ଯେତେଦିନ ପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ପୁନଶ୍ଚ ଅଖଣ୍ଡତ୍ୱ ପ୍ରାପ୍ତ ନହୋଇଛି, କାରଣ ତାହାହିଁ ସେମାନଙ୍କ ସତ୍ତାର ଯଥାର୍ଥ ସତ୍ୟ ।''

ଭାରତ ଓ ପାକିସ୍ତାନର ସଂଘର୍ଷ ମଧ୍ୟରେ ଯେଉଁ ବିଜୟର ପ୍ରତିଷ୍ଠା ହେବ ତାହା ସେହି ମହାନ୍ 'ଦିବ୍ୟ-ସତ୍ୟ'ର ଅଭିବ୍ୟକ୍ତି ପଥରେ ଏକ ପ୍ରାରମ୍ଭିକ, ଅତ୍ୟାବଶ୍ୟକୀୟ, ଏପରିକି ଅନିବାର୍ଯ୍ୟ ପଦକ୍ଷେପ ମାତ୍ର । କାରଣ ଏହା ଦ୍ୱାରା ନୂତନ ଭାରତକୁ ପ୍ରସ୍ତୁତ ହେବାକୁ ହେବ ସମଗ୍ର ଜଗତରେ ସେହି ଦିବ୍ୟସତ୍ୟର ବିଜୟ ନିମିତ୍ତ, ନୂତନ ମାନବଜାତିର ଅଭ୍ୟୁତ୍ଥାନ ନିମିତ୍ତ । ଆମେମାନେ ସହସ୍ର କଣ୍ଠରେ ଘୋଷଣା କରୁଛୁ, ଏହାହିଁ ନୂତନ ଭାରତର ଭୂମିକା । ଅବସନ୍ନ, ଜରାଜୀର୍ଣ୍ଣ ଭାରତ ଆଜି ନୂତନ ସାମର୍ଥ୍ୟରେ, ନୂତନ ଶକ୍ତିରେ ଆଲୋଡ଼ିତ ହେଉଛି,* କାରଣ ତାହାର କାଳ 'ରାତ୍ରି' ପାହିଗଲାଣି ।

''ରାତ୍ରିର ଅନ୍ଧକାର ଏଥର କଟିଗଲାଣି, ଉଷାର ଆଲୋକ ଦେଖାଯାଉଛି । ଶୀଘ୍ର ହେବ ସୂର୍ଯ୍ୟୋଦୟ । ଭାରତର ଭାଗ୍ୟାକାଶରେ ଯେଉଁ ସୂର୍ଯ୍ୟଙ୍କର ଉଦୟ ହେବ ତାହାର ଆଲୋକରେ ସମଗ୍ର ଭାରତ ପ୍ଲାବିତ ହେବ, ପ୍ଲାବିତ ହେବ ସମଗ୍ର ଏସିଆ, ସମଗ୍ର ଜଗତ୍ – ଏହାହିଁ ଭଗବାନଙ୍କର ଅଭିପ୍ରାୟ ।'' – ଶ୍ରୀଅରବିନ୍ଦ

ନୂତନ ଭାରତ ଜାଗରଣର ଏହି ଦିଗ ପ୍ରତି ଭାରତର ଜନସାଧାରଣ ଓ ନେତୃବର୍ଗ ବିଶେଷଭାବେ ସଚେତନ ହେବାକୁ ହେବ । ଘଟଣାଚକ୍ର, ବାହ୍ୟ ପରିସ୍ଥିତି ଯେତେ ପ୍ରତିକୂଳ ହେଉନା କାହିଁକି ଆମମାନଙ୍କୁ ଦୃଢ଼ଭାବେ ସତ୍ୟାଶ୍ରୟୀ ହେବାକୁ ହେବ, ସତ୍ୟକୁ ଜାବୁଡ଼ି ଧରିବାକୁ ହେବ : ''Cling to Truth'' । ଆମେ ଯେଉଁମାନେ ନୂତନ ଭାରତ ଓ ନୂତନ ମାନବଜାତିର ଉତ୍ଥାନ ଓ ସିଦ୍ଧି ନିମିତ୍ତ ଆକାଂକ୍ଷା କରୁଛୁ, ସେହିମାନଙ୍କୁ ବିଶେଷଭାବେ ସତ୍ୟଦୃଷ୍ଟି ସମ୍ପନ୍ନ ହେବାକୁ ହେବ ।

– ଶ୍ରୀମା

(ନବଜ୍ୟୋତି, ୨୪ ନଭେମ୍ବର ୧୯୬୫ ସଂଖ୍ୟାରୁ ସଂଗୃହୀତ)

* "To-day India is bristling with self-confidence, proud of its extra-ordinary record of unity during the last few-weeks, proud of the fact that communal tensions did not become evident at any point, proud of its army which everyone has wrongly assumed could not fight on a man to man basis with Pakistanis."
(Chestor Bowle's Plea : Aid to India without strings) : 'The Hindu' (Madras), Dak-Edition, Oct.25, 1965)

*ପ୍ରଶ୍ନ : ଭାରତ ସମ୍ପର୍କରେ ଆପଣଙ୍କ ପୁରୋଦୃଷ୍ଟିକୁ ଯଦି ଗୋଟିଏ ବାକ୍ୟରେ ପ୍ରକାଶ କରିବାକୁ କୁହାଯାଏ, ତେବେ ଆପଣ କ'ଣ କହିବେ ?*

**ଶ୍ରୀମା :** ଏହି ବିଶ୍ୱର ଗୁରୁସ୍ଥାନ ଲାଭ କରିବାହିଁ ଭାରତବର୍ଷର ପ୍ରକୃତ ବିଧି-ନିର୍ଦ୍ଧାରିତ ଭୂମିକା ।

# ଯୋଗୀ ଶ୍ରୀଅରବିନ୍ଦ*

## ଶ୍ରୀ ମାଧବ ପଣ୍ଡିତ

ଶ୍ରୀଅରବିନ୍ଦ ଥରେ ମନ୍ତବ୍ୟ କରିଥିଲେ ଯେ ଅଧ୍ୟାତ୍ମ ଜୀବନ ମଧ୍ୟକୁ ତାଙ୍କର ପ୍ରବେଶ ଘଟିଥିଲା ଏକ ପାର୍ଶ୍ୱବର୍ତ୍ତୀ ଦରଜା ଦେଇ । ପ୍ରକୃତ ଘଟଣାଟି ଠିକ୍ ଏହିପରି ଘଟିଥିଲା — କାହିଁକିନା, ସେ ତାଙ୍କ ଆତ୍ମାର ମୁକ୍ତି ସକାଶେ କେବେ ବି ଆଧ୍ୟାତ୍ମିକତାର ଆଶ୍ରୟ ଖୋଜି ନଥିଲେ । ସତକଥା କହିବାକୁ ଗଲେ ଅଧ୍ୟାତ୍ମ ଅନୁଭୂତି ଏପରିକି ଉପଲବ୍ଧିମାନ ତାଙ୍କ ନ ଚାହିଁବା ସତ୍ତ୍ୱେ ବି ତାଙ୍କଠାରେ ଜମାହେବାକୁ ଲାଗିଲା । କେମ୍ବ୍ରିଜରେ ପଢୁଥିବାବେଳେ ସେ ମାକ୍ସମୁଲାରକୃତ ଉପନିଷଦ୍‌ସମୂହର ଅନୁବାଦ ପାଠ କରିଥିଲେ ଓ ଆତ୍ମାର ଧାରଣା ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା, ତାହାର ଉପଲବ୍ଧିହିଁ ଏକମାତ୍ର ବାଞ୍ଛନୀୟ ବୋଲି ସେ ବୋଧ କରିଥିଲେ । ଇଂଲଣ୍ଡରୁ ଫେରି ଭାରତବର୍ଷର ମାଟିରେ ଆପୋଲୋ ବନ୍ଦରଠାରେ ପାଦ ଦେଲା କ୍ଷଣି ବିପୁଳ ଶାନ୍ତି ଓ ନିରବତା ତାଙ୍କ ମଧ୍ୟକୁ ଓହ୍ଲାଇ ଆସିଲା, ତାହା ବହୁ ସପ୍ତାହ ପର୍ଯ୍ୟନ୍ତ ସେହିପରି ଅବ୍ୟାହତ ଥିଲା । ବରୋଦା ବାସକାଳରେ ଥରେ ସେ ଯେଉଁ ଘୋଡ଼ାଗାଡ଼ିରେ ବସି ଯାଉଥିଲେ, ତାହା ଦୁର୍ଘଟଣାର ସମ୍ମୁଖୀନ ହୋଇ ବିପର୍ଯ୍ୟସ୍ତ ହେଲା, ସେତେବେଳେ କୌଣସି ବିପଦ ନ ଘଟୁ ଏହି ଇଚ୍ଛା ତାଙ୍କ ମନରେ ଜାଗିବା ମାତ୍ରେ ତତ୍‌କ୍ଷଣାତ୍ କୌଣସି ଏକ ଜ୍ୟୋତିର୍ମୟ ସତ୍ତା, ଏକ ଦେବଶକ୍ତି ତାଙ୍କ ମଧ୍ୟରୁ ବାହାରି ପରିସ୍ଥିତିକୁ ସମ୍ଭାଳି ନେଇଥିଲେ ଏବଂ ଦୁର୍ଘଟଣାରୁ ତାଙ୍କୁ ରକ୍ଷା କରିଥିଲେ । ପ୍ରତିମୂର୍ତ୍ତି ବା ପ୍ରତିମା ପୂଜାରେ ସେ ବିଶେଷ ଆସ୍ଥାବାନ୍ ନଥିଲେ । କିନ୍ତୁ ଏପରି ଘଟିଲା, ସେ ଥରେ ନର୍ମଦାତୀରସ୍ଥ ଏକ କାଳୀ ମନ୍ଦିରକୁ ଭ୍ରମଣବ୍ୟପଦେଶରେ ଯାଇଥିଲେ ଓ ମୂର୍ତ୍ତି ଆଡ଼କୁ ସେ ଯେତେବେଳେ ଚାହିଁଲେ ସେଠାରେ ଏକ ଶକ୍ତିଶାଳୀ ଜାଗ୍ରତ୍ ଉପସ୍ଥିତି, ସାକ୍ଷାତ୍ ଜଗନ୍ମାତାଙ୍କର ଉପସ୍ଥିତି ଅନୁଭବ କଲେ । ସେହିପରି ଯେଉଁଥର ସେ କାର୍ଯ୍ୟୋପଲକ୍ଷରେ କାଶ୍ମୀର ଯାଇଥିଲେ ପର୍ବତ ଉପରେ ସେ ଶୂନ୍ୟ-ଶାଶ୍ୱତର ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିଥିଲେ ।

ଯୋଗବଳରେ ଶକ୍ତିଲାଭ ହୁଏ ଜାଣିବା ଫଳରେ ପ୍ରାରମ୍ଭିକ ଅବସ୍ଥାରେ ସେ ବରୋଦାରେ ଥିବାବେଳେ ଯୋଗସାଧନା ପ୍ରତି ଅନୁରାଗୀ ହେଲେ । ମାତୃଭୂମିକୁ ବିଦେଶୀ ଶାସନରୁ ମୁକ୍ତ କରିବା ପାଇଁ ସେ ମନପ୍ରାଣ ଦେଇଥିଲେ । ତାଙ୍କ ଉଦ୍ଦେଶ୍ୟସାଧନ ନିମନ୍ତେ ଯୋଗ ଯଦି କିଛି ଫଳପ୍ରଦ ଶକ୍ତି ଯୋଗାଇ ପାରିବ, ତେବେ ସେ ସେହି ଶକ୍ତିକୁ ଅବଶ୍ୟ କର୍ମକ୍ଷେତ୍ରରେ ନିୟୋଗ କରିବେ ବୋଲି ସ୍ଥିର କଲେ । ତଦନୁଯାୟୀ ପ୍ରାଣବାୟୁ ନିୟନ୍ତ୍ରଣର ବିଜ୍ଞାନ ଅର୍ଥାତ୍ ପ୍ରାଣାୟାମ କ୍ରିୟାରେ ସେ ତାଙ୍କର ଜଣେ ବନ୍ଧୁଙ୍କଠାରୁ କିଛି ନିର୍ଦ୍ଦେଶ ନେଇଥିଲେ । ସେ ଏହି ପ୍ରକ୍ରିୟାକୁ ପ୍ରତିଦିନ ଚାରି, ପାଞ୍ଚ ଘଣ୍ଟାକାଳ ଅଭ୍ୟାସ କରିବାକୁ ଲାଗିଲେ, ପରିଣାମରେ ଯାହା ଘଟିଲା ତାହା ଥିଲା ଚିତ୍ତାକର୍ଷକ, ତାଙ୍କ ନିଜ ଭାଷାରେ ଆମେ ପଢ଼ିଛୁ —

‘‘ଫଳ ଚମତ୍କାର ହେଲା । ମୁଁ ମୋର ମସ୍ତକର ଚତୁଃପାର୍ଶ୍ୱରେ ବିଦ୍ୟୁତ୍‌ଶକ୍ତି ଭଳି ଏକ ଶକ୍ତି ଅନୁଭବ କଲି । ମୋର ଲେଖାଲେଖି କରିବାର ଶକ୍ତି ପୂର୍ବରୁ ପ୍ରାୟ ଶୁଷ୍କ ହୋଇ ଆସିବାକୁ ଆରମ୍ଭ କରିଥିଲା, ତାହା ପ୍ରଚଣ୍ଡ ବେଗରେ ଜାଗି ଉଠିଲା । ଗଦ୍ୟ ଓ ପଦ୍ୟ ଉଭୟ ରଚନାର ଧାରା ସ୍ୱତଃ ପ୍ରବାହିତ ହେବାକୁ ଲାଗିଲା । ସେହି ଦିନଠାରୁ ସେହି ପ୍ରବାହ କେବେ ବି ବିରତ ହୋଇ ନାହିଁ । ତୃତୀୟତଃ ମୁଁ ଉତ୍ତମ ସ୍ୱାସ୍ଥ୍ୟ ଲାଭ କଲି । ମୁଁ ସବଳ, ସମର୍ଥ ହୋଇ ଉଠିଲି, ଦେହର ଚର୍ମ ଗୌର ବର୍ଣ୍ଣ ତଥା ଚିକ୍‌କଣ ହୋଇଗଲା, ଜିହ୍ୱାରୁ ମଧୁର ରସ କ୍ଷରିତ ହେବାକୁ ଲାଗିଲା । ମସ୍ତକର ଚାରିପାଖରେ ମୁଁ କିଛି ଜ୍ୟୋତିଃ ଧାରଣ କରୁଥିବାର ଅନୁଭବ କରୁଥିଲି । ସେ ସ୍ଥାନରେ ମଶାର ପ୍ରାଦୁର୍ଭାବ ଥିବାସତ୍ତ୍ୱେ ଗୋଟିଏ ବି ମଶା ମୋ ପାଖ ପଶୁ ନଥିଲେ ।’’

ଯାହା ବି ହେଉ, ସେ ସମୟରେ ରାଜନୈତିକ ଓ ବିପ୍ଳବାତ୍ମକ କାର୍ଯ୍ୟକଳାପରେ ଅଧିକରୁ ଅଧିକ ସଂପୃକ୍ତ ରହିବା ଫଳରେ ଶ୍ରୀଅରବିନ୍ଦଙ୍କ ପ୍ରାଣାୟାମ ଅଭ୍ୟାସରେ ଅନିୟମ ହେବାକୁ ଲାଗିଲା, ପରିଶେଷରେ ପୂରାପୂରି ବନ୍ଦ ହୋଇଗଲା । ଏଥି ମଧ୍ୟରେ ବିଷ୍ଣୁଭାସ୍କର ଲେଲେ ନାମକ ଜଣେ ବିଖ୍ୟାତ

* ୧୯୭୨ରେ ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ନିଖିଳ ଭାରତ ବେତାରକେନ୍ଦ୍ର, ପଣ୍ଡିଚେରୀରେ ପ୍ରଦତ୍ତ ଭାଷଣ ।

ଯୋଗୀଙ୍କ ସହିତ ସେ ପରିଚିତ ହେଲେ । ସେ ତାଙ୍କୁ ଧ୍ୟାନର ସକ୍ରିୟତା ମଧ୍ୟକୁ ଅନୁପ୍ରବିଷ୍ଟ କରାଇଲେ । ଉଭୟେ ଗୁରୁ ଓ ଶିଷ୍ୟ ଏହାର ଫଳ ଦେଖି ସ୍ତମ୍ଭୀଭୂତ ହୋଇଗଲେ । ତିନୋଟି ଦିବସର ସ୍ୱଳ୍ପ ସମୟ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ମନ ଏକାବେଳକେ ସ୍ଥିର ହୋଇଗଲା ଏବଂ ତାଙ୍କ ଚେତନା ଚିନ୍ତାଭୂମିର ଊର୍ଦ୍ଧ୍ୱରେ ତାହାର ଭିତ୍ତି ପ୍ରତିଷ୍ଠା କଲା । ସେ ଅଚଳ, ନିରବ, ଅବିଭାଜ୍ୟ ବ୍ରାହ୍ମୀଚେତନା ଉପଲବ୍ଧି କଲେ । ଯେଉଁ ଆନ୍ତର ପଥପ୍ରଦର୍ଶକ ବର୍ତ୍ତମାନ ଆବରଣ ଉନ୍ମୁକ୍ତ କରି ସ୍ୱୀୟ ଦିବ୍ୟହସ୍ତରେ ସାଧନାର ଭାର ଗ୍ରହଣ କରିଛନ୍ତି, ତାଙ୍କରି ହାତରେ ନିଜକୁ ଅର୍ପଣ କରିବାକୁ ଶ୍ରୀଅରବିନ୍ଦ ଉପଦିଷ୍ଟ ହୋଇଥିଲେ ।

ଶ୍ରୀଅରବିନ୍ଦଙ୍କ ଯୋଗ-ବିବର୍ତ୍ତନର ବିକାଶ ପଥରେ ପରବର୍ତ୍ତୀ ପ୍ରଧାନ ପଦକ୍ଷେପ ହୋଇଥିଲା ସେତିକିବେଳେ, ଯେତେବେଳେ ସେ ପୂରା ବର୍ଷେକାଳ ଆଲିପୁର ଜେଲରେ କାରାରୁଦ୍ଧ ହୋଇଥିଲେ । ସେ ଗୀତା ଓ ଉପନିଷଦ୍ ସ୍ୱାଧ୍ୟାୟ କରୁଥିଲେ । ଦିବସ ତଥା ରାତ୍ରିରେ, ଏପରିକି ନିଦ୍ରିତାବସ୍ଥାରେ ମଧ୍ୟ ତାଙ୍କର ଆଧ୍ୟାତ୍ମିକ ପରିବର୍ତ୍ତନ ଘଟି ଚାଲିଥିଲା । ସ୍ୱାମୀ ବିବେକାନନ୍ଦ ଏକ ପକ୍ଷ ଧରି ପ୍ରତିଦିନ ତାଙ୍କ ସମ୍ମୁଖରେ ଉଭା ହୋଇ ଉଚ୍ଚତର ମନକୁ ଅତିକ୍ରମ କରି ଅତିମାନସ ଦିଗରେ ଯିବା ପଥରେ ଯେଉଁ ଯେଉଁ ଲୋକ ଭିତର ଦେଇ ଗତି କରିବାକୁ ହେବ, ସେ ସମସ୍ତ ସ୍ତର ଓ ଲୋକ ସମ୍ପର୍କରେ କେତେକ ସତ୍ୟ ଶ୍ରୀଅରବିନ୍ଦଙ୍କ ପାଖରେ ସେ ସ୍ପଷ୍ଟ କରିଦେଇଥିଲେ ଏବଂ ଯାହାକିଛି ଜଣାଇବାକୁ ଆସିଥିଲେ, ସେସବୁ ଜଣାଇ ସାରିବା ପର୍ଯ୍ୟନ୍ତ ରହିଥିଲେ ଏବଂ ତା'ପରେ ଯାଇ ସେ ଫେରିଗଲେ ।

ତାଙ୍କ ଜୀବନର ଏହି ଜଟିଳ ଅବସ୍ଥାରେହିଁ ସେ ବିଶ୍ୱମୟ ପ୍ରଭୁ ବାସୁଦେବଙ୍କର ସାକ୍ଷାତ୍କାର ପାଇଥିଲେ; ଯେଉଁ ଦିଗକୁ ସେ ଚାହିଁଲେ, ଜେଲଗୃହର କୋଠରି ଭିତରେ, ଉଦ୍ୟାନରେ, ବିଚାରାଳୟରେ ମଧ୍ୟ ସେ ବାସୁଦେବଙ୍କୁ ଅବଲୋକନ କଲେ । ଭଗବାନ୍ ବାସୁଦେବହିଁ ସକଳ ଘଟଣାର ଦାୟିତ୍ୱ ତାଙ୍କ ହାତରେ ନ୍ୟସ୍ତ କରିବାକୁ ଆଦେଶ ଦେଲେ ଏବଂ ଶ୍ରୀଅରବିନ୍ଦ ନିଃସନ୍ଦିଗ୍ଧ ଚିତ୍ତରେ ତାହା ମାନି ନେଇଥିଲେ । ସେ ଏପରି ଭାବରେ ସ୍ୱୀକାର କରି ନେଇଥିଲେ ଯେ ନିଜ ପକ୍ଷର ଓକିଲଙ୍କୁ ଯାହା ଯେପରି ନିର୍ଦ୍ଦେଶ ଦେବେ ବୋଲି ସେ ସ୍ଥିର କରିଥିଲେ, ସେସବୁ କିଛି ହେଲେ ବି ସେ ତାଙ୍କୁ ଜଣାଇବାକୁ ଆଉ ଇଚ୍ଛାକଲେ ନାହିଁ । ସେ ମୁକ୍ତ ହେବେ ଏ ବିଷୟରେ ତାଙ୍କୁ ଭିତରୁ ପ୍ରତିଶ୍ରୁତି ମିଳିଥିଲା ଏବଂ ପ୍ରକୃତରେ ସେ ମୁକ୍ତି ପାଇଲେ ବିଚାରାଳୟର ଦୀର୍ଘ ବିଳମ୍ବିତ ବିଚାର ପରେ ।

ଅନ୍ତରର ନିର୍ଦ୍ଦେଶ ଅନୁସାରେ ଚାଳିତ ହୋଇ ସେ ରାଜନୀତିର ପଟଭୂମି ପରିତ୍ୟାଗ କଲେ ଓ ତାଙ୍କ ଜୀବନର ମଧ୍ୟାହ୍ନରେ ପଣ୍ଡିଚେରୀରେ ଉପନୀତ ହେଲେ । ତାଙ୍କ ଅଧ୍ୟବସାୟର କ୍ଷେତ୍ର ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ତାଙ୍କ ଜୀବନର ଲକ୍ଷ୍ୟ ମଧ୍ୟ ପରିବର୍ତ୍ତିତ ହେଲା । ଦେଶର ମୁକ୍ତିସାଧନ ସହିତ ସେ ଆଉ ସଂଶ୍ଳିଷ୍ଟ ରହିଲେ ନାହିଁ; ଅପର କେହି ଯନ୍ତ୍ରସ୍ୱରୂପ ହୋଇ ଏହା ସାଧିତ କରିବେ ବୋଲି ସେ ଜାଣିଥିଲେ । କିନ୍ତୁ ଅଜ୍ଞତା, ସୀମିତତା ଓ ମୃତ୍ୟୁର ଦାସତ୍ୱରୁ ମନୁଷ୍ୟଜାତିକୁ ମୁକ୍ତ କରିବା ତାଙ୍କର ଉଦ୍ଦେଶ୍ୟ ହୋଇଉଠିଲା । ଦିବ୍ୟଗୁରୁ ତାଙ୍କୁ ଆତ୍ମାର କେତେ ଅଜ୍ଞାତ ଲୋକ-ଲୋକାନ୍ତର ଭିତର ଦେଇ ଆଗେଇ ନେଲେ, ଯେଉଁ ପଥ ଦେଇ କେହି କେବେ ଯାଇ ନାହିଁ । ଅଭିବ୍ୟକ୍ତି ତଥା ଚେତନାର ବିଭିନ୍ନ ସ୍ତରକୁ ଆବିଷ୍କାର କରି ଅଗ୍ରଣୀ ହୋଇ ଯାତ୍ରା କରିବାରେ ସେ ନିଜକୁ ନିଯୁକ୍ତ କରିଥିଲେ – ମନର ସ୍ତରକୁ ପାରିହୋଇ ଉଚ୍ଚତର ମାନସ, ପ୍ରଭାସ ମାନସ, ବୋଧି ମାନସ, ତଦୁପରି ଅଧିମାନସ ଏବଂ ତା'ପରେ ପରିପୂର୍ଣ୍ଣ ଜ୍ୟୋତିଃ ଓ ଜ୍ଞାନର ବିଜ୍ଞାନ ଭୂମି ପର୍ଯ୍ୟନ୍ତ ପ୍ରତି ସ୍ତର ଦ୍ୱାରା ନିୟନ୍ତ୍ରିତ କେତେ ରାଜ୍ୟରେ ସେ ଭ୍ରମଣ କରିଥିଲେ । ଭଗବାନଙ୍କର ସକ୍ରିୟ ଅଭିବ୍ୟକ୍ତିର ସକଳ ଉଚ୍ଚତମ ଭୂମିକୁ ପରିମାପ କରିବା ନିମନ୍ତେ ଶ୍ରୀଅରବିନ୍ଦ ନୂତନ ପଥ ପ୍ରସ୍ତୁତ କଲେ ଏବଂ ତାଙ୍କ ନିଜ ସତ୍ତା ଓ ଚେତନା ସହିତ ଏସବୁକୁ ସଂଯୁକ୍ତ କରି ନେଲେ । ଏହି ସାଧନାର ଧାରାକୁ ସେ ପୂର୍ଣ୍ଣଯୋଗ ନାମରେ ଅଭିହିତ କଲେ । କାରଣ, ମାନବର ସବୁ ଅଂଶକୁ ଏଥିମଧ୍ୟରେ ଗ୍ରହଣ କରାଯାଇଛି । ତାହାର ସାମାନ୍ୟତମ ଅଂଶ ମଧ୍ୟ ଏହାର ଦୃଷ୍ଟିରୁ ଅନ୍ତର ହୋଇ ନାହିଁ ଏବଂ ମାନବର ମାନବତ୍ୱରୁ ଊର୍ଦ୍ଧ୍ୱକୁ ଯାଇ ଦିବ୍ୟତ୍ୱରେ ପରିଣତ ହେବା ନିମନ୍ତେ ପ୍ରକୃତିରେ ପୂର୍ଣ୍ଣତା ଓ ପରିବର୍ତ୍ତନ ଆଣି ଏହି ଦିଗରେ ବିକଶିତ କରିବାହିଁ ଏ ଯୋଗର ଉଦ୍ଦେଶ୍ୟ ।

ଶ୍ରୀଅରବିନ୍ଦ, ତେଣୁ ତାଙ୍କର ଦିବ୍ୟ-ପ୍ରଭାମୟୀ ସହଯୋଗିନୀ ଶ୍ରୀମା'ଙ୍କ ସହିତ ଏହି ନୂତନ ଯୋଗର ଦ୍ରଷ୍ଟା ହେଲେ, ଯେଉଁ ଯୋଗ ମାନୁଷୀ-ଚେତନାରେ ନୂଆ ଆୟତନ ସଂଯୁକ୍ତ କରୁଛି ତଥା ବିଶ୍ୱପ୍ରଗତିର ଆନ୍ତର ଓ ବାହ୍ୟ ଉଭୟ କ୍ଷେତ୍ରରେ ଐକ୍ୟ ଓ ସଂଗତି ପ୍ରତିଷ୍ଠା କରିବାରେ ସଫଳ ଦିଗ୍‌ଦର୍ଶନ ଦେଉଛି । ଶ୍ରୀଅରବିନ୍ଦଙ୍କ ଯୋଗ ମାନୁଷୀ-ଚେତନାକୁ

*(ଅବଶିଷ୍ଟାଂଶ ପୃଷ୍ଠା ୪୫ରେ ଦେଖନ୍ତୁ)*

# "କଳା ପାହାଡ଼ର ତୃଷ୍ଣା"

## ଶ୍ରୀ ମନୋଜ ଦାସ

- **ନାସ୍ତିକର ଭବିଷ୍ୟତ୍ ଗତି କ'ଣ ?**
- **ଜଗନ୍ନାଥ ବିଗ୍ରହକୁ ଜାଳି ଦେବା ସମ୍ଭବ ହେଲା କେମିତି ?**

***ପ୍ରଥମ ଜିଜ୍ଞାସୁ :*** *ମୁଁ ନାସ୍ତିକ । ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ କରେ ନାହିଁ କିଂବା ପରଲୋକରେ ବିଶ୍ୱାସ କରେ ନାହିଁ । ମୋର ଭବିଷ୍ୟତ୍ କ'ଣ ?*

**ଉତ୍ତର :** ଆପଣ ପରଲୋକରେ ବିଶ୍ୱାସ କରନ୍ତି । ସେଥିପାଇଁ ଭବିଷ୍ୟତ୍ କ'ଣ ବୋଲି ପ୍ରଶ୍ନ କରୁଛନ୍ତି – ଅବଶ୍ୟ ଆପଣଙ୍କ ବକ୍ତବ୍ୟରୁ ଆପଣ ମୃତ୍ୟୁ ପରବର୍ତ୍ତୀ ଭବିଷ୍ୟତ୍ କଥା କହୁଛନ୍ତି ବୋଲି ମୋର ଧାରଣା ହେଲା । ଠିକ୍ ? ଯଦି ଏହି ଜୀବନର ଭବିଷ୍ୟତ୍ କଥା କହୁଛନ୍ତି, ତେବେ ପ୍ରତି ମୁହୂର୍ତ୍ତରେ ଆମେ ଭବିଷ୍ୟତକୁହିଁ ଆବିଷ୍କାର କରିଚାଲିଛୁ । ଗତକାଲି ପାଇଁ ଆଜି ଦିନଟି ଥିଲା ଭବିଷ୍ୟତ୍ ।

***ଜିଜ୍ଞାସୁ :*** *ଭାବି ଦେଖୁଛି, ମୃତ୍ୟୁ ପର ଭବିଷ୍ୟତ୍ କଥାହିଁ ମୋ ମନରେ ଥିଲା ।*

**ଉତ୍ତର :** ସେ ଭବିଷ୍ୟତ୍ ଉଜ୍ଜ୍ୱଳ କି ଅନୁଜ୍ଜ୍ୱଳ, ସେକଥା ଆପଣ ଭଗବାନଙ୍କର ଅସ୍ତିତ୍ୱରେ ବିଶ୍ୱାସ କରୁଛନ୍ତି କି ନାହିଁ, ତାହା ଉପରେ ନିର୍ଭର କରେନା । ନିର୍ଭର କରେ ଆପଣଙ୍କ କର୍ମ ଉପରେ । ନା; ଆଖିଦୃଶିଆ, ସ୍ଥୂଳ କର୍ମ ଉପରେ ନୁହେଁ; କର୍ମରେ ଆପଣଙ୍କୁ ଯେଉଁ ଚେତନା ପ୍ରବୃତ୍ତ କରୁଛି, ତାହାରି ଗୁଣ ଉପରେ । ଭଗବାନଙ୍କ ଉପରେ ତଥାକଥିତ ବିଶ୍ୱାସ ରଖୁଥିବା ଲୋକେ ସମ୍ଭବତଃ ଇତିହାସରେ ସର୍ବାଧିକ ନିର୍ମମତାର ଦୃଷ୍ଟାନ୍ତ ରଖିଛନ୍ତି । ଭଗବାନଙ୍କ ନାମରେ ନରସଂହାର ହୁଏ – ଜନପଦ ପରେ ଜନପଦ, ସହର, ନଗର ଛାରଖାର କରି ଦିଆଯାଏ । ସେ ସବୁର ଦୃଷ୍ଟାନ୍ତ ଦେବାର କିବା ପ୍ରୟୋଜନ ! ସେଭଳି କର୍ମ ପଶ୍ଚାତ୍‌ରେ ପିଶାଚ ଶକ୍ତି କର୍ମରତ ଥାଏ, ଭଗବତ୍ ଶକ୍ତି ନୁହେଁ ନିଶ୍ଚୟ !

ଏଭଳି ମଣିଷ ଅଛନ୍ତି, ଯେଉଁମାନେ ଭଗବାନ୍ ଅଛନ୍ତି କି ନାହିଁ, ସେ ସମ୍ପର୍କରେ ଚିନ୍ତା କରି ନଥା'ନ୍ତି; ହୁଏତ ସେ ଅଛନ୍ତି ବୋଲି ଧରି ନେଇଥା'ନ୍ତି ଅଭ୍ୟାସବଶତଃ – ଯେମିତି ପ୍ରତିବେଶୀ ଅଛନ୍ତି ବାଁପଟ ଘରେ; ଭଗବାନଟିଏ ଅଛନ୍ତି ଡାହାଣ ପଟ ମନ୍ଦିରରେ । ଏହାକୁ ଆପଣ ବିଶ୍ୱାସ କହିପାରନ୍ତି – ଯାନ୍ତ୍ରିକ, ଚିନ୍ତାଶୂନ୍ୟ ବିଶ୍ୱାସ – କିନ୍ତୁ ଆପଣ ଯେଉଁ ଅର୍ଥରେ ବିଶ୍ୱାସ, ଅବିଶ୍ୱାସ ପ୍ରସଙ୍ଗର ଅବତାରଣା କରୁଛନ୍ତି, ଏହା ସେ ପର୍ଯ୍ୟାୟରେ ଯିବ ନାହିଁ ।

ଯାହା କହୁଥିଲି, ଜଣେ ଭଗବାନ୍ ଥିବା ନଥିବା ସମ୍ପର୍କରେ ଚିନ୍ତା କରୁ ନଥାଇପାରେ, କିନ୍ତୁ ଏମନ୍ତ ଏକ ଚେତନାରେ ଥାଇପାରେ, ଯେଉଁଠି ଅନ୍ୟ ପ୍ରତି ତା'ର ଈର୍ଷା, ବିଦ୍ୱେଷ ନାହିଁ, ସାମାଜିକ ଉଚ୍ଚାଭିଳାଷ ନାହିଁ, କ୍ରୂର ସ୍ୱାର୍ଥାନ୍ଧତା ନାହିଁ । ଅର୍ଥାତ୍ ତା'ର ଚେତନା ଅପେକ୍ଷାକୃତ ପରିଚ୍ଛନ୍ନ । ପରଲୋକ ଅନ୍ତେ ସେ ଏମନ୍ତ ପରିବେଶରେ ପୁନର୍ଜନ୍ମ ନେବ, ଯେଉଁଠି ସେ ଚେତନାକୁ ଆହୁରି ଆଗକୁ ନେବାର ସୁଯୋଗ ଥିବ । ଏଠାରେ ସୁଯୋଗ ବୋଇଲେ ବାଧାବିଘ୍ନର ଅନୁପସ୍ଥିତି ନୁହେଁ । ବାଧାବିଘ୍ନ ରହିବ କିନ୍ତୁ ସେସବୁ ଅତିକ୍ରମ କରିବାର ଅବକାଶହିଁ ସୁଯୋଗ । ଯେଉଁ ସୁଯୋଗ ତାକୁ ଜୀବନର ପରମ ଲକ୍ଷ୍ୟ ଦିଗରେ ଆଉ ଟିକିଏ ଆଗେଇ ନେବ ।

ପ୍ରଶ୍ନଟିକୁ ଆଉ ଟିକିଏ ଗଭୀର ସ୍ତରରୁ ବିଚାର କରାଯାଉ । ଆମ ସାଧାରଣ ବାର୍ତ୍ତାଳାପ ସ୍ତରରୁ ଦେଖିଲେ ମୁଁ ଯାହା କହିବାକୁ ଯାଉଛି ତାହା ତାତ୍ତ୍ୱିକ ବା ଦାର୍ଶନିକ ମନେ ହୋଇପାରେ, କିନ୍ତୁ ସବୁ ପ୍ରଶ୍ନର ଉତ୍ତର ଅତି ସାଧାରଣ ବା ମାମୁଲି ସ୍ତରରେ ମିଳେନା ।

ନିରବତା ହେଲା ଶବ୍ଦର ଅନୁପସ୍ଥିତି । ଶବ୍ଦ ଥାଏ ବୋଲି ନିରବତାର ଅସ୍ତିତ୍ୱ ରହିଛି । ଆମେମାନେ ଏହା ବି କହିପାରୁ ନିରବତା ଥାଏ ବୋଲି ଶବ୍ଦର ଅସ୍ତିତ୍ୱ ଅନୁଭବ କରିହୁଏ । ନିରବତା ଶବ୍ଦର ପଟଭୂମି ହୋଇପାରେ; ଶବ୍ଦ ନିରବତାର ପଟଭୂମି ହୋଇପାରେ । ଆସ୍ତିକତା ନାସ୍ତିକତାର ପଟଭୂମି ହୋଇପାରେ, ନାସ୍ତିକତା ମଧ୍ୟ ଆସ୍ତିକତାର ପଟଭୂମି ହୋଇପାରେ । ପ୍ରକୃତ କଥା ହେଲା ଉପଲବ୍ଧି । ଏମନ୍ତ ଯୁକ୍ତିସବୁ ଉପଲବ୍ଧିର ବିକଳ୍ପ ହୋଇପାରିବେ ନାହିଁ ।

***୨ୟ ଜିଜ୍ଞାସୁ :*** *ତେବେ ଉପଲବ୍ଧି ନହେବା ଯାଏଁ ବିଶ୍ୱାସ ସମ୍ଭବପର ନୁହେଁ ବୋଲି କହିବାକୁ ହେବ !*

**ଉତ୍ତର :** କିଏ କହିବ ଆପଣଙ୍କ ବିଶ୍ୱାସ ଉପଲବ୍ଧି-ସମ୍ଭୂତ ନୁହେଁ ? ଆପଣଙ୍କ କଳେବରଟିର ବୟସ ଆପଣ କହିଦେଇ ପାରିବେ । ଆପଣଙ୍କ ଚେତନାର ବୟସ କିନ୍ତୁ ଆପଣଙ୍କ ଜାତକରୁ ମିଳିବ ନାହିଁ । ଆମ ଜୀବନରେ ପୂର୍ବଜନ୍ମ ସମୂହର ଅଭିଜ୍ଞତା ଉପଲବ୍ଧିର ନିର୍ଯ୍ୟାସହିଁ ବିଶ୍ୱାସ ରୂପେ ପ୍ରକଟିତ ହୋଇଥାଇପାରେ ।

କଥା ହେଲା, ଯେତେବେଳେ ଆମ ଦୃଷ୍ଟିକୋଣର ବିକାଶ ହେବ, ତାହା ବ୍ୟାପକରୁ ବ୍ୟାପକତର ହେବ, ସେତେବେଳେ ଆମେ ଅନୁଭବ କରିବା ଏକ ମହାଶକ୍ତି ଏ ଚରାଚର ବିଶ୍ୱର ଆଧାର, ତଥା ତାହାହିଁ ବିଶ୍ୱ ଭିତରେ କାର୍ଯ୍ୟରତ । ସେ ମହାଶକ୍ତିର କାର୍ଯ୍ୟକଳାପ ବିଚିତ୍ର । ଗୋଟାଏ ଘାସଫୁଲ ପଛରେ ମହାଶକ୍ତିର ଯେତିକି ଗୁଣଗତ ଉପସ୍ଥିତି ରହିଛି, ସମଗ୍ର ସୃଷ୍ଟି ପଛରେ ସେତିକି ମାତ୍ରାର ଗୁଣଗତ ଉପସ୍ଥିତି ରହିଛି । ସେ ମହାଶକ୍ତି ବିନା ସୂର୍ଯ୍ୟ ଓ ନକ୍ଷତ୍ରରାଶି ଯେମିତି ସମ୍ଭବପର ନୁହେଁ, ଘାସଫୁଲଟିଏ ମଧ୍ୟ ସେମିତି ସମ୍ଭବପର ନୁହେଁ ।

***ତୃତୀୟ ଜିଜ୍ଞାସୁ :*** *ସୃଷ୍ଟିର ଉତ୍ସ ଆନନ୍ଦ । ସତ ?*

**ଉତ୍ତର :** ସତ ବା ମିଛ – ତା'ର ପ୍ରମାଣପତ୍ର ଦେବାକୁ ମୁଁ କିଏ ? ଆପଣ ଓ ମୁଁ ଆନନ୍ଦ ବୋଇଲେ କ'ଣ ବୁଝୁ, ତାହା ଉପରେ ଏହାର ଉତ୍ତର ନିର୍ଭର କରେ । ଗୋଟାଏ ବଗିଚା ଭିତରକୁ ଯାଆନ୍ତୁ । ଏକ ପରେ ଏକ ବିବିଧ ପୁଷ୍ପ ଉପରେ ଏକାଗ୍ର ହୁଅନ୍ତୁ । ସେ ସଂହତ ରୂପ, ସେ ପ୍ରଭା, ସେ କୋମଳତା – ସେସବୁ ପଛରେ ଯେଉଁ ଜୀବନ୍ତ ଶକ୍ତି, ସିଏ ବିନା ଆନନ୍ଦରେ ଏମିତି ସର୍ଜନା କରିବ କି ?

କେତେ ପ୍ରକାର ଫଳମୂଳ; କେଡ଼େ ବିଚିତ୍ର ସେସବୁର ଭିନ୍ନ ଭିନ୍ନ ସ୍ୱାଦ । ବିନା ଆନନ୍ଦରେ କିଏ ତା'ର ଯୋଜନା କରିବ ? କିଏ ମାଟି, ପାଣି, ପବନ ଭିତରେ ତା'ର ପ୍ରତିଶ୍ରୁତି ନିହିତ କରିବ ?

ଆପଣ ନିଜେ ଯଦି ନୂଆ ଘରଟିଏ ନିର୍ମାଣ କରିବାକୁ ଯାଉଥିବେ, ତେବେ ତାହା ଦୁଃଖ-ପ୍ରେରିତ ହୋଇ ଦୁଃଖ ପାଇବା ଆଶାରେ କରିବେ ନା ଆନନ୍ଦ ପ୍ରେରିତ ହୋଇ ଆନନ୍ଦ ପାଇବା ଆଶାରେ କରିବେ ? ଆନନ୍ଦର ବହୁ ରୂପ – ସନ୍ତୋଷ, ତୃପ୍ତି, ପୁଲକ ଇତ୍ୟାଦି ଇତ୍ୟାଦି । ଆପଣ ଯାହାକିଛି କରୁଛନ୍ତି, ସେ ସବୁରୁ ସନ୍ତୋଷ ପାଇବା ନିମନ୍ତେ ନା ଦୁଃଖ ପାଇବା ନିମନ୍ତେ କରୁଛନ୍ତି ? ସୃଷ୍ଟିର ଭିତ୍ତି ଆନନ୍ଦ – ଏହି ବୃହତ୍ତର ଅର୍ଥରେ – ସୃଷ୍ଟି ଭିତରେ ପ୍ରବାହିତ ମଧ୍ୟ ଆନନ୍ଦର ସଂଗୋପନ ଧାରା ।

ଭଗବାନଙ୍କର ଏକ ରୂପ ବା ପରିପ୍ରକାଶ ହେଲା ବିଶ୍ୱାସ । ଆପଣ ଯଦି ନାସ୍ତିକତାରେ ବିଶ୍ୱାସୀ, ସେହି ନାସ୍ତିକତାହିଁ ଆପଣଙ୍କର ଭଗବାନ୍ । ବିଶ୍ୱାସ ଏକ ଶକ୍ତି । ସବୁ ଶକ୍ତିର ଉତ୍ସ ଭଗବାନ୍ । ଆପଣ ଭଗବାନ୍ ବଦଳରେ ଅନ୍ୟ କୌଣସି ଶବ୍ଦ ବ୍ୟବହାର କରିପାରନ୍ତି । ସମସ୍ୟା ହେଲା, ଭଗବାନ୍, ଈଶ୍ୱର, ବ୍ରହ୍ମ – ଏ ସବୁ ଶବ୍ଦର କୌଣସି ସର୍ବଜନସମ୍ମତ ନିର୍ଦ୍ଦିଷ୍ଟ ଧାରଣା ନାହିଁ । ପ୍ରତ୍ୟେକେ ନିଜ ନିଜ ସାମାଜିକ, ପାରିବାରିକ ପ୍ରଭାବ, ନିଜ ନିଜ ବୋଧଶକ୍ତି, ନିଜ ନିଜ ସଂସ୍କାର ଓ ଗତାନୁଗତିକ ବଂଶଗତ ଧର୍ମବିଶ୍ୱାସ ଅନୁସାରେ ଭଗବାନଙ୍କର ଗୋଟାଏ ଗୋଟାଏ ଗୁଣ-ରୂପ ତାଲିକା କରି ନେଇଥା'ନ୍ତି ।

***ଉପପ୍ରଶ୍ନ :*** *ସେଥିରେ ସମସ୍ୟା କ'ଣ ?*

**ଉତ୍ତର :** ସମସ୍ୟା ହେଲା, ପ୍ରତ୍ୟେକଙ୍କର ଧାରଣା ବା ଜ୍ଞାନ ଠିକ୍; ସେ ସମସ୍ତ ଧାରଣା ବା ଜ୍ଞାନ ଭଗବାନଙ୍କ ଅନ୍ତର୍ଭୁକ୍ତ ମଧ୍ୟ, କିନ୍ତୁ ଭଗବାନ୍ କୌଣସି ଜଣକର ଧାରଣା ଓ ଜ୍ଞାନ, ଅଥବା ସମସ୍ତଙ୍କର ସମଷ୍ଟିଗତ ଧାରଣା ଓ ଜ୍ଞାନ ଦ୍ୱାରା ସୀମିତ ନୁହନ୍ତି । ସେ ବ୍ୟକ୍ତିଗତ ଓ ବିଶ୍ୱଗତ ଠିକ୍, କିନ୍ତୁ ସେ ବିଶ୍ୱାତୀତ ମଧ୍ୟ । ଆମ ଚେତନା ଯେତିକି ମାତ୍ରାରେ ପ୍ରସାରିତ ହୋଇ ଚାଲିଥିବ, ତାଙ୍କ ସମ୍ପର୍କରେ ଧାରଣା ମଧ୍ୟ ସେତିକି ବ୍ୟାପ୍ତ ହୋଇ ଚାଲିଥିବ ।

***ତୃତୀୟ ଜିଜ୍ଞାସୁ :*** *'ଭଗବାନ୍' କଥାଟି ସମ୍ପର୍କରେ ମୋର ଧାରଣା ବଦଳିଯିବା ଭଳି ଲାଗୁଛି ଯେ, କିନ୍ତୁ...*

**ଉତ୍ତର :** ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣଙ୍କର, ମୋର ଧାରଣା ସହଜରେ ବଦଳେ ନାହିଁ । ଅନ୍ତତଃ ଯୁକ୍ତି ଦ୍ୱାରା ନୁହେଁ । ଆପାତତଃ ବଦଳିଯିବା ଭଳି ଲାଗୁଥିଲେ ମଧ୍ୟ କିଛି ସମୟ ଅଥବା କିଛି ଦିନ ପରେ ପୂର୍ବଧାରଣା ପ୍ରତ୍ୟାବର୍ତ୍ତନ କରିପାରେ ।

***ଦ୍ୱିତୀୟ ଜିଜ୍ଞାସୁ :*** *ମୋ ବନ୍ଧୁଟି ଭଳି ମୁଁ ଅବଶ୍ୟ ନାସ୍ତିକ ନୁହେଁ । କିନ୍ତୁ ଥରେ ଥରେ ଭଗବାନଙ୍କ ଦୁରବସ୍ଥା ମୋତେ ଚିନ୍ତାରେ ପକାଏ । ସାମାନ୍ୟ ମଣିଷ କଳାପାହାଡ଼ ଆସି ଜଗନ୍ନାଥଙ୍କୁ ନେଇଯାଇ ଦାହ କରିଦେଲା ! ଜଗନ୍ନାଥ ମହାପ୍ରଭୁ ନିଜକୁ ରକ୍ଷା କରିପାରିଲେ ନାହିଁ ! ଆଉ...*

**ଉତ୍ତର :** ଟିକିଏ ରୁହନ୍ତୁ; ଆମେ ଭୁଲିଯିବା ପୂର୍ବରୁ ଆପଣଙ୍କ ବକ୍ତବ୍ୟର ଦୁଇଟି ଶବ୍ଦ ସମ୍ପର୍କରେ ମୋତେ ସଂଶୋଧନୀ ପ୍ରସ୍ତାବ ରଖିବାର ଅନୁମତି ଦିଅନ୍ତୁ । କଳାପାହାଡ଼

ମଣିଷଟିଏ ଭାବରେ ସାମାନ୍ୟ ନିଷ୍ଠୟ – ଯେଉଁ ମଣିଷ ଜୟ ପରାଜୟ, ଜରାବ୍ୟାଧି ଓ ମୃତ୍ୟୁର ଅଧୀନ । କିନ୍ତୁ ମଣିଷକୁ ଆଧାର କରି ସେଭଳି ଧ୍ୱଂସାତ୍ମକ, ବର୍ବର ଏବଂ ପୈଶାଚିକ କର୍ମସବୁ ସଂପାଦିତ କରେ ଭଗବତ୍-ବିରୋଧୀ କୁଶକ୍ତି । ଯୁଗେ ଯୁଗେ ତାହା ସେ କରି ଆସିଛି । ମଣିଷ ତନୁ ଆଶ୍ରୟ କରି ଦିବ୍ୟଶକ୍ତି ମଧ୍ୟ ଶୁଭଙ୍କର ଏବଂ ଚେତନାର ଅଭିବୃଦ୍ଧିର ସହାୟକ କାର୍ଯ୍ୟ କରୁଥାଏ । ଦ୍ୱିତୀୟ କଥା ହେଲା, କଳାପାହାଡ଼ ମହାପ୍ରଭୁଙ୍କୁ ପୋଡ଼ି ନାହିଁ, ଏକ ମୂର୍ତ୍ତିକୁ ପୋଡ଼ିଛି ।

ହେଲା, କ'ଣ କହୁଥିଲେ ଶେଷ କରନ୍ତୁ ।

***ଦ୍ୱିତୀୟ ଜିଜ୍ଞାସୁ :*** *ଅଧିକ କିଛି ନୁହେଁ; ମୋ ପ୍ରଶ୍ନର ଉତ୍ତର ଆପଣ ଦେଇ ସାରିଲେଣି । କଳାପାହାଡ଼ କେମିତି ଭଗବାନଙ୍କୁ ପୋଡ଼ିଦେଲା ଏବଂ ଭଗବାନ୍ ତାକୁ ସହ୍ୟ କଲେ, ଏହି କଥାଟି ମୋତେ ଆବାଲ୍ୟ ବିସ୍ମିତ କରୁଥାଏ ।*

**ଉତ୍ତର :** ଭଗବାନଙ୍କୁ ପୋଡ଼ିବାକୁ ହେଲେ ଏ ଚରାଚର ବିଶ୍ୱ, ଏ ବ୍ରହ୍ମାଣ୍ଡ ବିଧ୍ୱସ୍ତ କରିବା ଲୋଡ଼ା । ସୂର୍ଯ୍ୟଙ୍କୁ ଲିଭାଇ ଦେବା ଲୋଡ଼ା, ସମସ୍ତ ଗ୍ରହ, ନକ୍ଷତ୍ରଙ୍କୁ ଚୂର୍‌ମାର୍ କରିଦେବା ଲୋଡ଼ା । ଅସୀମ ନୀଳ ଆକାଶକୁ ଜାଳିଦେବା ଲୋଡ଼ା ।

***ତୃତୀୟ ଜିଜ୍ଞାସୁ :*** *ତଥାପି ଆମେ ଭଗବାନ୍ ବୋଲି ପୂଜା କରୁଥିବା ବିଗ୍ରହକୁ ଜଣେ ଜାଳିଦେବ, ଭଗବାନ୍ କିଛି କରିବେ ନାହିଁ !*

**ଉତ୍ତର :** ବାସ୍ତବିକ, ମନେହୁଏ ଭଗବାନଙ୍କର ସେତିକି ଦାୟିତ୍ୱବୋଧ ନାହିଁ । କେଉଁଠାରେ ପଢ଼ିଥିଲି – ବାଳକଟିଏ ସନ୍ଧ୍ୟାବେଳେ ତା' ମାଆବାପାଙ୍କ ସହ ପ୍ରାୟ ସବୁଦିନ ମନ୍ଦିରକୁ ଯାଏ । ବର୍ଷକ ପରେ ହଠାତ୍ ଦିନେ ଦେଖାଗଲା, ସେ ଦିଅଙ୍କ ଆଗରେ ଚକା ପାରି ଧ୍ୟାନସ୍ଥ ହୋଇଯାଇଛି । ବିସ୍ମିତ ମାଆବାପା ଅପେକ୍ଷା କଲେ । କିଛି ସମୟ ପରେ ପୁଅ ଉଠିପଡ଼ି ସ୍ୱାଭାବିକ ଭାବରେ ଘରକୁ ଫେରିଲା ।

ମାଆ ପଚାରିଲେ, 'କଥା କ'ଣ ? ଆଜି ତୁ କେମିତି ପ୍ରାର୍ଥନା ପାଇଁ ବସିଗଲୁ ?'

ପୁଅ ନିଷ୍କପଟରେ କହିଲା, 'ବର୍ଷକ ଭିତରେ ସମସ୍ତଙ୍କ କଥାବାର୍ତ୍ତାରୁ ଯାହା ବୁଝିଲି, କିଏ ଭଗବାନଙ୍କୁ ରୋଗମୁକ୍ତି ପାଇଁ, କିଏ ପୁତ୍ରଲାଭ ପାଇଁ, କିଏ ଦୀର୍ଘଜୀବନ ପାଇଁ, କିଏ ବା ସଂକଟରୁ ଉଦ୍ଧାର ପାଇଁ ପ୍ରାର୍ଥନା କରୁଛି । ମୁଁ ଭାବିଲି...'

ପୁଅ ନୀରବ ରହନ୍ତେ ମାଆବାପା ସେ କ'ଣ ଭାବିଲା ତାହା ଜାଣିବାକୁ ଜିଗର କଲେ । ପୁଅ କହିଲା, 'ମୁଁ ଭଗବାନଙ୍କୁ ପ୍ରାର୍ଥନାରେ କହିଲି – ଦେଖ ଭଗବାନ୍, ତୁମେ ନିଜେ ଯେମିତି ମରି ନଯାଅ । ତୁମେ ମରିଗଲେ ଏତେ ଲୋକଙ୍କ କଥା କିଏ ବୁଝିବ ?'

କହିବା ବାହୁଲ୍ୟ, ଭଗବାନ୍ ବୋଇଲେ ଆମେ ଯଦି ଚରାଚର ପରିବ୍ୟାପ୍ତ ମହାଶକ୍ତି, ସୃଷ୍ଟିର ପ୍ରୟୋଜକ ଏବଂ ପରିଚାଳକ ମହାଚେତନାକୁ ବୁଝାଉଥିବୁଁ, ତେବେ ଜଗନ୍ନାଥ ରୂପକ ସେ ଭଗବାନଙ୍କର ମୃତ୍ୟୁ ନାହିଁ । ମୂର୍ତ୍ତି ଆପଣଙ୍କ ବିଶ୍ୱାସର ଆଧାର; ମୂର୍ତ୍ତି ତ ବାରଂବାର ନବକଳେବର ପରମ୍ପରାରେ ମଧ୍ୟ ସମାଧିସ୍ଥ ହୁଏ । ସେଥିରେ ଯଦି ଆପଣଙ୍କ ବିଶ୍ୱାସର ଅବସାନ ଘଟୁ ନାହିଁ, ଗୋଟାଏ ଦୁର୍ବୃତ୍ତ ସେ ମୂର୍ତ୍ତିକୁ ଜାଳିଦେଲେ ତାହା ଆପଣଙ୍କ ବିଶ୍ୱାସକୁ କାହିଁକି ମ୍ରିୟମାଣ କରିବ ? ଟିକିଏ ଦୃଷ୍ଟିକୋଣ ବଦଳାଇ ବିଚାର କଲେ, ବରଂ ବିସ୍ମିତ ମିଶ୍ରିତ ପୁଲକରେ ଆମ ମନ ଭରିଯିବ – ଭଗବାନ୍ କେଡ଼େ ମହତ୍ ଓ ଉଦାର ଯେ ସେ ଏଭଳି ଅତ୍ୟାଚାର ମଧ୍ୟ ବରଦାସ୍ତ କରିଯାଉଛନ୍ତି । ମଣିଷ ନିୟତ ଅନ୍ୟମାନଙ୍କ ଅଜାଣତରେ ଅଥବା କେବେ କେବେ ଆପଣା ଅଜାଣତରେ ନିଜ ଚେତନାରେହିଁ ଜଗନ୍ନାଥଙ୍କୁ ଜାଳି ଚାଲିଛି । ଯେତେବେଳେ ଜଣେ ବେପାରୀ ଜାଲ ଔଷଧ ବଜାରକୁ ଛାଡ଼ି ସହସ୍ର ରୋଗୀଙ୍କ ବିକଳତାର ବା ମୃତ୍ୟୁର କାରଣ ହୁଏ, ଯେତେବେଳେ ଜଣେ ଘିଅରେ ସାପଚର୍ବି ମିଶାଇ ଅଧିକ କିଛି ଲାଭ ଉଠାଏ, ଯେତେବେଳେ କମ୍ ଯୌତୁକ ଆଣିବାରୁ ଗୋଟାଏ ବଧୂକୁ ଜାଳି ଦିଆଯାଏ – ସେତେବେଳେ ଜଗନ୍ନାଥ ଦହନହିଁ ଚାଲିଥାଏ । ଆମେ ଏ ବିଷୟରେ ସଚେତନ ହେଲେ କଳାପାହାଡ଼ ପ୍ରତି ବରଂ କିୟତ୍ ଅନୁକମ୍ପା ଜାତ ହେବ ।

***ତୃତୀୟ ଜିଜ୍ଞାସୁ :*** *ଆମ ସଭିଙ୍କ ଭିତରେ ଟିକିଏ ଟିକିଏ କଳାପାହାଡ଼ ଅଛି ପରା !*

***ଚତୁର୍ଥ ଜିଜ୍ଞାସୁ :*** *ମନେହୁଏ, ଆପଣଙ୍କ ଭିତରେ କଳାପାହାଡ଼ ପ୍ରତି ଅନୁକମ୍ପାହିଁ ଆପଣଙ୍କୁ 'କଳାପାହାଡ଼ର ତୃଷ୍ଣା' କବିତାଟି ପାଇଁ ପ୍ରେରଣା ଦେଇଛି ।*

**ଉତ୍ତର :** ସତକଥା ପ୍ରାୟ ! ମୋତେ ବେଶ୍ ଆମୋଦିତ କରୁଥାଏ ଆମର ଜନପ୍ରିୟ ଲୋକଗୀତି; ''ଭଲା ରାମଚଣ୍ଡୀ ଭଲାରେ, କଳାପାହାଡ଼କୁ ଦୁଆରେ ବସାଇ ଭଲା ପାଣି ଆଣି ଗଲାରେ !'' ମୁଁ ଇତିହାସର କଳାପାହାଡ଼ କଥା କହୁ ନାହିଁ; କହୁଛି କିଂବଦନ୍ତୀର କଳାପାହାଡ଼ କଥା । ସେ ଥିଲା ଭୀଷଣ

ତୃଷାର୍ତ୍ତ; ତା' ନିଜ ଭିତରର ଦୁର୍ନିବାର ପ୍ରଶ୍ନର ଉତ୍ତର ପାଇବାର ତୃଷ୍ଣା । ସେ ଥିଲା ହିନ୍ଦୁ । ପ୍ରେମରେ ପଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିଲା । କିନ୍ତୁ ସେ ତା'ର ମୂଳ ଧର୍ମକୁ ଫେରିବାକୁ ବ୍ୟାକୁଳ । ସେ ଅଧିକାରରୁ ତାକୁ ବଞ୍ଚିତ କରିବାର ଅଧିକାର କାହାର ରହିଛି ? ଯେଉଁ ଦେବତାଙ୍କ ପ୍ରତିନିଧି ରୂପେ ପଣ୍ଡିତ ଓ ପୂଜକମାନେ ତାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ସେହି ଦେବତାର ମୂର୍ତ୍ତି ବିଦୀର୍ଣ୍ଣ କରି ସେ ଲୋଡ଼ିଛି ତା' ପ୍ରଶ୍ନର ଉତ୍ତର : ତା' ତୃଷ୍ଣାର ଅବସାନ ।

ଏହି ପର୍ଯ୍ୟାୟର କିଂବଦନ୍ତୀଟିଏ ତଥ୍ୟ ଦୃଷ୍ଟିରୁ ସତ୍ୟ କି ନୁହେଁ, ତାହା ଭିନ୍ନ ପ୍ରସଙ୍ଗ । କିନ୍ତୁ ଏସବୁର ସାମୂହିକ-ମନସ୍ତାତ୍ତ୍ୱିକ ତାତ୍ପର୍ଯ୍ୟ ଅପରିସୀମ । ତଥ୍ୟଗତ ନହେଲେ ମଧ୍ୟ ଏହା ଏକ ଭିନ୍ନ ସ୍ତରର ସତ୍ୟର ବାହକ । କଳାପାହାଡ଼ର ଜିଜ୍ଞାସା କ୍ରୋଧରେ, ପ୍ରତିହିଂସାରେ ପରିଣତ ହୋଇଥିଲା । ଏହା ନେତିବାଚକ ଧାରା । କ୍ରୋଧୀ ଏବଂ ପ୍ରତିହିଂସାପରାୟଣକୁ ଅଚିରେ କୁଶକ୍ତି ବା ଦୁଷ୍ଟଶକ୍ତି ଆୟତ୍ତ କରିନିଏ । ତେଣିକି ତା'ର ନିଜର କୌଣସି ବ୍ୟକ୍ତିତ୍ୱ ରହେ ନାହିଁ । ତା'ର ବିବେକ ମୂର୍ଚ୍ଛାହତ ହୋଇରହେ; ତେଜୀୟାନ୍ ହୁଏ ତା'ର ପ୍ରାଣଶକ୍ତି ଓ ରଣକୌଶଳ । ସେ ହୁଏ ଦୁର୍ଦ୍ଦାନ୍ତ; ହୁଏ ମାନବତାର କଳଙ୍କ । କିନ୍ତୁ ଯଦି ଜଣକର ଅଭିମାନ ଅହଂ ଏବଂ ଅହଙ୍କାର କବଳିତ ହେବା ପରିବର୍ତ୍ତେ ସତ୍ୟାନୁସନ୍ଧାନ ଦିଗରେ ପ୍ରବର୍ତ୍ତିତ ହୁଏ, ତେବେ ସେ ଭାଗ୍ୟବାନ୍ । ଜୀବନରେ କାହିଁକି ସଙ୍କଟ ଆସିଲା, ସେ ସଙ୍କଟ ଫଳରେ ତା' ଚେତନାରେ କିଭଳି ପ୍ରଗତି ସାଧନ ହେବାର ସମ୍ଭାବନା ରହିଛି, ଯଦି ବିନୟ ଓ ନମ୍ରତା ସହକାରେ ଜଣେ ସେହି ସ୍ୱସ୍ତିବାଚକ ଆତ୍ମ-ସନ୍ଧାନରେ ବ୍ୟାପୃତ ହୋଇପାରେ, ତେବେ ସେ ହେବ ବ୍ୟକ୍ତିଗତଭାବେ ଭାଗ୍ୟବାନ୍; ହେବ ମାନବତାର ଆଶୀର୍ବାଦ । ଅବଶ୍ୟ ସେ ପାଇଁ ଜଣକର ପୁନର୍ଜନ୍ମରେ ବିଶ୍ୱାସ, ଜନ୍ମ ପରେ ଜନ୍ମ ଧରି ଆମ ଚେତନାର ବିକାଶରେ ବିଶ୍ୱାସ ଥିବା ପ୍ରାଥମିକ ଆବଶ୍ୟକତା । ✤

The present is the most important moment in life.

*12 February 1952* — The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଅଣସାଧନା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

### (୧)

ମା ଗୋଟିଏ ବାର୍ତ୍ତାରେ କହିଥିଲେ : ''ଚେଷ୍ଟା ଛାଡ଼ିଦିଅ । ଅଗ୍ରଗତିର ସଂକଳ୍ପ ଛାଡ଼ିଦିଅ । ସିଦ୍ଧି ପାଇଁ ଅଭୀପ୍‌ସା ଛାଡ଼ିଦିଅ । ସବୁକିଛି ଛାଡ଼ିଦିଅ ଏବଂ ସମସ୍ତ ଆନ୍ତରିକତା ନେଇ ଭଗବାନଙ୍କୁ କୁହ 'ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ ।' – ''Give up trying. Give up the will to progress. Give up the aspiration for realisation. Give up everything and say to the Lord in all sincerity, **Let thy will be done** :'' ସାଧାରଣତଃ ସାଧନା କହିଲେ ଆମେ ଯାହା ବୁଝୁ ସେହିସବୁ ଚେଷ୍ଟା, ସଂକଳ୍ପ, ଅଭୀପ୍‌ସା ଆଦିକୁ ଛାଡ଼ିଦେଇ କେବଳ ଭଗବାନଙ୍କ ଇଚ୍ଛା ଉପରେ ଆନ୍ତରିକତାର ସହ ନିର୍ଭର କରିବା ପାଇଁ ମା ଏହି ବାର୍ତ୍ତାଟିରେ କହିଛନ୍ତି । ଏହି ବାର୍ତ୍ତାଟିରେ ମା ପୂର୍ଣ୍ଣଯୋଗର ସାଧନା ସମ୍ପର୍କରେ ଚରମ ରହସ୍ୟ ଉଦ୍‌ଘାଟନ କରିଛନ୍ତି । ସାଧନା ଛାଡ଼ିଦେବା କଥା କହି ସାଧନାର ସର୍ବୋତ୍ତମ ରୂପ ପ୍ରକାଶ କରିଛନ୍ତି । ସାଧନାର ଅଙ୍ଗ-ପ୍ରତ୍ୟଙ୍ଗଗୁଡ଼ିକ ଉପରେ ଗୁରୁତ୍ୱ ନ ଦେଇ ସାଧନାର ଆତ୍ମା ଉପରେ ଅଭିନିବିଷ୍ଟ ହେବା ପାଇଁ ଆମକୁ ଆହ୍ୱାନ ଜଣାଇଛନ୍ତି । ଚେତନାର ଏପରି ଏକ ସ୍ତରରେ ପହଞ୍ଚିବାକୁ କହିଛନ୍ତି ଯେଉଁଠି ସାଧନାର ସମସ୍ତ ଦାୟିତ୍ୱ ସ୍ୱୟଂ ଭଗବାନ୍ ଗ୍ରହଣ କରିବେ, ଯେଉଁଠି ତାଙ୍କର ପରାଶକ୍ତି ଭାଗବତୀ ଜନନୀହିଁ ସାଧକକୁ ପୂର୍ଣ୍ଣଯୋଗର ଲକ୍ଷ୍ୟ ଓ ସିଦ୍ଧି ପଥରେ ନେଇଯିବେ, ଯେଉଁଠି ଭଗବାନଙ୍କ ଇଚ୍ଛା ପୂର୍ଣ୍ଣ ହେବା ପାଇଁ ସାଧକର ଏକ ଆନ୍ତରିକ ଗଭୀର ଆକୂତି ଛଡ଼ା ଅନ୍ୟ କୌଣସି ଅଭୀପ୍‌ସା, ପ୍ରୟାସ ବା ସାଧନାର ଆବଶ୍ୟକତା ନାହିଁ । ତେଣୁ ପୂର୍ଣ୍ଣଯୋଗର ଏହି ପଥଟିକୁ ଆମେ ସାଧନା ବୋଲି ନ କହି ବରଂ ପଞ୍ଚସଖା ଯୁଗର ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଭାଷାରେ ଅଣସାଧନା ବୋଲି କହିବୁ (''ଅଣସାଧନାରେ ଅଙ୍ଗକ ଭିତରେ ଶ୍ରୀକୃଷ୍ଣ ଭକ୍ତିକୁ ପାଇ''– *ଶୂନ୍ୟ ସଂହିତା*) ।

ପ୍ରକୃତରେ ପୂର୍ଣ୍ଣଯୋଗର ଲକ୍ଷ୍ୟ ଏପରି ବିରାଟ ଓ ସର୍ବବ୍ୟାପୀ, ଚେତନାର ଏପରି ସବୁ ନୂତନ ରାଜ୍ୟ, ଏପରି ସବୁ ଉତ୍ତୁଙ୍ଗ ଶିଖରୀ, ଦୁର୍ଗମ ଅରଣ୍ୟ ଓ ଅତଳ ଗହ୍ୱରସବୁ ଭିତର ଦେଇ ଏହାର ପଥ ପ୍ରସାରିତ ହୋଇଛି ଯେକୌଣସି ସାଧକ ପକ୍ଷେ କେବଳ ନିଜର ବ୍ୟକ୍ତିଗତ ପ୍ରଚେଷ୍ଟାକୁ ଅବଲମ୍ବନ କରି ଏହାର ଶେଷ ଲକ୍ଷ୍ୟରେ ପହଞ୍ଚିବା ସମ୍ପୂର୍ଣ୍ଣ ଅସମ୍ଭବ । ଶ୍ରୀଅରବିନ୍ଦ କହିଥିଲେ ଏହା ହେଉଛି ଏକ ପୃଥିବୀ-ରୂପାନ୍ତରକାରୀ, ପ୍ରକୃତି-ରୂପାନ୍ତରକାରୀ ଯୋଗ, a world-changing and nature-changing yoga । ତେଣୁ ପ୍ରକୃତିର ସର୍ବମୟୀ କର୍ତ୍ତ୍ରୀ, ଆଦ୍ୟାଶକ୍ତି ସ୍ୱୟଂ ଭଗବତୀ ଜନନୀହିଁ ଏହି ଯୋଗର ସାଧ୍ୟା, ସାଧନା ଓ ସାଧିକା । ତାଙ୍କରି ଶକ୍ତିହିଁ ସାଧକର ଆଧାରରେ, ତା'ର ସତ୍ତା ଓ ଚେତନାରେ, ତା'ର ପ୍ରକୃତିର ବିଭିନ୍ନ ଅଂଶରେ ଯେତେ ଅବାଧରେ କ୍ରିୟା କରିପାରିବ, ସେଇ ଅନୁପାତରେହିଁ ସାଧକ ଏହି ଯୋଗରେ ଆଗେଇ ଯିବ । ସେଇଥିପାଇଁ ସାଧକ ପକ୍ଷରୁ ଏକ ପୂର୍ଣ୍ଣ ସମର୍ପଣର ଭାବ ନେଇ ନିଜ ଭିତରେ ମା'ଙ୍କ ଶକ୍ତିକୁ ଅବାଧରେ କ୍ରିୟା କରିବାକୁ ଛାଡ଼ି ଦେବାହିଁ ଏହି ଯୋଗର ଗୋପନ ରହସ୍ୟ, ଏକମାତ୍ର ଚାବିକାଠି ।

ମା'ଙ୍କ ଶକ୍ତି ସାଧକ ଭିତରେ କିପରି ଭାବେ କ୍ରିୟା କରୁଛି, ତାହା ଆମ ସତ୍ତାର କେଉଁ ଅଂଶରେ କେଉଁ ପୁରୁଣା ଜିନିଷସବୁକୁ ଭାଙ୍ଗି ନଷ୍ଟ କରିଦେଉଛି, କେଉଁ ନୂଆ ସତ୍ୟକୁ ଗଢ଼ିବା ପାଇଁ ତତ୍ପରା ହେଉଛି, ଚେତନାକୁ ନୂଆ କରି ଗଢ଼ିବାର କାମଟି ହାତକୁ ନେଇ କେତେ ପରୀକ୍ଷା-ନିରୀକ୍ଷା କରି ଚାଲିଛି, କେତେ କେତେ ନୂଆ ନୂଆ ଛାଞ୍ଚରେ ଚେତନାକୁ ଢାଳି, ଗଢ଼ି, ପୁଣି ଭାଙ୍ଗି, ପୁଣି ଗଢ଼ି ତାହାକୁ ଦିବ୍ୟରୁ ଦିବ୍ୟତର ରୂପ ଦେବା ପାଇଁ ସେହି ଶକ୍ତି କ୍ରିୟାକରି ଚାଲିଛି ତାହା ଅନୁମାନ କରିବା ଅନ୍ୟ କାହା ପକ୍ଷରେ ସମ୍ଭବ ନୁହେଁ । ତାଙ୍କ ଶକ୍ତିର କ୍ରିୟାର ସ୍ୱରୂପ ଓ ଗତିବିଧି କେବଳ ସେହିଁ ଜାଣନ୍ତି । ସମଗ୍ର ବିଶ୍ୱସୃଷ୍ଟି ଯେପରି, ସାଧକର ସତ୍ତା ଓ ଆଧାରଟି ମଧ୍ୟ ସେହିପରି – ପୁରୁଷୋତ୍ତମଙ୍କ ସହିତ ତାଙ୍କର ଲୀଳାର ଏକ ପ୍ରକାଶ । ଶ୍ରୀଅରବିନ୍ଦ ଯାହା କହିଛନ୍ତି, ''ପାର୍ଥିବ ଲୀଳାର ଯାବତୀୟ ଦୃଶ୍ୟ ଗୋଟିଏ ନାଟକ ପରି ତାଙ୍କ ଦ୍ୱାରା ସୁକଳ୍ପିତ, ସୁବିନ୍ୟସ୍ତ ଏବଂ ସୁଅଭିନୀତ ହୋଇ ଚାଲିଛି'', – ଆମେ ସାଧକ ଭିତରେ

ଚାଲୁଥିବା ଯେଉଁ ସାଧନା କଥା କହୁ ତାହା ମଧ୍ୟ ସେହିପରି ତାଙ୍କ ଲୀଳାର ଏକ ଦୃଶ୍ୟାଂଶ । ବିଶ୍ୱଲୀଳା-କ୍ଷେତ୍ରରେ ଯେପରି, ସାଧକର ସାଧନା-କ୍ଷେତ୍ରରେ ମଧ୍ୟ ସେହିପରି, ସମସ୍ତ କିଛି ଆରମ୍ଭ ଓ ସମ୍ପନ୍ନ ହୋଇଥାଏ ସ୍ୱୟଂ ମା'ଙ୍କର ଶକ୍ତି ଦ୍ୱାରା । ଆଉ ସେହି ଶକ୍ତିର କ୍ରିୟା ଏପରି ଯେ ''ତାଙ୍କର ଗତି ଅନୁସରଣ କରି ଚାଲିବା ଅତି କ୍ଷିପ୍ର ମନ ବା ସର୍ବତୋଭାବେ ଚରମ ବ୍ୟାପକ ବୁଦ୍ଧି ପକ୍ଷେ ବି ଅସମ୍ଭବ ।''... ''ମନୁଷ୍ୟର ଅର୍ଦ୍ଧାଲୋକିତ ଅନ୍ଧକାରର କାରାଗାରରେ ଆବଦ୍ଧ ଯେଉଁ ମନ ତାହା ପକ୍ଷରେ ଭଗବତୀ ଶକ୍ତିଙ୍କର ଅବାଧ ବହୁମୁଖୀ ଗତି ଅନୁସରଣ କରିବା ସମ୍ଭବ ନୁହେଁ । ତାଙ୍କ ଦୃଷ୍ଟି ଓ କ୍ରିୟାର କ୍ଷିପ୍ରତା ଓ ଜଟିଳତା ମନର ପ୍ରତି ପଦରେ ସ୍ଖଳନଶୀଳ ଧାରଣ ସାମର୍ଥ୍ୟକୁ ବ୍ୟାହୃତ କରି ଧାଉଁଛି । ମନର ଗତିର ମାପରେ ମା'ଙ୍କ ଗତିର ମାପ ହୁଏ ନାହିଁ । ମା'ଙ୍କର ବହୁଧା ବିଭିନ୍ନ ରୂପର ବାରଂବାର ପରିବର୍ତ୍ତନ, ବିଭିନ୍ନ ଛନ୍ଦର ବିଧ୍ୱଂସ ଓ ଗଠନ, ତାଙ୍କ ଗତିବେଗର କ୍ଷିପ୍ରତା ଓ ହ୍ରାସ, ନାନା ବ୍ୟକ୍ତିର, ନାନା ସମସ୍ୟାର ନାନା ଭାବରେ ମୀମାଂସା, ବର୍ତ୍ତମାନ ଗୋଟିଏ ସୂତ୍ର ଧରି ଚାଲିବା, ପରେ ତାକୁ ପରିତ୍ୟାଗ କରି ଅନ୍ୟ ସୂତ୍ରକୁ ଧରିବା, ପୁଣି ସକଳ ସୂତ୍ରକୁ ଏକ ସଙ୍ଗରେ ମିଳାଇ ଧରିବା ଏହିସବୁରେ ମନ ବିଭ୍ରାନ୍ତ ହୋଇପଡ଼େ । ସେ ହୃଦୟଙ୍ଗମ କରିବାକୁ ଚାହେଁ ନାହିଁ ବା କରିପାରେ ନାହିଁ କିପରି ସେହି ଅଖଣ୍ଡ ଦିବ୍ୟଶକ୍ତି ଅଜ୍ଞାନତାର ଗହନତାକୁ ଭେଦ କରି ଆବର୍ତ୍ତାକାରରେ ଊର୍ଦ୍ଧ୍ୱକୁ ଏକ ପରାତ୍ପର ଜ୍ୟୋତିଃ ଆଡ଼କୁ ବେଗରେ ଧାଉଁଛନ୍ତି । ବରଂ ତାଙ୍କ ଆଡ଼କୁ ତୁମର ଅନ୍ତର ଖୋଲି ଧର ଏବଂ ତୁମର ଅନ୍ତରାତ୍ମାର ଧାରାରେ ଯଦି ତାଙ୍କୁ ଅନୁଭବ କର, ଅନ୍ତରାତ୍ମାର ଦୃଷ୍ଟିରେ ଯଦି ତାଙ୍କୁ ଦେଖ ତେବେ ତାହାହିଁ ଯଥେଷ୍ଟ, ତାହାହିଁ କେବଳ ସତ୍ୟର ଆହ୍ୱାନ ପ୍ରତି ସରଳ ଓ ସାକ୍ଷାତ୍ ଉତ୍ତର ଦେଇପାରେ ।'' ('ମା'– ଶ୍ରୀଅରବିନ୍ଦ)

ତେଣୁ ଏକ ସମର୍ପଣର ଭାବ ନେଇ ସହଜ, ସରଳ ଓ ସ୍ୱତଃସ୍ଫୂର୍ତ୍ତଭାବେ ମା'ଙ୍କ ପ୍ରତି, ମା'ଙ୍କ ଶକ୍ତି ଓ ତା'ର କ୍ରିୟା ପ୍ରତି ନିଜକୁ ଖୋଲି ଧରିବାହିଁ ପୂର୍ଣ୍ଣଯୋଗର ପ୍ରକୃତ ବାଟ, ଯଥାର୍ଥ ରାଜପଥ । ସାଧନା ସମ୍ପର୍କରେ ମନ ଓ ପ୍ରାଣର କୌଣସି ପୂର୍ବକଳ୍ପିତ ଧାରଣା ନେଇ, ଏତେ ସମୟ ଧ୍ୟାନ, ଏତେ ସମୟ ପୂଜା, ଏତେ ଚକ୍ର ପ୍ରାଣାୟାମ ବା ଏତେ ସଂଖ୍ୟାର ଜପ ଆଦିର ରୁଟିନ୍ ବାନ୍ଧି ନେଇ ପୂର୍ଣ୍ଣଯୋଗରେ କେହି ବେଶୀ ଦୂର ଆଗେଇ ପାରିବ ନାହିଁ । ତାହାର ଅର୍ଥ ହେବ ସାଧନାର ଗୁଡ଼ିଏ ମନଃକଳ୍ପିତ ବାହ୍ୟ କ୍ରିୟା ଦ୍ୱାରା ସାଧନାର ଆତ୍ମାକୁ ନିପୀଡ଼ିତ କରିବା । ସୂର୍ଯ୍ୟାଲୋକର ସ୍ପର୍ଶପାଇ ସହଜ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଫୁଲଟିଏ ଫୁଟିଲା ପରି ମା'ଙ୍କ କୃପା ଓ ଶକ୍ତିର ସ୍ପର୍ଶରେ ଆମର ଜୀବନ ଓ ସାଧନାର ଦିବ୍ୟପ୍ରସ୍ଫୁଟନହିଁ ପୂର୍ଣ୍ଣଯୋଗର ମୂଳକଥା ।

## (୨)

ତା'ହେଲେ ଦେଖିବା ମା'ଙ୍କ ଆଡ଼କୁ ନିଜକୁ ଏହି ଖୋଲି ଦେବା, ଏହି ଉନ୍ମୀଳନର ଅର୍ଥ କ'ଣ ? ଶ୍ରୀଅରବିନ୍ଦଙ୍କ କଥାରେ ''ଖୋଲି ଦେବାର ସହଜ ଅର୍ଥ ହେଉଛି ମା'ଙ୍କ ଆଡ଼କୁ ଏପରି ଅଭିମୁଖୀ ହୋଇ ରହିବା ଯେପରିକି ତାଙ୍କର ଦିବ୍ୟଶକ୍ତି ତୁମ ଭିତରେ ସାର୍ଥକ ଭାବରେ କ୍ରିୟା କରିପାରେ ଓ ତା'ର କାମରେ ତୁମ ସତ୍ତାର କୌଣସି ଅଂଶ କୌଣସି ବାଧା ସୃଷ୍ଟି ନକରେ ବା କୌଣସି ଅସ୍ୱୀକାରକୁ ପ୍ରଶ୍ରୟ ନଦିଏ । ଯଦି ମନ ତା'ର ନିଜର ଧାରଣାଗୁଡ଼ିକରେ ଆବଦ୍ଧ ହୋଇ ରହେ ଓ ନିଜ ଭିତରେ ଦିବ୍ୟ-ଆଲୋକ ଓ ସତ୍ୟକୁ ଆଣିବା ପାଇଁ ମା'ଙ୍କୁ ନ ଦିଏ ଯଦି ପ୍ରାଣ ତା'ର କାମନା-ବାସନାକୁ ଜାବୁଡ଼ି ଧରେ ଏବଂ ମା'ଙ୍କ ଶକ୍ତି ସତ୍ୟର ଯେଉଁ ଉଦ୍ୟୋଗ ଓ ପ୍ରେରଣାସବୁକୁ ଆଣୁଥାଏ ସେଗୁଡ଼ିକୁ ପ୍ରବେଶ କରିବାକୁ ନଦିଏ, ଯଦି ଦେହ ତା' ନିଜର କାମନା, ଅଭ୍ୟାସ ଓ ଜଡ଼ତାରେ ବନ୍ଦୀ ହୋଇ ରହିବାକୁ ଚାହେଁ ଏବଂ ଦିବ୍ୟ-ଆଲୋକ ଓ ଶକ୍ତିକୁ ନିଜ ଭିତରେ ପ୍ରବେଶ କରିବାକୁ ନ ଦିଏ, ତା'ହେଲେ କୁହାଯିବ ସେ ବ୍ୟକ୍ତି ନିଜକୁ ଖୋଲି ଧରି ନାହିଁ । ଅବଶ୍ୟ ହଠାତ୍ ଏକାବେଳେକେ ଯେ ସମଗ୍ର ସତ୍ତା ଓ ତାହାର ସମସ୍ତ ଅଂଶ ଓ ଗତିବୃତ୍ତିଗୁଡ଼ିକ ନିଜକୁ ଖୋଲି ଧରିବେ ତାହା ସମ୍ଭବ ନୁହେଁ; କିନ୍ତୁ ପ୍ରତ୍ୟେକଟି ଅଂଶରେ ଏକ କେନ୍ଦ୍ରୀୟ ଉନ୍ମୀଳନ ଆବଶ୍ୟକ ଓ କେବଳ ମା'ଙ୍କ ଶକ୍ତିକୁ କ୍ରିୟା କରିବାକୁ ଦେବା ପାଇଁ ପ୍ରତ୍ୟେକଟି ଅଂଶରେ ଏକ ପ୍ରଧାନ ଅଭୀପ୍ସା ଓ ସଂକଳ୍ପ ରହିବା ଆବଶ୍ୟକ ।'' – ଶ୍ରୀଅରବିନ୍ଦ

ଅବଶ୍ୟ ଏଠି ମଧ୍ୟ ସାଧକର ଅଭୀପ୍ସା ଓ ସଂକଳ୍ପ କଥା କୁହାଯାଇଛି; କିନ୍ତୁ ସେହି ଅଭୀପ୍ସା ବା ସଂକଳ୍ପ ଯୋଗ ପଥରେ ନିଜ ଅଗ୍ରଗତିର ସଂକଳ୍ପ ନୁହେଁ, ତାହା ନିଜ ଭିତରେ ମା'ଙ୍କ ଶକ୍ତିକୁ ଅବାଧରେ କ୍ରିୟା କରିବାକୁ ଦେବାର ସଂକଳ୍ପ । ଏକଥା ସବୁବେଳେ ମନେ ରଖିବା ଉଚିତ ଯେ ପୂର୍ଣ୍ଣଯୋଗର ସମସ୍ତ ଗୁରୁତ୍ୱ ଦିଆଯାଇଥାଏ ମା'ଙ୍କ ଶକ୍ତିର କ୍ରିୟା ଉପରେ, ସେହି କ୍ରିୟା ହାତରେ ନିଜକୁ ଛାଡ଼ି ଦେବା ଉପରେ । ଯୋଗ ଓ

ସାଧନାରେ ଅଗ୍ରଗତି ପାଇଁ ଓ ତହିଁରେ ସିଦ୍ଧିଲାଭ ପାଇଁ ସାଧକର ବ୍ୟକ୍ତିଗତ ସଂକଳ୍ପ ଓ ପ୍ରଚେଷ୍ଟାର ସୀମିତତା କଥା ଶ୍ରୀଅରବିନ୍ଦ ଓ ଶ୍ରୀମା ଆମକୁ ବରାବର ଚେତାଇ ଦେଇଛନ୍ତି ।

''କେହି ଯେ ନିଜେ ପୂର୍ଣ୍ଣଯୋଗ କରିପାରିବ ଅର୍ଥାତ୍ ନିଜସ୍ୱ ପ୍ରଚେଷ୍ଟାରେ ଏହି ଯୋଗର ସମସ୍ତ ବିଭାବକୁ ନେଇ ସାଧନା ଓ ସିଦ୍ଧି ଲାଭ କରିପାରିବ, ଏପରି ଭାବିବା ଏକ ମସ୍ତବଡ଼ ଭୁଲ । ତୁମକୁ ଯାହା କରିବାକୁ ହେବ ତା'ହେଲା ନିଜକୁ ମା'ଙ୍କ ହାତରେ ଛାଡ଼ି ଦେବା ଓ କର୍ମ, ଭକ୍ତି ଏବଂ ଅଭୀପ୍ସା ଦ୍ୱାରା ତାଙ୍କ ଆଡ଼କୁ ନିଜକୁ ଖୋଲି ଦେବା । ତା'ହେଲେ ମା' ତାଙ୍କ ଜ୍ୟୋତିଃ ଓ ଶକ୍ତି ଦ୍ୱାରା ସାଧକ ଭିତରେ କ୍ରିୟା କରିବେ ଓ ସାଧନା ସମ୍ପନ୍ନ କରିବେ । ଜଣେ ବିରାଟ ପୂର୍ଣ୍ଣଯୋଗୀ ହେବାର ବା ଅତିମାନସ ସତ୍ତା ହେବାର ଅଭିଳାଷ ରଖିବା ଏବଂ ସେହି ଲକ୍ଷ୍ୟ ଦିଗରେ କେତେ ଆଗେଇଲି ଓ ଆଉ କେତେ ବାକୀ ରହିଲା ଆଦି ପ୍ରଶ୍ନ କରିବା ମଧ୍ୟ ଏକ ମସ୍ତବଡ଼ ଭୁଲ୍ । ଯଥାର୍ଥ ମନୋଭାବ ହେଲା ମା'ଙ୍କ ହାତରେ ଭକ୍ତିର ସହିତ ନିଜକୁ ଦେଇଦେବା ଓ ଇଚ୍ଛା କରିବା ମା' ତୁମକୁ ଯାହା ହେବା ପାଇଁ ଚାହାନ୍ତି, ତୁମେ ଯେପରି ତାହାହିଁ ହୋଇ ଉଠ । ବାକୀ ଯାହା କରିବାର କଥା ତାହା ମା'ହିଁ ସ୍ଥିର କରିବେ ଓ ତାହା ତୁମ ଭିତରେ ମା' ସମ୍ପନ୍ନ କରିବେ ।'' – ଶ୍ରୀଅରବିନ୍ଦ

ତେଣୁ ଆମ ମାନୁଷୀ ସଂକଳ୍ପ ନୁହେଁ, ଆମ ଭିତରେ ଭଗବାନଙ୍କ ସଂକଳ୍ପ, ସେହି ସଂକଳ୍ପକୁ ସଫଳ ଓ ସାର୍ଥକ ଭାବରେ କାର୍ଯ୍ୟକାରୀ କରୁଥିବା ମା'ଙ୍କ ଶକ୍ତିହିଁ ଆମକୁ ପୂର୍ଣ୍ଣଯୋଗର ଲକ୍ଷ୍ୟ ଦିଗରେ ଆଗେଇ ନେବ । ଆମେ ଅନେକ ସମୟରେ ଏହି ଭୁଲ୍ କରୁ ଯେପରିକି ଆମ ନିଜ ସଂକଳ୍ପ ଦ୍ୱାରାହିଁ ଆମେ ଏହି ପୂର୍ଣ୍ଣଯୋଗର ପଥ ବାଛି ନେଇଛୁ । କିନ୍ତୁ ପ୍ରକୃତରେ ଭଗବତ୍ ସଂକଳ୍ପ ଓ ମା'ଙ୍କ ଶକ୍ତିର କ୍ରିୟାହିଁ ଆମକୁ ଏହି ଯୋଗ ପଥକୁ ଆଣିଥାଏ । ଶ୍ରୀଅରବିନ୍ଦ ଓ ଶ୍ରୀମା ମଧ୍ୟ ଏହି କଥାଟି କହିଛନ୍ତି, ''ଯେ ଭଗବାନଙ୍କୁ ବାଛିଥାଏ ସେ ଭଗବାନଙ୍କ ଦ୍ୱାରା ବଛା ହୋଇ ସାରିଥାଏ ।'' ତେଣୁ ଏହି ପଥରେ ଚାଲିବାର ଆହ୍ୱାନଟି ଆସିଥାଏ ଭଗବାନଙ୍କ ତରଫରୁ । ଯେତେବେଳେ ଆହ୍ୱାନଟି ଆସିଛି ଭଗବାନଙ୍କ ଆଡ଼ୁ ତେଣୁ ଆମେ ଲକ୍ଷ୍ୟରେ ପହଞ୍ଚିବାର ବା ଆମକୁ ଲକ୍ଷ୍ୟରେ ପହଞ୍ଚାଇବାର ସଂକଳ୍ପଟି ମଧ୍ୟ ଭଗବାନଙ୍କର ଅଛି । ଭଗବାନଙ୍କର ଏହି ସଂକଳ୍ପ ରହିଛି ଅର୍ଥ ତାଙ୍କର ଶକ୍ତି ଭଗବତୀ ଦିବ୍ୟଜନନୀ ମା' ଏହି ସଂକଳ୍ପଟିକୁ କାର୍ଯ୍ୟକାରୀ କରାଇବାର ଭାର ହାତକୁ ନେଇଛନ୍ତି । ତେଣୁ ଆଜି ହେଉ ବା କାଲି ହେଉ, ଆମେ ସେ ଲକ୍ଷ୍ୟରେ ପହଞ୍ଚିବୁହିଁ ପହଞ୍ଚିବୁ । ଆମର ସେହି ପରମ ଆଧ୍ୟାତ୍ମିକ ନିୟତି ଅବଧାରିତ, ଅନିବାର୍ଯ୍ୟ ତାହାକୁ ଖଣ୍ଡନ କରିବାର ଶକ୍ତି କାହାରି ନାହିଁ । ସେଇଥିପାଇଁ ଶ୍ରୀଅରବିନ୍ଦ କହିଛନ୍ତି, ''ଆଧ୍ୟାତ୍ମିକ ନିୟତି ସବୁବେଳେ ବଳବତ୍ତର ରୁହେ – ଏଥିରେ ହୁଏତ ବିଳମ୍ବ ଘଟିପାରେ ବା କିଛି ସମୟ ପାଇଁ ତାହା ହରାଇଲା ପରି ମନେ ହୋଇପାରେ କିନ୍ତୁ ତାହା କେବେହେଲେ ବାତିଲ୍ ହୁଏ ନାହିଁ ।'' ''ମଣିଷର ପ୍ରାଣିକ ଓ ଦୈହିକ ବାହ୍ୟ ପ୍ରକୃତି ଶେଷ ପର୍ଯ୍ୟନ୍ତ ପ୍ରତିରୋଧ କରେ, କିନ୍ତୁ ଥରେ ଯଦି ଆତ୍ମା ସେହି ଦିବ୍ୟଆହ୍ୱାନ ଶୁଣିଥାଏ, ତେବେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ଲକ୍ଷ୍ୟରେ ପହଞ୍ଚିବା ସୁନିଶ୍ଚିତ ।''

କାରଣ ଭଗବାନଙ୍କର ଏହି ଆହ୍ୱାନ ପଛରେ ରହିଛି ତାଙ୍କର ସର୍ବଜୟୀ, ସର୍ବସମର୍ଥ ସଂକଳ୍ପ । ସେ ସଂକଳ୍ପ ମାନୁଷୀ ସଂକଳ୍ପ ପରି ଅଜ୍ଞାନର ଅନ୍ଧକାର ବା ଅର୍ଦ୍ଧାଲୋକରେ ପଥ ଅଣ୍ଡାଳି ଅଣ୍ଡାଳି ହଜାରେ ଥର ଝୁଣ୍ଟି ନିଜ ଲକ୍ଷ୍ୟପଥରେ ଗତି କରେ ନାହିଁ । ଲକ୍ଷ୍ୟ, ଲକ୍ଷ୍ୟରେ ପହଞ୍ଚିବାର ସଂକଳ୍ପ ଓ ସେଥିପାଇଁ ଆବଶ୍ୟକ ଶକ୍ତି, ସାମର୍ଥ୍ୟ ଓ ଭଗବତ୍ ସହାୟତା ସବୁକିଛି ଉତ୍ସାରିତ ହୋଇଥାଏ ସେହି ଏକହିଁ ଦିବ୍ୟସତ୍ୟରୁ । ଲକ୍ଷ୍ୟର ସିଦ୍ଧି ସେହି ସଂକଳ୍ପ ଭିତରେହିଁ ଅନ୍ତର୍ନିହିତ ହୋଇ ରହିଥାଏ । ଯଦି ନାନା ମାନୁଷୀ ପ୍ରୟାସ ଓ ସଂକଳ୍ପ ନେଇ ଆମେ ତାହାର କ୍ରିୟାରେ ବିଭ୍ରାଟ ସୃଷ୍ଟି ନକରୁ ତେବେ ସମୟ ଆସିଲେ ସହଜ, ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ସେହି ସଂକଳ୍ପରେ ନିହିତ ଥିବା ଆମର ଲକ୍ଷ୍ୟ-ସିଦ୍ଧି ଆପଣା ଛାଏଁହିଁ ନିଜକୁ ପ୍ରକଟିତ କରିବ । ଯେଉଁ ଭଗବତ୍ ସଂକଳ୍ପ ପ୍ରକୃତିର ଅଲଂଘନୀୟ ନିୟମ ଖଞ୍ଜିଦେଇ ସମଗ୍ର ବିଶ୍ୱ ସୃଷ୍ଟି ଚଳାଉଛି, ସେହି ଏକ ଭଗବତ୍ ସଂକଳ୍ପହିଁ ଆମ ଭିତରେ ଆଣି ଦେଇଛି ସାଧନାର ପ୍ରବେଗ, ଯେପରିକି ଆମର ଚେତନା ଅପରା ପ୍ରକୃତିର ଅନ୍ଧ ଓ ଜଡ଼ ନିୟମ ଭିତରୁ ବାହାରି ଯାଇ ପରା ପ୍ରକୃତିର ଆଲୋକିତ, ସଚେତ, ମୁକ୍ତ ପ୍ରକାଶର ସତ୍ୟ ଭିତରକୁ ଉଠିଯିବ ଓ ଦିବ୍ୟ-ସତ୍ୟର ସେହି ଆଲୋକରେ ଆମର ମାନୁଷୀ ଜୀବନ ଓ ପ୍ରକୃତିକୁ ରୂପାନ୍ତରିତ କରିବ ଦିବ୍ୟଜୀବନ ଓ ଦିବ୍ୟପ୍ରକୃତିରେ । ସେହି ସଂକଳ୍ପ ପାଖରେ ପୂର୍ଣ୍ଣ ଆତ୍ମନିବେଦନ ଓ ସମର୍ପଣହିଁ ଏକମାତ୍ର ପଥ । ଆମର ଯଦି କିଛି ପ୍ରୟାସ ଓ ସଂକଳ୍ପ ଥାଏ ତାହା କେବଳ ସେହି ସମର୍ପଣ ପାଇଁ ପ୍ରୟାସ, ସଂକଳ୍ପ ଓ ଅଭୀପ୍ସା ଛଡ଼ା ଆଉ କିଛି ନୁହେଁ, ମା' ଯାହା କହିଛନ୍ତି – ସମସ୍ତ ଆନ୍ତରିକତା ନେଇ ଭଗବାନଙ୍କୁ କୁହ, ''ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ ।''

## (୩)

ବର୍ତ୍ତମାନ ଆଉ ଗୋଟିଏ ପ୍ରଶ୍ନ ଉଠିପାରେ ଯେ ଯଦି ବିଶ୍ୱରେ ଯାହାକିଛି ଘଟୁଛି ସବୁ ଭଗବାନଙ୍କ ଇଚ୍ଛାରେହିଁ ଘଟୁଛି, ଭଗବାନଙ୍କ ଇଚ୍ଛା ଛଡ଼ା, ତାଙ୍କ ଶକ୍ତିର କ୍ରିୟା ଛଡ଼ା ଆଉ କିଛି ନାହିଁ, ତେବେ 'ତୁମର ଇଚ୍ଛା ପୂର୍ଣ୍ଣ ହେଉ' ତାଙ୍କୁ ଏପରି ଜଣାଇବାର ଆବଶ୍ୟକତା କେଉଁଠି ? ବିଶ୍ୱ ସୃଷ୍ଟିରେ ଯାହାକିଛି ବିଦ୍ୟମାନ ସବୁ ତ ପରମବ୍ରହ୍ମ ଭଗବାନଙ୍କର ନାନାବିଧ ରୂପ, ସମସ୍ତ ପ୍ରକାଶ ତ ତାଙ୍କରି ଇଚ୍ଛା ଓ ଶକ୍ତିର ନାନାବିଧ ପ୍ରକାଶ । ତେବେ ପୁଣି କାହିଁକି 'ତୁମର ଇଚ୍ଛା ପୂର୍ଣ୍ଣ ହେଉ' ବୋଲି ପ୍ରାର୍ଥନା ?

ଭଗବାନଙ୍କର ଏହି ସୃଷ୍ଟିଲୀଳା ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର ବ୍ୟାଖ୍ୟା ହେଲା ଯଦିଓ ଏହି ସମଗ୍ର ବିଶ୍ୱସୃଷ୍ଟି ଭଗବାନଙ୍କରହିଁ ଏକ ପ୍ରକାଶ ଛଡ଼ା ଅନ୍ୟ କିଛି ନୁହେଁ, ତେବେ ଏହା ଏକ ଓଲଟ ପ୍ରକାଶ । ପରମ ଜ୍ଞାନ, ଶକ୍ତି, ଜ୍ୟୋତିଃ ଓ ଆନନ୍ଦର ସର୍ବମୟ ଶାଶ୍ୱତ ଆଧାର ସ୍ୱୟଂ ଭଗବାନ୍ ନିଜକୁ ଓଲଟାଇ ଦେଇହିଁ ଏହି ଅଜ୍ଞାନ, ନିଶ୍ଚେତନ, ଅନିତ୍ୟ, ଜଡ଼ ବିଶ୍ୱସୃଷ୍ଟିର ରୂପ ପରିଗ୍ରହ କରିଛନ୍ତି । ସେଇଥିପାଇଁ ଶାସ୍ତ୍ର-ପୁରାଣରେ ଏହି ସୃଷ୍ଟିକୁ ଏକ ଓଲଟ ବୃକ୍ଷ ରୂପେ କଳ୍ପନା କରାଯାଇଥାଏ । ଦିବ୍ୟ-ଭାଗବତ ଚେତନା ନିଜକୁ ଓଲଟାଇ ଦେଇ ଅଦିବ୍ୟର ରୂପ ପରିଗ୍ରହ କରିଛି କେବଳ ଲୀଳାର ସେହି ଆନନ୍ଦ ପାଇଁ ଯେଉଁଥିରେ ପୁଣି ଥରେ ସେହି ଅଦିବ୍ୟକୁ ରୂପାନ୍ତରିତ କରି ତାହାରି ଭିତରେହିଁ ନିଜର ଦିବ୍ୟତ୍ୱକୁ ଫୁଟାଇବ ।

କିନ୍ତୁ ଯେତେବେଳେ ଏହା ନିଜକୁ ଥରେ ଓଲଟାଇ ଦେଇ ଅଦିବ୍ୟ ଜଡ଼ସୃଷ୍ଟିର ରୂପ ନେଇଛି, ସେହି ଜଡ଼ ସୃଷ୍ଟିର ସମସ୍ତ କ୍ରିୟା ଓ ଚାଳନା ପାଇଁ ସେଠାରେ ଅନୁରୂପ ଏକ ପ୍ରକୃତି ଓ ତା'ର ବିଧାନ ମଧ୍ୟ କାର୍ଯ୍ୟକାରୀ ହେଉଛି । ଏହାହିଁ ହେଉଛି ଅପରା ପ୍ରକୃତି । ଯଦିଓ ଏହା ଭଗବାନଙ୍କରହିଁ ଏକ ଶକ୍ତି, କିନ୍ତୁ ଏହା ଅପରା ମାୟାର ଏକ ଶକ୍ତି । ଏଠାରେ ଭଗବାନ୍ ନିଜକୁ ଆବୃତ କରି ରଖିଛନ୍ତି, ଜଡ଼ ଓ ନିଶ୍ଚେତନାର ଛଦ୍ମବେଶ ପିନ୍ଧିଛନ୍ତି, ନିଜର ଦିବ୍ୟତ୍ୱକୁ ଭୁଲିଯାଇଛନ୍ତି ।

କିନ୍ତୁ ଯେହେତୁ ଭଗବତ୍ ଚେତନା ଏକ ଅନନ୍ତ, ଅଖଣ୍ଡ, ଶାଶ୍ୱତ ଦିବ୍ୟଚେତନା, ତେଣୁ ଅପରା ପ୍ରକୃତିର ବା ଜଡ଼ମୟ ବିଶ୍ୱ ସୃଷ୍ଟିର ରୂପ ଧାରଣ କଲେ ମଧ୍ୟ ସେଥିରେ ତାହା ସମ୍ପୂର୍ଣ୍ଣ ନିଃଶେଷ ହୋଇ ଯାଇ ନାହିଁ । ତାହାକୁ ସର୍ବଦା ଅତିକ୍ରମ କରି ନିଜର ଅଖଣ୍ଡ ଓ ଅନନ୍ତ ଦିବ୍ୟତ୍ୱରେ ନିତ୍ୟ ବିରାଜମାନ ହୋଇ ରହିଛି । ଅପରା-ପ୍ରକୃତିର ସମସ୍ତ ପ୍ରକାଶର ଊର୍ଦ୍ଧ୍ୱରେ, ନିମ୍ନରେ, ଚତୁଃପାର୍ଶ୍ୱରେ, ବାହାରେ, ଭିତରେ ସବୁଠି ଭଗବତ୍ ଚେତନା ନିଜର ମୂଳ ସ୍ୱରୂପରେ ନିଜର ଅନନ୍ତ ଦିବ୍ୟତ୍ୱ ନେଇ, ନିଜର ସମସ୍ତ ଜ୍ଞାନ, ଆନନ୍ଦ, ଆଲୋକ ଓ ଶକ୍ତି ନେଇ ସବୁବେଳେ ରହିଛି । ଏହାହିଁ ହେଉଛି ଦିବ୍ୟପରା-ପ୍ରକୃତି । ନିଜର ଦିବ୍ୟତ୍ୱ ସମ୍ପର୍କରେ ଏହା ନିତ୍ୟ ସଚେତ, ଖାଲି ସେତିକି ନୁହେଁ, ସୃଷ୍ଟିର ସମସ୍ତ ଅଦିବ୍ୟତାକୁ ଦିବ୍ୟତ୍ୱରେ ରୂପାନ୍ତର କରିବା ପାଇଁ ଭଗବାନଙ୍କର ସଂକଳ୍ପଟିକୁ ମଧ୍ୟ ଏହା ଧାରଣ ଓ କାର୍ଯ୍ୟକାରୀ କରିଚାଲିଛି ସଚେତ ଭାବରେ ।

ଏହିପରି ଭାବରେ ସମଗ୍ର ବିଶ୍ୱସୃଷ୍ଟିର ପ୍ରକ୍ରିୟା ଓ ଚାଳନା ଭିତରେ, ଏକ ସମୟରେ ସେହି ଏକ ଭଗବାନଙ୍କର ଦିବ୍ୟସଂକଳ୍ପ କାର୍ଯ୍ୟକାରୀ ହେଉଛି ଦୁଇଟି ବିଧାନ ଭିତରେ ଚେତନାର ଦୁଇଟି ରୂପ ନେଇ । ଗୋଟିଏ ହେଉଛି ପରା-ପ୍ରକୃତିର ବିଧାନ ଯେଉଁଠି ସ୍ୱୟଂପ୍ରକାଶଶୀଳ ଭଗବତ୍ ଚେତନା ନିଜ ସଂକଳ୍ପ ସମ୍ପର୍କରେ ଆତ୍ମସଚେତ, ଅନ୍ୟଟି ହେଲା ଅପରା-ପ୍ରକୃତିର ବିଧାନ ଯେଉଁଠି ସ୍ୱୟଂ ଆବୃତ ଭଗବତ୍ ଚେତନା ନିଜ ସଂକଳ୍ପ ସମ୍ପର୍କରେ ଆତ୍ମବିସ୍ମୃତ ।

ସେଇଥିପାଇଁ ବିବର୍ତ୍ତନର ଶ୍ରେଷ୍ଠ ଜୀବ ମଣିଷର ଚେତନା କ୍ଷେତ୍ରରେ ମଧ୍ୟ ପରା-ପ୍ରକୃତି ଓ ଅପରା-ପ୍ରକୃତିର ଏହି ଦୁଇଟି ଛନ୍ଦ ଏକ ସମୟରେ ଯୁଗପତ୍ ବାଜି ଚାଲିଛି । ଆମର ଦେହ, ପ୍ରାଣ, ମନକୁ ନେଇ ଗଠିତ ଅହଂର ଚେତନାରେ ଅପରା-ପ୍ରକୃତିର ବିଧାନହିଁ କ୍ରିୟାଶୀଳ । ତଥାପି ତାହାକୁ ଧାରଣ କରି ତାହାର ଊର୍ଦ୍ଧ୍ୱ ଓ ପଶ୍ଚାତରେ ରହିଛି ପରା-ପ୍ରକୃତିର ଦିବ୍ୟ-ଚେତନା, ଦିବ୍ୟଜନନୀଙ୍କର ସମସ୍ତ ଜ୍ଞାନ, ଜ୍ୟୋତିଃ ଓ ଆନନ୍ଦ । ଆମ ସତ୍ତାର ଗଭୀର ଅନ୍ତରରେ ବିଦ୍ୟମାନ ରହିଛି ଚୈତ୍ୟ ଚେତନା, ଯାହାକି ପରା-ପ୍ରକୃତିର ଦିବ୍ୟ-ଚେତନାରହିଁ ଅଂଶ ବିଶେଷ, ଅପରାର ଲୀଳା ଭିତରେ ପରା-ଚେତନାର ପ୍ରତିନିଧି । ଆମର ଅହଂ ଚେତନାର ଊର୍ଦ୍ଧ୍ୱ ଓ ପଶ୍ଚାତରେ ବିରାଜମାନା ପରାପ୍ରକୃତିର ଦିବ୍ୟଚେତନା ସହ ମିଳିତ ହେବାରେହିଁ ରହିଛି ଆମ ଲକ୍ଷ୍ୟସିଦ୍ଧିର ଗୋପନ ରହସ୍ୟ । ତେଣୁ ଶ୍ରୀଅରବିନ୍ଦ କହିଛନ୍ତି, ''ଏହା ସ୍ପଷ୍ଟ ଯେ ଦୁଇଟି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ହୃତ୍‌କେନ୍ଦ୍ରର ଉନ୍ମୀଳନ ଏବଂ ମନ-କେନ୍ଦ୍ରଗୁଡ଼ିକର ଉନ୍ମୀଳନ । ଏହି କେନ୍ଦ୍ରଗୁଡ଼ିକ ଉନ୍ମୀଳିତ ହୁଏ ସେହି ସମସ୍ତ ଦିବ୍ୟସତ୍ୟ ପ୍ରତି ଯାହାକି ଏହାର ପଶ୍ଚାତ୍ ଓ ଊର୍ଦ୍ଧ୍ୱରେ ବିଦ୍ୟମାନ

ରହିଛି । ହୃଦୟ ଖୋଲିଯାଏ ଚୈତ୍ୟ ସତ୍ତା ପ୍ରତି ଏବଂ ମନର କେନ୍ଦ୍ରଗୁଡ଼ିକ ଖୋଲେ ଉଚ୍ଚତର ଦିବ୍ୟଚେତନା ପ୍ରତି ଏବଂ ଚୈତ୍ୟ ପୁରୁଷ ଓ ଉଚ୍ଚତର ଚେତନାର ସଙ୍ଗମହିଁ ହେଉଛି ସିଦ୍ଧିର ପ୍ରଧାନ ଉପାୟ ।'' ''ହୃଦୟର ଉନ୍ମୀଳନ ଦ୍ୱାରା ମା'ଙ୍କର ଉପସ୍ଥିତି ଅନୁଭୂତ ହେବାକୁ ଆରମ୍ଭ ହୁଏ, ଏବଂ ମା'ଙ୍କର ଉର୍ଦ୍ଧ୍ୱସ୍ଥ ଦିବ୍ୟଶକ୍ତି ଆଡ଼କୁ ଖୋଲି ଧରିବା ଦ୍ୱାରା ଉଚ୍ଚତର ଚେତନାର ଦିବ୍ୟଶକ୍ତି ଆଧାର ଭିତରକୁ ଆସେ ଓ ସେଠାରେ ସମଗ୍ର ପ୍ରକୃତିକୁ ବଦଳାଇବା ପାଇଁ କାର୍ଯ୍ୟ କରେ ।''

ତେଣୁ ଅପରା-ପ୍ରକୃତିର ନିୟମରେ ଆବଦ୍ଧ ଅହଂଗତ ମନ ଓ ପ୍ରାଣର କୌଣସି ସାଧନା, ତପସ୍ୟା, ପ୍ରୟାସ ବା ସଂକଳ୍ପର ଶକ୍ତି ନୁହେଁ ପରା-ପ୍ରକୃତିର ଦିବ୍ୟବିଧାନକୁ ଧାରଣ ଓ କ୍ରିୟାଶୀଳ କରୁଥିବା ଭଗବତୀ ଦିବ୍ୟଜନନୀଙ୍କ ଶକ୍ତିହିଁ ଏହି ଯୋଗରେ ସିଦ୍ଧି ଆଣିଦେବ । ତେଣୁ ଆମେ ଯେତେବେଳେ ଭଗବାନଙ୍କୁ କହୁ 'ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ' ସେତେବେଳେ ଏହା ସେହି ଦିବ୍ୟଜନନୀଙ୍କ ଶକ୍ତିକୁହିଁ ଆବାହନ କରିବା । ଯେଉଁ ଭଗବତ୍ ଦିବ୍ୟଚେତନା ନିଜକୁ ଓଲଟାଇ ଦେଇ ଅଦିବ୍ୟର ରୂପ ନେଇଛି, ଏହି ଜଡ଼ ବିଶ୍ୱର ରୂପ ନେଇଛି, ଆମ ଅହଂର ରୂପ ନେଇଛି, କେବଳ ସେହି ଭଗବତ୍ ଚେତନାହିଁ ନିଜର ପରାଶକ୍ତି ଦ୍ୱାରା ନିଜକୁ ପୁଣି ଥରେ ଓଲଟାଇ ଦେଇ ସେହି ଅଦିବ୍ୟ ଭିତରୁ ନିଜ ଦିବ୍ୟତ୍ୱକୁ ଫେରି ପାଇବ ଓ ସେହି ଅଦିବ୍ୟକୁ ରୂପାନ୍ତରିତ କରି ତା' ଭିତରେ ନିଜ ଦିବ୍ୟତ୍ୱକୁ ପ୍ରକଟ କରି ପାରିବ । ଏହାହିଁ ପୂର୍ଣ୍ଣଯୋଗର ସିଦ୍ଧି । ଏହା ସମ୍ପନ୍ନ କରିବା ପାଇଁ ଆମ ନିଜର କୌଣସି ସାଧନା, କୌଣସି ସଂକଳ୍ପ ବା ପ୍ରୟାସ ସମର୍ଥ ନୁହେଁ । କେବଳ ଭଗବାନଙ୍କ ପରାଶକ୍ତି ଦିବ୍ୟଜନନୀହିଁ ଜାଣନ୍ତି ଅପରାରେ ଆବଦ୍ଧ ଆମ ଚେତନାକୁ ଓଲଟାଇ ଦେବା ପାଇଁ ଆମ ଆଧାର ଭିତରେ କେଉଁସବୁ ପ୍ରସ୍ତୁତି ଦରକାର ଏବଂ ତାଙ୍କରି ଶକ୍ତି ସେ ଦିଗରେ କ୍ରିୟା କରି ତା' ଭିତରୁ କେତେ ସମ୍ପନ୍ନ କରିଛି ଓ ଆଉ କେତେ ବାକି ରହିଛି ଓ ସେ ମଧ୍ୟ ଜାଣନ୍ତି ଆମ ଚେତନା ପାଇଁ କେତେବେଳେ ସେଇ ଦିବ୍ୟମୁହୂର୍ତ୍ତ ଆସିବ ଯେତେବେଳେ ଏହାକୁ ସେ ପୁଣି ଥରେ ଓଲଟାଇ ଦେଇ ପରାଚେତନାରେ ଉନ୍ନୀତ ଓ ଉତ୍ତୀର୍ଣ୍ଣ କରି ପାରିବେ ଓ ତହିଁରେ ପରାଚେତନାର ସମସ୍ତ ଜ୍ଞାନ, ଆନନ୍ଦ, ଆଲୋକ, ପ୍ରେମ ଓ ଶକ୍ତି ପ୍ରତିଷ୍ଠିତ କରି ପାରିବେ । ତେଣୁ ଆମର ସ୍ୱକଳ୍ପିତ ତଥାକଥିତ ସାଧନା ଦ୍ୱାରା ତାଙ୍କ କାମରେ ବିଭ୍ରାଟ ନ ଘଟାଇ ତାଙ୍କ ପ୍ରତି, ତାଙ୍କ ଶକ୍ତି ପ୍ରତି କେବଳ ଉନ୍ମୀଳନ ଓ ସମର୍ପଣର ଅଣସାଧନା ଭାବ ରଖିବା ଦ୍ୱାରାହିଁ ଆମେ ତାଙ୍କ କାମରେ ଯଥାର୍ଥ ସହଯୋଗ କରିପାରିବା । ❖

---

*(ପୃଷ୍ଠା ୩୬ ର ଅବଶିଷ୍ଟାଂଶ)*

ଗ୍ରହଣ କରେ, ଆତ୍ମିକ ପଦ୍ଧତିରେ ତାହାକୁ ସଂସ୍କୃତ କରେ ଏବଂ ଦିବ୍ୟ-ଚେତନାରେ ରୂପାୟିତ କରେ । ସେହି ମୁହୂର୍ତ୍ତଟିକୁ ତାହା ନିକଟତର କରି ଆଣେ, ଯେତେବେଳେ –

''ମହତ୍ତର ଜାତି ଏକ ହେବେ ଅଧିବାସୀ
ଏହି ମର୍ତ୍ତ୍ୟ ଜଗତର; ଭାସ୍ୱର ଶିଖରେ
ପ୍ରକୃତିର ପୁଣି ଆତ୍ମା ଅଧିଷ୍ଠାନ ପରେ
ଶାସନ କରିବେ ଆସି ବିଶ୍ୱଜୀବନର
ଅଧିପତି ଅତି ନର କରି ଏ ଧରଣୀ
ସମତୁଲ, ସମକକ୍ଷପ୍ରାୟ ଦ୍ୟୁଲୋକର ।''

('ସାବିତ୍ରୀ') – ଶ୍ରୀଅରବିନ୍ଦ

ଅନୁବାଦ : କୃଷ୍ଣା ଦେବୀ ❖

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୩)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଦିଲୀପକୁମାର ରାୟଙ୍କ ବର୍ଣ୍ଣନା ନିମ୍ନମତେ :

କହୁକହୁ କେମିତି ଏକପ୍ରକାର ଲଜ୍ଜା ଆସି ମୋର କଣ୍ଠରୋଧ କଲା । ଏତେ ଖୋଲି କହିବା କ'ଣ ଭଲ ? ରବୀନ୍ଦ୍ରନାଥଙ୍କର କଥା ଭାବି ଟିକିଏ ଭରସା ପାଇଲି । ଖୋଲି କହିବାରେ ତ କିଛି ଦୋଷ ନାହିଁ । ଶ୍ରୀଅରବିନ୍ଦ ମଧ୍ୟ କମ୍ ଖୋଲିକରି କଥା କହନ୍ତି ନାହିଁ ! ତେବେ ସେ କ୍ଷମା କରିବେ ନାହିଁ କାହିଁକି ?

ଶ୍ରୀଅରବିନ୍ଦଙ୍କର ମୁହଁରେ, ଆଖିରେ ଏକ ଅପରୂପ ସ୍ନିଗ୍ଧତାର ଆଭା ଦୀପ୍ତ ହୋଇ ଉଠିଲା । ସେ ମୋ ଆଡ଼କୁ ଏକ ଲୟରେ ଚାହିଁ ରହିଲେ । ଏପରି କରୁଣାର ଚାହାଣି ଜୀବନରେ କେବେ ଦେଖି ନାହିଁ । ଅନ୍ତରରେ ଶାନ୍ତି ବିଛାଇ ହୋଇ ପଡ଼ିଲା । କହିଲେ, "ତୁମ କଥା ବୁଝୁଛି । ମୋର ନିଜର ମଧ୍ୟ ଏକ ସମୟରେ ଇଚ୍ଛା ହେଉଥିଲା ଯୋଗ ବଳରେ ଜଗତଟାକୁ ମୁହୂର୍ତ୍ତକ ଭିତରେ ବଦଳାଇ ଦେବି । ମାନବ ପ୍ରକୃତିଟାକୁ ସଜାଡ଼ି ଦେବି । ଜଗତରେ ଯାହାକିଛି ମନ୍ଦ, ଯାହାକିଛି ଶୋଚନୀୟ ଅଛି, ନିମିଷକରେ ପୋଛି ଦେବି ମୋ ସାଧନା ବଳରେ ।"

ଛାତି ଭିତରେ ରକ୍ତ ଚହଲିଗଲା ଭଳି ମନେ ହେଲା । ପ୍ରଥମ ଦର୍ଶନରେ ଶ୍ରୀଅରବିନ୍ଦ ଏପରି କଥା କହୁଛନ୍ତି ? ପୁଣି କାହାକୁ ? ମୋ ପରି ଜଣେ ଅଜ୍ଞାତ କୁଳଶୀଳ ଅଜ୍ଞାନ ଯୁବକକୁ ? କୃତଜ୍ଞତାରେ ମନ ପୂରି ଉଠିଲା । ଯାହାକୁ ଇଂରାଜୀରେ କହନ୍ତି, "drinking in every word" (ପ୍ରତି ଶବ୍ଦକୁ ପିଇଯିବା) । ଶୁଣିଲାବେଳେ ସେହିପରି ବୋଧ ହେଉଥିଲା । ଶ୍ରୀଅରବିନ୍ଦ କହିଲେ, "ମୁଁ ପ୍ରଥମେ ଆସିଥିଲି, ଏଇ ଧରଣର ଆକାଂକ୍ଷା ଓ ଉଦ୍ଦେଶ୍ୟ ନେଇ । ଯଦିଓ ମୋର ପଣ୍ଡିଚେରୀ ଆସିବାର କାରଣ ହେଉଛି, ସାଧନା କରିବାର ଆଦେଶ ପାଇ ମୁଁ ଏଠାକୁ ଆସିଥିଲି ।" ମୁଁ କହିଲି, "ଜାଣେ ଆପଣଙ୍କର ପତ୍ନୀଙ୍କ ନିକଟକୁ ଲିଖିତ ଚିଠିରେ ବି ପଢ଼ିଛି । ଆପଣ ଯୋଗ-ସାଧନାକୁ ଗ୍ରହଣ କରିଥିଲେ ଦେଶୋଦ୍ଧାର କରିବାକୁ ।"

"ସତ କଥା । ଲେଲେଙ୍କୁ ସେଥିପାଇଁ କହିଥିଲି ଯେ, ଯୋଗ ସାଧନା କରିବାକୁ ମୁଁ ରାଜି, କିନ୍ତୁ କର୍ମ ସାଧନା ଛାଡ଼ିକରି ନୁହେଁ । ଦେଶ ଓ କାବ୍ୟ ଏ ଦୁଇଟିକୁ ଅତ୍ୟନ୍ତ ଭଲ ପାଉଥିଲି ।"

"ତା'ପରେ ?"

"ଲେଲେ ରାଜି ହେଲେ । ମୋତେ ଦୀକ୍ଷା ମଧ୍ୟ ଦେଲେ । କିଛି ଦିନ ପରେ ମୋତେ ଅନ୍ତରର ନିର୍ଦ୍ଦେଶ ମାନି ଚାଲିବାକୁ କହି ବିଦାୟ ନେଲେ । ମୁଁ ପଣ୍ଡିଚେରୀ ଆସି ପୂର୍ଣ୍ଣ ଯୋଗ ସାଧନାରେ ବସିଲି । କିନ୍ତୁ ସାଧନା କରୁ କରୁ ମୋର ଦୃଷ୍ଟିଭଙ୍ଗୀ ବଦଳି ଗଲା । ଦେଖିଲି ଯେ, ମୁଁ ଏସବୁ କରିବା ସମ୍ଭବପର ବୋଲି ଭାବୁଥିଲି, କେବଳ ମୋର ଅଜ୍ଞାନତା ପାଇଁ ।"

"ଅଜ୍ଞାନତା ?"

"ହଁ । କାରଣ ମୁଁ ଏଇ ସତ୍ୟଟା ସେତେବେଳେ ଜାଣି ନଥିଲି ଯେ, ଜଗତର ମନୁଷ୍ୟମାନଙ୍କୁ ଉଦ୍ଧାର କରିବାକୁ ହେଲେ, ଜଣେ ବ୍ୟକ୍ତି ପକ୍ଷରେ ବିଶ୍ୱ ସମସ୍ୟାର ଚରମ ସମାଧାନରେ ପହଞ୍ଚିବା ଯଥେଷ୍ଟ ନୁହେଁ, ସେ ବ୍ୟକ୍ତି ଯେତେ ଅସାମାନ୍ୟ ହେଉ ନା କାହିଁକି । କେବଳ ନିଜେ ଅମୃତଲୋକରେ ପହଞ୍ଚିଗଲେ ହେବ ନାହିଁ । ବିଶ୍ୱ ମାନବକୁ ଅମୃତ ଲାଭର ଅଧିକାରୀ ହେବାକୁ ହେବ । କିନ୍ତୁ ସେଥିପାଇଁ କାଳ ମଧ୍ୟ ଅନୁକୂଳ ହେବା ଦରକାର । ଅସଲ ସମସ୍ୟାଟି ହେଲା ଏଇଠାରେ । କେବଳ ଊର୍ଦ୍ଧ୍ୱସ୍ଥ ଆଲୋକ ଓହ୍ଲାଇବାକୁ ରାଜି ହେଲେ ଚଳିବ ନାହିଁ, ମଧ୍ୟେ ମଧ୍ୟେ ସେ ଆଲୋକ ଅବତରଣ କରିପାରେ । କିନ୍ତୁ ତାକୁ ସୁପ୍ରତିଷ୍ଠ କରି ହେବ ନାହିଁ, ଯଦି ନିମ୍ନସ୍ଥ ଅନ୍ଧକାର ବା ଗ୍ରହୀତାର ଆଧାର ତାକୁ ଧାରଣ କରି ନପାରେ । ବାସ୍ତବରେ ତୁମେ ଯାହା କିଛି ଉପଲବ୍ଧି କରିବ, ସେଥିରୁ କିଛି ଅଂଶ ସେହିମାନଙ୍କୁ ଦେଇପାର, ଯେଉଁମାନେ କିଛିଟା ଗ୍ରହଣଶୀଳ । ଅବଶ୍ୟ ଏହାକୁ ଖୁବ୍ ସହଜ ମନେକର ନାହିଁ । କାରଣ ଗ୍ରହଣର କ୍ଷମତା ଏକ ଧରଣର ଶକ୍ତି, ଦାନର କ୍ଷମତା ଅନ୍ୟ ଧରଣର ଶକ୍ତି । ଦେଇପାରିବା ଗୋଟିଏ ବିଶେଷ ଧରଣର ଶକ୍ତି, କେହି ହୁଏତ ଏହି ଶକ୍ତିକୁ ଧାରଣ କରିପାରେ, କିନ୍ତୁ ଯାହା ପାଇଲା ତାକୁ ଦେଇପାରେନା,

ଆଉ କେହି ଅବା ଚାହିଁଲେ ମଧ୍ୟ ଧାରଣ କରିପାରିବ ନାହିଁ । ଶେଷ କଥା ହେଲା, ସେହିସବୁ ମନୁଷ୍ୟଙ୍କର ସଂଖ୍ୟା ସବୁଠାରୁ କମ୍ ଯେଉଁମାନେ ଊର୍ଦ୍ଧ୍ୱସ୍ଥ ଆଲୋକକୁ ଗ୍ରହଣ କରିବାକୁ ସମର୍ଥ, ପୁଣି ଧାରଣ କରିବାକୁ ସମର୍ଥ । ପ୍ରକୃତରେ ଦେଖିଲେ, ସମସ୍ୟାଟି ଆଦୌ ସହଜ ନୁହେଁ । ତୁମେ କ'ଣ କରିବ ? ସମସ୍ତେ କ'ଣ ଆନନ୍ଦ ବା ଜ୍ଞାନ ଚାହାନ୍ତି ଯେ ତୁମେ ତାହା ତାଙ୍କୁ ଦେବ ? ସମସ୍ତଙ୍କର ଅନ୍ତରର ବିକାଶ ଓ ଅଧିକାର ତ ସମାନ ନୁହେଁ । ସୁତରାଂ ଏ ବିଶ୍ୱଜଗତର ଦୁର୍ଭାଗ୍ୟର କିଛି ଆଶୁ ସମାଧାନ ବା ଅମୋଘ ଚମକପ୍ରଦ ଔଷଧ ବାହାର କରିଦେବା ଅସମ୍ଭବ । ଇତିହାସର ଛତ୍ରେ ଛତ୍ରେ ଏହାର ସାକ୍ଷ୍ୟ ମିଳିବ ।''

ଶ୍ରୀଅରବିନ୍ଦଙ୍କର କଥା ଶୁଣୁଶୁଣୁ ମନେ ପଡ଼ିଲା ବୁଦ୍ଧଙ୍କର ଗୋଟିଏ ଗପ । ଜଣେ ସଂଶୟୀ ତାର୍କିକ ଆସି ତାଙ୍କୁ କହିଲେ, ''ନିର୍ବାଣ ଯଦି ସବୁ ବ୍ୟାଧିର ଏପରି ଅମୋଘ ଔଷଧ ତେବେ ସମସ୍ତଙ୍କୁ ତାହା ଦେଉ ନାହାନ୍ତି କାହିଁକି ?'' ବୁଦ୍ଧ ସେ କଥାର ଉତ୍ତର ନଦେଇ କହିଲେ, ''ଘରେ ଘରେ ଥରେ ଯାଇ ବୁଲି ପଚାରି ଆସ, କିଏ କ'ଣ ଚାହେଁ ?'' ସେ ଫେରି ଆସି କହିଲେ, ''କିଏ ଚାହିଁଲା ଟଙ୍କା, କେହି ଯଶଃ, କେହି ସ୍ତ୍ରୀ, ପୁତ୍ର, କେହି ସ୍ୱାସ୍ଥ୍ୟ'' ।

ବୁଦ୍ଧ ପଚାରିଲେ, ''ନିର୍ବାଣ କେହି ଚାହିଁଲେ କି ?''

''ନାଁ ତ ।''

''ଯେଉଁ ବସ୍ତୁକୁ କେହି ଚାହାନ୍ତି ନାହିଁ, ସେ ବସ୍ତୁକୁ କିପରି ସମସ୍ତଙ୍କୁ ଦେବି କହ ତ !'' ବୁଦ୍ଧ ହସି ହସି କହିଥିଲେ ।

*

ନିସ୍ତବ୍ଧତା ଭାଙ୍ଗି କହିଲି, ''କିନ୍ତୁ ଏଇ ବ୍ୟାପକ ଦୁଃଖ, କଷ୍ଟ, ଶୋକ, ଭୟ ଏସବୁର କାରଣ ଯଦି ଅଜ୍ଞତା ହୁଏ, ଆଉ ଯଦି ମନୁଷ୍ୟ ଜ୍ଞାନ ନ ଚାହେଁ, ତେବେ ସେମାନଙ୍କ ଦୁଃଖର ନିବାରଣ କିଏ କରିବ ଶୁଣେ ! ଯେତେଦିନଯାଏଁ ସେମାନେ ଅନ୍ଧ ଆସକ୍ତିର କବଳରେ ରହିବାକୁ ଚାହିଁବେ, ସେତେଦିନ ସେମାନଙ୍କୁ କଷ୍ଟ ଭୋଗିବାକୁ ହେବ । ଉପାୟ କ'ଣ କୁହନ୍ତୁ । କର୍ମ କଲେ ତା'ର ପରିଣାମଠାରୁ କେଉଁ କୌଶଳ ଦ୍ୱାରା ନିଷ୍କୃତି ପାଇବେ ?''

*''ଆପଣ ସାଧନା କରୁଛନ୍ତି, କାହା ପାଇଁ ? ନିଜର ମୁକ୍ତି ବା ସିଦ୍ଧି ପାଇଁ ?''*

''ନା, ତା'ହେଲେ ମୋତେ ଏତେ ସମୟ ଲାଗି ନଥା'ନ୍ତା । ମୁଁ କାହିଁକି ସାଧନା କରୁଛି, କହିଲେ ମଧ୍ୟ ବର୍ତ୍ତମାନ ତୁମେ ବୁଝିପାରିବ ନାହିଁ ବା ଭୁଲ୍ ବୁଝିବ । ତେବେ ଏତିକି ଜାଣିରଖ ଯେ, ମୁଁ ଚାହେଁ ଊର୍ଦ୍ଧ୍ୱତର ଲୋକର ଏପରି କୌଣସି ଆଲୋକକୁ ଏ ଜଗତକୁ ଓହ୍ଲାଇ ଆଣିବାକୁ, ଏପରି କୌଣସି ଶକ୍ତିକୁ ଏଠାରେ ସକ୍ରିୟ କରିବାକୁ, ଯାହା ଫଳରେ ମାନବ ପ୍ରକୃତି ମଧ୍ୟରେ ଏକ ବଡ଼ ରକମର ଅଦଳବଦଳ ହେବ । ଏପରି କୌଣସି ଦିବ୍ୟଶକ୍ତି ଯାହା ଏପର୍ଯ୍ୟନ୍ତ ପୃଥିବୀରେ ପ୍ରକାଶ୍ୟ-ଭାବରେ ସକ୍ରିୟ ହୋଇ ନାହିଁ ।''

*''ଆପଣଙ୍କର ବିଭିନ୍ନ ଲେଖାରେ ଏହି ଶକ୍ତିର ନାମ 'ଅତିମାନସ ଶକ୍ତି' ଦେଇଛନ୍ତି ନା ?''*

''ହଁ, ତେବେ ନାମଟା ବଡ଼ କଥା ନୁହେଁ । ଅସଲ କଥା ହେଉଛି ଯେ ଏମିତି କୌଣସି ଦିବ୍ୟଶକ୍ତି ଏପର୍ଯ୍ୟନ୍ତ ଆମ ମଧ୍ୟରେ କାମ କରି ନାହିଁ ଅନେକ କାରଣରୁ ।''

*ମୁଁ କହିଲି, ''ସମୟ ଅନୁକୂଳ ନଥିଲା ବୋଲି ?''*

''ତା' ତ ନିଶ୍ଚୟ । ଆହୁରି ଅନେକ କାରଣ ଅଛି, କିନ୍ତୁ ସେସବୁ କହିଲେ ପୁନର୍ବାର ଭୁଲ୍ ବୁଝାମଣା ସୃଷ୍ଟି ହେବ । କାରଣ ଯାହାକୁ ମୁଁ ଅତିମାନସ ବା ସୁପ୍ରାମେଣ୍ଟାଲ କହୁଛି, ମନ ଦ୍ୱାରା ତା'ର କିଛି ଆଭାସ ମିଳିବ ନାହିଁ । ଭାଷା ଦ୍ୱାରା ତାହାକୁ ବୁଝାଇବାକୁ ଗଲେ, କଥାଟା ଫାଙ୍କିବାଜ ଭଳି ଶୁଣାଯିବ ।''

*''ପୁରାତନ କାଳରେ ଯୋଗୀମାନେ କ'ଣ ଏ ଅତିମାନସ ଶକ୍ତି କଥା ଜାଣି ନଥିଲେ ?''*

''କେହି କେହି ଏହା ଜାଣିଥିଲେ ଓ ସେମାନେ ଏ ଶକ୍ତି ସାଙ୍ଗରେ ମିଳିତ ହୋଇପାରୁ ଥିଲେ । କିନ୍ତୁ କି ଉପାୟରେ ତୁମକୁ ବୁଝାଇବି ଯେ ସେହି ରାଜ୍ୟକୁ ନିଜେ ଉଠି ଯିବା ଦ୍ୱାରା ହୁଏତ ଏହା ସମ୍ଭବ ହେଉଥିଲା । କିନ୍ତୁ ଏହାକୁ ପୃଥିବୀପୃଷ୍ଠକୁ ଓହ୍ଲାଇ ଆଣିବା ସମ୍ଭବପର ହେଉ ନଥିଲା । ଏ ଶକ୍ତି ଆମର ଚେତନାରେ ଅଙ୍ଗାଙ୍ଗୀଭାବରେ ଜଡ଼ିତ ହେଉ, ଏ ଚେଷ୍ଟା ହୁଏତ ସେମାନେ କରି ନଥିଲେ । ତେବେ ଏସବୁ କଥା ନେଇ ମୁଁ ବିଶେଷ କିଛି କହିବାକୁ ଚାହେଁ ନାହିଁ । ଏ ଧରଣର ଆଲୋଚନା ବୃଥାଶ୍ରମ ମାତ୍ର, କାରଣ ମନ ଦ୍ୱାରା ଏସବୁ ତତ୍ତ୍ୱର ଖବର ପାଇବା ତ ଦୂରର କଥା, ଆଭାସ ପାଇବା ମଧ୍ୟ ସମ୍ଭବ ନୁହେଁ ।''

ମୁଁ କହିଲି, ''କିନ୍ତୁ ଜଗତର ଦିନକୁ ଦିନ ଯେଉଁ ଅବସ୍ଥା ହେଉଛି – ମୁଁ ଏସବୁ ବିଷୟରେ ଯୁକ୍ତିବାଦୀ । କ୍ଷମା କରିବେ ତ ?''

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ

# ଅନିର୍ବଚନୀୟ

## ଶ୍ରୀ ବିମଳ ପ୍ରସନ୍ନ ଦାସ

ଅଗଷ୍ଟ ପନ୍ଦର ୧୮୭୨ ମସିହା ମହାଯୋଗୀଙ୍କ ଆବିର୍ଭାବ ଦିବସ । ଏହି ପୁଣ୍ୟ ତିଥିର ମହିମା ପ୍ରତିପାଦିତ କରି ଦିବ୍ୟଜନନୀ ଶ୍ରୀମା କହିଛନ୍ତି : "The Birth of the Eternal." ଶ୍ରୀଅରବିନ୍ଦଙ୍କର ଜନ୍ମ ହେଉଛି ଶାଶ୍ୱତଙ୍କ ଆବିର୍ଭାବ । ଏହି ରହସ୍ୟକୁ ବୁଝାଇବାକୁ ଯାଇ ଶ୍ରୀମା ଅନ୍ୟତ୍ର କହିଛନ୍ତି : "The sentence can be understood in four different ways on four ascending planes of consciousness :

1. Physically, the consequence of the birth will be of eternal importance to the world.
2. Mentally, it is a birth that will be eternally remembered in the universal history.
3. Psychically, a birth that recurs for ever from age to age upon earth.
4. Spiritually, the birth of the Eternal upon earth."

(CWM Vol. 13 p. 10) 1957

ଅର୍ଥାତ୍ ଭୌତିକ ଦୃଷ୍ଟିରୁ ସଂସାର ପାଇଁ ଏହି ଜନ୍ମର ଏକ ଶାଶ୍ୱତ ମହିମା ରହିବ । ମାନସିକ ଦୃଷ୍ଟିରୁ ଏହା ଏପରି ଏକ ଜନ୍ମ ଯାହା ବିଶ୍ୱ ଇତିହାସରେ ଚିର ସ୍ମରଣୀୟ ହୋଇ ରହିବ । ଚୈତ୍ୟିକ ଦୃଷ୍ଟିରୁ ଏହା ଏପରି ଏକ ଜନ୍ମ ଯାହା ପ୍ରତି ଯୁଗରେ ଚିରକାଳ ନିମନ୍ତେ ବାରଂବାର ପୃଥିବୀପୃଷ୍ଠରେ ନିଜର ପୁନରାବୃତ୍ତି କରୁଥିବ । ଆଧ୍ୟାତ୍ମିକ ଦୃଷ୍ଟିରୁ ଏହା ହେଉଛି ପୃଥିବୀରେ ପରମ ଶାଶ୍ୱତଙ୍କ ଆବିର୍ଭାବ । ଶ୍ରୀମାଙ୍କ ଏହି ଅନୁପମ ବାଣୀ ଇତିହାସ ପୃଷ୍ଠାରେ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଓ ମହିମାମଣ୍ଡିତ । ଭବିଷ୍ୟତ୍ ତଥା ବର୍ତ୍ତମାନ ମାନବଜାତି ପାଇଁ ଏହା ଏକ ରହସ୍ୟମୟ ଆହ୍ୱାନ ।

ଯଦିଚ ତାଙ୍କର ଆବିର୍ଭାବ ଉପରୋକ୍ତ ବିରଳ ତଥା ଅନନ୍ୟ ଆଧ୍ୟାତ୍ମିକ ଆହ୍ୱାନ ବହନ କରିଛି, ଅଗଷ୍ଟ ପନ୍ଦର ସ୍ୱାଧୀନ ଭାରତର ୭୦ ତମ ଜନ୍ମତିଥିରେ ତାଙ୍କ ରାଜନୈତିକ ଜୀବନ ତଥା ମୁକ୍ତି ସଂଗ୍ରାମରେ ତାଙ୍କର ଅନବଦ୍ୟ ଭୂମିକା ଆଜିର ସ୍ୱାର୍ଥ ଓ କ୍ଷମତା-ସର୍ବସ୍ୱ ରାଜନୀତି ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଦିବ୍ୟଦୃଷ୍ଟିରେ ଜନ୍ମଭୂମି ଭାରତ ହେଉଛି ମାତୃମୂର୍ତ୍ତି ସ୍ୱୟଂ ମା' ଭବାନୀ । କେବଳ ନଦୀ, ସମୁଦ୍ର, ପାହାଡ଼, ପର୍ବତ, ସ୍ଥାବର ଓ ଜଙ୍ଗମର ଏକ ଭୌଗୋଳିକ ଭୂଖଣ୍ଡ ନୁହେଁ । ସେହି ପତିତପାବନୀ ମା'ର ପରାଧୀନତାରୁ ମୁକ୍ତି ଥିଲା ଶ୍ରୀଅରବିନ୍ଦଙ୍କ ରାଜନୈତିକ ଜୀବନର ବ୍ରତ; ବୃତ୍ତି ନୁହେଁ । ତାଙ୍କ ପାଇଁ ନିଶା, ପେସା ନଥିଲା କି ଧର୍ମ-ଧନ୍ଦା ନଥିଲା । ସେଥିପାଇଁ ସାଧାରଣ ସାମାଜିକ ଜୀବନର ସକଳ ବିଳାସବ୍ୟସନ, ଆଟୋପ ଆଡ଼ମ୍ବର ପରିତ୍ୟାଗ କରି – ଏପରିକି ସେତେବେଳର I.C.S. ଚାକିରିକୁ ତୁଚ୍ଛ କରି ମୁକ୍ତି ସଂଗ୍ରାମରେ ଝାସ ଦେଇଥିଲେ । ଶ୍ରୀଅରବିନ୍ଦଙ୍କ ପ୍ରତିଭା ଉଲ୍କା ପରି ଝଟକି ଉଠିଥିଲା । ଯଦିଚ ତାହା ଅଳ୍ପକ୍ଷଣ ପାଇଁ ବିରାଜମାନ କରିଥିଲା, ସେତିକି ସମୟ ଭିତରେ କାଶ୍ମୀରଠାରୁ କନ୍ୟାକୁମାରୀ ଯାଏ ସାରା ଦେଶ ତାଙ୍କ ଦ୍ୟୁତିର ଉଜ୍ଜ୍ୱଳତାରେ ଉଦ୍ଭାସିତ ହୋଇଥିଲା । ଭାରତୀୟ ଜାତୀୟ କଂଗ୍ରେସର ଇତିହାସ ପ୍ରଣେତା ଡଃ. ପଟ୍ଟାଭି ସୀତାରାମେୟା ଯଥାର୍ଥରେ ଲେଖିଛନ୍ତି, ''ଶ୍ରୀଅରବିନ୍ଦ ଅଳ୍ପଦିନ ମାତ୍ର ରାଜନୀତିରେ ଥିଲେ । ଅଥଚ ସେହି ସ୍ୱଳ୍ପ କାଳ ମଧ୍ୟରେ ତାଙ୍କ ପ୍ରତିଭାର ପ୍ରଚଣ୍ଡ ଆଲୋକ ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ଭାରତର ଚିଦାକାଶକୁ ଉଲ୍କା ପରି ଝଲସାଇ ଦେଇଥିଲା ।'' ତାଙ୍କ ରାଜନୈତିକ ଜୀବନ ଯେତିକି ସଂକ୍ଷିପ୍ତ, ତା'ର ପରିଣାମ ସେତିକି ପ୍ରଦୀପ୍ତ ଓ ପ୍ରଚଣ୍ଡ । ସ୍ୱଳ୍ପ ସାଧନାକାଳ ମଧ୍ୟରେ ତାଙ୍କର ସୃଷ୍ଟି ସମ୍ଭାର ଯେତେ ଆକଳନ କଲେ ମଧ୍ୟ ଅସମ୍ପୂର୍ଣ୍ଣ ରହିଯାଏ । ଦିବ୍ୟଜନନୀଙ୍କ ଭାଷାରେ, "Sri Aurobindo is as vast as the universe. His teachings are limitless. Who can understand him ?" ଶ୍ରୀଅରବିନ୍ଦ ବିଶ୍ୱ ଭଳି ବିଶାଳ, ତାଙ୍କ ଶିକ୍ଷା ମଧ୍ୟ ଅସୀମ, ଅନନ୍ତ, କିଏ ତାଙ୍କୁ ବୁଝି ପାରିବ ? ଏ ଦୃଷ୍ଟିରୁ ତାଙ୍କୁ ଆକଳନ କରିବା ଏକ ବୌଦ୍ଧିକ ଧୃଷ୍ଟତା ମାତ୍ର ।

ତାଙ୍କ ରଚନାକୁ ନେଇ ''ବନ୍ଦେ ମାତରମ୍'' ଆନ୍ଦୋଳନ ତୀବ୍ରତର ହୋଇ ଉଠିଲା । ଋଷି ବଙ୍କିମ ଚନ୍ଦ୍ରଙ୍କ ''ବନ୍ଦେ ମାତରମ୍'' ପତ୍ରିକାର ଶ୍ରୀଅରବିନ୍ଦ ଥିଲେ ଅଲିଖିତ ସମ୍ପାଦକ ।

ଏ ଗୁପ୍ତତଥ୍ୟ ଇଂରେଜ ସରକାର ଜାଣି ପାରିଲେ । ମାତ୍ର ସମୟକ୍ରମେ ସେତେବେଳକୁ ''ବନ୍ଦେ ମାତରମ୍'' ଭାରତୀୟ ମୁକ୍ତି ସଂଗ୍ରାମର ଜ୍ୱାଳାମୟୀ ଜାତୀୟ ସଙ୍ଗୀତରେ ପରିଣତ ହୋଇ ସାରିଥିଲା । ଏହି ସଙ୍ଗୀତର ଝଂକାର ସହିତ ପତ୍ରିକାର ଅଗ୍ନିବର୍ଷୀ ଭାଷା ଭାରତୀୟ ଜନମାନସରେ ଲେଲିହାନ ଅଗ୍ନିଶିଖା ସଂଯୋଗ କଲା । ଏହାର ଭାଷା ଏବଂ ବିପୁଳ ଲୋକପ୍ରିୟତା ଲକ୍ଷ୍ୟକରି ତତ୍କାଳୀନ ଷ୍ଟେଟ୍ସ୍‌ମ୍ୟାନର ସମ୍ପାଦକ ମିଷ୍ଟର ''ରଟକ୍ଲିଫ'' ମାଞ୍ଚେଷ୍ଟର ଗାର୍ଡ଼ିଆନ ସମ୍ବାଦପତ୍ରରେ ଉଲ୍ଲେଖ କରିଥିଲେ ଯେ, ଭାରତୀୟ ସାମ୍ବାଦିକତାର ଇତିହାସରେ ''ବନ୍ଦେ ମାତରମ୍''ର ଆବିର୍ଭାବ ଏକ ଅଭୂତପୂର୍ବ ଘଟଣା । ଶକ୍ତିଶାଳୀ ବୈପ୍ଳବିକ ଭାଷା ଓ ପ୍ରଖର ବୁଦ୍ଧିମତ୍ତାରେ ପତ୍ରିକାର ପ୍ରତ୍ୟେକ ପୃଷ୍ଠା ପ୍ରଦୀପ୍ତ । ଶ୍ରୀଅରବିନ୍ଦଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ସମ୍ପର୍କରେ ଉଲ୍ଲେଖ କରି ସେତେବେଳର ''ଲଣ୍ଡନ ଟାଇମ୍‌ସ'' ପତ୍ରିକା ପ୍ରକାଶ କରିଥିଲେ ଯେ ଗୋଟିଏ ସଭାରେ ଉପସ୍ଥିତ ପ୍ରାୟ ସାତ ହଜାର ଲୋକଙ୍କୁ ଯେତେବେଳେ ବଡ଼ ବଡ଼ ନେତୃବର୍ଗଙ୍କ ଉଦ୍‌ବୋଧନ ପ୍ରଭାବିତ କରିବାକୁ ସମର୍ଥ ହେଲା ନାହିଁ, ସେତେବେଳେ ହଠାତ୍ ଦେଖାଗଲା ଶ୍ରୀଅରବିନ୍ଦ ସଭାମଞ୍ଚର ଗୋଟିଏ କୋଣରେ ଠିଆ ହୋଇଛନ୍ତି । ତାଙ୍କର ଉପସ୍ଥିତି ଫଳରେ ବିପୁଳ ଜନତାର କରତାଳି ଓ ଉତ୍ସାହରେ ସଭାସ୍ଥଳ ମୁଖରିତ ହୋଇ ଉଠିଲା ।

୧୯୦୮ ମେ ପହିଲା । ମିଥ୍ୟା ଅଭିଯୋଗ ଆଗତ କରି ଏକ ଷଡ଼୍‌ଯନ୍ତ୍ର ଦ୍ୱାରା ଶ୍ରୀଅରବିନ୍ଦ ଗିରଫ ହୋଇ ଆଲିପୁର କାରାଗାରରେ ରହିଲେ । ପ୍ରତିଶୋଧ ପରାୟଣ ବ୍ରିଟିଶ ସରକାର କାରାଗାର ଭିତରେ ତାଙ୍କୁ ଅସହ୍ୟ ଅତ୍ୟାଚାର ମଧ୍ୟ କଲେ । ଇଂରେଜ ସରକାରଙ୍କ ତରଫରୁ ବାରିଷ୍ଟର ନର୍ଟନ ଅତ୍ୟନ୍ତ କୁତ୍ସିତ ଭାଷାରେ ଶ୍ରୀଅରବିନ୍ଦଙ୍କୁ ଗୋଟାଏ ଖୁନି ଆସାମୀ ଭାବରେ ଭର୍ତ୍ସନା କଲାବେଳେ ବାରିଷ୍ଟର ଦେଶବନ୍ଧୁ ଚିତ୍ତରଂଜନ ଦାସ ଶ୍ରୀଅରବିନ୍ଦଙ୍କ ତରଫରୁ କହିଥିଲେ ''ଶ୍ରୀଅରବିନ୍ଦ କେବଳ ଏହି ବିଚାରାଳୟର ଚାରିକାନ୍ଥ ଭିତରେ ନୁହେଁ, ସେ ଇତିହାସର ସର୍ବୋଚ୍ଚ ଅଦାଲତରେ ଆଜି ଦଣ୍ଡାୟମାନ, ଆଜିର ଏଇ ବାଦ ବିସମ୍ବାଦ ସ୍ତିମିତ ହୋଇଯିବାର ବହୁଦିନ ପରେ, ଏହି ଉତ୍ତେଜନା ଓ ବିକ୍ଷୋଭ ଶାନ୍ତ ହୋଇଯିବା ପରେ, ସ୍ୱୟଂ ସେ ପୃଥିବୀପୃଷ୍ଠରୁ ବିଦାୟ ନେବାର ବହୁଦିନ ପରେ ମଧ୍ୟ ସେ ଏ ଦେଶରେ ପୂଜା ପାଇବେ ସ୍ୱଦେଶ ପ୍ରେମୀ କବି, ଜାତୀୟତାର ବାର୍ତ୍ତାବହ ଓ ଗଭୀର ମାନବବାଦୀ ଭାବରେ । ତାଙ୍କର ବାଣୀ କେବଳ ଭାରତରେ ନୁହେଁ, ସାଗର ମହାସାଗର ଅତିକ୍ରମ କରି ଦେଶ ବିଦେଶରେ ପ୍ରତିଧ୍ୱନିତ ହେବାକୁ ଲାଗିବ ।''

ଶ୍ରୀଅରବିନ୍ଦ ନିର୍ଦୋଷରେ ଖଲାସ ହେଲେ । ''ବନ୍ଦେ ମାତରମ୍'' ପ୍ରକାଶନ ବନ୍ଦ ହୋଇଯାଇଥାଏ । କାରାଗାରରୁ ଫେରିବା ପରେ ଶ୍ରୀଅରବିନ୍ଦ ଇଂରାଜୀରେ ''କର୍ମଯୋଗିନ'' ଏବଂ ବଙ୍ଗଳାରେ ''ଧର୍ମ'' ନାମରେ ଦୁଇଟି ସାପ୍ତାହିକ ପତ୍ରିକା ସମ୍ପାଦନା କଲେ । ମାତ୍ର ଏସବୁ ପତ୍ରିକା ରାଜନୀତି ପ୍ରଧାନ ନଥିଲା । ଏଥିରେ ସାମାଜିକ, ଦର୍ଶନ ଏବଂ ଆଧ୍ୟାତ୍ମିକ ଆଲୋଚନାହିଁ ଅଧିକ ସ୍ଥାନ ପାଉଥିଲା ।

ଶ୍ରୀଅରବିନ୍ଦ ଅବଶ୍ୟ କ୍ରମେ ଉପଲବ୍ଧି କଲେ ଯେ ବିଧାତା ତାଙ୍କ ପାଇଁ ରାଜନୀତି ଅପେକ୍ଷା ବହୁଗୁଣ ଅଧିକ ଗୁରୁତ୍ୱପୂର୍ଣ୍ଣ କର୍ମ ସ୍ଥିର କରିଛି । ସେ ଦିଗରେ ସୁସ୍ପଷ୍ଟ ନିର୍ଦ୍ଦେଶକୁ ସେ ଅପେକ୍ଷା କରୁଥିଲେ । ତାଙ୍କର ଏହି ପ୍ରତୀକ୍ଷା କାଳରେ ବ୍ରିଟିଶ ସରକାରଙ୍କ ସନ୍ଦେହ ଥିଲା ଯେ ସେ ହୁଏତ ଏକ ଭୀଷଣ ବିପ୍ଳବ ବା ବିଦ୍ରୋହର ଯୋଜନା କରୁଛନ୍ତି । କାରଣ ବ୍ରିଟିଶ ଶାସକମାନଙ୍କ ଦୃଷ୍ଟିରେ ସେ ଥିଲେ ''ସମଗ୍ର ଭାରତବର୍ଷରେ ସବୁଠାରୁ ବିପଜ୍ଜନକ ମଣିଷ''– ଉଭୟ ବଙ୍ଗଳାର ଗଭର୍ଣ୍ଣର ଓ ଭାରତର ଗଭର୍ଣ୍ଣର ଜେନେରାଲ ଏ ବିଷୟରେ ଏକମତ ଥିଲେ । କୌଣସି ଆଳରେ ତାଙ୍କୁ ପୁନର୍ବାର କାରାରୁଦ୍ଧ କରିବାକୁ, ଏପରିକି ସମ୍ଭବ ହେଲେ ଦ୍ୱୀପାନ୍ତର ଦେବାକୁ ସରକାର ଚିନ୍ତା କରୁଛନ୍ତି ବୋଲି ଶ୍ରୀଅରବିନ୍ଦଙ୍କୁ ଭଗିନୀ ନିବେଦିତା ଜଣାଇଲେ । ସଙ୍ଗେ ସଙ୍ଗେ ଆତ୍ମଗୋପନ ପାଇଁ ମଧ୍ୟ ସେ ପରାମର୍ଶ ଦେଲେ । ମାତ୍ର ସେତେବେଳକୁ କୌଣସି କର୍ମ କରିବା ପାଇଁ ନିଜର ବିଚାର ଅପେକ୍ଷା ଅନ୍ତରର ପ୍ରେରଣା ଅଥବା ଭଗବତ୍ ଆଦେଶ ଉପରେ ସେ ନିର୍ଭର କରୁଥିଲେ । ହଠାତ୍ ଏକ ଭଗବତ ଆଦେଶ ସେ ଶୁଣି ପାରିଲେ ଓ ତାହା ଥିଲା 'ଚନ୍ଦନ ନଗର' ଚାଲିଯାଅ । ଦୁଇଜଣ ଅନୁଗତ ସହଯୋଗୀଙ୍କ ସହିତ ମାତ୍ର ୧୫ ମିନିଟ୍ ମଧ୍ୟରେ ସେ ଚନ୍ଦନ ନଗର ଯାତ୍ରା ଉଦ୍ଦେଶ୍ୟରେ ନୌକା ଚଢ଼ିଲେ । ତାଙ୍କ ଘର ଉପରେ କଡ଼ା ନଜର ରଖିଥିବା କୌଣସି ଗୁପ୍ତଚର ଏକଥା ଜାଣି ପାରିଲେ ନାହିଁ । ଅଳ୍ପ କେତେ ଦିନ ପରେ ଶ୍ରୀଅରବିନ୍ଦ ଆଉ ଏକ ଆନ୍ତର ଆଦେଶ ପାଇଲେ ''ଏଥର ପଣ୍ଡିଚେରୀ ପ୍ରସ୍ଥାନ କର'' । ଅବିଳମ୍ବେ ଆଦେଶ ପାଳନ କରି ସେ କଲିକତା ଆସି, ଛଦ୍ମ ନାମରେ ଟିକଟ କିଣି ପଣ୍ଡିଚେରୀ ଉଦ୍ଦେଶ୍ୟରେ ଜାହାଜ ଯୋଗେ ଯାତ୍ରା କଲେ । ତାଙ୍କୁ ଗିରଫ କରିବା ପାଇଁ ସରକାର ପୋଲିସ

ପଠାଇଲା ବେଳକୁ ତାଙ୍କ ବାସଗୃହ ଶୂନ୍ୟ । ନାନା ସନ୍ଦିଗ୍ଧ ସ୍ଥାନ ଖାନତଲାସ ପରେ ତାଙ୍କୁ ନପାଇବାରୁ ବହୁ ପ୍ରକାରର ଗୁଜବ ପ୍ରଚାରିତ ହେଲା । ସେ ହୁଏତ ତିବ୍‌ବତ ଯାଇ ଜଣେ ମହାତ୍ମାଙ୍କ ସହାୟତାରେ ତନ୍ତ୍ରବିଦ୍ୟା ହାସଲ କରି ବ୍ରିଟିଶ ସରକାରଙ୍କୁ କଲବଲ କରିବେ କିଂବା ରୁଷ ଯାଇ ଜାର୍ (ରୁଷ ସମ୍ରାଟ)ଙ୍କୁ ମତାଇ ଭାରତରୁ ଇଂରେଜମାନଙ୍କୁ ତଡ଼ିବେ । କାହିଁକି ତାଙ୍କ ବିରୋଧରେ ପରୁଆନା ଜାରି ହେଲା ବୋଲି ହାଉସ୍ ଅଫ କମନ୍‌ସ୍‌ରେ ବାରଂବାର ବାଦାନୁବାଦ ଚାଲିଲା । ଯେଉଁ ''କର୍ମଯୋଗିନ'' ପତ୍ରିକାରେ ଶ୍ରୀଅରବିନ୍ଦ ରାଜଦ୍ରୋହମୂଳକ ଲେଖା ପ୍ରକାଶ କରିଛନ୍ତି ସେ ପତ୍ରିକା ପାର୍ଲିଆମେଣ୍ଟରେ ଉପସ୍ଥାପନ କରିବା ପାଇଁ ଶ୍ରମିକ ଦଳର ବିଖ୍ୟାତ ନେତା ସାର୍ ରାମ୍‌ସେ ଦାବି କଲେ (ପରେ ସେ ବ୍ରିଟେନର ପ୍ରଧାନମନ୍ତ୍ରୀ ହୋଇଥିଲେ) । ସରକାର ଶେଷରେ ଅକ୍ଷମତା ପ୍ରକାଶ କରିବାରୁ ସାର ରାମ୍‌ସେ ନିଜେ ସେ ପତ୍ରିକାଟିରେ ପ୍ରକାଶିତ ''ମୋର ଶେଷ ଇଚ୍ଛା ଓ ପ୍ରମାଣପତ୍ର'' ଶୀର୍ଷକ ଲେଖାଟି ପଢ଼ି ପାର୍ଲିଆମେଣ୍ଟରେ ଶୁଣାଇ ଦେଲେ । ଲୋକଙ୍କୁ ହିଂସାଚରଣ ପାଇଁ ମତାଇବା ତ ଦୂରର କଥା, ହିଂସା ପ୍ରବୃତ୍ତିରୁ ଲୋକଙ୍କୁ ଦୂରେଇ ରହିବା ପାଇଁ ସେ ଲେଖାର ଉଦ୍ଦେଶ୍ୟ ବୋଲି ସାର୍ ରାମ୍‌ସେ ପ୍ରମାଣ କରିଦେଲେ ।

୧୯୧୦ ଏପ୍ରିଲ ସାତ ତାରିଖରୁ ବାରଂବାର ପାର୍ଲିଆମେଣ୍ଟରେ ଶ୍ରୀଅରବିନ୍ଦଙ୍କ ଉପରେ ତର୍କ-ବିତର୍କ, ପ୍ରଶ୍ନୋତ୍ତର ଚାଲିଥାଏ । ଜଣେ ମାନ୍ୟବର ସଭ୍ୟ 'ଓ ଗ୍ରାଡ଼ି' ପ୍ରଶ୍ନ କଲେ ମିଷ୍ଟର ଅରବିନ୍ଦ ଘୋଷଙ୍କ ପ୍ରବନ୍ଧଗୁଡ଼ିକ ଛାପିଥିବା ଯୋଗୁଁ ''କର୍ମଯୋଗିନ''ର ପ୍ରକାଶକ ଅଦାଲତରେ ଅଭିଯୁକ୍ତ ହେବା ସଙ୍ଗେ ସଙ୍ଗେ ମିଷ୍ଟର ଘୋଷଙ୍କୁ ଗିରଫ ପାଇଁ ପରୁଆନା ଜାରି ହୋଇଥିଲା କି ? ଅଦାଲତ ସେ ପ୍ରବନ୍ଧ ଦେଶଦ୍ରୋହ-ମୂଳକ ହୋଇ ନଥିବା ଦର୍ଶାଇ ପ୍ରକାଶକଙ୍କୁ ମୁକ୍ତି ଦେଲେ କି ? ସରକାର ପରୁଆନା ପ୍ରତ୍ୟାହାର କରିଥିବା ସତ୍ୟ କି ?'' ସରକାରଙ୍କ ତରଫରୁ ''ମଣ୍ଟେଗୁ'' କହିଲେ – ''ମାନ୍ୟବର ସଦସ୍ୟଙ୍କ ପ୍ରଥମ ପ୍ରଶ୍ନର ଉତ୍ତର ହେଲା 'ହଁ'; ଦ୍ୱିତୀୟ ପ୍ରଶ୍ନର ଉତ୍ତର 'ହଁ'; ତୃତୀୟ ପ୍ରଶ୍ନର ଉତ୍ତର ମଧ୍ୟ 'ହଁ' ।''

୧୯୧୦ ଏପ୍ରିଲ ଚାରି ତାରିଖ ଦିନ ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ପଦାର୍ପଣ କଲେ । ଆରମ୍ଭ ହେଲା ତାଙ୍କ ଜୀବନର ବିଧି ଅଭିପ୍ରେତ ଦିବ୍ୟଜୀବନର ଅନ୍ୱେଷା । ଏକଦା ତଥାକଥିତ ବିପ୍ଳବୀ, ଖୁଣୀ ଆସାମୀ ଅରବିନ୍ଦ ଘୋଷ ରୂପାନ୍ତରିତ ହୋଇଗଲେ ଋଷି, ମହାଯୋଗୀ, ଚିର ଚିନ୍ମୟ ଶ୍ରୀଅରବିନ୍ଦ ରୂପରେ । ତାଙ୍କ ଶ୍ରୀଚରଣରେ କୋଟି କୋଟି ପ୍ରଣାମ – ତାଙ୍କ ୧୪୬ ତମ ପବିତ୍ର ଜନ୍ମ ତିଥିରେ । ✤

ସମସ୍ତ ଐଶ୍ୱର୍ଯ୍ୟ, ଗଭୀରତା ଓ ପୂର୍ଣ୍ଣତା ସହ ପ୍ରାଚୀନ ଆଧ୍ୟାତ୍ମିକ ଜ୍ଞାନ ଓ ଅଭିଜ୍ଞତାର ପୁନରୁଦ୍ଧାର ହେଉଛି ଏହାର (ଭାରତର) ସର୍ବପ୍ରଥମ ଅତ୍ୟାବଶ୍ୟକ କାର୍ଯ୍ୟ; ଦର୍ଶନ, ସାହିତ୍ୟ, କଳା, ବିଜ୍ଞାନ ଓ ବିଶ୍ଳେଷଣାତ୍ମକ ଜ୍ଞାନର ନୂତନ ନୂତନ ରୂପ-ଢାଞ୍ଚା ଭିତରକୁ ଏହି ଆଧ୍ୟାତ୍ମିକତାର ପ୍ରବାହ ହେଉଛି ଦ୍ୱିତୀୟ କାର୍ଯ୍ୟ; ଏବଂ ଭାରତୀୟ ଆତ୍ମାର ଆଲୋକରେ ଆଧୁନିକ ସମସ୍ୟାସବୁକୁ ନୂତନ ଭାବେ ମୁକାବିଲା କରିବା ଏବଂ ଏକ ଆଧ୍ୟାତ୍ମିକ ସମାଜ ଗଠନ ଦିଗରେ ମହତ୍ତର ଏକ ସମନ୍ୱୟକୁ ରୂପାୟିତ କରିବାର ପ୍ରୟାସ ହେଉଛି ତୃତୀୟ ଓ ସବୁଠୁ ଦୁରୂହ କାର୍ଯ୍ୟ । ଏହି ତିନିଟି ଧାରାରେ ଭାରତର ସାଫଲ୍ୟ ହେବ ମାନବସମାଜର ଭବିଷ୍ୟତ୍ ପାଇଁ ତା'ର ସହାୟତାର ପରିମାପ ।

– ଶ୍ରୀଅରବିନ୍ଦ

ସାଧନା-ପରମ୍ପରା

# ଯୋଗବାଶିଷ୍ଠ ରାମାୟଣ

[ସଂସ୍କୃତ ଭାଷାରେ ବତିଶ ହଜାର ଶ୍ଳୋକ ବା ଚଉଷଠି ହଜାର ପଂକ୍ତି ସମ୍ବଳିତ ଏହି 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥଟି ବେଦାନ୍ତ ଦର୍ଶନ ଉପରେ ଆଧାରିତ । ବିଷୟବସ୍ତୁକୁ ଏହିପରି ଏକ ଆଖ୍ୟାନ ଅବଲମ୍ବନରେ ଉପସ୍ଥାପିତ କରାଯାଇଛି : ଯୁବରାଜ ରାମଚନ୍ଦ୍ରଙ୍କର ବୈରାଗ୍ୟ ଉଦୟ ଫଳରେ ଯେତେବେଳେ ସେ ରାଜକାର୍ଯ୍ୟ ଓ ସଂସାରର ଅନ୍ୟାନ୍ୟ କର୍ମ, ଭୋଗ, ସମ୍ପଦ ଓ ଐଶ୍ୱର୍ଯ୍ୟ ଆଦି ପ୍ରତି ଉଦାସୀନ ଓ ବୀତଶ୍ରଦ୍ଧ ହୋଇ ବିମର୍ଷ ହୋଇ ପଡ଼ିଲେ ସେତେବେଳେ ମହାରାଜା ଦଶରଥଙ୍କ ଅନୁରୋଧ କ୍ରମେ ମହର୍ଷି ବଶିଷ୍ଠ ତାଙ୍କ ଭିତରେ ବିମର୍ଷତା ଦୂରକରି ସବୁକିଛି ସମ୍ପର୍କରେ ଯଥାର୍ଥ ମନୋଭାବ ଓ ସତ୍ୟଦୃଷ୍ଟି ଆଣି ଦେବା ପାଇଁ ତାଙ୍କ ଆଗରେ ଅଜସ୍ର ଉପଦେଶ, ଗଳ୍ପ, ଆଖ୍ୟାୟିକା ଓ ତାତ୍ତ୍ୱିକ ବ୍ୟାଖ୍ୟା ଆଦି ବାଢ଼ି ଆତ୍ମଜ୍ଞାନ ଓ ନିର୍ବାଣ ବା ମୁକ୍ତିକୁ ଜୀବନର ଲକ୍ଷ୍ୟ ରୂପେ ଉପସ୍ଥାପିତ କଲେ ଓ ଯଥାର୍ଥ ସତ୍ୟଦୃଷ୍ଟି ଥିଲେ ଏହି ଲକ୍ଷ୍ୟଲାଭରେ ସଂସାରର କୌଣସି କର୍ମ ବାଧାସ୍ୱରୂପ ହୁଏ ନାହିଁ ବୋଲି ବୁଝାଇ ଦେଲେ ।

ଏହି ଗ୍ରନ୍ଥଟି 'ମହାରାମାୟଣ', 'ଆର୍ଷ ରାମାୟଣ', 'ଜ୍ଞାନବାଶିଷ୍ଠ', 'ବାଶିଷ୍ଠ ରାମାୟଣ' ବା କେବଳ 'ବାଶିଷ୍ଠ' ନାମରେ ମଧ୍ୟ ପରିଚିତ । ଏହାର ରଚନାକାଳ ସମ୍ପର୍କରେ ନାନା ମତପାର୍ଥକ୍ୟ ରହିଥିଲେ ମଧ୍ୟ ଏହା ଆନୁମାନିକ ଷଷ୍ଠ ଖ୍ରୀଷ୍ଟାବ୍ଦରେ ରଚିତ ବୋଲି ଅନେକଙ୍କର ମତ ।]

### ଭୁଶଣ୍ଡକାକ ଉପାଖ୍ୟାନ

### (୨)

ବଶିଷ୍ଠ କହିଲେ – ହେ ରାଘବ ! ଏହି କଥା ଶୁଣି ମୁଁ ସେହି ବାୟସରାଜଙ୍କୁ ପୁନରାୟ ଜିଜ୍ଞାସା କଲି, ପ୍ରାଣବାୟୁର ଗତି କିପରି, ତାହାର ବର୍ଣ୍ଣନା କରନ୍ତୁ ।

ଭୁଶଣ୍ଡ କହିଲେ – ହେ ବ୍ରହ୍ମନ୍ ! ପ୍ରାଣବାୟୁ ସର୍ବଦା ସ୍ପନ୍ଦନଶକ୍ତିମାନ୍, ଶରୀରର ଅନ୍ତରରେ ଓ ବାହାରେ ସର୍ବକ୍ଷଣରେ ସେ ଊର୍ଦ୍ଧ୍ୱମୁଖ ହୋଇ ପ୍ରବାହିତ । ହେ ବ୍ରହ୍ମନ୍ ! ଅପାନ ବାୟୁ ମଧ୍ୟ ଠିକ୍ ଏହିପରି ଏବଂ ସେ ଶରୀରର ଅନ୍ତରରେ ଓ ବାହାରେ ସର୍ବକ୍ଷଣ ଅଧୋମୁଖରେ ପ୍ରବାହିତ । ହେ ମୁନିବର ! ହୃତ୍‌ପଦ୍ମର ଗହ୍ୱରରୁ ସ୍ୱଭାବତଃ ପ୍ରାଣବାୟୁର ଯେଉଁ ବହିରୁନ୍ମୁଖୀଭାବ ଅର୍ଥାତ୍ ବାହାରକୁ ନିର୍ଗତ ହେବା, ତାହାର ନାମ ରେଚକ । ଆଉ ମସ୍ତକରୁ ଦ୍ୱାଦଶ ଅଙ୍ଗୁଳି ପର୍ଯ୍ୟନ୍ତ ନିମ୍ନବର୍ତ୍ତୀ ବହିଃପ୍ରଦେଶରେ ଆକ୍ରମଣ କରି ପ୍ରାଣବାୟୁର ଯେଉଁ ଅନ୍ତଃପ୍ରବେଶ, ତାହାର ନାମ ପୂରକ । ଏହିପରି ଅପାନବାୟୁ ବହିର୍ଦେଶରୁ ଅନ୍ତରରେ ପ୍ରବିଷ୍ଟ ହେଲେ, ନାସିକାର ଅଗ୍ରଭାଗରୁ ମୂର୍ଦ୍ଧା ଏବଂ ମୂର୍ଦ୍ଧାରୁ ହୃଦୟ ଅବଧି ପ୍ରାଣବାୟୁର ଯେଉଁ ସ୍ପର୍ଶ, ଏହି ଉଭୟକୁ ପୂରକ କୁହାଯାଏ । ଏହାପରେ ଅପାନ ବାୟୁ ଶମଭାବ ପ୍ରାପ୍ତହେଲେ ଯେପର୍ଯ୍ୟନ୍ତ ପ୍ରାଣବାୟୁ ହୃଦୟରେ ଉତ୍‌ଥିତ ନ ହୁଏ, ସେହି ପର୍ଯ୍ୟନ୍ତ କୁମ୍ଭକ ଅବସ୍ଥା; ଯୋଗୀମାନଙ୍କର ଏହା ଅନୁଭବଗମ୍ୟ । ଏହିଭାବେ ରେଚକ, ପୂରକ ଓ କୁମ୍ଭକ ପ୍ରାଣାୟାମ ଏହି ତିନିପ୍ରକାର । ଯୋଗିଗଣଙ୍କ ପକ୍ଷରେ ଏହା ବିନା ଯତ୍ନରେ ସ୍ୱତଃ ହୋଇଥାଏ । ହେ ପ୍ରଭୋ ! ନାସିକା ଅଗ୍ରରୁ ବାହାରେ ଦ୍ୱାଦଶ ଅଙ୍ଗୁଳି ପରିମାଣ ସ୍ଥାନରେ ଅଭିମୁଖ ଭାବେ ସ୍ଥିତ ଯେଉଁ ବାୟୁ, ସେହି ବହିଃପ୍ରଦେଶରେ ତାହାର ବାହ୍ୟପୂରକ ପ୍ରଭୃତି ହୁଏ । ନାସାଗ୍ରର ସମ୍ମୁଖସ୍ଥିତ ଦ୍ୱାଦଶ ଅଙ୍ଗୁଳି ପରିମିତ ସ୍ଥାନ ମଧ୍ୟରେ ଅପାନ ବାୟୁର ଯେଉଁ ଆକାଶ ମାର୍ଗରେ ଅବସ୍ଥାନ, ତାହାର ନାମ ବାହ୍ୟ କୁମ୍ଭକ । ବହିରୁନ୍ମୁଖୀ ବାୟୁର ନାସାଗ୍ର ଅବଧି ଯେଉଁ ଗତି, ଯୋଗଜ୍ଞ ପଣ୍ଡିତମାନେ ତାକୁ ବାହ୍ୟ ପୂରକ କୁହନ୍ତି । ପୁଣି ନାସାଗ୍ରରୁ ନିର୍ଗତ ବାୟୁର ଦ୍ୱାଦଶ ଅଙ୍ଗୁଳି ପର୍ଯ୍ୟନ୍ତ ଗତିକୁ ବାହ୍ୟ ପୂରକ କୁହାଯାଏ । ପ୍ରାଣ ବାୟୁ ବାହାରେ ପ୍ରଶମତା ପ୍ରାପ୍ତ ହେଲେ, ଯେପର୍ଯ୍ୟନ୍ତ ଅପାନ ବାୟୁ ଉଦ୍‌ଗତ ନ ହୁଏ, ସେପର୍ଯ୍ୟନ୍ତ ଯେଉଁ ସମ ଅବସ୍ଥା, ତାହାର ନାମ ବାହ୍ୟ କୁମ୍ଭକ । ଅପାନ ବାୟୁର ସ୍ପନ୍ଦନ ବିହୀନ ଅନ୍ତର୍ମୁଖୀ ଭାବକୁ ବାହ୍ୟ ରେଚକ କହନ୍ତି । ଏହି ବାହ୍ୟ ରେଚକ ଅନୁଭବ କରିପାରିଲେ, ମୁକ୍ତିଲାଭ ହୋଇଥାଏ । ବାହାରର ଦ୍ୱାଦଶ ଅଙ୍ଗୁଳି ପରିମାଣ ସ୍ଥାନର ଶେଷ ସୀମାରୁ ନାସିକାର ଅଗ୍ର ପର୍ଯ୍ୟନ୍ତ ସଞ୍ଚାଳିତ ହୋଇ ଅପାନ ବାୟୁର ଯେଉଁ ଅଭିବ୍ୟକ୍ତି, ତାହା ଅନ୍ୟ ଏକ ପ୍ରକାର ବାହ୍ୟ ପୂରକ ।

ହେ ମହାମତେ ! ଏସବୁ ଯାହା କହିଲି, ନିରନ୍ତର ତାହା ଅଭ୍ୟାସ କରିପାରିଲେ ମୁକ୍ତିଲାଭ କରାଯାଏ ଏବଂ ଅତିଶୟ ଚଞ୍ଚଳ ଏହି ବାୟୁ ସକଳ ଅଭ୍ୟାସ ବଳରେ ଜାଗରଣ, ସ୍ୱପ୍ନ, ଶୟନ ଓ ଗମନ ସକଳ ଅବସ୍ଥାରେ ନିରୁଦ୍ଧ ହୋଇଥାଏ । ଜ୍ଞାନପୂର୍ବକ ଏହି ସକଳ କୁମ୍ଭକ ପ୍ରଭୃତିର ଅନୁଷ୍ଠାନ କଲେ ସକଳ କର୍ମ କରି ମଧ୍ୟ ସେହି ପୁରୁଷକର୍ତ୍ତୃତ୍ୱ-ବୋଧଶୂନ୍ୟ ହୋଇଥାଏ । ଏହି ପ୍ରାଣଚିନ୍ତାରେ ଚିତ୍ତ ଆସକ୍ତ ହେଲେ ଅଳ୍ପ ଦିନ ମଧ୍ୟରେ ବାହ୍ୟବସ୍ତୁ ସକଳ ପରିତ୍ୟକ୍ତ ହୋଇ କୈବଲ୍ୟ ଉପଲବ୍ଧ ହୁଏ । ପ୍ରାଣଚିନ୍ତକ ବ୍ୟକ୍ତି ବାହ୍ୟ ବିଷୟରେ କଦାପି ପ୍ରୀତିସମ୍ପନ୍ନ ହୁଅନ୍ତି ନାହିଁ । ମାର୍ଜିତବୁଦ୍ଧି ଯେଉଁସବୁ ମନୁଷ୍ୟ ପ୍ରାଣଚିନ୍ତାରେ ପରିନିଷ୍ଠିତ ହୋଇଛନ୍ତି, ସେମାନେ ପ୍ରାପ୍ତବ୍ୟ ଲାଭକରି ଦୁଃଖବିହୀନ ହୋଇଛନ୍ତି । ହେ ବ୍ରହ୍ମନ୍ ! ହୃଦପଦ୍ମରୁ ଉଠି, ବାହାରର ଦ୍ୱାଦଶ ଅଙ୍ଗୁଳି ପରିମାଣ ସ୍ଥାନ ପର୍ଯ୍ୟନ୍ତ ଗମନପୂର୍ବକ ପ୍ରାଣର ଯେଉଁ ନିଶ୍ଚଳତା, ତାହାରି ନାମ ପ୍ରାଣର ଅଭ୍ୟୁଦୟ । ହେ ମୁନିବର ! ଏହିପରି ହୃଦପଦ୍ମ ବାହାରେ ଦ୍ୱାଦଶ ଅଙ୍ଗୁଳି ପରିମିତ ସ୍ଥାନର ପ୍ରାନ୍ତରୁ ଚାଳିତହୋଇ ହୃତ୍‌ପଦ୍ମ ମଧ୍ୟରେ ଅପାନ ବାୟୁର ଯେଉଁ ନିଶ୍ଚଳ ଭାବ ତାହାହିଁ ଅପାନର ଅଭ୍ୟୁଦୟ । ପ୍ରାଣବାୟୁ ବାହାରେ ଦ୍ୱାଦଶ ଅଙ୍ଗୁଳି ପର୍ଯ୍ୟନ୍ତ ଆକାଶରେ ଚାଳିତ ହେଲେ, ଅପାନ ବାୟୁ ସେହି ସ୍ଥାନରୁ ଭିତର ଦିଗକୁ ଆସିଥାଏ । ପ୍ରାଣବାୟୁ ବାହ୍ୟ ଆକାଶ ଅଭିମୁଖରେ ବହ୍ନିଶିଖା ପରି ବହିଯାଏ, ଅପାନ ବାୟୁ ସେତେବେଳେ ହୃଦୟାକାଶ ଅଭିମୁଖରେ ଜଳପରି ନିମ୍ନଦିଗକୁ ବହିଥାଏ ।

ସୂର୍ଯ୍ୟ ଅଥବା ଅଗ୍ନି ଆକାରରେ ପ୍ରାଣ ଦେହର ଅନ୍ତର୍ଭାଗ ପରିତପ୍ତ କରୁଛନ୍ତି ଏବଂ ଅପାନ ଚନ୍ଦ୍ରରୂପେ ବାହାରୁ ଦେହକୁ ଶୀତଳ କରୁଛନ୍ତି । ପ୍ରାଣ ସର୍ବଦା ସୂର୍ଯ୍ୟାକାରରେ ହୃଦୟାକାଶକୁ ତାପଯୁକ୍ତକରି, ମୁଖରୁ ନିଗମନପୂର୍ବକ ବହିରାକାଶକୁ ତାପଯୁକ୍ତ କରୁଛନ୍ତି । ପୁଣି ଅପାନ ଚନ୍ଦ୍ର ରୂପେ ସେତେବେଳେହିଁ ମୁଖାଗ୍ରକୁ ଶୀତଳ କରି, ହୃଦୟାକାଶକୁ ମଧ୍ୟ ଶୀତଳ କରୁଛନ୍ତି । ପ୍ରାଣରୂପୀ ସୂର୍ଯ୍ୟ ଯେଉଁଠି ଥାଇ ଅପାନରୂପୀ ଚନ୍ଦ୍ର ମଧ୍ୟସ୍ଥ କଳା ବା ସାରଭାଗ ଗ୍ରାସିତ କରନ୍ତି, ସେହି ବ୍ରହ୍ମପଦକୁ ଲାଭକଲେ କଦାପି ଶୋକଗ୍ରସ୍ତ ହେବାକୁ ହୁଏନା । ପୁଣି ଅପାନ ଚନ୍ଦ୍ର ଯେଉଁଠି ଥାଇ ପ୍ରାଣ ସୂର୍ଯ୍ୟ ମଧ୍ୟସ୍ଥ କଳା ଗ୍ରାସ କରନ୍ତି, ସେହି ପରମପଦଙ୍କୁ ଲାଭକରି ମଧ୍ୟ ଜୀବକୁ ପୁନରାୟ ଜନ୍ମଗ୍ରହଣ କରିବାକୁ ହୁଏନା । ପ୍ରାଣହିଁ ବହିରାକାଶ ଓ ଅନ୍ତରାକାଶରେ ସୂର୍ଯ୍ୟରୂପେ ପ୍ରକାଶ ପାଇ, ପୁନରାୟ ଚନ୍ଦ୍ର ଆକାରରେ ପ୍ରକାଶିତ ହୋଇଛନ୍ତି । ପୁଣି ସେ ଚନ୍ଦ୍ରଭାବ ତ୍ୟାଗକରି ସୂର୍ଯ୍ୟଭାବ ପ୍ରାପ୍ତ ହୁଅନ୍ତି । ସୁତରାଂ ନିଜ ହୃଦୟ ମଧ୍ୟରେ ଯେ ଚନ୍ଦ୍ର ସହିତ ସୂର୍ଯ୍ୟଙ୍କୁ ଦର୍ଶନ କରନ୍ତି, ସେଇ ଯଥାର୍ଥ ଦ୍ରଷ୍ଟା । ହୃଦୟର ଅନ୍ଧକାର ଦୂରୀଭୂତ ନ ହେଲେ ମଧ୍ୟ କୌଣସି କ୍ଷତି ନାହିଁ, ହୃଦୟର ଅନ୍ଧକାର ଯେ ଦୂର କରିଛନ୍ତି, ତାହାଙ୍କର ସିଦ୍ଧିଲାଭ ହୋଇଛି । ହେ ମୁନେ ! ବାହାରର ଅନ୍ଧକାର ଦୂର ହେଲେ ଜଗତ୍ ଆଲୋକମୟ ହୁଏ, ଆଉ ହୃଦୟର ଅନ୍ଧକାର ଦୂର ହେଲେ ନିଜେ ଆଲୋକମୟ ହୋଇଯାଏ । ହୃଦୟର ସେହି ଅନ୍ଧକାର ପ୍ରାଣରୂପୀ ସୂର୍ଯ୍ୟ ଦୂରୀଭୂତ କରନ୍ତି ଏବଂ ଏହାକୁ ଉତ୍ତମରୂପେ ଜାଣିପାରିଲେ ମୁକ୍ତ ହୋଇଯିବାକୁ ହୁଏ । ସୁତରାଂ ଏହି ପ୍ରାଣରୂପୀ ସୂର୍ଯ୍ୟଙ୍କୁ ଦର୍ଶନ କରିବା କର୍ତ୍ତବ୍ୟ । ହୃତ୍‌ପଦ୍ମର ଯେଉଁ ବିବରରେ ଅପାନରୂପୀ ଚନ୍ଦ୍ର ଅସ୍ତଗତ ହୁଏ, ସେହି ବିବରରୁ ପ୍ରାଣରୂପୀ ସୂର୍ଯ୍ୟ ଉଦିତହୋଇ ବାହାର ଦିଗକୁ ଉନ୍ମୁଖତା ପ୍ରାପ୍ତ ହୁଏ । ପ୍ରାଣ ଅସ୍ତମିତ ହେଲେ, ସେହି ସ୍ଥାନରେ ବାହାରୁ ଅପାନ ଆଗମନ କରେ । ହେ ସୁବୁଦ୍ଧେ ! ପ୍ରାଣବାୟୁ ଅସ୍ତଗତ ହେଲେ ଅପାନ ଯେତେବେଳେ ଅଭ୍ୟୁଦୟ ଲାଭ ପାଇଁ ଉନ୍ମୁଖ ହୁଏ, ସେହି ଅବସ୍ଥାର ନାମ ବାହ୍ୟ କୁମ୍ଭକ । ଆଉ ଅପାନ ଯେତେବେଳେ ଅସ୍ତମିତ ଏବଂ ପ୍ରାଣ ସମୁଦିତ ହେଉଥାଏ, ତାହାର ନାମ ଅନ୍ତଃକୁମ୍ଭକ । ଅପାନ ନାସିକା ମଧ୍ୟ ଦେଇ ଅନ୍ତରରେ ପ୍ରବିଷ୍ଟ ହେଉଛି, ଆଉ ପୂରକବାୟୁ ପ୍ରାଣର ପରିପୂରଣ ପାଇଁ ଅନ୍ତରରେ ପ୍ରବେଶ କରୁଛି, ଏହା ଯେ ଦର୍ଶନ କରିପାରନ୍ତି ତାଙ୍କର ଆଉ ଜନ୍ମ ହୁଏନା । ପ୍ରାଣ ଓ ଅପାନ, ଉଭୟେ ଯେଉଁ ଶାନ୍ତ ଆତ୍ମାରେ ଲୀନ ହୋଇଛନ୍ତି, ସେହି ଆତ୍ମାଙ୍କୁ ପ୍ରାପ୍ତହେଲେ ଶୋକାତୀତ ହେବାକୁ ହୁଏ । ଅପାନ ପ୍ରାଣକୁ ଏବଂ ପ୍ରାଣ ଅପାନକୁ ଯେତେବେଳେ ଗ୍ରାସକରିବାକୁ ଉଦ୍ୟତ ହୁଏ, ସେହି ଉଭୟ ଅବସ୍ଥାରେ ଦେଶ ଓ କାଳକୁ ଅପରିଚ୍ଛିନ୍ନ ଚିନ୍ମାତ୍ରରୂପେ ଧାରଣା କରିପାରିଲେ ଶୋକାତୀତ ହେବାକୁ ହୁଏ । ପ୍ରାଣକୁ ଅପାନକର୍ତ୍ତୃକ ଏବଂ ଅପାନକୁ ପ୍ରାଣକର୍ତ୍ତୃକ ଯେଉଁଠି ଗ୍ରସ୍ତ ହେବା ଦେଖାଯାଏ, ସେଠାରେ ସେମାନଙ୍କ ସହିତ ଦେଶ ଏବଂ କାଳ ମଧ୍ୟ ବିଲୀନ ହୋଇଥାଏ, ଏ ବିଷୟରେ ସନ୍ଦେହ ନାହିଁ । ଯେତେବେଳେ ପ୍ରାଣ ଅସ୍ତଗତ, ଅଥଚ ଅପାନ ଉଦିତ ହେଉ ନାହିଁ, ସେହି ଅବସ୍ଥାକୁ ଅଯତ୍ନସିଦ୍ଧ ବାହ୍ୟକୁମ୍ଭକ କୁହାଯାଏ; କିନ୍ତୁ ଅଯତ୍ନସିଦ୍ଧ ଅନ୍ତଃକୁମ୍ଭକ ହେଲେ

ପରମପଦ, ତାହାହିଁ ହେଉଛନ୍ତି ବିଶୁଦ୍ଧ ପରମ ଚିତ୍ ବା ଆତ୍ମାଙ୍କ ସ୍ୱରୂପ । ପୁଷ୍ପରେ ସୁଗନ୍ଧପରି ପ୍ରାଣ ମଧ୍ୟରେ ଚିତ୍‌ସ୍ୱରୂପ ଆତ୍ମା ବିରାଜମାନ; ତାଙ୍କୁ ପ୍ରାପ୍ତହେଲେ ଆଉ ଶୋକ କରିବାକୁ ହୁଏନା । ଆମେମାନେ ଯେଉଁ ଚିଦାତ୍ମାଙ୍କର ଉପାସନା କରୁଁ, ସେ ପ୍ରାଣମୟ ନୁହନ୍ତି ବା ଅପାନମୟ ନୁହନ୍ତି । ଅଥଚ ସେ ଏହି ଉଭୟରେ ଅବସ୍ଥିତ । ସେ ପ୍ରାଣ ଲୟର ସମୀପସ୍ଥ, ଅପାନ ଲୟର ଦୂରସ୍ଥ, ଅଥଚ ପ୍ରାଣ ଓ ଅପାନର ମଧ୍ୟସ୍ଥ । ସେ ପ୍ରାଣର ପ୍ରାଣ, ଜୀବର ପରମ ଜୀବନ, ମନର ମନ, ବୁଦ୍ଧିର ବୋଧୟିତା, ଅହଙ୍କାରର ଅହଂବୋଧ ଓ ସତ୍ୟସ୍ୱରୂପ । ଯାହାଙ୍କଠାରେ ସବୁ, ଯାହାଙ୍କଠାରୁ ସବୁ, ଯିଏ ସବୁ, ସବୁରୁ ଯିଏ, ଆମେମାନେ ସେହି ନିତ୍ୟ ଓ ସର୍ବମୟ ଚିଦାତ୍ମାଙ୍କର ଉପାସକ । ଯାହାଙ୍କଠାରେ ଅପାନ ଅନୁଦିତ, ପ୍ରାଣ ଅସ୍ତଗତ, ନାସିକାଗ୍ର ଆକାଶରେ ବିରାଜମାନ, ସେହି ଚିଦାତ୍ମାଙ୍କର ଆମେମାନେ ଉପାସକ । ଯେ ପ୍ରାଣ ଓ ଅପାନରୂପ ରଥରେ ଆରୋହଣକରି ପରିଚ୍ଛିନ୍ନ ଓ ପ୍ରାଣାପାନର ଶକ୍ତି ଆକାରରେ ବିରାଜମାନ, ସର୍ବଶକ୍ତିର ଶକ୍ତିସ୍ୱରୂପ ସେହି ଚିଦାତ୍ମାଙ୍କର ଆମେମାନେ ଉପାସକ । ହୃଦୟରେ ଯିଏ ପ୍ରାଣର କୁମ୍ଭକ, ବାହାରେ ଯିଏ ଅପାନର କୁମ୍ଭକ ଓ ପୂରକ ପ୍ରଭୃତି ଆକାରରେ ବିବର୍ତ୍ତନ ଗ୍ରହଣ କରନ୍ତି, ସେହି ଚିଦାତ୍ମାଙ୍କୁହିଁ ଆମେମାନେ ଉପାସନା କରୁ । ଯିଏ ପ୍ରାଣାପାନର ଚାଳୟିତା, ପ୍ରାଣୋପାସନାରେ ଯାହାଙ୍କୁ ଲାଭ କରାଯାଏ, ଆମେମାନେ ସେହି ଅରୂପ ଚିଦାତ୍ମାଙ୍କର ଉପାସକ । ଯିଏ ପ୍ରାଣ ସ୍ପନ୍ଦନର କାରଣ, ଯିଏ ଇନ୍ଦ୍ରିୟସମୂହର ବିଷୟ ଭୋଗ ପାଇଁ ଆନନ୍ଦର ହେତୁ, ସେହି ସର୍ବକାରଣର କାରଣ ଚିଦାତ୍ମା ଆମମାନଙ୍କର ଉପାସ୍ୟ । ଯାହାଙ୍କଠାରେ କୌଣସି ଦ୍ୱୈତ କଳଙ୍କ ନାହିଁ, ପରମଜ୍ଞାନହିଁ ଯାହାଙ୍କର ବୈଭବ, ସେହି ପରମାତ୍ମା ଆମମାନଙ୍କର ଉପାସ୍ୟ ।

ଭୁଶଣ୍ଡ କହିଲେ – ଏହିପରି ପ୍ରାଣ-ସମାଧି ଯୋଗରେ ମୁଁ ଆତ୍ମାଙ୍କଠାରେ ଚିତ୍ତର ବିଶ୍ରାନ୍ତି ଲାଭ କରିଅଛି । ହେ ମୁନିବର ! ଏହି ଯୋଗ ଆଶ୍ରୟକରି ରହିଅଛି ବୋଲି ସୁମେରୁ ଗିରିର ବିଚଳନରେ ମଧ୍ୟ ମୁଁ ବିଚଳିତ ହୁଏ ନାହିଁ । ମୁଁ ଯେକୌଣସି ଅବସ୍ଥାରେ ଥାଏନା କାହିଁକି, ଏହି ସମାଧିରୁ କଦାପି ବିଚ୍ୟୁତ ହୁଏନା । ହେ ତାପସ ଶ୍ରେଷ୍ଠ ! ପ୍ରାଣ ଓ ଅପାନର ଅନୁବର୍ତ୍ତନ କରି ଏହି ଭାବରେ ମୁଁ ପରମାତ୍ମାଙ୍କ ଦର୍ଶନ ଲାଭ କରିଅଛି । ହେ ବ୍ରହ୍ମନ୍ ! ମୁଁ କେବେ ଅତୀତ ଓ ଭାବୀ ବିଷୟରେ ଚିନ୍ତା କରେନା; ଏକମାତ୍ର ବର୍ତ୍ତମାନ ପ୍ରତି ମୋ ଦୃଷ୍ଟି ନିବଦ୍ଧ ରହିଅଛି । କୌଣସି ପ୍ରକାର ଫଳ ଲାଭ ପ୍ରତି ମୋର ବାସନା ନାହିଁ; ମୁଁ କେବଳ ସୁପ୍ତ ପୁରୁଷ ପରି ବୁଦ୍ଧି ସଂଯୋଗ ନକରି ଯଥାଗତ କର୍ମ କରିଥାଏ । ଭାବାଭାବ ଓ ଇଷ୍ଟାନିଷ୍ଟବୁଦ୍ଧି ବିସର୍ଜନ ଦେଇ ମୁଁ କେବଳ ଆତ୍ମାଙ୍କଠାରେ ବିରାଜମାନ ଥାଏ । ଏଥିପାଇଁ ମୁଁ ରୋଗହୀନ ସୁଦୀର୍ଘ ଜୀବନ ଲାଭ କରିଅଛି । ପ୍ରାଣ ଓ ଅପାନର ମିଳନ ସମୟରେ ଯିଏ ଅନୁଭୂତ ହୁଅନ୍ତି, ସେହି ବ୍ରହ୍ମରୂପୀ ଆତ୍ମାଙ୍କଠାରେ ମୁଁ ସନ୍ତୁଷ୍ଟ । ସେଥିପାଇଁ ମୁଁ ନୀରୋଗ ଓ ଦୀର୍ଘଜୀବୀ । ହେ ସାଧୋ ! ମୁଁ କାହାରି ସ୍ତୁତି ବା ନିନ୍ଦା କରେନା, ସେଥିପାଇଁ ଏହି ଶୁଭଦଶା ମୁଁ ଲାଭ କରିଅଛି । ମୁଁ ଯାବତୀୟ ଦ୍ୱୈତବୁଦ୍ଧି ଓ ଜୀବନ ପ୍ରଭୃତି ବିଷୟରେ ଆସକ୍ତି ତ୍ୟାଗ କରିଅଛି; ସେଥିପାଇଁ ମୋର ଏହି ଶୁଭ ଦଶା ଉପସ୍ଥିତ ହୋଇଅଛି । ଆଜି କ'ଣ ହେଲା, ଆଗାମୀ କାଲି କ'ଣ ହେବ, ଏହିପରି ଚିନ୍ତା ମୋତେ ବ୍ୟାକୁଳିତ କରେ ନାହିଁ, ତେଣୁ ମୁଁ ରୋଗଶୂନ୍ୟ ଓ ଦୀର୍ଘଜୀବୀ । ଜରା ଓ ମରଣରୂପ ଦୁଃଖକୁ ମଧ୍ୟ ମୁଁ ଭୟ କରେନା; ସାମ୍ରାଜ୍ୟ ଲାଭ କଲେ ମଧ୍ୟ ମୁଁ ସୁଖ ଅନୁଭବ କରେନା, ସେଥିପାଇଁ ମୁଁ ନିରାମୟ ଜୀବନ ପ୍ରାପ୍ତ ହୋଇଅଛି । ମୁଁ ଅବଗତ ହୋଇଅଛି ଯେ, ସର୍ବପ୍ରକାଶକ ଓ ସର୍ବମୟ, ଅନାଦି ଅନନ୍ତ ସେହି ଚିତ୍‌ସ୍ୱରୂପହିଁ ମୁଁ; ଏଥିପାଇଁ ମୁଁ ନିରାମୟ ଜୀବନ ଲାଭ କରିଅଛି । ଏହି ଶରୀର ମୁଁ, କୌଣସି ସମୟରେ ମୁଁ ଏପରି ମନେ କରେନା; ସେଥିପାଇଁ ମୁଁ ଦୀର୍ଘଜୀବୀ । ଅନର୍ଥ ଓ ଅର୍ଥ, ଦୁଇହିଁ ମୋ ନିକଟକୁ ଯଥା ସମୟରେ ଆସେ; କିନ୍ତୁ ମୁଁ ଏହି ଉଭୟକୁ ସମାନ ମନେକରେ; ତେଣୁ ମୁଁ ଦୀର୍ଘଜୀବୀ । ସମସ୍ତ କର୍ମ ମୁଁ ଅଭିମାନହୀନ ହୋଇ କରେ, ସେଥିପାଇଁ ମୋ ମନ ସର୍ବଦା ନୈଷ୍କର୍ମ୍ୟରେ ଅବସ୍ଥିତ; ଏହା ମଧ୍ୟ ମୋର ନିରାମୟ ଜୀବନ ଲାଭର ପ୍ରଧାନ କାରଣ । ହେ ମୁନେ ! ଜ୍ଞାନ ପାଇଁ ମୋର କୌଣସି ଔଦ୍ଧତ୍ୟ ନାହିଁ, ଅନ୍ୟର ପରାଭବରେ ସକ୍ଷମ ହୋଇ ମଧ୍ୟ ତାହା ମୁଁ କେବେ କରେନା; ଏପରିକି ଅନ୍ୟ କର୍ତ୍ତୃକ ପରାଭୂତ ହୋଇ ମଧ୍ୟ ମୁଁ ଅପମାନ ବୋଧ କରେନା, ଏବଂ ନିଃସ୍ୱ ହୋଇ ମଧ୍ୟ ମୁଁ ବିଷୟାକାଂକ୍ଷା କରେ ନାହିଁ । ଏହିସବୁ କାରଣରୁ ମୁଁ ନିରାମୟ ଜୀବନ ଲାଭ କରିଅଛି । ଏହି ଦେହ ସତ୍ତ୍ୱେ ଓ ମୁଁ ସର୍ବଭୂତସ୍ଥ ଚିନ୍ମାତ୍ରସ୍ୱରୂପ ଆତ୍ମା, ସେଥିପାଇଁ ସକଳ ପ୍ରାଣୀଙ୍କୁ ମୁଁ ନିଜର ଶରୀର ବୋଲି ଦେଖେ । ସୁଖୀର ସୁଖରେ, ଦୁଃଖୀର ଦୁଃଖରେ ସର୍ବତ୍ର ମୁଁ ସୁଖୀ ଓ ଦୁଃଖୀ ହେଉଅଛି । ମୁଁ ସମସ୍ତଙ୍କର ପ୍ରିୟ ଓ

ବନ୍ଧୁ । ମୁଁ ଜଗତ୍, ମୁଁ ଦେଶ ଓ କାଳର ନିୟନ୍ତା ଆକାଶ, ମୁଁ କର୍ମ, ଏହିପରି ମୁଁ ଦର୍ଶନ କରିଥାଏ, ସେଥିପାଇଁ ମୁଁ ନିରାମୟ । ଘଟପଟ, ଆକାଶ, କାନନ ପ୍ରଭୃତି ପରି ଦୃଶ୍ୟମାନ୍ ସବୁହିଁ ଚିତ୍, ଏହିପରି ଭାବନା ବଳରେ ମୁଁ ଅନାମୟ ହୋଇଅଛି । ହେ ମୁନିଶ୍ରେଷ୍ଠ ! ଏହିପରି ମୁଁ ତ୍ରିଭୁବନରୂପ ଏହି ପଦ୍ମର ଭ୍ରମର ପରି ଦୀର୍ଘଜୀବୀ ଭୁଶଣ୍ଡ ନାମକ କାକ ବୋଲି ବିଖ୍ୟାତ ହୋଇଅଛି ଏବଂ ବ୍ରହ୍ମ ସମୁଦ୍ରରେ ତରଙ୍ଗ ସଦୃଶ ଏହି ଜଗତ୍‌କୁ ମୁଁ ଦୀର୍ଘକାଳରୁ ଉଦ୍ଭୂତ ଓ ବିଲୀନ ହେବା ଦେଖିଆସିଛି ।

ଭୁଶଣ୍ଡ କହିଲେ – ହେ ବ୍ରହ୍ମନ୍ ! ଆପଣଙ୍କ ଆଦେଶ ପାଳନକରି ମୁଁ ମୋର ଉତ୍ପତ୍ତି, ସ୍ଥିତି ପ୍ରଭୃତି ସମସ୍ତ ବୃତ୍ତାନ୍ତ କୀର୍ତ୍ତନ କଲି । ଏଥିରେ ମୋର ଯେଉଁ ଧୃଷ୍ଟତା ପ୍ରକାଶ ପାଇଛି, ଆପଣ ତାହା ମାର୍ଜନା କରିବେ ।

(ସମାପ୍ତ)

(ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କ ଦ୍ୱାରା ଅନୁବାଦିତ ''ଯୋଗବାଶିଷ୍ଠ ରାମାୟଣ'' ପୁସ୍ତକରୁ ସଂଗୃହୀତ) ❖

ଅର୍ଥ-ଆସକ୍ତିରୁ ଯଦି ତୁମେ ମୁକ୍ତ ହୋଇଥାଅ, ଆଉ ସନ୍ନ୍ୟାସୀ-ତୁଲ୍ୟ ଅର୍ଥକୁ ତ୍ୟାଗ ନ କରିଥାଅ, ସେତେବେଳେ ଭାଗବତ କର୍ମ ନିମିତ୍ତ ଅର୍ଥଜୟ କରିବାର ଅଧିକ କ୍ଷମତା ତୁମେ ଲାଭ କରିବ । ମନର ସମତା, କୌଣସି ଦାବି ନ ରଖିବା, ଏବଂ ତୁମର ଯାହାକିଛି ଅଛି, ଯାହାକିଛି ତୁମେ ପାଅ, ତୁମର ସକଳ ଉପାର୍ଜନ ଶକ୍ତି – ଏସବୁକୁ ଭାଗବତୀ ଶକ୍ତିଙ୍କ ପାଖରେ ତାଙ୍କ କର୍ମ ନିମିତ୍ତ ପୂର୍ଣ୍ଣ ନିବେଦନ କରିବା ହେଲା ମୁକ୍ତିର ଲକ୍ଷଣ । ଅର୍ଥ ଏବଂ ଅର୍ଥର ବ୍ୟବହାର ସମ୍ବନ୍ଧରେ ମନର ସାମାନ୍ୟ ବିକ୍ଷୋଭ, କୌଣସି ଦାବି, କୌଣସି କୁଣ୍ଠା ଯଦି ରହିଥାଏ, ତେବେ ତାହା ତୁମ ମଧ୍ୟରେ କୌଣସିଠାରେ କୌଣସି ଅପୂର୍ଣ୍ଣତା ବା ବନ୍ଧନ ରହିଥିବାର ଅଭ୍ରାନ୍ତ ଚିହ୍ନ ।

ଏହି ପଥରେ ଆଦର୍ଶ ସାଧକର ଲକ୍ଷଣ ହେଲା ଏହି : ପ୍ରୟୋଜନ ହେଲେ ସେ ଦରିଦ୍ର ଭାବରେ ଜୀବନ ଯାପନ କରିପାରେ, ଅଥଚ କୌଣସି ଅଭାବବୋଧ ତାକୁ ସ୍ପର୍ଶ କରେ ନାହିଁ, ତା'ର ଅନ୍ତରରେ ଭାଗବତ ଚେତନାର ଅବାଧ ଲୀଳାକୁ ବ୍ୟାହତ କରେ ନାହିଁ; ଧନୀ ପରି ଯଦି ଜୀବନ ଯାପନ କରିବାକୁ ହୁଏ, ତାହାହିଁ ସେ କରିପାରେ, କିନ୍ତୁ ମୁହୂର୍ତ୍ତକ ପାଇଁ ଧନର ବାସନା ବା ଆସକ୍ତିର ଅଧୀନ ହୋଇପଡ଼େ ନାହିଁ, ଅଥବା ଯେଉଁସବୁ ଜିନିଷ ସେ ବ୍ୟବହାର କରେ ତହିଁରେ ଆସକ୍ତ ହୋଇ ରହେ ନାହିଁ, ଅସଂଯତ ପ୍ରବୃତ୍ତିର ଦାସ ହୁଏ ନାହିଁ, କିଂବା ଅର୍ଥ ରହିଲେ ଯେଉଁସବୁ ଅଭ୍ୟାସର ସୃଷ୍ଟି ହୁଏ ତହିଁରେ ଅବଶ ବା ଅସହାୟତୁଲ୍ୟ ଆବଦ୍ଧ ହୁଏ ନାହିଁ । ଭାଗବତ ଇଚ୍ଛା ଓ ଭାଗବତ ଆନନ୍ଦହିଁ ତା'ର ସର୍ବସ୍ୱ ।

ଅତିମାନସ ସୃଷ୍ଟିରେ ଅର୍ଥବଳକୁ ଭାଗବତୀ ଶକ୍ତିଙ୍କ ନିକଟକୁ ଫେରାଇ ଆଣିବାକୁ ହେବ – ମା ଭଗବତୀ ତାଙ୍କର ଦିବ୍ୟ ଓ ସୃଜନଶୀଳ ଦୃଷ୍ଟିରେ ଯେପରି ଭାବରେ ନିର୍ଦ୍ଧାରିତ କରିଛନ୍ତି ସେହି ଅନୁସାରେ ଏକ ନୂତନ ଦିବ୍ୟପ୍ରାଣ, ଦିବ୍ୟ-ଶରୀରକୁ ସତ୍ୟ, ସୁନ୍ଦର, ସୁସମଞ୍ଜସ ଉପଚାରରେ ଓ ସୁନିୟମରେ ଗଢ଼ିବା ନିମିତ୍ତ ଅର୍ଥକୁ ବ୍ୟବହାର କରିବାକୁ ହେବ । କିନ୍ତୁ ଏହା ପୂର୍ବରୁ ପ୍ରଥମେ ଦରକାର ହେଲା, ମା'ଙ୍କ ନିମିତ୍ତ ଧନକୁ ଜୟ କରି ନେଇ ଆସିବା । ଆଉ ଜୟ କରିବାର ସାମର୍ଥ୍ୟ ସେହିମାନଙ୍କର ସକଳଙ୍କ ଅପେକ୍ଷା ଅଧିକ ଯେଉଁମାନଙ୍କ ପ୍ରକୃତି ମଧ୍ୟରେ ଏହି ଅଂଶଟି ସବଳ, ଉଦାର, ଅହଂକାରନିର୍ମୁକ୍ତ, ଦାବିଶୂନ୍ୟ ଏବଂ ନିଃଶେଷରେ ନିଃସଙ୍କୋଚରେ ସମର୍ପିତ – ଯେଉଁମାନେ ଶକ୍ତିର ବିଶୁଦ୍ଧ ବୀର୍ଯ୍ୟବାନ୍ ଯନ୍ତ୍ର ।

('ମା' ବହି ପୃଷ୍ଠା : ୧୯-୨୧) — ଶ୍ରୀଅରବିନ୍ଦ

অন্তরাল জগত্

# ଚାରିଗୋଟି ବଡ଼ ଅସୁର

## ଶ୍ରୀମା

*ପ୍ରଶ୍ନ : ସେମାନଙ୍କୁ (ବିରୋଧିସତ୍ତାଙ୍କୁ) ପରିବର୍ତ୍ତନ କରିବା ଅପେକ୍ଷାକୃତ ଉତ୍ତମ ହୁଅନ୍ତା ନାହିଁ କି ?*

ଶ୍ରୀମା : ହେ ମୋର ସନ୍ତାନ, ନିଶ୍ଚିତରୂପେ ଏହା ଅପେକ୍ଷାକୃତ ଉତ୍ତମ, ଯଥେଷ୍ଟ ଉତ୍ତମ ହୁଅନ୍ତା । କିନ୍ତୁ ତା'ପରେ ... ...

ଏହା ଏପରି ଗୋଟିଏ ରାଜ୍ୟ ଯାହା ସମ୍ବନ୍ଧରେ ମୋର ପୂର୍ଣ୍ଣ ଅଭିଜ୍ଞତା ରହିଛି । ୪୦ ବର୍ଷ ଧରି ଅବିରତ ଉଦ୍ୟମ କରିବା ପରେ ମୁଁ ଜାଣି ପାରୁଛି ଯେ ଯଦି କେହି ବାସ୍ତବିକ ନିଜେ ଆନ୍ତରିକଭାବେ ଚେଷ୍ଟା ନ କରନ୍ତି, ତେବେ ତାଙ୍କୁ ପରିବର୍ତ୍ତନ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଯଦି ଜଣେ ପୂର୍ଣ୍ଣ ଆନ୍ତରିକତା ସହ ଏହି କାର୍ଯ୍ୟ କରିବା ପାଇଁ ମନୋନିବେଶ ନ କରନ୍ତି, ଅବଶ୍ୟ ମୁଁ ୪୦ ବର୍ଷ ଧରି ଚେଷ୍ଟା କରିଛି, କେହି ୧୪୦ ବର୍ଷ ଧରି ମଧ୍ୟ ଏଦିଗରେ ଚେଷ୍ଟା କରିପାରନ୍ତି, କିନ୍ତୁ ସେହି ଏକା କଥା ହେବ – ସେ କେବେ ଅଗ୍ରସର ହୋଇ ପାରିବେ ନାହିଁ । ନିଜ ବିଷୟରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବା ଏ ପ୍ରକାର ସତ୍ତାମାନଙ୍କର ସ୍ୱଭାବ । ସେମାନେ ଇଚ୍ଛା କରନ୍ତି ନାହିଁ, ସେମାନଙ୍କର ପରିବର୍ତ୍ତନ ହେବା ଦିଗରେ ଆଦୌ ଆଗ୍ରହ ନ ଥାଏ । ବର୍ତ୍ତମାନ ମଧ୍ୟ ପୃଥିବୀ ସହିତ ସଂପୃକ୍ତ ଥିବା ସତ୍ତାମାନଙ୍କ ମଧ୍ୟରେ ଯେଉଁ ଆସୁରିକ ଶକ୍ତିମାନେ କାର୍ଯ୍ୟ କରୁଛନ୍ତି ସେମାନଙ୍କ ଭିତରୁ ଯିଏ ସବୁଠାରୁ ବଡ଼, ଯିଏକି ହେଉଛି ମିଥ୍ୟାଚାରର ଅସୁର, ଯିଏ ନିଜକୁ 'ରାଷ୍ଟ୍ରମାନଙ୍କର ପ୍ରଭୁ' ବୋଲି କହୁଛି । ସେ ଏକ ସୁନ୍ଦର ନାମ ନେଇଛି, ଅର୍ଥାତ୍ ସେ ହେଉଛି 'ରାଷ୍ଟ୍ରମାନଙ୍କର ପ୍ରଭୁ' – ଯେଉଁଠାରେ କିଛି ଅସୁବିଧା ସୃଷ୍ଟି ହେଉଛି ସେଠାରେ ସେ ନିଜେ କିଂବା ତା'ର ଜଣେ ପ୍ରତିନିଧି ଥାଏ । ଏହା ମଧ୍ୟ ନିଶ୍ଚିତ ଯେ ଅତି ଶୀଘ୍ର ସେହି ସମୟ ଆସି ଯାଉଛି ଯେତେବେଳେ କି ତା' ପାଇଁ ସବୁକିଛି ଶେଷ ହୋଇଯିବ, ଅର୍ଥାତ୍ ସେ ଅଦୃଶ୍ୟ ହୋଇଯିବ । କିନ୍ତୁ ସେ ସ୍ପଷ୍ଟ ଭାବରେ ଘୋଷଣା କରୁଛି ଯେ ଅଦୃଶ୍ୟ ହେବା ପୂର୍ବରୁ ସେ ଯାହାପାରେ ସବୁକିଛି ନଷ୍ଟ କରିଦେବ । ପ୍ରକୃତରେ ଯଦି ତା' ସହିତ ଅନ୍ୟସବୁ କିଛି ଅଦୃଶ୍ୟ ନହୁଏ, ତେବେ ସେ ନିଜେ ଅଦୃଶ୍ୟ ହେବାକୁ ହୃଦୟର ସହିତ ଇଚ୍ଛା କରେ ନାହିଁ । ଦୁର୍ଭାଗ୍ୟବଶତଃ ଏହା ସମ୍ଭବ ନୁହେଁ । କିନ୍ତୁ ତା'ର ସବୁ ବଳ ଖଟାଇ ସେ ଚାହେଁ ଯେତେ ପାରିବ ସେ ସମସ୍ତ ନଷ୍ଟ କରିବ, ଭାଙ୍ଗିଦେବ, ଚୂର୍‌ମାର୍ କରିଦେବ, ବିକୃତ କରିଦେବ – ଏହା ନିଶ୍ଚିତ । ତା'ପରେ ଏହାର ହେବ ପତନ । ସେ ଏହି ସର୍ତ୍ତରେ ପତନକୁ ଗ୍ରହଣ କରେ । ତା'ର ଯେ ପରିବର୍ତ୍ତନ ହୋଇପାରିବ, ଏକଥା ତା' ମସ୍ତିଷ୍କରେ ପ୍ରବେଶ କରେ ନାହିଁ । ଏହା ହେଲେ ସେତେବେଳେ ସେ ଆଉ 'ସେ' ହୋଇ ରହିବ ନାହିଁ, ତୁମେ କ'ଣ ତାହା ଦେଖିପାରୁ ନାହଁ, ସେ ଯାହା ଥିଲା, ତାହା ହୋଇ ଆଉ ରହିବ ନାହିଁ ।

ଏକ ମାନବ ସତ୍ତା ଏବଂ ପ୍ରାଣ ଜଗତର ଏହିସବୁ ସତ୍ତାମାନଙ୍କ ମଧ୍ୟରେ ବେଶ୍ ପ୍ରଭେଦ ରହିଛି । ମୁଁ ତୁମକୁ ଏହା ଅନେକ ବାର କହିଛି, ବର୍ତ୍ତମାନ ମୁଁ ପୁଣି ତା'ର ପୁନରାବୃତ୍ତି କରିବାକୁ ଯାଉଛି ।

ମାନବସତ୍ତା ମଧ୍ୟରେ ଯେଉଁ ଭଗବତ୍ ଉପସ୍ଥିତି ଏବଂ ଚୈତ୍ୟସତ୍ତା ରହିଛି ପ୍ରାଥମିକ ଅବସ୍ଥାରେ ତାହା ଭ୍ରୂଣ ଭାବରେ ଥାଏ, କିନ୍ତୁ ଶେଷରେ ପୂର୍ଣ୍ଣରୂପେ ତିଆରି ହୋଇଥିବା ଏକ ସତ୍ତା ହୁଏ ଯେକି ସଚେତନ, ସ୍ୱତନ୍ତ୍ର ଏବଂ ବ୍ୟକ୍ତିତ୍ୱ-ସମ୍ପନ୍ନ ହୋଇଥାଏ । ପ୍ରାଣଜଗତରେ ଏପରି ହୋଇ ନଥାଏ । ଜଡ଼ରେ ଏବଂ ପୃଥିବୀ ଉପରେ ବାସ କରୁଥିବା ମାନବସତ୍ତାମାନଙ୍କୁ ଏହି ସ୍ୱତନ୍ତ୍ର କୃପା ଦିଆଯାଇଛି । ଏବଂ ଏହି କାରଣରୁ ଏପରି କୌଣସି ମାନବସତ୍ତା ନାହିଁ ଯେକି ଇଚ୍ଛା କଲେ ପରିବର୍ତ୍ତିତ ହୋଇ ପାରିବ ନାହିଁ; ଅର୍ଥାତ୍ ତା'ର ଇଚ୍ଛା କରିବାର ସମ୍ଭାବନା ଅଛି ଏବଂ ସେ ଯେଉଁ ମୁହୂର୍ତ୍ତରେ ଇଚ୍ଛା କରିବ ଏହା ସେ କରିପାରେ । ସେ ଇଚ୍ଛା କରିବା ସଙ୍ଗେ ସଙ୍ଗେ ନିଶ୍ଚୟ କୃତକାର୍ଯ୍ୟ ହେବ । ଯେହେତୁ ପ୍ରାଣ-ଜଗତରେ ଥିବା ସତ୍ତାମାନଙ୍କ ଭିତରେ ଚୈତ୍ୟସତ୍ତା ନଥାଏ, ସେମାନଙ୍କର ସିଧାସଳଖ ଭଗବତ୍ ଉପସ୍ଥିତି ନଥାଏ (ପ୍ରକୃତରେ ପ୍ରାରମ୍ଭରେ ସେମାନେ ସିଧାସଳଖ ଭଗବାନଙ୍କଠାରୁ ଆସିଥିଲେ କିନ୍ତୁ ତାହା ଥିଲା କେବଳ ପ୍ରାରମ୍ଭରେ, ଯାହାକି ବହୁତ ଦୂରରେ ରହିଲାଣି) । ସେମାନଙ୍କ ଭିତରେ ଥିବା ଭଗବାନଙ୍କ ସହିତ ତାଙ୍କର ସମ୍ପର୍କ ନଥାଏ, ସେମାନଙ୍କର ଚୈତ୍ୟସତ୍ତା ନଥାଏ ।

ସେମାନେ ଯଦି ପରିବର୍ତ୍ତିତ ହୁଅନ୍ତି ସେମାନଙ୍କର ଆଉ କିଛି ପତ୍ତା ରହିବ ନାହିଁ ! କାରଣ ସେମାନେ ସମ୍ପୂର୍ଣ୍ଣରୂପେ ବିପରୀତ ସ୍ପନ୍ଦନ ଦ୍ୱାରା ଗଠିତ; ସେମାନେ ବ୍ୟକ୍ତିଗତ ଆତ୍ମ-ଦୃଢ଼ୋକ୍ତିସମ୍ପନ୍ନ ତଥା ନିରଙ୍କୁଶ କ୍ଷମତାସମ୍ପନ୍ନ ଓ ମୂଳସତ୍ତାରୁ ବିଚ୍ଛିନ୍ନ ହୋଇ ତିଆରି ହୋଇଥା'ନ୍ତି । ଏବଂ ଯାହାକିଛି ପବିତ୍ର, ସୁନ୍ଦର, ଉଦାର ତା' ପ୍ରତି ସେମାନଙ୍କର ଘୃଣା ରହିଥାଏ । ମଣିଷ ଭିତରେ ଏପରିକି ସବୁଠାରୁ ନିକୃଷ୍ଟ ମଣିଷ ଭିତରେ ଯେଉଁ ମୌଳିକ ଚୈତ୍ୟିକ ଉପାଦାନ ଥାଏ ଯାହା ତାକୁ ସୁନ୍ଦର ଏବଂ ପବିତ୍ର ପଦାର୍ଥକୁ ସମ୍ମାନ ଦେବାରେ ସାହାଯ୍ୟ କରେ, ସେମାନଙ୍କର ତାହା ନଥାଏ । ସବୁଠାରୁ ନୀଚ ସ୍ୱଭାବ ବିଶିଷ୍ଟ ବ୍ୟକ୍ତି ମଧ୍ୟ ତା'ର ସମସ୍ତ ନୀଚତା ସତ୍ତ୍ୱେ ଯାହାକିଛି ପବିତ୍ର, ଉଦାର ଓ ସୁନ୍ଦର ତାହାକୁ ନିଜର ଇଚ୍ଛା ବିରୋଧରେ ସମ୍ମାନ ଜଣାଇଥାଏ । କିନ୍ତୁ ପ୍ରାଣଜଗତର ସତ୍ତାମାନଙ୍କର ତାହା ନଥାଏ । ସେମାନେ ସମ୍ପୂର୍ଣ୍ଣରୂପେ ଅପର ପାର୍ଶ୍ୱରେ ଥାଆନ୍ତି, ସମ୍ପୂର୍ଣ୍ଣରୂପେ ଅନ୍ୟ ପାର୍ଶ୍ୱରେ ଥାଆନ୍ତି । ଏହା ସବୁପ୍ରକାରେ ସେମାନଙ୍କୁ ବିରକ୍ତ କରାଏ । ତାଙ୍କ ପାଇଁ ଏସବୁ ଏପରି ଜିନିଷ ଯାହାକୁ ସ୍ପର୍ଶ କରିବା କଥା ନୁହେଁ, କାରଣ ଏହା ଧ୍ୱଂସ କରେ; ଏହା ଦ୍ୱାରା ସେମାନେ ଅଦୃଶ୍ୟ ହୋଇଯିବେ । ସଦିଚ୍ଛା, ଆନ୍ତରିକତା, ପବିତ୍ରତା ଏବଂ ସୌନ୍ଦର୍ଯ୍ୟ ଏଭଳି ଜିନିଷ ଯାହାଦ୍ୱାରା ସେମାନେ ଅଦୃଶ୍ୟ ହୋଇଯିବେ । ତେଣୁ ସେମାନେ ଏସବୁକୁ ଘୃଣା କରନ୍ତି ।

ବର୍ତ୍ତମାନ ମୁଁ ଜାଣିପାରୁ ନାହିଁ କି ଉପାୟରେ ସେମାନଙ୍କୁ ପରିବର୍ତ୍ତନ କରିହେବ । କେଉଁ କ୍ଷେତ୍ରରୁ ଏଥିପାଇଁ ସମର୍ଥନ ମିଳିବ ? ଏପରିକି ସବୁଠାରୁ ବିରାଟ କ୍ଷେତ୍ରରେ ମଧ୍ୟ ମୁଁ ତାହା ଖୋଜି ପାଉ ନାହିଁ । ଅର୍ଥାତ୍ ପୃଥିବୀପୃଷ୍ଠରୁ ଘୃଣା ନଯିବା ପର୍ଯ୍ୟନ୍ତ ଏମାନଙ୍କ ଭିତରୁ କେତେକ ସତ୍ତା ଅଦୃଶ୍ୟ ହେବେ ନାହିଁ ... ... ଏହାକୁ ଅନ୍ୟପ୍ରକାର କୁହାଯାଇପାରେ । ଏହା ହେଲା – ସେହିସବୁ ସତ୍ତା ନଷ୍ଟ ହେଲେ ପୃଥିବୀପୃଷ୍ଠରୁ ଘୃଣା ଚାଲିଯିବ । କିନ୍ତୁ ମୁଁ ବର୍ତ୍ତମାନ ଯେଉଁ କାରଣ କଥା କହିଲି – ଅନ୍ଧକାର ସ୍ଥାନରେ ଆଲୋକର ଉତ୍ପତ୍ତି ପାଇଁ, କୁତ୍ସିତତା ପରିବର୍ତ୍ତେ ସୌନ୍ଦର୍ଯ୍ୟ ଆଣିବା ପାଇଁ, ଅସତ୍‌କୁ ସତ୍‌ରେ ପରିଣତ କରିବା କ୍ଷମତା ମଣିଷର ରହିଛି କିନ୍ତୁ ଅସୁରର ନାହିଁ । ଅତଏବ ମଣିଷକୁହିଁ ସେ କାର୍ଯ୍ୟ କରିବାକୁ ପଡ଼ିବ । ମଣିଷହିଁ ପରିବର୍ତ୍ତିତ ହେବ । ସେହିଁ ପୃଥିବୀକୁ ରୂପାନ୍ତର କରିବ । ସେହିଁ ଅସୁରଙ୍କୁ ଅନ୍ୟ ଜଗତକୁ ଚାଲିଯିବା ପାଇଁ କିଂବା ବିଲୀନ ହେବା ପାଇଁ ବାଧ୍ୟ କରିବ । ତା'ପରେ ସବୁକିଛି ଶାନ୍ତ ହେବ । ଏଇ ହେଲା କଥା । ୧୦ ଜୁନ୍ ୧୯୫୩

(M.C.W., Vol. 5, P. 98-100)

*

*ପ୍ରଶ୍ନ : ଅସୁର ଭିତରୁ ଯଦି ଭଗବାନ୍ ନିଜକୁ ପ୍ରତ୍ୟାହାର କରିନିଅନ୍ତି ତେବେ ଅସୁର ଧ୍ୱଂସ ପାଇଯିବ – ନୁହେଁ କି ? – ତାହାହେଲେ ଅସୁରମାନଙ୍କ ଭିତରେ ଥିବା ଭଗବାନଙ୍କର କି ଅବସ୍ଥା ହେବ ?*

**ଶ୍ରୀମା** : ମୁଁ ଏପରି ଲୋକଙ୍କୁ ଜାଣେ ଯେଉଁମାନେ କି ସେମାନଙ୍କର ଚୈତ୍ୟସତ୍ତାକୁ ପରିତ୍ୟାଗ କରିଛନ୍ତି ଏବଂ ତଥାପି ସେମାନେ ବଞ୍ଚି ରହିଛନ୍ତି । ଯୁକ୍ତିଛଳରେ କହିବାକୁ ଗଲେ ଚୈତ୍ୟସତ୍ତା ବିନା ଏକ ମାନବ ସତ୍ତାର ମୃତ୍ୟୁ ହୋଇଥାଏ । ତଥାପି ସେମାନେ ବଞ୍ଚିରହନ୍ତି । ଜଗତରେ ଥିବା ଏହି ଆସୁରିକ ଶକ୍ତିମାନଙ୍କୁ ସମ୍ପୂର୍ଣ୍ଣରୂପେ ନିଶ୍ଚିହ୍ନ କରିବା ପାଇଁ ସମ୍ଭବତଃ ଏହା ଆବଶ୍ୟକ ହୋଇପାରେ ଯେ ଭଗବାନଙ୍କୁ ତାଙ୍କର ସମସ୍ତ ସୃଷ୍ଟିକୁ ନିଜ ଭିତରକୁ ଫେରାଇ ଆଣିବାକୁ ପଡ଼ିବ । କାରଣ ଏହି ଆସୁରିକ ଶକ୍ତିମାନେ ସୃଷ୍ଟିର ଉତ୍ପତ୍ତି ସମୟରୁହିଁ ଅଛନ୍ତି ।

*ପ୍ରଶ୍ନ : ଯଦି ଭଗବାନ୍ ନିଜ ଭିତରକୁ ନିଜେ ଫେରି ନ ଆସନ୍ତି ତେବେ ରୂପାନ୍ତର ତ ହୋଇ ପାରିବ ନାହିଁ ?*

**ଶ୍ରୀମା** : ସେକଥା କାହିଁକି ? ତାହା ତ ହେବ ପ୍ରଳୟ ! ଏହା ରୂପାନ୍ତର ନୁହେଁ, ଏହା ପୃଥିବୀର ବିଲୟ । କୁହାଯାଇ ଥାଏ ଯେ ଅତୀତରେ ଛଅ ଥର ସୃଷ୍ଟି ହୋଇଥିଲା । ଅର୍ଥାତ୍ ବିଶ୍ୱର ହୋଇଥିଲା ଛଅ ଥର ବାହ୍ୟପ୍ରକାଶ ଏବଂ ଛଅ ଥରଯାକ ବିଶ୍ୱ ପଛକୁ ଫେରିଯାଇଥିଲା । ଏହା ଧର୍ମପୁସ୍ତକମାନଙ୍କରେ ବର୍ଣ୍ଣନା କରାଯାଇଛି । ତୁମେ ଏ କଥା ଜାଣିଛ – ଭଗବାନଙ୍କ ଆଡ଼କୁ ଏହା ଫେରିଯାଇଥିଲା । କିନ୍ତୁ କୁହାଯାଇଛି ଏଥର ହେଉଛି ଶେଷ । ଅବଶ୍ୟ ଏହା ସ୍ପଷ୍ଟତଃ ଶେଷ । କିନ୍ତୁ ଏହା ପୂର୍ଣ୍ଣ ସମାପ୍ତି ନୁହେଁ । ତା'ର କାରଣ ହେଲା ସୃଷ୍ଟିରେ କିଛି ଅଭାବ ରହିଯାଉଥିଲା ଏବଂ ତା'କୁ ଫେରାଇ ଅଣାଯାଇ ପୁଣିଥରେ ତିଆରି କରାଯାଉଥିଲା । ଏବଂ ଏହା କୁହାଯାଇଥାଏ ଯେ ଆମର ବର୍ତ୍ତମାନ ସୃଷ୍ଟି ହେଉଛି ସପ୍ତମ, ଏବଂ ସପ୍ତମ ହୋଇଥିବାରୁ ଏହା ହେଉଛି ପ୍ରକୃତ ସୃଷ୍ଟି, ଅର୍ଥାତ୍ ଏହା ଶେଷ ସୃଷ୍ଟି, ଏହାକୁ ଆଉ ପୁଣିଥରେ ଫେରାଇ ନିଆଯିବ ନାହିଁ । ଏହା ରୂପାନ୍ତର ହେବାରେ ଲାଗିଥିବ ଏବଂ ଅଧିକରୁ ଅଧିକ

ପୂର୍ଣ୍ଣତା ପ୍ରାପ୍ତ ହେଉଥିବ । ତେଣୁ ତାହାକୁ ଆଉ ଫେରାଇ ନିଆଯିବ ନାହିଁ ।

*ପ୍ରଶ୍ନ : ଯାହା କୁହାଯାଇଛି, ତାହା କେତେଦୂର ସତ୍ୟ ?*

ଶ୍ରୀମା : ସେକଥା ଆମେ ପରେ ଦେଖିବା !

*ପ୍ରଶ୍ନ : କିନ୍ତୁ ଗତ ଛଅଥର ଯାକ କ'ଣ ଏହିପରି ଘଟିଥିଲା ?*

**ଶ୍ରୀମା** : ପ୍ରଥମ ଛଅ ଥର, ହଁ ଏହା ସତ୍ୟ । ଏପରିକି ତା'ର କ୍ରମ ମଧ୍ୟ ଦିଆଯାଇଛି, ଯେଉଁ କ୍ରମ ଅନୁସାରେ... ... କାରଣ ପ୍ରତ୍ୟେକ ସୃଷ୍ଟି କେତେକ ବିଶେଷତ୍ୱ ନେଇ ତିଆରି ହୋଇଛି । ଏବଂ ଏହି ବିଶେଷତ୍ୱମାନଙ୍କର କ୍ରମ ଦିଆଯାଇଛି । ମୁଁ ସେସବୁ ଜାଣେ, ମୁଁ ତାହା କେଉଁଠାରେ ଲେଖିଛି । କିନ୍ତୁ ସେସବୁ ବର୍ତ୍ତମାନ ମୋ ପାଖରେ ନାହିଁ । ତେଣୁ ମୁଁ ତାହା ତୁମକୁ ଦେଇପାରିବି ନାହିଁ । କାରଣ ମୁଁ ଭୁଲ୍ କରିପାରେ । କିନ୍ତୁ ଦିନେ ମୁଁ ତୁମକୁ ଦେଖାଇ ପାରିବି ଯେଉଁ କାଗଜରେ ତାହା ଲେଖାହୋଇଛି । ମୁଁ ଯାହା ଜାଣିଛି ଏହି ଥର ଯେଉଁ ସୃଷ୍ଟି ହୋଇଛି ତାହା ସାମ୍ୟ ଉପରେ ପ୍ରତିଷ୍ଠିତ । କିନ୍ତୁ ଏହା ଏକ ବିଶେଷ ପ୍ରକାରର ସମତା, କାରଣ ଏହା ହେଉଛି ଏକ ପ୍ରଗତିଶୀଳ ସମତା । ଏହା ଏକ ସ୍ଥାଣୁ ସମତା ନୁହେଁ, ଏହା ହେଉଛି ବର୍ତ୍ତମାନ ସୃଷ୍ଟିର ଗୁଣ । ଏହା ହେଉଛି ସମତା, ସେଥିପାଇଁ କୁହାଯାଇଛି ଯେ ଏହି ସୃଷ୍ଟିରେ ଯଦି ପ୍ରତ୍ୟେକ ଜିନିଷ ଉପଯୁକ୍ତ ସ୍ଥାନରେ, ଠିକ୍ ସାମଞ୍ଜସ୍ୟ ରକ୍ଷା କରି ରହିଥିବ ତେବେ ଆଉ କିଛି ଅନିଷ୍ଟ ହେବ ନାହିଁ । ଅନିଷ୍ଟ ଅର୍ଥ କଣ ? — ଏହା ହେଉଛି ସାମ୍ୟ ଅବସ୍ଥାରେ ନ ଥିବା ଅବସ୍ଥା । ଏପରି କିଛି ନାହିଁ ଯାହାକି ନିଜ ଗୁଣ ଯୋଗୁଁ ମନ୍ଦ, କେବଳ ଏହାର ସ୍ଥାନ ଯାହାକି ଭୁଲ୍ ଅର୍ଥାତ୍ ଯାହାକି ଉଚିତ ସ୍ଥାନରେ ନାହିଁ ।

*ପ୍ରଶ୍ନ : ତାହାହେଲେ ଅସୁରମାନଙ୍କର ସ୍ଥାନ କେଉଁଠାରେ ?*

ଶ୍ରୀମା : ସେମାନଙ୍କୁ ଭଗବାନଙ୍କ ନିକଟକୁ ଫେରାଇ ନେବା । ଚାରୋଟି ବଡ଼ ବଡ଼ ଅସୁର ଥିଲେ । ସେହି ଚାରୋଟିଙ୍କ ମଧ୍ୟରୁ ଦୁଇ ଜଣଙ୍କର ପରିବର୍ତ୍ତନ ହୋଇଛି । ସେମାନେ ଭଗବତ୍ କାର୍ଯ୍ୟରେ ଅଂଶ ଗ୍ରହଣ କରୁଛନ୍ତି । ଅନ୍ୟ ଦୁଇଜଣ କିନ୍ତୁ ଭଲ ଭାବରେ ନିଜର ଅସୁରତ୍ୱକୁ ଜାବୁଡ଼ି ଧରିଛନ୍ତି । ସେମାନେ କେତେଦିନ ପର୍ଯ୍ୟନ୍ତ ଏପରି ଜାବୁଡ଼ି ଧରିବେ ଆମେ ସେକଥା ଦେଖିବା । ତାହାହେଲେ ସେମାନଙ୍କର ବାଛିବାର କଥା — ସେମାନେ ସମଷ୍ଟି ମଧ୍ୟରେ ପୂରା ସମତା ରକ୍ଷାକରି ପରିବର୍ତ୍ତିତ ହୋଇ ସ୍ଥାନ ଗ୍ରହଣ କରିବେ, ନଚେତ୍ ଯେଉଁଠାରୁ ସେମାନଙ୍କର ଉତ୍ପତ୍ତି ହୋଇଥିଲା ସେହିଠାରେ ଲୀନ ହୋଇ ମିଳେଇ ଯିବେ ।

ତାଙ୍କ ଭିତରୁ ଜଣେ ପ୍ରାୟ ପରିବର୍ତ୍ତିତ ହେବାକୁ ଚେଷ୍ଟା କରିଥିଲା । ମାତ୍ର ସେ କୃତକାର୍ଯ୍ୟ ହୋଇପାରିଲା ନାହିଁ । ଯେତେବେଳେ ଏହା ହେବାକୁ ଥିଲା ତାହା ତାକୁ ସମ୍ପୂର୍ଣ୍ଣ ଅପ୍ରୀତିକର ବୋଧ ହେଲା । ତେଣୁ ସେ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ସେହି ପରିବର୍ତ୍ତନକୁ ଘୁଞ୍ଚାଇ ଦେଲା ।

ଅନ୍ୟ ଅସୁରଟି କଥା କହିବାକୁ ଗଲେ, ସେ ଚେଷ୍ଟା କରିବାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରେ । ସେ ପୃଥିବୀରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦଖଲ କରିଛି, କାରଣ ଯେଉଁମାନେ ଏହି ପରିସ୍ଥିତି ଜାଣି ନାହାନ୍ତି, ସେମାନେ ତାକୁ କହନ୍ତି 'ରାଷ୍ଟ୍ରମାନଙ୍କର ପ୍ରଭୁ' । ବାସ୍ତବିକ କିଛି ସମୟ ପୂର୍ବରୁ ମୁଁ ସେହି ଶକ୍ତିମାନଙ୍କ କଥା କହୁଥିଲି, ଯେଉଁମାନେ କି ପୃଥିବୀକୁ ଶାସନ କରୁଛନ୍ତି ଏବଂ କେବେହେଲେ ନିଜର ଶାସନକୁ ଛାଡ଼ିବାକୁ ଚାହାନ୍ତି ନାହିଁ । ଲୋକମାନେ ଏଥିରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ — ଏହା ନୁହେଁ ଯେ ଦିନେ ନା ଦିନେ ତା'ର ଶେଷ ଅବସ୍ଥା ଆସି ପହଞ୍ଚିବ ବୋଲି ସେ ଜାଣେ ନାହିଁ, କିନ୍ତୁ ତଥାପି ଯେତେଦିନ ପର୍ଯ୍ୟନ୍ତ ପାରୁଛି ସେ ସର୍ବଦା ସେହି ଦିନକୁ ଘୁଞ୍ଚାଇ ଘୁଞ୍ଚାଇ ଚାଲିଛି ।

କିନ୍ତୁ ସେମାନଙ୍କର ମାନବିକ ପରିସର ନ ଥିବାରୁ ବହୁଦିନ ପର୍ଯ୍ୟନ୍ତ ଏପରି ଭାବରେ ଚାଲିଥିବ, ନୁହେଁ କି ? ଯେତେଦିନ ପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ଏକ ମାନବିକ-ଚେତନା ତାଙ୍କ ପ୍ରଭାବର ଉତ୍ତର ଦେବା ପାଇଁ ପ୍ରସ୍ତୁତ ହୋଇ ରହିଥିବ ସେମାନେ ସେତେଦିନ ପର୍ଯ୍ୟନ୍ତ ରହିବେ । ତେଣୁ ତୁମେ ବର୍ତ୍ତମାନ ସମସ୍ୟାଗୁଡ଼ିକୁ ଅନୁମାନ କରିପାରୁଥିବ ! ବର୍ତ୍ତମାନ ସେମାନେ ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ନୁହେଁ, ରାଷ୍ଟ୍ର ମାଧ୍ୟମରେ ତାଙ୍କର ପ୍ରଭାବକୁ ଜାହିର କରୁଛନ୍ତି । [... ...]

ଏହି ଚାରି ଅସୁରଙ୍କର ମୂଳ ଉତ୍ପତ୍ତି କେଉଁଠାରୁ ହୋଇଛି ତୁମେ ତାହା ଜାଣିଛ କି ? [... ...]

*ପ୍ରଶ୍ନ : ଆପଣ କହିଥିଲେ ଚାରିଗୋଟି ଦିବ୍ୟଶକ୍ତି ଅଛି : ପ୍ରେମ, ଆଲୋକ, ସତ୍ୟ ଏବଂ [... ...] ଜୀବନ [... ...] ତା' ପରବର୍ତ୍ତୀ ଅବସ୍ଥାରେ ଏହି ଚାରୋଟି ଶକ୍ତି ଭଗବାନଙ୍କଠାରୁ ପୃଥକ୍ ହୋଇଗଲେ ଏବଂ ମିଥ୍ୟାରେ ପରିଣତ ହେଲେ ... ...*

**ଶ୍ରୀମା** : ହଁ, ଏହା ସେହିପରି କିଛି ! ଏହା ସେହିପରି

କିଛି ! ଆଲୋକ କିଂବା ଚେତନା, ଆନନ୍ଦ କିଂବା ପ୍ରେମ, ଜୀବନ ଏବଂ ସତ୍ୟ ।

ତାହାପରେ ଆଲୋକ କିଂବା ଚେତନା ପରିଣତ ହେଲା ଅନ୍ଧକାର ଏବଂ ନିଶ୍ଚେତନାରେ । ପ୍ରେମ ଏବଂ ଆନନ୍ଦ ହେଲା – ଘୃଣା ଏବଂ ଯନ୍ତ୍ରଣା, ସତ୍ୟ ହେଲା ମିଥ୍ୟା ଏବଂ ଜୀବନ ହେଲା ମୃତ୍ୟୁ । ହଁ, ଏହା ହେଲା ପ୍ରଥମ ଦୁଇ ... କିନ୍ତୁ ସେହି ଅବସ୍ଥାରେ ନୁହେଁ । ପ୍ରଥମଟି ପରିବର୍ତ୍ତିତ ହୋଇ କାର୍ଯ୍ୟକରେ, କିନ୍ତୁ ସେ ଏକ ମାନବ ଶରୀର ଗ୍ରହଣ କରିବା ପାଇଁ ଅସ୍ୱୀକାର କରିଥାଏ । ସେ କହେ – ତା' କାର୍ଯ୍ୟରେ ଏହା ଏକ ବାଧା ସ୍ୱରୂପ; ସମ୍ଭବତଃ ଦିନେ ନା ଦିନେ ସେ ଏକ ମାନବ ଶରୀର ଧାରଣ କରିବ, କିନ୍ତୁ ବର୍ତ୍ତମାନ ପାଇଁ ସେ ଅଗ୍ରାହ୍ୟ କରୁଛି । ଦ୍ୱିତୀୟଟି ପରିବର୍ତ୍ତିତ ହୋଇଅଛି ଏବଂ ତା' ସ୍ୱେଚ୍ଛାରେ ଲୀନ ହୋଇଯାଇଛି । ସେ ତା' ନିଜ ଉତ୍ପତ୍ତିସ୍ଥଳରେହିଁ ଲୀନ ହୋଇଯାଇଛି । ଏବଂ ଶେଷ ଦୁଇଜଣ ଭଲ ଭାବରେ ନିଜର ପୁରୁଣା ସତ୍ତାକୁ ଜାବୁଡ଼ି ଧରିଛନ୍ତି ।

ସେମାନଙ୍କ ଭିତରୁ 'ମୃତ୍ୟୁ' ରୂପ ଗ୍ରହଣ କରିବା ପାଇଁ ଚେଷ୍ଟା କରିଥିଲା । କିନ୍ତୁ ସେ ପରିବର୍ତ୍ତିତ ହୋଇପାରିଲା ନାହିଁ । ସେ ଯେ ଶରୀର ଧାରଣ କରିବାକୁ ଚେଷ୍ଟା କରୁଥିଲା – ଏହା କ୍ୱଚିତ୍ ଦେଖା ଯାଇଥାଏ । ଏହା ଥିଲା ଆଂଶିକ ଭାବରେ, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ଶରୀର ଧାରଣ କରିବା ନୁହେଁ । ପୂର୍ଣ୍ଣ ଶରୀର ଧାରଣ ସେମାନଙ୍କ ପକ୍ଷରେ କଷ୍ଟସାଧ । କାରଣ ମାନବ ଶରୀର ଖୁବ୍ କ୍ଷୁଦ୍ର, ମାନବ ଚେତନା ମଧ୍ୟ ଖୁବ୍ କ୍ଷୁଦ୍ର ।

ଅନ୍ୟଟି ସମ୍ପର୍କରେ କହିବାକୁ ଗଲେ ତା'ଠାରୁ ଆସୁଥିବା ଶକ୍ତି କେତେକ ମାନବ ଶରୀରରେ ବେଶ୍ କ୍ରିୟାଶୀଳ । ପୃଥିବୀର ସାମ୍ପ୍ରତିକ ଇତିହାସରେ ସେ ଏକ ବିରାଟ ଭୂମିକା ଗ୍ରହଣ କରିଛି !

*ପ୍ରଶ୍ନ : ଅସୁରମାନେ କ'ଣ ନିଜ ନିଜ ଭିତରେ କଳହ କରନ୍ତି ନାହିଁ ?*

ଶ୍ରୀମା : ହଁ ! ହଁ ! ଆସୁରିକ ପ୍ରଭାବରେ ଥିଲେ ମଣିଷମାନେ ଯେପରି କରିଥା'ନ୍ତି ଠିକ୍ ସେହିପରି । ସେମାନେ ନିଜ ନିଜ ଭିତରେ ସବୁଠାରୁ ଅଧିକ ଶତ୍ରୁତା କରିଥା'ନ୍ତି । ଆମେ ନିଶ୍ଚୟ କହିବା ଏହା ଏକ ଆଶୀର୍ବାଦ, କାରଣ ଯଦି ସେମାନଙ୍କ ଭିତରେ ବୁଝାମଣା ଥାଆନ୍ତା, ତେବେ ଘଟଣାସବୁ ବହୁତ ଜଟିଳ ହୋଇଥା'ନ୍ତା । ବୋଧହୁଏ ଏପରି ହୋଇଛି ତା'ର କାରଣ ଏହା ହେଲା ସମତା ରକ୍ଷା କରିବାର ନିୟମ, ଯାହାକି ପୃଥିବୀକୁ ଶାସନ କରୁଛି । ସେମାନଙ୍କର ପ୍ରଭାବ ହ୍ରାସ କରିବା ପାଇଁ ଏପରି କରାଯାଇଛି । କିନ୍ତୁ ତଥାପି [... ...]

*ପ୍ରଶ୍ନ : କିନ୍ତୁ ବିରୋଧିଶକ୍ତିମାନଙ୍କ ପାଇଁ ମଣିଷ କାହିଁକି ଆକର୍ଷଣର କେନ୍ଦ୍ର ହୋଇଛି ? ସେ ତ ଏତେ ସୀମିତ !*

ଶ୍ରୀମା : ହଁ । ସେମାନେ ଅବଶ୍ୟ ସାଧାରଣତଃ କୌଣସି ଜଣେ ମଣିଷ ଉପରେ କାର୍ଯ୍ୟ କରନ୍ତି ନାହିଁ । କିନ୍ତୁ ସେମାନେ ପାର୍ଥିବ ବାତାବରଣକୁ ଅଧିକାର କରିବାକୁ ଚେଷ୍ଟା କରନ୍ତି; ବୁଝି ପାରିଲ, ଏବଂ ସେମାନେ ମଣିଷମାନଙ୍କୁ ଅଧିକାର ନକଲେ ପାର୍ଥିବ ବାତାବରଣକୁ ଅଧିକାର କରିପାରିବେ ନାହିଁ; କାରଣ ମଣିଷ ଭିତରେହିଁ ସବୁଠାରୁ ଉଚ୍ଚତମ ପାର୍ଥିବ ଶକ୍ତି ପ୍ରକାଶିତ ହେଉଅଛି । ଏକ ମାନବ ଶରୀରକୁ ପରିବର୍ତ୍ତନ କରିବା ବିଷୟ, ତାହା ବାସ୍ତବିକ ... ... ତା'ର ଉତ୍ତର ବଡ଼ ସରଳ । ତାହାର କାରଣ ହେଲା – ମଣିଷ ଭିତରେ ଏକ ଚୈତ୍ୟସତ୍ତା ରହିଛି ଏବଂ ଏପରି କୌଣସି ଅସୁର ନାହିଁ ଯେକି ଅନାଦି କାଳ ପର୍ଯ୍ୟନ୍ତ ଚୈତ୍ୟସତ୍ତାର ପ୍ରଭାବକୁ ପ୍ରତିରୋଧ କରିପାରିବ । ଯେତେଦୂର ପାରେ ସେ ସମର୍ପଣ କରି ନିଜକୁ ଘନିଷ୍ଠଭାବେ ବାନ୍ଧି ରଖିବା ପାଇଁ ପ୍ରତ୍ୟାଖ୍ୟାନ କଲେ ମଧ୍ୟ, ସେ ତାହା ପାରିବ ନାହିଁ । କାରଣ ଏହାହିଁ ହେବ ସେମାନଙ୍କର ଅସ୍ତିତ୍ୱକୁ ନିଶ୍ଚିତରୂପେ ଅସ୍ୱୀକାର କରିବା ।

୧୬ ଜୁନ୍ ୧୯୫୪

(M.C.W., Vol. 6, P. 170-74)

ଅନୁବାଦ : ଶ୍ରୀମତୀ ପ୍ରୀତି ପଟ୍ଟନାୟକ

ଭଗବାନ୍ ଚାହାନ୍ତି ନାହିଁ ଏକ ଆଂଶିକ ତଥା କ୍ଷଣସ୍ଥାୟୀ ବିଜୟ । ତାଙ୍କର ବିଜୟ ହେବାକୁ ହେବ ସମ୍ପୂର୍ଣ୍ଣ ଓ ଚିରସ୍ଥାୟୀ – ସେଥିପାଇଁ ଆମକୁ ସହିବାକୁ ଓ ଯଥାର୍ଥ ସମୟ ନ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଯାହାହେଉ, ଦିବ୍ୟବିଶ୍ୱାସ ଓ ନିର୍ଭରତା ବଳରେ ଏପରିକି ସହନଶୀଳତା ମଧ୍ୟ ସହଜ ହୋଇଉଠେ ।

– ଶ୍ରୀମା

# ସଂପାଦକୀୟ ....

''ବେଦାହମେତଂ ପୁରୁଷଂ ମହାନ୍ତମ୍
ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍
ତମେବ ବିଦିତ୍ୱାଽତିମୃତ୍ୟୁମେତି
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।''

''ସମସ୍ତ ତମୋମୟ ଅଜ୍ଞାନ ଅନ୍ଧକାରର ଅତୀତ ସୂର୍ଯ୍ୟବର୍ଣ୍ଣ ସେହି ସର୍ବବ୍ୟାପୀ ମହାନ୍ ପୁରୁଷଙ୍କୁ ମୁଁ ଜାଣେ । ତାହାଙ୍କୁ ଜାଣିବା ଦ୍ୱାରାହିଁ ମୃତ୍ୟୁକୁ ଅତିକ୍ରମ କରାଯାଏ । ପରମ ସତ୍ୟ ଜାଣିବାର ଆଉ ଅନ୍ୟ କୌଣସି ପନ୍ଥା ନାହିଁ ।'' ଶ୍ୱେତାଶ୍ୱେତର ଉପନିଷଦ୍‌ର ଏହି ଶ୍ଳୋକଟି କେଇଶହ ବା ହୁଏତ କେଇହଜାର ବର୍ଷ ତଳେ ରଚିତ ହୋଇଥିଲା । କିନ୍ତୁ ସେଦିନୁ ଆଜି ଯାଏ କେଡ଼େ କେଡ଼େ ମହାପୁରୁଷ, ଆଧ୍ୟାତ୍ମିକ ଗୁରୁ ଓ ଅବତାରମାନେ ଆସି ଆମର ଏହି ଧରାପୃଷ୍ଠକୁ ପବିତ୍ର କରି ଦେଇଗଲେ କିନ୍ତୁ ଆମ ମାନବସମାଜ ଭିତରୁ କେଇଜଣ ଦୃଢ଼ ଆତ୍ମ-ବିଶ୍ୱାସ ନେଇ କହିପାରିବେ ଯେ, ''ମୁଁ ସେହି ସର୍ବବ୍ୟାପୀ ମହାନ୍ ପୁରୁଷଙ୍କୁ ଜାଣେ...'' । ଆମେ ସେମାନଙ୍କ ସ୍ତବସ୍ତୁତି କରିଛୁ, ଗୁଣଗାନ କରିଛୁ, ସେମାନଙ୍କ ନାମରେ ଅଗଣିତ ମଠ, ମନ୍ଦିର, ଉପାସନା କେନ୍ଦ୍ର ବା ଆଧୁନିକ ରୀତିରେ ସ୍କୁଲ, କଲେଜ, ପାଠାଗାର, ଚିକିତ୍ସାଳୟ ଆଦି କେତେ ଅନୁଷ୍ଠାନ, ପ୍ରତିଷ୍ଠାନ ଗଢ଼ିଛୁ, ହୁଏତ ସେମାନଙ୍କର ଶିଷ୍ୟ, ଭକ୍ତ ବୋଲି ନିଜର ପରିଚୟ ଦେଇ ଗର୍ବ ଅନୁଭବ କରିଛୁ, ସେମାନଙ୍କ ଶିଷ୍ୟ ରୂପେ ସାଧାରଣଙ୍କ ଭିତରେ ନିଜର ଅସାଧାରଣତ୍ୱ ପ୍ରତିପାଦନ କରିବାକୁ କୁଣ୍ଠିତ ହୋଇ ନାହୁଁ, କିନ୍ତୁ ସେମାନେ ପ୍ରଦର୍ଶନ କରିଥିବା ମାର୍ଗରେ ଦୃଢ଼ ଲକ୍ଷ୍ୟ, ସଂକଳ୍ପ ଓ ଆନ୍ତରିକତା ସହ ଚାଲିବା ପାଇଁ କେତେଜଣ ଆଗେଇ ଆସିଛୁ ?

ବିଶେଷ କରି ଶ୍ରୀଅରବିନ୍ଦଙ୍କ ଭକ୍ତ, ଅନୁଗାମୀ ବୋଲି ଆତ୍ମ ପରିଚୟ ଦେଉଥିବା ଆମ ସମସ୍ତଙ୍କର ଆଜି କଠୋର ଆତ୍ମ-ଜିଜ୍ଞାସା ଓ ଆତ୍ମ-ସମୀକ୍ଷାର ସମୟ ଆସିଛି । ମାନବସମାଜର ସମଗ୍ର ଇତିହାସରେ ଏପରି ସମୟ କ୍ୱଚିତ୍ ଆସିଥାଏ ଯେତେବେଳେ ସେଇ 'ସର୍ବବ୍ୟାପୀ ମହାନ୍ ପୁରୁଷ' ଏକ ମନୁଷ୍ୟ ଦେହ ଧରି ଆମ ଭିତରକୁ ଆସି ଥାଆନ୍ତି, ଆମରି ସଙ୍ଗେ ସଙ୍ଗେ ରହି କିପରି ତାଙ୍କୁ, ଅର୍ଥାତ୍ ସେହି ସର୍ବମୟ ମହାନ୍ ପୁରୁଷଙ୍କୁ ଜାଣିବାକୁ ହୁଏ ତା'ର ମାର୍ଗ ଦେଖାଇ ଦିଅନ୍ତି, ନିଜର କର୍ମ ଓ ସାଧନା ଭିତର ଦେଇ, ତ୍ୟାଗ ଓ ତପସ୍ୟା ଭିତର ଦେଇ ସେହି ମାର୍ଗରେ କିପରି ଚାଲିବାକୁ ହୁଏ ତାହା ଦେଖାଇ ଦିଅନ୍ତି, ନିଜର ଅମୃତମୟ ଅଜସ୍ର ବାଣୀ ଓ ରଚନା ଭିତର ଦେଇ ଆମକୁ ପ୍ରାଞ୍ଜଳଭାବେ ବୁଝାଇ ଦିଅନ୍ତି ସେଇ ଲକ୍ଷ୍ୟ ଓ ପଥର ମହତ୍ତ୍ୱ, ତା'ର ଅନନ୍ତ ସମ୍ଭାବନା ଏବଂ ସେଇ ସମ୍ଭାବନାସବୁକୁ ବାସ୍ତବ ଜୀବନରେ ଗଢ଼ି ତୋଳିବାର ରହସ୍ୟ । ପ୍ରଦର୍ଶିତ ସେଇ ମାର୍ଗରେ ଚାଲିବା ପାଇଁ ଆମକୁ ଅଫୁରନ୍ତ ଉତ୍ସାହ ଓ ପ୍ରେରଣା ଦେବା ସଙ୍ଗେ ସଙ୍ଗେ ତାଙ୍କ ନିରନ୍ତର ସହାୟତାର ସେହି ପ୍ରତିଶ୍ରୁତି ଦିଅନ୍ତି ଯାହା ଉପରେ ନିର୍ଭର, ବିଶ୍ୱାସ ଓ ଭରସା ରଖିହେବ । ଏହା ଏକ ଅସାଧାରଣ ସମୟ, ଏହିପରି ଏକ ସମୟକୁ ଶ୍ରୀଅରବିନ୍ଦ ଦେବମୁହୂର୍ତ୍ତ ବୋଲି କହିଛନ୍ତି ଯେତେବେଳେ ମାତ୍ର ଅଳ୍ପ କେତେ ସମୟ ଭିତରେ ସାଧନାର ସେହି ଲକ୍ଷ୍ୟ ଲାଭରେ ଆମେ ପହଞ୍ଚି ପାରିବୁ ଯାହାକି ସାଧାରଣ ସମୟରେ ଆମକୁ ଯୁଗ ଯୁଗ ଏପରିକି ଜନ୍ମ ଜନ୍ମ ଲାଗି ଯାଇ ଥାଆନ୍ତା ।

କାଳର ପ୍ରବାହରେ ଏଇ ଦେବ-ମୁହୂର୍ତ୍ତଟି ଉଦ୍‌ଘାଟିତ ହୋଇଛି ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଦିବ୍ୟ-ଆଗମନୀ ଦ୍ୱାରା । ଭଗବତ୍ କୃପା ଓ ଶକ୍ତିର ଅବିରାମ ବାରିବର୍ଷଣ ଆମେ ପାଇଛୁ ସେଇ ଯୁଗଳ ଉପସ୍ଥିତିର ଦିବ୍ୟ-ସାନ୍ନିଧ ଲାଭକରି । ସେହି ଦିବ୍ୟ-ଉପସ୍ଥିତି ଆଜି ମଧ୍ୟ ଆମ ସଙ୍ଗେ ସଙ୍ଗେ ରହିଛି ଅଧିକରୁ ଅଧିକ ପ୍ରତ୍ୟକ୍ଷ, ଜୀବନ୍ତ ଓ ଜାଗ୍ରତ୍ ରୂପରେ । ସ୍ୱୟଂ ଶ୍ରୀମା'ଙ୍କ କହିବାନୁସାରେ ପୃଥିବୀପୃଷ୍ଠରେ ତାଙ୍କର କାର୍ଯ୍ୟଟି ସମ୍ପନ୍ନ ନ ହେବା ଯାଏ ଶ୍ରୀଅରବିନ୍ଦଙ୍କ ଦିବ୍ୟ-ଉପସ୍ଥିତି ଓ ଚେତନା ପୃଥିବୀକୁ ଛାଡ଼ି ଚାଲିଯିବ ନାହିଁ, ପୃଥିବୀ ସହ ତାହା ସଂଲଗ୍ନ ହୋଇ ରହିବ ଆମ ଚେତନାର ସବୁଠୁ ନିକଟତମ ସୂକ୍ଷ୍ମ ସ୍ତରରେ ଏବଂ ସାମାନ୍ୟ ପ୍ରଚେଷ୍ଟାରେ ଆମେ ତାହା ପ୍ରତ୍ୟକ୍ଷଭାବେ ଉପଲବ୍ଧି କରିପାରିବୁ ।

କିନ୍ତୁ ଆମେ ଏହି ସୁଯୋଗକୁ କେତେଟା ଗ୍ରହଣ କରିଛୁ ? ଏହି କୃପାସିକ୍ତ ଦେବମୁହୂର୍ତ୍ତରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର କେଇଜଣ ଭକ୍ତ ବାହାରିବେ ଯେକି ଲକ୍ଷ୍ୟପ୍ରାପ୍ତିର ଉଲ୍ଲାସ ନେଇ ଦୃଢ଼ ଅବିକମ୍ପିତ କଣ୍ଠରେ କହିବେ, ''ହଁ, ମୁଁ ସେଇ ସର୍ବବ୍ୟାପୀ ମହାନ୍ ପୁରୁଷଙ୍କୁ ଜାଣେ, ମୁଁ ଶ୍ରୀଅରବିନ୍ଦଙ୍କୁ ପ୍ରତ୍ୟକ୍ଷ ଭାବେ ଉପଲବ୍ଧି କରିଛି ।'' ଅଥଚ ଆମେ ଶ୍ରୀଅରବିନ୍ଦ ପାଠଚକ୍ର, ସମାଧି ମନ୍ଦିର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆଦି ସ୍ଥାପନ କରି ଚାଲିଛୁ,

ସଭାସମିତି, ଆଲୋଚନା ଓ 'ସାବିତ୍ରୀ' ପାଠରେ ଲାଗି ପଡୁଛୁ, ଶ୍ରୀଅରବିନ୍ଦଙ୍କ ନାମରେ ନାନା କର୍ମଯୋଜନା କରି ସେଗୁଡ଼ିକର ଲୋକ ଦେଖାଣିଆ ବାହ୍ୟ ସାଫଲ୍ୟ ଆଣିବାରେ ମାତି ଯାଉଛୁ, କିନ୍ତୁ ଶ୍ରୀଅରବିନ୍ଦଙ୍କୁ ଜାଣୁ ନାହୁଁ, ଯେଉଁ ଜାଣିବାର ସୌଭାଗ୍ୟ ଓ ଅଧିକାର ନେଇ ଆମେ ମୁକ୍ତ ଓ ସ୍ୱଚ୍ଛନ୍ଦ କଣ୍ଠରେ କହି ପାରନ୍ତୁ, ''ମୁଁ ସେହି ସର୍ବବ୍ୟାପୀ ମହାନ୍ ପୁରୁଷଙ୍କୁ ଜାଣେ'' । ଅଥଚ ସେ ତାଙ୍କର ଅସରନ୍ତି ଧୈର୍ଯ୍ୟ, ଅଫୁରନ୍ତ କରୁଣା ଓ ଗଭୀର ପ୍ରେମ ନେଇ ଅପେକ୍ଷା କରି ରହିଛନ୍ତି ଆମେ କେତେବେଳେ ତାଙ୍କୁ ଜାଣିବା ପାଇଁ ଆଗେଇ ଆସିବୁ । ଆମ ହୃଦୟର ଗଭୀର ଗୋପନରେ ରହିଥିବା ଚୈତ୍ୟ ପୁରୁଷ ତାଙ୍କୁ ଜାଣେ, ଆମ ପାଇଁ ତାଙ୍କର ପ୍ରତୀକ୍ଷାକୁ ବି ଜାଣେ ଓ ଏହା ମଧ୍ୟ ଜାଣେ ଯେ ତାଙ୍କୁ ଜାଣିବାରେହିଁ ରହିଛି ଆମ ଆତ୍ମା ଓ ଜୀବନର ଚରମ ସାର୍ଥକତା ଓ ପରମ ପୂର୍ଣ୍ଣତା । ସେହି ଚୈତ୍ୟପୁରୁଷ ସହ ସଚେତ ଭାବରେ ଯୁକ୍ତ ଓ ମିଳିତ ହୋଇ ପାରିଲେହିଁ ଆମେ ମୁକ୍ତ କଣ୍ଠରେ କହିପାରିବୁ ''ବେଦାହ ମେତଂ ପୁରୁଷଂ ମହାନ୍ତମ୍... ।'' ❖

It is in work that one finds balance and joy.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**


21-11-69

The men of finance and
the businessmen have been
offered to collaborate with
the Future; but most of them
refuse; convinced that money
is stronger than the future
So the Future will crush
them with its irresistable
Power.

## ଅର୍ଥ ଓ ଭବିଷ୍ୟତ୍

ଧନପତି ଓ ବ୍ୟବସାୟୀମାନଙ୍କୁ ଦିବ୍ୟ-ଭବିଷ୍ୟତ୍ ସହିତ ସହଯୋଗ କରିବା ନିମିତ୍ତ ସୁଯୋଗ ଦିଆଯାଇଛି; କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହାକୁ ଅସ୍ୱୀକାର କରୁଛନ୍ତି; ଏହି ବିଶ୍ୱାସରେ ଯେ ଧନସମ୍ପତ୍ତି ଭବିଷ୍ୟତ୍ ଅପେକ୍ଷା ଅଧିକ ଶକ୍ତିଶାଳୀ ।

ସୁତରାଂ ଦିବ୍ୟ-ଭବିଷ୍ୟତ୍ ସେମାନଙ୍କୁ ତାହାର ମହାଶକ୍ତି ଦ୍ୱାରା ଧ୍ୱଂସ କରିବ ।

୨୧.୧୧.୧୯୬୯ — ଶ୍ରୀମା

Vol. LX, No. 3, NAVAJYOTI – 15 August 2017, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

## ବିଶେଷ ସୂଚନା

# ପୂର୍ଣ୍ଣାଙ୍ଗ ନିରାମୟତା




ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚନାବଳୀ ଏବଂ କଥୋପକଥନ-ମୂଳକ ଗ୍ରନ୍ଥରୁ ସଂକଳିତ ‘Integral Healing’ ପୁସ୍ତକର ଓଡ଼ିଆ ଅନୁବାଦ ‘ପୂର୍ଣ୍ଣାଙ୍ଗ ନିରାମୟତା’ ପ୍ରକାଶ ପାଇଲା । ଏହି ପୁସ୍ତକଟିରେ ଶ୍ରୀମା ଓ ଶ୍ରୀଅରବିନ୍ଦ ଆଧ୍ୟାତ୍ମିକ ତଥା ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଚିକିତ୍ସା ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି ।

ଆଶାକରୁ ଜିଜ୍ଞାସୁ ପାଠକମାନେ ଏହି ପୁସ୍ତକଟିକୁ ଅଧ୍ୟୟନ କରି ଉପକୃତ ହେବେ ।

୨୮୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : (ଟ. ୧୫୦/-) ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**